R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୮୨
ତିଥି : ତ୍ରୟୋଦଶୀ
୦୭ ଏପ୍ରିଲ ୨୦୨୪, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍ଲଏଡ୍ ସହ)

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 182
07 April 2024, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

୪୩ଂରେ ଶିଝିଲା ଓଡ଼ିଶା

ଭୁବନେଶ୍ୱର, ୬।୪ (ସବ୍ୟୁ) : ଗ୍ରୀଷ୍ମ ପ୍ରବାହରେ ବ୍ରେକ୍ ଲାଗୁନି । ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ଭୁବନେଶ୍ୱର ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ହୋଇଥିବାବେଳେ ଆଜି ଅନୁଗୁଳ ରାଜ୍ୟର ଉତ୍ତପ୍ତ ସହର ହୋଇଛି । ଏଠାରେ ତାପମାତ୍ରା ୪୩.୫° ଛୁଇଁଛି । ସେହିଭଳି ୨୩ ସହରର ତାପମାତ୍ରା ୪୦° ଉପରେ ରହିଛି । ତେବେ ଆସନ୍ତାକାଲି ଠାରୁ କାଳବୈଶାଖୀ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତାକାଲି ଅନୁଗୁଳ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର ଓ କଟକ ଜିଲ୍ଲା ଲାଗି ଘଡଘଡି ସହ ବର୍ଷା ନେଇ ସତର୍କ ସୂଚନା ଦିଆଯାଇଛି । ଏହି ୫ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଥିବାବେଳେ ଅନୁଗୁଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, କଟକ, ଖୋର୍ଦ୍ଧା, ବୌଦ୍ଧ, ମୟୂରଭଞ୍ଜ, ଦେଓଗଡ, ନୟାଗଡ ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ୮ ତାରିଖ ଲାଗି ମଧ୍ୟ ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, (୯ ପୃଷ୍ଠାରେ)

୪୦° ଉପରେ ୨୩ ସହର
କାଳବୈଶାଖୀ ନେଇ ସତର୍କତା
୪ ସହରର ସର୍ବାଧିକ ତାପମାତ୍ରା ୪୩°

ବିଜେପିରୁ ରଘୁ ମହାନ୍ତିଙ୍କ ଇସ୍ତଫା

ଭୁବନେଶ୍ୱର, ୬।୪ (ସବ୍ୟୁ) : ବରିଷ୍ଠ ନେତା ରଘୁନାଥ ମହାନ୍ତି ବିଜେପି ଛାଡିଛନ୍ତି । ସେ ତାଙ୍କ ଇସ୍ତଫାପତ୍ର ବିଜେପି ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି । ବସ୍ତା ଆସନରୁ ରଘୁନାଥ ମହାନ୍ତି ୫ ଥର ବିଜୟୀ ହୋଇ ବିଧାନସଭା ଆସିଥିଲେ । ସେ ସରକାରୀ ଦଳର ମୁଖ୍ୟ ସଚେତକ ସହ ମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ଇସ୍ତଫା ଦେବାପରେ ରଘୁନାଥ ମହାନ୍ତି ପୁଣି ବିଜେଡିକୁ ଫେରିବେ ବୋଲି ଚର୍ଚ୍ଚା ହେଉଛି । ବସ୍ତା ଆସନରୁ ୧୯୯୦ ରୁ ୨୦୦୯ ଯାଏ ଲଗାତର ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ବଧୂ ନିର୍ଯାତନା ମାମଲାରେ ଫଶିବା ପରେ ୨୦୧୪ରେ ତାଙ୍କୁ ଟିକେଟ ମିଳିନଥିଲା । ସେ ଗିରଫ ହେବାପରେ (୯ ପୃଷ୍ଠାରେ)

ମନୀଷ୍‌ଙ୍କ ହାଜତ ମିଆଦ ଏପ୍ରିଲ ୧୮ ଯାଏ ବୃଦ୍ଧି

ନୂଆଦିଲ୍ଲୀ, ୬।୪ : ମନୀଷ୍ ସିସୋଦିଆଙ୍କୁ କୋର୍ଟରୁ ଆଶ୍ୱସ୍ତି ମିଳିନାହିଁ । ରାଉସ୍ ଆଭିନ୍ୟୁ କୋର୍ଟ ତାଙ୍କର ବିଚାର ବିଭାଗୀୟ ହାଜତ ମିଆଦିକୁ ଏପ୍ରିଲ ୧୮ ଯାଏ ବଢ଼ାଇଛନ୍ତି । ତେବେ ତାଙ୍କ ଜାମିନକୁ ବିରୋଧ କଲାବେଳେ ଇଡିର ପ୍ରକୃତ ମୁଖା ପୁଣି ଖୋଲିଛି । ମନୀଷ୍‌ଙ୍କ ଟ୍ରାଏଲରେ ବିଳମ୍ବ ହୋଇଥିବାରୁ ତାଙ୍କ ଜାମିନ ଆବେଦନକୁ ଇଡି ବିରୋଧ କରିଥିବା ଦର୍ଶାଇଛି । ଫଳରେ ମନୀଷ୍‌ଙ୍କୁ ଆସୁ ଜାମିନ ମିଳିପାରିନାହିଁ ।

ଇଡି ପକ୍ଷରୁ କୁହାଯାଇଥିଲା ଯେ ମନୀଷ୍ ହେଉଛନ୍ତି ଅବକାରୀ ନୀତି ଆଣିବା ପାଇଁ ଦାୟୀ । ସେ ଏହି ଅପରାଧକୁ ସୃଷ୍ଟି କରିଥିଲେ । ବାରମ୍ବାର ସେ କୋର୍ଟରେ ଜାମିନ ଆବେଦନ କରିଛନ୍ତି । ତାଙ୍କ ତରଫରୁ ୯୦ ଦରଖାସ୍ତ (୯ ପୃଷ୍ଠାରେ)

ପଶ୍ଚିମବଙ୍ଗ ମାନଚିତ୍ରରେ ଓଡ଼ିଶା ଗାଁ ଶଙ୍ଖାମେଦି

ଓଡ଼ିଶାକୁ ଫେରିବାକୁ ୬ ଦଶନ୍ଧି ଧରି ଚାଲିଛି ସଂଗ୍ରାମ, ଫଳ ଶୂନ

ବାଲେଶ୍ୱର (ରଞ୍ଜନ ବାଗ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅନଳିଆ ପଞ୍ଚାୟତ ଅଧୀନରେ ଥିବା ଶଙ୍ଖାମେଦି ଗାଁ ଏବେ ପଶ୍ଚିମବଙ୍ଗ ମାନଚିତ୍ରରେ। ଓଡ଼ିଶା ଭୂଖଣ୍ଡରେ ଥିବା ଉକ୍ତ ଗାଁ'କୁ ରାଜ୍ୟ ସରକାର ସବୁପ୍ରକାର ସୁବିଧା ଦେଉଛନ୍ତି। ହେଲେ ବିଡ଼ମ୍ବନା, ଗାଁ'ରୁ ପଶ୍ଚିମବଙ୍ଗ ସରକାର ଭୂ-ରାଜସ୍ୱ ଆଦାୟ କରୁଛି। ଗାଁ ଲୋକଙ୍କ ମନପ୍ରାଣ ସବୁ ଓଡ଼ିଶାରେ। ଓଡ଼ିଶା ଆମ ମା', ଓଡ଼ିଆ ଆମ ମାତୃଭାଷା, ଆମେ ମା' କୋଳରେ ରହିବାକୁ ଚାହୁଁ ବୋଲି ଶଙ୍ଖାମେଦି ଗ୍ରାମବାସୀ ବାରମ୍ବାର ନିବେଦନ କରୁଛନ୍ତି। ଅଥଚ ଶଙ୍ଖାମେଦି ଗାଁକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ କେଣସି ଠୋସ୍ ପଦକ୍ଷେପ ନିଆଯାଉନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି।୧୯୨୨ ମସିହା ମେଜର ସେଟଲ୍ମେଣ୍ଟ ରିପୋର୍ଟ ଆଧାରକ୍ରମେ ୧୯୨୭-୨୮ରେ ଯେଉଁ ନକ୍ସା ପ୍ରକାଶ ପାଇଥିଲା, ସେଥିରେ ଶଙ୍ଖାମେଦି ଗାଁ ଥିଲା ଓଡ଼ିଶାର। ୧୯୩୧ ମସିହାରୁ ୧୯୫୬ ଯାଏ, ଉକ୍ତ ଗାଁରୁ ଓଡ଼ିଶା ସରକାର ଖଜଣା ଆଦାୟ କରି ଆସୁଥିଲେ। କିନ୍ତୁ ୧୯୫୭ ମସିହାରୁ ଓଡ଼ିଶା ସରକାର ହଠାତ ଏହି ଗାଁରୁ ଖଜଣା ଆଦାୟ ବନ୍ଦ କରିଦେଲେ। ଏହାର ଠିକ୍ ବର୍ଷକ ପରେ ପଶ୍ଚିମବଙ୍ଗ ରାମନଗରସ୍ଥିତ କନିଷ୍ଠ ଭୂସଂସ୍କାର ଅଧିକାରୀ ଖଜଣା ପୈଠ କରିବାକୁ ଗ୍ରାମବାସୀଙ୍କୁ ନୋଟିସ୍ ଜାରିକଲେ। ହେଲେ ଗାଁ ଲୋକେ ଜିଦ୍ ଧରି କହିଥିଲେ, ଆମେ ଓଡ଼ିଶାର। ଖଜଣା ଓଡ଼ିଶା ସରକାରଙ୍କୁ ଦେବୁ। ୧୯୬୦ ମସିହାରେ ପଶ୍ଚିମବଙ୍ଗର ଅଧିକାରୀ (୯ ପୃଷ୍ଠାରେ)

କଟକ, ଭୁବନେଶ୍ୱର, ପୁରୀ ଲୋକସଭା ଆସନ

ବିଜେଡି, ବିଜେପି ଲାଗି ସମ୍ମାନର ପ୍ରଶ୍ନ

ଭୁବନେଶ୍ୱର, ୬।୪ (ସବ୍ୟୁ) : ନିର୍ବାଚନ ବିଗୁଲ ବାଜିସାରିଲାଣି । ରାଜ୍ୟର ପ୍ରମୁଖ ୩ ଦଳ ମଧ୍ୟ ଅଧିକାଂଶ ଆସନରେ ପ୍ରାର୍ଥୀ ଦେଇସାରିଲେଣି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ମଧ୍ୟ ନିର୍ବାଚନ ପ୍ରଚାରର ତାତି ଦେଖିବାକୁ ମିଳୁଛି । ସତେ ଜେମିତି ଗ୍ରୀଷ୍ମ ପ୍ରବାହର ପ୍ରଭାବ ପ୍ରଚାରରେ ପଡୁନାହିଁ । ତେବେ କଟକ, ଭୁବନେଶ୍ୱର ଓ ପୁରୀ ଲୋକସଭା ଆସନ ଉପରେ ରାଜନୈତିକ ମହଲ ସହ ବୁଦ୍ଧିଜୀବୀ ମହଲରେ ଉତ୍କଣ୍ଠା ଲାଗି ରହିଛି । ଏହି ୩ ଆସନ ଉଭୟ ବିଜେଡି ଓ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ବୋଲି ଆଲୋଚନା ହେଉଛି ।

କଟକ ଲୋକସଭା ଆସନରେ ଏଥର ବିଜେଡି ସନ୍ତୃପ୍ତ ମିଶ୍ରଙ୍କୁ ନୂଆ ପ୍ରାର୍ଥୀ କରିଛି । ବିଜେଡି ପ୍ରାର୍ଥୀ ଭାବେ ୬ ଥର ଏହି ଆସନରୁ ଜିତିଥିବା ଭର୍ତ୍ତୃହରି ମହତାବ ବିଜେପିରେ ଯୋଗ ଦେଇଛନ୍ତି । ବିଜେପି ମଧ୍ୟ ତାଙ୍କୁ ଏଠାରୁ ପ୍ରାର୍ଥୀ କରିଛି । ରାଜନୀତିରେ ଅଭିଜ୍ଞ ଥିବା ଭର୍ତ୍ତୃହରିଙ୍କ ସହ ପ୍ରଥମ କରି ରାଜନୀତିରେ ପାଦ ଦେଇଥିବା ସନ୍ତୃପ୍ତ ମୁକାବିଲା କରୁଛନ୍ତି । ଲଢ଼େଇ ବେଶ୍ ରୋଚକ ହେବ ବୋଲି କୁହାଯାଉଛି । କଟକ ଲୋକସଭା ଅନ୍ତର୍ଗତ ବିଧାନସଭା ଆସନଗୁଡିକୁ ଦେଖିଲେ ସବୁ ଆସନରେ ବିଜେଡିର ଦବ୍‌ଦବା ରହିଛି । ଯଦି ଦଳ ଆଧାରରେ ଭୋଟ୍ ହୁଏ ତେବେ ବିଜେଡି ସୁବିଧା ଜନକ ସ୍ଥିତିରେ ଥିବା କୁହାଯାଉଛି । ସେହିଭଳି ଅନ୍ୟତମ ଆସନ ହେଉଛି (୯ ପୃଷ୍ଠାରେ)

ଦିଲ୍ଲୀରେ ଶିଶୁ ଚାଲାଣ ର‍ୟାକେଟ୍, ୭ ଗିରଫ

ନୂଆଦିଲ୍ଲୀ, ୬।୪ : ସିବିଆଇ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶିଶୁ ଚାଲାଣ କରୁଥିବା ଏକ ର‍ୟାକେଟର ୭ ଜଣଙ୍କୁ ଗିରଫ କରାଯାଇଛି । ଏମାନଙ୍କ ଠାରୁ ୩ ନବଜାତ ଶିଶୁଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି । ନବଜାତ ଶିଶୁଗୁଡିକ ୬ ଲକ୍ଷ ଟଙ୍କାରେ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଛି । ଦିଲ୍ଲୀ ଓ ହରିୟାଣାର ୭ ସ୍ଥାନରେ ଚଢ଼ାଉ ହୋଇଛି । ଏହି ଚଢ଼ାଉ ରୋହିଣୀ ଓ କେଶବ ପୁରମ୍‌ରେ ଶୁକ୍ରବାର ସନ୍ଧ୍ୟାରେ ମଧ୍ୟ କରାଯାଇଥିଲା । ଗିରଫ ୭ ଜଣଙ୍କ ମଧ୍ୟରେ ହସ୍ପିଟାଲ କର୍ମଚାରୀ ଅଛନ୍ତି । ଏମାନେ ଶିଶୁମାନଙ୍କୁ କିଣାବିକା କରିବାରେ ସମ୍ପୃକ୍ତ ଅଛନ୍ତି । ଏମାନଙ୍କ ସମ୍ପର୍କରେ ତଦନ୍ତ ଚାଲିଛି । ଅଭିଯୁକ୍ତମାନେ ସୋସିଆଲମିଡିଆ ପ୍ଲାଟ୍‌ଫର୍ମରେ ବିଜ୍ଞାପନ ଦେଇ ନିଃସନ୍ତାନ ଦମ୍ପତ୍ତିମାନେ ଏମାନଙ୍କୁ ଯୋଗାଯୋଗ କରିବାକୁ କହୁଥିଲେ । ଅଭିଯୋଗ ଅନୁଯାୟୀ ନିଃସନ୍ତାନ ଦମ୍ପତ୍ତିମାନେ ୪ ରୁ ୬ ଲକ୍ଷ ଟଙ୍କା ଦେଇ ଏମାନଙ୍କଠାରୁ ଶିଶୁ କିଣୁଥିଲେ । ତାପରେ ଜାଲ୍ କାଗଜପତ୍ରରେ ପୋଷ୍ୟ ସନ୍ତାନର ତଥ୍ୟ ଦେଉଥିଲେ ।

ନାଳକୁ ଖସିଲା ମୋ ବସ୍, ୧୬ ଆହତ

ଖୋର୍ଦ୍ଧା, ୬।୪ (ସବ୍ୟୁ) : ଶନିବାର ଦିପହର ସମୟରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଆସୁଥିବା ମୋ ବସ (ଓଡ଼ି ୩୩ ୟୁ ୭୧୨୪) ଟି ୧୬ ନମ୍ବର ଜାତୀୟ ରାଜପଥ ପିତାପଲି ଠାରେ ଏକ ଅଟୋ ରିକ୍ସାକୁ ବଂଚେଇବାକୁ ଯାଇ ରାସ୍ତା କଡ଼ ଶଙ୍ଖ ତଳକୁ ଖସିଯାଇଥିଲା। ଏଥିରେ ୧୬ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ଆବୁ ବକାର ଖାନ(୭୪), ବିଦ୍ୟାଧର ବିଶ୍ୱାଳ (୭୨), ମଞ୍ଜୁଲତା ସାହୁ (୩୮), ଜଗନ୍ନାଥ ସାମଲ (୩୮), ରିତାଞ୍ଜଳୀ ପଣ୍ଡା (୪୨), ମନୋରଞ୍ଜନ ସାହୁ (୧୩), ଅଶୋକ ମହାରଣା, କାଶିନାଥ ପଣ୍ଡା (୭୮), ଶୈଳବାଳା ସାହୁ(୬୦), ଦାଶରଥୀ ସେଠୀ (୭୫), କେ. ରାମକୃଷ୍ଣ (୬୨), ସଂଯୁକ୍ତା ନାୟକ (୫୬) ପ୍ରମୁଖ ।

ଭୁବନେଶ୍ୱରରୁ ଖୋର୍ଦ୍ଧା ଆସୁଥିବା ମୋ ବସ (ଓଡ଼ି ୩୩ ୟୁ ୭୧୨୪) ଖୋର୍ଦ୍ଧା ସହରକୁ ପଶିବାକୁ ପିତାପଲୀ ଠାରୁ ସବ ରୋଡ ରେ ଆସୁଥିଲା । ସମ୍ମୁଖ ଭାଗରୁ ରଙ୍ଗ ସାଇଡରେ ହଠାତ ଏକ ଅଟୋ ପଶି (୯ ପୃଷ୍ଠାରେ)

ଇତିହାସ

୧୮୧୮: ବିନା ମୋକଦ୍ଦମାରେ ଲୋକଙ୍କୁ ନିର୍ବାସିତ ଓ କାରାଗାରରେ ରଖିବା ଲାଗି ଆଇନ 'ବାଙ୍ଗଲା ଷ୍ଟେଟ୍ ପ୍ରିଜନ୍ସ ରେଗୁଲେଶନ ଆକ୍ଟ' ଲାଗୁକଲା ବ୍ରିଟିଶ ସରକାର ।
୧୯୨୦: ପ୍ରସିଦ୍ଧ ଭାରତୀୟ ସିତାର ବାଦକ ପଣ୍ଡିତ ରବିଶଙ୍କରଙ୍କ ଜନ୍ମ ।
୧୯୨୯: ଭାରତ ପହଞ୍ଚିଲା (ଲଣ୍ଡନ କାହାରିଲାରୁ କରାଚି ପର୍ଯ୍ୟନ୍ତ) ବ୍ରିଟେନ ଇମ୍ପେରିୟାଲ ଏୟାରୱେଜ୍‌ର ପ୍ରଥମ ବାଣିଜ୍ୟିକ ବିମାନ ।
୧୯୪୨: ପ୍ରଖ୍ୟାତ ବଲିଉଡ ଅଭିନେତା ଜିତେନ୍ଦ୍ରଙ୍କ ଜନ୍ମ ।
୧୯୪୮: ସଂଯୁକ୍ତ ରାଷ୍ଟ୍ର ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ପ୍ରତିଷ୍ଠା ।
୧୯୬୯: ଇଣ୍ଟରନେଟ୍‌ର ସାଙ୍କେତିକ ଜନ୍ମଦିନ ।
୧୯୭୮: ନ୍ୟୁଟ୍ରାନ ବୋମାର ବିକାଶ ଉପରେ ରୋକ୍ ଲଗାଇଲେ ଆମେରିକା ରାଷ୍ଟ୍ରପତି ଜିମୀ କାର୍ଟର ।
୧୯୯୮: ବିଶ୍ୱ ସ୍ୱାସ୍ଥ୍ୟ ଦିବସକୁ 'ମହିଳା ଚିକିତ୍ସା ଦିବସ' ଭାବେ ପାଳନ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଘୋଷଣା ।
୨୦୦୦: ସବୁଠୁ କ୍ଷୁଦ୍ର ଖବରକାଗଜ 'ଇୟୋର ଅନର' ପ୍ରକାଶ କଲା ବ୍ରାଜିଲ ।

ସୋସିଆଲ କୋଟ୍ସ



ଏତେ ଭଲ ଓ ଅଭିଜ୍ଞତା ଥିବା କଳାକାରଙ୍କ ସହ କାମ କରି ଖୁବ ଖୁସି ଲାଗିଲା । ସେମାନଙ୍କ ପାଖରୁ ଅନେକ କିଛି ଶିଖିଲି । ସେମାନଙ୍କ ସହକଳାକାର ଭାବେ କାମ କରିବାର ସୌଭାଗ୍ୟ ମିଳିଥିବାରୁ ଖୁସି ଅଛି ।
ଅବିନାଶ ତିୱାରୀ, ଅଭିନେତା

ମିଷ୍ଟର ଇଣ୍ଡିଆର ଗୋଟିଏ ସିନ୍‌କୁ ସୁଟିଂ କରିବା ମୋ ପାଇଁ ଖୁବ କଷ୍ଟଦାୟକ ଥିଲା । ଗୋଟିଏ ସିନ୍‌ରେ ଅସରପା ଓ ଶ୍ରୀଦେବୀଙ୍କର କିଛି ଦୃଶ୍ୟଥିଲା । ତେବେ ଅସରପାକୁ ଆଙ୍କିଂ କରାଇବା କଷ୍ଟକର ଥିଲା ।
ଶେଖର କପୁର, ନିର୍ଦ୍ଦେଶକ

ଭାରତର ସୁପରଷ୍ଟାରମାନେ ଚକ୍ରାନ୍ତ କରି ପାକିସ୍ତାନୀ ଅଭିନେତାଙ୍କୁ ବଲିଉଡ୍‌ରୁ ଦୂରେଇଛନ୍ତି । ସେମାନେ ପାକିସ୍ତାନୀ କଳାକାରଙ୍କ ପପୁଲାରିଟି ଦେଖି ଡରିଯାଇଛନ୍ତି ।
ନାଦିଆ ଖାନ୍ , ପାକ ଅଭିନେତ୍ରୀ

ସ୍ମାର୍ଟ ମିଲ୍

ଆଗକୁ ଆସୁଛି ବିବାହ ଋତୁ, ଯେଉଁଥିପାଇଁ ସମସ୍ତେ ବେଶ୍ ବ୍ୟସ୍ତ ରହିବେ । ତେବେ ବର୍ତ୍ତମାନ ଖରା ଦିନ ହୋଇଥିବାରୁ ଏଥିପାଇଁ ଅନେକଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଭୟ ରହିଥାଏ । ତେଣୁ ଏଭଳି ଟାଣ ଖରାରେ ଦଉଡା ଦଉଡି କରି ବାହାଘର ପ୍ରସ୍ତୁତି କରିବା ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି । ଆସନ୍ତୁ ସେହିଭଳି କିଛି ଟ୍ରିକ୍ ବିଷୟରେ ଜାଣିବା ଯାହାକୁ ଫଲୋ କରି ଆମେ ଏହି ଭିଡ ଓ ବ୍ୟସ୍ତତା ମଧ୍ୟରେ ବି ସୁସ୍ଥ ରହିପାରିବା ।

ସ୍ମାର୍ଟ ମିଲ୍ ପ୍ଲାନିଂ: ଏହି ସମୟରେ ଆମେ ମାନେ ଖୁବ ବ୍ୟସ୍ତ ରହିଥାଉ ଯେଉଁ କାରଣରୁ ଆମେ ନିଜର ଖାଇବା ଠିକ୍ ସମୟରେ ଖାଇ ପାରିନଥାଉ । ଏହା ଆମର ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ତେବେ ଏହି ସମୟରେ ଟାଇମ୍‌ର ଅଭାବ ରହିଥିବାରୁ ଏହାକୁ ସ୍ମାର୍ଟ ମିଲ୍ ପ୍ଲାନିଂ ପୂରଣ କରିଥାଏ । ତେଣୁ ଯେତେବେଳେ ବି ଖାଉଛନ୍ତି ସେତେବେଳେ ସ୍ମାର୍ଟଲି ନିଜ ମିଲ୍ ପ୍ଲାନ କରନ୍ତୁ, ଯେପରି ଏକା ଥରକେ ଆପଣଙ୍କୁ ବିଭିନ୍ନ ପୋଷଣ ମିଳି ପାରିବ । ଏଭଳି ଖାଦ୍ୟକୁ ନିଜ ମିଲ୍‌ରେ ସାମିଲ କରନ୍ତୁ, ଯେପରି ସମସ୍ତ ଭିଟାମିନ୍, ମିନେରାଲ୍ସ, ଫ୍ୟାଟ ଆପଣ ଏକା ଥରକେ ପାଇ ପାରିବେ । ସେହିଭଳି ଅଧିକ ସମୟ ପର୍ଯ୍ୟନ୍ତ ଯେପରି ଭୋକ ନଲାଗିବ ସେହି ଭଳି ଖାଦ୍ୟକୁ ଏହି ମିଲ୍‌ରେ ସାମିଲ କରନ୍ତୁ ।

ଚୟନରେ ଧ୍ୟାନ: ଏହି ସମୟରେ ନିଜ ଟେଷ୍ଟକୁ ଟିକେ ଅଣଦେଖା କରନ୍ତୁ । ପାଟିକୁ ଭଲ ଲାଗୁ କି ନଲାଗୁ ଏହି ସମୟରେ ହେଲ୍‌ଦି ଖାଇବା ପ୍ରତି ଧ୍ୟାନ ଦିଅନ୍ତୁ । ସବୁବେଳେ ନିଜ ପ୍ଲେଟ୍‌ରେ ହେଲ୍‌ଦି ଓ ପୋଷଣରେ ଭରପୂର ଖାଦ୍ୟକୁ ସାମିଲ କରନ୍ତୁ । ବିଶେଷ ଭାବେ ଘରେ ପ୍ରସ୍ତୁତ ଖାଦ୍ୟକୁ ଡାଏଟ୍‌ରେ ସାମିଲ କରନ୍ତୁ । ବାହାରର ଜଙ୍କ ଖାଦ୍ୟ ଏହି ସମୟରେ ଯେତେ ପାରୁଛନ୍ତି ଆଭୋଏଡ୍ କରନ୍ତୁ ।

ହାଇଡ୍ରେଟ୍ ରୁହନ୍ତୁ: ନିଜ ସ୍ୱାସ୍ଥ୍ୟକୁ ଠିକ୍ ରଖିବାର ସବୁଠାରୁ ଭଲ ଉପାୟ ହେଲା ଅଧିକ ପାଣି ପିଇବା । ଖରାଦିନେ ଖରା ଓ ଗରମ କାରଣରୁ ଝାଳ ଦେଇ ଆମ ଦେହରୁ ଖୁବ ଅଧିକ ପାଣି ବାହାରି ଯାଇଥାଏ । ତେଣୁ ପାଣି, ଜୁସ୍, ପଇତ ପାଣି, ଦହି, ସରବତ, କାଞ୍ଜି, ତୋରାଣି ଆଦି ପିଅନ୍ତୁ ହାଇଡ୍ରେଟ୍ ରହିବେ ।

ବଦ୍ଧ କୋଣାସନ

ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଗୋଡ଼ ଦୁଇଟିକୁ ଫୋଲ୍ଡ କରି ବସିପଡ଼ନ୍ତୁ । ଏହି ସମୟରେ ଆପଣଙ୍କ ପାଦ ଦୁଇଟି ଯେମିତି ପରସ୍ପରକୁ ସ୍ପର୍ଶ କରୁଥିବ । ଏହାପରେ ଫଟୋ ଭଳି ଆପଣଙ୍କ ହାତ ଦୁଇଟିରେ ପାଦକୁ ଧରନ୍ତୁ । ଏହି ସମୟରେ ଯେମିତି ଆପଣଙ୍କ ପିଠି ସିଧା ଥିବ । ସେହିପରି ଏହି ଆସନ କରିବା ସମୟରେ ପାରୁ ପର୍ଯ୍ୟନ୍ତ ଗୋଡ଼ଦୁଇଟିକୁ ଭୂମିରେ ଲଗାଇବା ପାଇଁ ଚେଷ୍ଟା କରନ୍ତୁ ।

ଉପକାର

- ମେରୁଦଣ୍ଡ ହାଡ଼କୁ ଫ୍ଲେଗ୍‌ଜିବୁଲ୍ କରିବ ।
- ଶରୀରର ନିମ୍ନ ଅଂଶରେ ଥିବା ଯନ୍ତ୍ରଣାକୁ ଦୂରେଇବ ।
- ଶାରୀରିକ ଓ ମାନସିକ ଅବସାଦକୁ ଦୂର କରିବ ।
- ହଜମ ପ୍ରକ୍ରିୟାକୁ ଉନ୍ନତ କରିବା ସହିତ କୋଷ୍ଠକାଠିନ୍ୟତାକୁ ଦୂରେଇବ ।
- କ୍ଲାନ୍ତପଣରୁ ଆଶ୍ୱସ୍ତି ପ୍ରଦାନ କରିବ ।



ଥ୍ରେଡ୍ ଚିକେନ୍

ସାମଗ୍ରୀ– ୫୦୦ ଗ୍ରାମ ବୋନ୍ ଲେସ ଚିକେନ୍, ୪ ରୁ ୫ ଚାମଚ କର୍ଣ୍ଣ ଫ୍ଲୋର, ଗୋଟିଏ ଅଣ୍ଡା, ୨୦୦ ଗ୍ରାମ ସିଝା ନୁଡୁଲ୍, ଏକ ଚାମଚ ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଅଧା ଚାମଚ ମରିଚ ଗୁଣ୍ଡ, ଏକ ଚାମଚ ହ୍ୱାଇଟ୍ ଭିନେଗାର, ଅଧା ଚାମଚ ସୋୟା ସସ୍, ୨ ଚାମଚ ଟମାଟୋ ସସ୍, ଏକ ଚାମଚ ସେଜୱାଇନ୍ ସସ୍ ।

ପ୍ରଣାଳୀ– ପ୍ରଥମେ ନୁଡୁଲ୍‌ସକୁ ସିଝାଇ ନିଅନ୍ତୁ, ପରେ ଏହାକୁ ଛାଣି ଅଲଗା ରଖନ୍ତୁ । ଏହାପରେ ଚିକେନ୍‌କୁ ଛୋଟଛୋଟ ଖଣ୍ଡ କରି କାଟି ନିଅନ୍ତୁ । ଗୋଟିଏ ପାତ୍ରରେ ସମସ୍ତ ଗୁଣ୍ଡ ମସଲାକୁ ମିଶାଇ ଏଥିରେ ଚିକେନ୍ ପକାଇ ଗୋଳାନ୍ତୁ । ଚିକେନ୍‌କୁ ୨ ଘଣ୍ଟା ପାଇଁ ଛାଡି ଦିଅନ୍ତୁ । ବର୍ତ୍ତମାନ ନୁଡୁଲସ୍‌ରେ କର୍ଣ୍ଣଫ୍ଲୋର ମିଶାନ୍ତୁ ଏବଂ ଶୁଖିବାକୁ ଛାଡି ଦିଅନ୍ତୁ । ଏହାପରେ ବଳକା କର୍ଣ୍ଣଫ୍ଲୋରକୁ ଅଣ୍ଡାରେ ମିଶାଇ ଚିକେନରେ ଗୋଳାଇ ନିଅନ୍ତୁ । ଏହାପରେ ଚିକେନ୍‌କୁ ନୁଡୁଲ୍‌ସ ଦେଇ କୋଟ କରନ୍ତୁ ଏବଂ ଛାଣି ନିଅନ୍ତୁ । ଏହାକୁ କରିବା ସମୟରେ ଧାନର ସହ କରନ୍ତୁ । ପ୍ରସ୍ତୁତ ହୋଇଗଲା କ୍ରିସ୍ପି ଥ୍ରେଡ୍ ଚିକେନ୍ ।

୧୧୨ ବର୍ଷର ମେନ୍ୟୁ



ଅନେକ ସମୟରେ ସୋସିଆଲ ମିଡିଆରେ ଅନେକ ପୁରୁଣା ଫଟୋ ଭାଇରାଲ ହୋଇଥାଏ । ସେହିଭଳି ୧୧୨ ବର୍ଷର ମେନ୍ୟୁ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ମେନ୍ୟୁଟି ଅନେକ ବର୍ଷ ତଳେ ବୁଡିଯାଇଥିବା ଜାହାଜ ଟାଇଟାନିକ୍‌ର । ଏକ ସୋସିଆଲ ମିଡିଆ ପେଜ୍‌ରେ ବିସ୍ତୃତ ଓରିଜିନାଲ ମେନ୍ୟୁକାର୍ଡକୁ ପୋଷ୍ଟ କରାଯାଇଛି । ଏଥିରେ ବ୍ରେକ୍‌ଫାଷ୍ଟ,ଲଞ୍ଚ, ଡିନର ଆଦି ସବୁର ମେନ୍ୟୁ ରହିଛି, ଯାହା ବିଷୟରେ ସବିଶେଷ ବିବରଣୀ ମଧ୍ୟ ରହିଛି । ଏଥିରେ ଜାହାଜରେ ଥିବା ଡେକ୍ ଅନୁସାରେ ଫାଷ୍ଟ କ୍ଲାସ ସେକେଣ୍ଡ କ୍ଲାସ ମେନ୍ୟୁ ରହିଛି । ଫାଷ୍ଟ କ୍ଲାସ୍‌ରେ ବ୍ରିଲ୍ ଚିକେନ୍, କୁକି ଲିକି ଭେଜିଟେବୁଲ୍, ଗ୍ରିଲ୍ଡ ମଟନ ଚପ୍, ବେକ୍ଡ ଜାକେଟ୍ ପଟାଟୋ, କଷ୍ଟଡ୍ ପୁଡିଂ, ପେଷ୍ଟ୍ରି ଆଦି ରହିଥିବାର ମେନ୍ୟୁ କାର୍ଡରୁ ଜଣା ପଡୁଛି । ଏହା ସହ ଏହି ବୁଫେଟ୍‌ରେ ଆହୁରି ଅନେକ ସ୍ୱାଦିଷ୍ଟ ଖାଦ୍ୟ ସାମିଲ ରହିଛି । ଏହି ମେନ୍ୟୁରେ ଡେଟ୍ ମଧ୍ୟ ରହିଛି ଏପ୍ରିଲ୍ ୧୪, ୧୯୧୨ । ତେବେ ସୂଚନା ଅନୁସାରେ ଏପ୍ରିଲ୍ ୧୪, ୧୯୧୨ରେ ଟାଇଟାନିକ୍ ଏକ ଆଇସ୍‌ବର୍ଗ ସହ ଧକ୍କା ହୋଇଥିଲା, ଯାହାଫଳରେ ଏହାର ପରଦିନ ଅର୍ଥାତ ଏପ୍ରିଲ ୧୫ରେ ଜାହାଜଟି ପାଣିରେ ବୁଡି ଯାଇଥିଲା । ଏଥିରେ ଥିବା ୧୫୦୦ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା ।

ହାଇଡ୍ରା ଫେସିଆଲ୍



ଆଜିକାଲି ସମସ୍ତେ ଚାହାନ୍ତି ସ୍ୱଥ ସହ ବ୍ରାଇଟ୍ ସ୍କିନ୍ । ଏଥିପାଇଁ ବିଭିନ୍ନ ସମୟରେ ଭିନ୍ନଭିନ୍ନ ବିଉଟି ଥେରାପିର ସହାୟତା ସମସ୍ତେ ନେଇଥାଆନ୍ତି । କିଏ ପାର୍ଲର ଯାଇ ନିଜକୁ ସଜାଉଥିବାବେଳେ କିଏ ନିଜ ସ୍କିନ୍‌ର ଟ୍ରିଟମେଣ୍ଟ୍ କରିଥାଏ । ବର୍ତ୍ତମାନ ହାଇଡ୍ରା ଫେସିଆଲ ଟ୍ରେଣ୍ଡ୍‌ରେ ରହିଛି, ଯାହାକୁ ସମସ୍ତେ କରାଉଥିବାର ଦେଖିବାକୁ ମିଳୁଛି । ଆସନ୍ତୁ ଜାଣିବା କଣ ଏହି ହାଇଡ୍ରା ଫେସିଆଲ । ଏହା ଏକ ମଲ୍ଟିସ୍ଟେପ୍ ଫେସିଆଲ୍ ଟ୍ରିଟମେଣ୍ଟ୍ ଯାହାକୁ ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ଥିବା ମେସିନ୍ ସାହାଯ୍ୟରେ କରାଯାଇଥାଏ । ଏହି ମେସିନର ନାଁ ହାଇଡ୍ରାଫେସିଆଲ ଏମ୍‌ଡି । ଏହି ମେସିନ ଓ ଅନ୍ୟ ଉପକରଣ ବ୍ୟବହାର କରାଯାଇ ଏହାକୁ କରାଯାଇଥାଏ । ଯେଉଁଥିରେ କ୍ଲିନ୍‌ଜିଂ, ମସାଜ ଆଦି ଅନେକ ଷ୍ଟେପ ରହିଛି । ତେବେ ଏହା କରିବାପରେ ସଙ୍ଗେସଙ୍ଗେ ମୁହଁରେ ଗ୍ଲୋ ଆସିଥାଏ ବୋଲି ଏହାକୁ କରୁଥିବା ବ୍ୟକ୍ତି ଦାବି କରିଥାଆନ୍ତି ।

ଷ୍ଟେପ୍– ଏହି ହାଇଡ୍ରା ଫେସିଆଲ୍‌କୁ ତିନୋଟି ଷ୍ଟେପ୍‌ରେ କରାଯାଇଥାଏ । ଯେଉଁଥିରେ କ୍ଲିନଂ, ପିଲ୍, ଏକ୍ସଟ୍ରାକ୍ଟ ଆଦି ସାମିଲ ଥାଏ । ଆସନ୍ତୁ ଜାଣିବା କଣ ଏହି ଷ୍ଟେପ୍ ଏବଂ କେଉଁଭଳି ଭାବେ ଏହାକୁ କରାଯାଇଥାଏ ।

କ୍ଲିନିଂ ଓ ପିଲ୍– ଏହା ହାଇଡ୍ରାଫେସିଆଲର ପ୍ରଥମ ଷ୍ଟେପ୍ । ଏହି ପ୍ରକ୍ରିୟା ସାହାଯ୍ୟରେ ପ୍ରଥମେ ଆମ ମୁହଁର ଚର୍ମରେ ଥିବା ସମସ୍ତ ଡେଡ୍ ସେଲ୍‌କୁ କଢାଯାଇଥାଏ । ଏହା ଫଳରେ ସ୍କିନ୍ ଉଜ୍ଜ୍ୱଳ ଦେଖାଯାଇଥାଏ । ମୁହଁ ସ୍କିନ୍‌ରେ ଥିବା ପୋର ଗୁଡିକ ଖୋଲିଯାଇଥାଏ, ଯାହା ଫଳରେ ମୁହଁ ସଫା ହୋଇଯାଇଥାଏ ।

ବ୍ରିଟିଶ ନିର୍ଦ୍ଦେଶକଙ୍କ ସହ କରିବେ କାମ

ଆଲିଆ ଭଟ୍ଟ ବର୍ତ୍ତମାନ ବି ଟାଉନ୍‌ର ସବୁଠାରୁ ଲିଡିଂ ଆକ୍ଟ୍ରେସଙ୍କ ମଧ୍ୟରେ ଜଣେ । ନିଜର ଆକ୍ଟିଂ ବଳରେ ଦର୍ଶକଙ୍କ ହୃଦୟରେ ରାଜ କରୁଛନ୍ତି ଆଲିଆ । ଫିଲ୍ମ ଇଣ୍ଡଷ୍ଟ୍ରୀର ଅପକମିଂ ସୁପରଷ୍ଟାର ଭାବେ ଆଲିଆଙ୍କ ନାଁ ସବୁଠାରୁ ଆଗରେ । ତେବେ ସୂଚନା ଅନୁସାରେ ଆଲିଆଙ୍କର ଆଗକୁ ଖୁବ ଭଲଭଲ ପ୍ରୋଜେକ୍ଟ ଆସିବାକୁ ଯାଉଛି । ଇଣ୍ଡୋ ବ୍ରିଟିଶ ନିର୍ଦ୍ଦେଶକ ଗୁରିନ୍ଦର ଚଢାଙ୍କ ସହିତ ଆଲିଆ ଭଟ୍ଟଙ୍କୁ ଦେଖିବାକୁ ମିଳିବ । ଗୁରିନ୍ଦର ଚଢାଙ୍କର ବହୁ ପ୍ରତିକ୍ଷିତ ଇଣ୍ଡିଆନ ପ୍ରିନ୍ସେସ୍ ମ୍ୟୁଜିକାଲରେ ଆଲିଆଙ୍କୁ ଦେଖିବାକୁ ମିଳିବ । ଡିଜ୍ନି ସହିତ ମିଶି ଗୁରିନ୍ଦର ଏହି ପ୍ରୋଜେକ୍ଟକୁ ପ୍ରସ୍ତୁତ କରିବା ନେଇ ସୂଚନା ରହିଛି । ଫିଲ୍ମକୁ ନେଇ ସୂଚନା ଆସିବା ପରେ ଆଲିଆଙ୍କ ଫ୍ୟାନ ବେଶ୍ ଖୁସି ଅଛନ୍ତି । ହେଲେ ଏ ନେଇ କୌଣସି ଔପଚାରିକ ଘୋଷଣା ହୋଇ ନାହିଁ । ସୂଚନା ଅନୁସାରେ ଆଲିଆଙ୍କ ସହିତ ଗୁରିନ୍ଦରଙ୍କ ଆଲୋଚନା ଚାଲିଛି । ଖୁବଶୀଘ୍ର ଏ ନେଇ ଘୋଷଣା ହେବ ବୋଲି ଚର୍ଚ୍ଚା ହେଉଛି । ଆଗକୁ ଆଲିଆଙ୍କୁ ଆକସନ୍ ଥ୍ରିଲର ଜିଗରାରେ ଦେଖିବାକୁ ମିଳିବ । ଆଲିଆଙ୍କ ଆଉ ପ୍ରୋଜେକ୍ଟ ସ୍ୱାଏ ୟୁନିଭର୍ସର ବର୍ତ୍ତମାନ ସୁଟିଂ ଜାରି ରହିଛି । ଏହାସହିତ ତାଙ୍କର ଆଗକୁ ରଣବୀର କପୁରଙ୍କ ସହ ମଧ୍ୟ ଏକ ପ୍ରୋଜେକ୍ଟ ଆସିବା ନେଇ ଚର୍ଚ୍ଚା ହେଉଛି ।

ବିଜେଡ଼ିରେ ଯୋଗଦେଲେ ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ର

ଭୁବନେଶ୍ୱର (ସବ୍ୟୁ): କଟକ ଜିଲ୍ଲା ଅନ୍ତର୍ଗତ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଲୋକପ୍ରିୟ ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ର ଶନିବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ଡାକ୍ତର ପ୍ରଫେସର ଦେବାନନ୍ଦଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଗ୍ୟାଷ୍ଟ୍ରୋଏରୋ ଲୋଜିଷ୍ଟ ଓ ହେପାଟୋଲୋଜିଷ୍ଟର ବିଶେଷଜ୍ଞ ଭାବେ ଡାକ୍ତର ମହାପାତ୍ର ଦୀର୍ଘ ୨୯ ବର୍ଷକାଳ ପ୍ରଫେସର ଭାବେ କାର୍ଯ୍ୟକରି ବହୁ ଲୋକପ୍ରିୟତା ହାସଲ କରିଛନ୍ତି । ତାଛଡା ସେ ବିଭିନ୍ନ ଡାକ୍ତର ସଂଘ ଓ ସାମାଜିକ ଅନୁଷ୍ଠାନ ସହଜଡିତ ଥିଲେ । ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ରଙ୍କ ଯୋଗଦାନ ଫଳରେ ବିଶେଷ କରି ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଲୋକପ୍ରିୟ ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ର ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁରୂପେ ତୁଲାଇବି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଜେସିବି ଧକ୍କାରେ ବାଇକ୍ ଆରୋହି ଙ୍କ ଗୋଡ଼ ଭାଙ୍ଗିଲା

ଭାପୁର (ସବ୍ୟୁ): ଶୁକ୍ରବାର ସନ୍ଧ୍ୟାରେ ଜେସିବି ଗାଡ଼ି ଧକ୍କା ଦେବାରୁ ଜଣେ ଯୁବକ ଙ୍କ ର ଡାହାଣ ପଟ ଜଂଘ ଭାଙ୍ଗି ଯାଇଥିବା ଭଳି ଦୁଃଖଦ ଖବର ଭାପୁର ଅଞ୍ଚଳ ରେ ଘଟି ଯାଇଛି । ଘଟଣା ରୁ ପ୍ରକାଶ, ଭାପୁର ପଞ୍ଚାୟତ ଅନ୍ତର୍ଗତ ମନ୍ଦାରବେରେଣି ଗ୍ରାମର ଲକ୍ଷ୍ମୀଧର ବେହେରା ଙ୍କ ପୁଅ ଭାଗିରଥି ବେହେରା (୪୨)ଖଣ୍ଡପଡା - ଭାପୁର ମୁଖ୍ୟ ରାସ୍ତାରେ ବାଇକ୍ ଯୋଗେ ଭାପୁର ଆସୁଥିବାବେଳେ ଏକ ଜେସିବି ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା ଫଳରେ ତାଙ୍କର ଡାହାଣ ପଟ ଗୋଡ଼ ଗୁରୁତର ରୂପେ ଜଖମ ହୋଇଥିଲା । ଉପସ୍ଥିତ ଲୋକମାନେ ଦମକଳ ଡକେଇ ସାଙ୍ଗେ ସାଙ୍ଗେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । କାର୍ଯ୍ୟରତ ଡାକ୍ତର ତାଙ୍କର ଡାହାଣ ପଟ ଜଂଘ ହାଡ ଭାଙ୍ଗି ଯାଇଥିବା ଜଣାପଡିବା ପରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛ ।

ପ୍ରାର୍ଥୀ ଘୋଷଣା ପରେ ବିଜେଡି ସଭାପତି ପଦରୁ ହଟିଲେ ସୁଧିର, ଭାସ୍କର ରାଓ ହେଲେ ସଭାପତି

ରାୟଗଡା (ସବ୍ୟୁ): ଅନୁସୟା ମାଝୀଙ୍କ ପ୍ରାର୍ଥୀତ୍ୱକୁ ନେଇ ଗତ ୯ଦିନ ଧରି ଲାଗିରହିଥିବା ଉଷ୍ମତା ଅବସାନ ଘଟିଛି । ବିଜୁଜନତା ଦଳ ଜିଲ୍ଲା ସଭାପତି ପଦରୁ ସୁଧିର ଦାସଙ୍କୁ ହଟାଇ ଦିଆଯାଇଛି । ଆଉ ପୂର୍ବତନ ରାଜ୍ୟ ସଭା ସାଂସଦ ତଥା ରାଜ୍ୟ ବିଜେଡି ଉପ ସଭାପତି ଏନ ଭାସ୍କର ରାଓଙ୍କୁ ଜିଲ୍ଲା ସଭାପତି ରୂପେ ଘୋଷଣା କରି ଭାସ୍କରଙ୍କ ମାନ ଭଞ୍ଜନ କରାଯାଇଛି । ତେବେ ଜଣେ ପ୍ରାର୍ଥୀଙ୍କ ନେଇ ବିଜୁଜନତା ଦଳର ଏଭଳି ନିଷ୍ପତ୍ତି ରାଜନୀତି ମହଲରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି । ଗତ ପାଞ୍ଚ ବର୍ଷ ଧରି ରାୟଗଡା ଜିଲ୍ଲା ବିଜେଡି ଦଳ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା । ଆମେ ଏକ ବୋଲି ଯେତେ ଲୁଚାଇବା ଚେଷ୍ଟା କଲେ ମଧ ଦଳର ବିଭିନ୍ନ ସଭା ସମିତି ମଞ୍ଚ ଠାରୁ ଆରମ୍ଭକରି ସରକାରୀ ବେସରକାରୀ କାର୍ଯ୍ୟକ୍ରମରେ ଭିତରୁ ଭିତରୁ ଦଳ ଯେ କେତେ ଫଟା ଦଦରା ତାହା ସ୍ପଷ୍ଟ ବାରି ହୋଇ ପଡୁଥିଲା । ୨୦୨୪ ନିର୍ବାଚନରେ ଅଣ୍ଟି ତଳର ନିଆଁ ଏକ ବିସ୍ଫୋରକ ରୂପ ନେବ ଏହା ରାଜନୈତିକ ସମିକ୍ଷକ ମାନେ ଆକଳନ କରୁଥିଲେ । ଗତ ୨୭ ତାରିଖରେ ଦଳର ସଭାପତି ରାୟଗଡା ନିର୍ବାଚନ ମଣ୍ଡଳୀରୁ ମହିଳା ପ୍ରାର୍ଥୀ ଅନୁସୟା ମାଝୀଙ୍କ ନାମ ଘୋଷଣା ପରେ ପ୍ରକୃତରେ ଏହା ବିସ୍ଫୋରୋକ ରୂପ ନେଇଛି । ଅନୁସୟାଙ୍କୁ ନେଇ କୁହୁଳୁ ଥିବା ନିଆଁ ବହ୍ନୀର ରୂପ ନେଇଛି । ତାଙ୍କୁ ଭାସ୍କରଙ୍କ ଶିବିରରୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା ବିଜେଡି ଦଳ ଘନ ଘନ ପ୍ରେସମିଟ ବହୁ ପଦପଦବୀ ଧାରୀ ବରିଷ୍ଠ ନେତୃତ୍ୱ ଦଳରୁ ଇସ୍ତଫା ଦେବା ପରେ ଉଭୟ ଗୋଷ୍ଠୀକୁ ଶଙ୍ଖ ଭବନରେ ହାଜର ହେବା ପାଇଁ ଡକରା ଆସିଥିଲା । ଆଲୋଚନା ପରେ ଅନୁସୟାଙ୍କ ପ୍ରାର୍ଥୀତ୍ୱରେ ପରିବର୍ତ୍ତନ ହେଲା ନାହିଁ କିନ୍ତୁ ଜିଲ୍ଲା ବିଜେଡି ସଭାପତି ପଦ ବଦଳି ଗଲା । ଭାସ୍କରଙ୍କୁ ଜିଲ୍ଲା ବିଜେଡି ଦଳର ସଭାପତି ରୂପେ ନାମ ଘୋଷଣା କରି ଭାସ୍କରଙ୍କ ମନକୁ ବୁଝାଇ ଦେଲେ ସତ

କିନ୍ତୁ ପ୍ରାର୍ଥୀ ଅନୁସୟାଙ୍କୁ ନେଇ ଭାସ୍କରଙ୍କ ଅନୁଗତ୍ୟ କରିଥିବା ଦାବି ଦାବିରେ ହିଁ ରହିଗଲା । ତେଣେ ସଭାପତି ପଦରୁ ହଟାଇ ଦଳ ସୁଧିର ଦାସଙ୍କୁ ବିଷମକଟକ ମଣ୍ଡଳୀର ନିର୍ବାଚନ ଦାୟିତ୍ୱ ଦେଇ ସନ୍ତୋଷ କରିଥିବା ବେଳେ କାଶୀପୁରରେ ରହି ଗୋଟି ଚାଳନା କରୁଥିବା କୃଷ୍ଣ ମହାପାତ୍ରଙ୍କୁ ରାୟଗଡା ର୍ନିବାଚନ ମଣ୍ଡଳୀର ଦାୟିତ୍ୱ ଦେଇଥିବା ରାଜ୍ୟ ଶଙ୍ଖ ଭବନରୁ ବିଜେଡି ପ୍ରେସ ରିଲିଜରୁ ଜଣାପଡିଛି । ତେବେ ପ୍ରଶ୍ନ ଉଠୁଛି ତୀକ୍ତତା ଭିତର ଦେଇ ଗତି କରୁଥିବା ଜିଲ୍ଲାର ଏହି ପ୍ରମୁଖ ଦଳରୁ ମତାନ୍ତର ହଟିବ କି । ଆଉ ତିନୋଟି ନିର୍ବାଚନ ମଣ୍ଡଳୀରେ ଏକ ମନ ହୋଇ ସୁଧିର ଭାସ୍କର ର୍ନିବାଚନ ଲଢିବେ କି ବୋଲି ପ୍ରଶ୍ନ ଉଠୁଛି ।

ରେଳବାଇ ଶ୍ରମିକ କଂଗ୍ରେସ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା

ଜଟଣୀ(ସ.ବ୍ୟୁ): ସ୍ଥାନୀୟ ରେଳବାଇ ଶ୍ରମିକ କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରୋଡ଼ ଶ୍ରମିକ କଂଗ୍ରେସର ଓପନ ଲାଇନ୍ ଶାଖା ପକ୍ଷରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନୀ ସଭାର ଆୟୋଜନ କରାଯାଇଥିଲା । ବ୍ରିଜ ବିଭାଗର ଟେକ୍ନିଆନ ଭାବେ କାର୍ଯ୍ୟ କରୁଥିବା ସୁବାସଚନ୍ଦ୍ର ଦାଶଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ଓପନଲାଇନ ଶାଖା ସଂପାଦକ ଦୁଃଶାସନ ସାହୁଙ୍କ ନେତୃତ୍ୱ ଶହ ଶହ ରେଳ କର୍ମକର୍ତା ଶ୍ରୀ ଦାଶଙ୍କୁ ଜଟଣୀ ସୀତାରାମ ଛକରୁ ଏକ ଖୋଲା ଜିପରେ ଷ୍ଟେସନ ରାସ୍ତାଦେଇ ଓପନ ଲାଇନ ଶାଖା କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାଜା ବାଣ ରୋଷଣି ସହ ପାଛୋଟି ନେଇଥିଲେ । ଶାଖା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଶାଖା ସଭାପତି ଗୋପାଳ ଦାସ ସଭାପତିତ୍ୱ କରିଥିଲେ ଏହି ସଭାରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ସାଧାରଣ ସଂପାଦକ ରମେଶଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ଭାବେ ମଣ୍ଡଳ ସଂଯୋଜକ ସୁନିଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର, ଉପସଭାପତି ପ୍ରମୋଦ କୁମାର ସାହାଣୀ, କେନ୍ଦ୍ରୀୟ ପଦାଧିକାରୀ ସୁବ୍ରତ ପଣ୍ଡା, ଶରତ କୁମାର ପଣ୍ଡା, ନାରୀ ନେତ୍ରୀ ଅର୍ପିତା ମହାନ୍ତି, ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗଦେଇ ଅବସର ନେଇଥିବା ସୁବାସ ଦାସଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଅବସର ଜୀବନ ସୁଖଶାନ୍ତି ଓ ନିରୋଗୀ ଭାବେ କଟୁ ବୋଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

ବନ୍ୟପ୍ରାଣୀ ଛାଲ ଜବତ ଘଟଣା

ଅଭିଯୁକ୍ତକୁ ୩ ବର୍ଷ ଜେଲଦଣ୍ଡ

ଦଶପଲ୍ଲା(ସବ୍ୟୁ): ଭୁବନେଶ୍ୱର ସ୍ୱତନ୍ତ୍ର ଏସ ଟି ଏଫ ଟିମ ଦ୍ୱାରା ଧାରା ହୋଇଥିବା ଦୁଇଟି ଚିତାବାଘ , ହରିଣ, ସାଳିଆପତିନି ଛାଲ ସହ ବଜ୍ରକାପ୍ତା କାତି, ବାର୍ହା ଦାନ୍ତ ଜବତ ଘଟଣାରେ ଅଭିଯୁକ୍ତ ଭାଗବତ ମାଝୀ ଓରଫ ରମେଶ କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ୧୮ ହଜାର ଟଙ୍କା ଜୋରିମାନା କରାଯାଇଛି । ଦଶପଲ୍ଲା ଜେଏମ ଏଫ ସି ସୌମ୍ୟ ରଞ୍ଜନ ପୃଷ୍ଟି ଏହି ମାମଲା ର ବିଚାର କରି ଏହି ଦଣ୍ଡ ଘୋଷଣା କରିଛନ୍ତି । ଫଳରେ ଅଭିଯୁକ୍ତ ଭାଗବତ କୁ ଦଶପଲ୍ଲା ସବଜେଲ କୁ ପଠାଇ ଦିଆ ଯାଇଛି । ସୂଚନା ଯୋଗ୍ୟ ଯେ, ୨୦୨୨ ମସିହାରେ ଗୁଇନ୍ଦା ରିପୋର୍ଟ କୁ ଆଧାର କରି ଏସ ଟି ଏଫ ଇନ୍ସପେକଟର ଜଗନ୍ନାଥ ପ୍ରସାଦ ସାହୁ ସଦଳବଳେ ଚୋରାରେ ବିକ୍ରୟ ପାଇଁ ଭାଗବତ ରଖିଥିବା ଦୁଇଟି ଚିତାବାଘ ,ହରିଣ, ସାଳିଆପତିନି ଛାଲ,ବାର୍ହା ଦାନ୍ତ ଓ ବଜରକାପ୍ତା କାତି କୁ ଭୋଗବାଡି ଠାରେ ଭାଗବତ ଠାରୁ ଜବତ କରିଥିଲେ । ପରେ ଏସ ଟି ଏଫ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଭାଗବତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା ।

ଯୁବତୀଙ୍କୁ ଅନ୍ତଃସତ୍ତ୍ୱା କରି ଫେରାର ଥିବା ଯୁବକ ଗିରଫ

ଜଟଣୀ(ସ.ବ୍ୟୁ): ଜଟଣୀ ଥାନା ଅଂଚଳରେ ଜନୈକା ଯୁବତୀଙ୍କ ସହ ସଂପର୍କ ରଖି ତାଙ୍କୁ ଅନ୍ତସତ୍ୱା କରି ଏକୁଟିଆ ଛାଡ଼ି ଫେରାର ହୋଇଯାଇଥିବା ଜନୈକ ଯୁବକଙ୍କୁ ଜଟଣୀ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଜଟଣୀ ଅଂଚଳରେ ରହୁଥିବା ପୀଡ଼ିତାଙ୍କ ସହିତ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ମୋହିଉଦ୍ଦିନପୁର ଗ୍ରାମର ଜମିଲ ଖାନଙ୍କ ପୁଅ ମହମ୍ମଦ ସାହିଦ ଖାନ୍(୩୧)ର ବିବାହ ପ୍ରସ୍ତାବ ପଡ଼ିଥିଲା । କିନ୍ତୁ ଅଭିଯୁକ୍ତ ଯୁବକର ବାପା ୫ ଲକ୍ଷ ଟଙ୍କା ଏବଂ ଏକ ସୁନାଚେନ୍ ଦାବି କରିବାରୁ ଏହି ବିବାହ ପ୍ରସ୍ତାବଟି ଭାଙ୍ଗିଯାଇଥିଲା । କିନ୍ତୁ ଅଭିଯୁକ୍ତ ଯୁବକ ଜଣକ ପୀଡ଼ିତା ଯୁବତୀ ସହିତ ସଂପର୍କ ସୃଷ୍ଟି କରି ବିନା ଯୌତୁକରେ ବିବାହ କରିବାର ପ୍ରତିଶ୍ରୁତି ଦେଇ ଯୁବତୀକୁ ଘର ନେଇଯାଇ ଜଟଣୀ ଲୋକକଲୋନୀ ଅଂଚଳରେ ଏକ ଭଡ଼ାଘରେ ରହିଥିଲା। ସେଠାରେ ଦୁଇମାସ ରହିବା ପରେ ଯୁବତୀ ଜଣକ ଅନ୍ତସତ୍ୱା ହୋଇଥିବା ଜାଣି ଯୁବକ ଜଣକ ତାଙ୍କୁ ଗର୍ଭନିରୋଧକ ଔଷଧ ଖାଇବାକୁ ଦେଇଥିଲା । ଏହି ଔଷଧ ଖାଇବା ପରେ ଯୁବତୀ ଜଣକ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ଅଭିଯୁକ୍ତ ଯୁବକ ପୀଡ଼ିତା ଯୁବତୀକୁ ଏକୁଟିଆ ଛାଡ଼ି ଫେରାର ହୋଇଯାଇଥିଲା । ପୀଡ଼ିତା ଜଣକ ଏ ସଂପର୍କରେ ଯୁବକର ପରିବାରକୁ ଜଣାଇବାରୁ ସେମାନେ ତାଙ୍କୁ ବିଭିନ୍ନ ଧମକଚମକ ଦେଇଥିଲେ । ଶେଷରେ ଉପାୟଶୂନ୍ୟ ଅବସ୍ଥାରେ ଯୁବତୀ ଜଣକ ଘଟଣା ସଂପର୍କରେ ଜଟଣୀ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଜଟଣୀ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପଚରାଉଚୁରା ସମୟରେ ଅଭିଯୁକ୍ତ ନିଜର ଦୋଷକୁ ସ୍ୱୀକାର କରିଥିଲା । ଏହି ଘଟଣାର ଅଧିକ ତଦନ୍ତ ଚାଲୁ ରହିଥିବା ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିଆରସିଂହଙ୍କୁ ସୂତ୍ରରୁ ପ୍ରକାଶ ।

ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମ ସଫଳ

ଲାଓସରୁ ଫେରୁଛନ୍ତି ଫସିଥିବା ୧୭ ଓଡିଆ ଶ୍ରମିକ

ଭୁବନେଶ୍ୱର (ସବ୍ୟୁ): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ହସ୍ତକ୍ଷେପ ପରେ ଲାଓସରେ ଫସି ରହିଥିବା ୧୭ ଜଣ ଓଡିଆ ଶ୍ରମିକ ଆସନ୍ତା କାଲି ଓଡିଶାରେ ପହଞ୍ଚିବା ନେଇ ଦୂତାବାସ ତରଫରୁ ସୂଚନା ମିଳିଛି । ଫସିଥିବା ୧୭ ଓଡିଆ ଶ୍ରମିକଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାରତ ଫେରାଇ ଆଣିବା ପାଇଁ ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଗତ ମାସ ୨୭ ତାରିଖରେ ଶ୍ରୀ ପଣ୍ଡା ଏକ ଚିଠି ଲେଖି ନିବେଦନ କରିଥିଲେ । ଓଡିଶାର କେନ୍ଦ୍ରାପଡା ଜିଲ୍ଲା ଅର୍ନ୍ତଗତ ଆଳି, ରାଜକନିକା, ରାଜନଗର ର୍ନିବାଚନ ମଣ୍ଡଳୀର ୧୧ ଜଣ, ଢେଙ୍କାନାଳ- ୧, କେନ୍ଦୁଝର-୧, ଓ ଯାଜପୁର- ୪ ଜଣ ଶ୍ରମିକ ଅଧିକ ରୋଜଗାର ଆଶାରେ ଏକ ଏଜେଣ୍ଟଙ୍କ ଜରିଆରେ ଲାଓସ ଯାଇଥିଲେ । କିନ୍ତୁ ସେଠାରେ ପହଞ୍ଚିବା ପରେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ଚୁକ୍ତି ମୁତାବକ ଦରମା ନଦେଇ ଶାରୀରିକ ଓ ମାନସିକ ର୍ନିଯାତନା ଦେବା ସହ ଦୈନିକ ୧୨ ଘଣ୍ଟାରୁ ଅଧିକ ସମୟ କାମ କରିବାକୁ ବାଧ କରୁଥିବା ପରିବାର ଲୋକଙ୍କୁ ଜଣାଇଥିଲେ ।

ଉପାୟଶୂନ୍ୟ ହୋଇ ପରିବାର ଲୋକ ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଜରିଆରେ ବୈଜୟନ୍ତ ପଣ୍ଡାଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସମସ୍ତଙ୍କୁ ସୁରକ୍ଷିତ ଭାରତ ଫେରାଇ ଆଣିବା ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ ଦୂତାବାସର ତ୍ୱରିତ ପଦକ୍ଷେପ ପାଇଁ ଶ୍ରୀ ପଣ୍ଡା ଧନ୍ୟବାଦ ଜଣାଇଛନ୍ତି ଏହି ଖବର ପାଇବା ପରେ ପରିବାର ଲୋକ ଓ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହର ଖେଳିଯାଇଛି ଓ ପରିବାର ଲୋକ ଶ୍ରୀ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ପିଲାମାନଙ୍କ ମଧ୍ୟରେ ପୌଷ୍ଟିକ ଖାଦ୍ୟାଭାବଜନିତ ସଂଘର୍ଷ

ଓଡ଼ିଶା ନନ୍ଦ ଘରର ସ୍ୱାସ୍ଥ୍ୟଯନ୍ ପଦକ୍ଷେପ ଗୁଡ଼ିକର ରୂପାନ୍ତରୀକରଣୀୟ ପ୍ରଭାବ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସ୍ୱାସ୍ଥ୍ୟଯନ୍ ଗ୍ରହଣୀୟତା ତଥା ଏହାର ସଶକ୍ତିକରଣକୁ ନେଇ ବିଶ୍ୱସ୍ତରୀୟ ପ୍ରତିଫଳନ ମଧ୍ୟରେ, ନନ୍ଦ ଘର ଏହି ପରିବର୍ତ୍ତନୀୟ ରୂପାନ୍ତରୀକରଣର ଏକ ଉଜ୍ଜ୍ୱଳମୟ ଉଦାହରଣ ଭାବରେ ସର୍ବସମ୍ମୁଖକୁ ଆସିପାରିଛି । ମହିଳା ଏବଂ ଶିଶୁ ବିକାଶ ପ୍ରକଳ୍ପର ଏକ ଫ୍ଲାଗସିପ୍ ଭାବରେ ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ଅଧିନସ୍ଥ, ବେଦାନ୍ତର ଏକ ସାମାଜିକ ପ୍ରଭାବଶାଳୀ ଅଂଶ ଭାବରେ, ନନ୍ଦ ଘର ଭାରତର କୋଣ ଅନୁକୋଣରେ ଅଗଣିତ ନାଗରିକମାନଙ୍କ ପାଇଁ ଉଜ୍ଜ୍ୱଳ ଭବିଷ୍ୟତର ବୀଜ ବୁଣିପାରିଛି । ଏହି ପ୍ରକଳ୍ପ ଆଧୁନିକ ଅଙ୍ଗନବାଡ଼ି ନେଟୱାର୍କକୁ ଧରି ରଖିବା ସହିତ ପାରମ୍ପରିକ ଶିଶୁଯନ୍ ଠାରୁ ଆହୁରି ଆଗକୁ ଯାଇ ନିରାମୟ ବ୍ୟବସ୍ଥାର ଆହୁରି ବିସ୍ତୃତ ତଥା ବ୍ୟାପକତା ପ୍ରଦାନ କରିପାରିଛି । ଶୈଶବର ପ୍ରାରମ୍ଭିକ ଶିକ୍ଷା, ପୌଷ୍ଟିକତା ତଥା ସ୍ୱାସ୍ଥ୍ୟ ଆବଶ୍ୟକତା ଓ ମହିଳା ମାନଙ୍କର କୁଶଳ ବିକାଶ ଏବଂ ଅର୍ଥନୈତିକ ସଶକ୍ତିକରଣକୁ ଉପସ୍ଥାପିତ କରିବା ସହିତ, ପ୍ରକଳ୍ପ ନନ୍ଦ ଘର ଗୋଷ୍ଠୀଗୁଡ଼ିକୁ ସଶକ୍ତ କରିବା ସହିତ ଆସନ୍ତାକାଳିର ଏକ ସ୍ୱାସ୍ଥ୍ୟକର ରାସ୍ତା ଦେଖାଇପାରିଛି ।

ନନ୍ଦ ଘର ମିଶନର ଅନ୍ତରାତ୍ମା ସହିତ ସ୍ୱାସ୍ଥ୍ୟଯନ୍ ବ୍ୟାପକତାର ଅଭିବୃଦ୍ଧି ତଥା ସାରା ଭାରତରେ ବିଭିନ୍ନ ପଦକ୍ଷେପ ଜରିଆରେ ସ୍ଥାନୀୟ ଗୋଷ୍ଠୀ ମାନଙ୍କ ମଧ୍ୟରେ ଏହାର ଗ୍ରହଣୀୟତାର ବୃଦ୍ଧିର ପ୍ରତିଶ୍ରୁତିବଦ୍ଧତାର ଅଟଳତା ଲୁଚି ରହିଛି ।

ଗ୍ରାମ୍ୟ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ଦିବସ (ଭିଏଚଏନଡ଼ି) ପାଳନ ଏହି ନନ୍ଦ ଘର ଅଧିନସ୍ଥ ତଥା ପରିଚାଳିତ ଏକ ବିଶେଷ ପଦକ୍ଷେପ ଅଟେ ଯାହା ସାରା ଭାରତରେ ପ୍ରତ୍ୟେକ ମାସରେ ଆୟୋଜିତ ହୋଇଥାଏ । ଏଭଳି ଏକ ଶିବିର ସେଠାକାର ସ୍ଥାନୀୟ ବାସିନ୍ଦା ନିତାଞ୍ଜଳୀ ପ୍ରଧାନ ତାଙ୍କ ପୁଅ ହରପ୍ରିତକୁ ନିୟମିତ ଚିକିତ୍ସା ପାଇଁ ଆଣିଥାନ୍ତି । ହରପ୍ରିତ ଜଣେ ଦିବ୍ୟାଙ୍ଗ ଅଟନ୍ତି ଏବଂ ଏହି ପରୀକ୍ଷଣ ସମୟରେ ନନ୍ଦ ଘରର କର୍ମଚାରୀ ମାନେ ଦେଖିବାକୁ ପାଇଲେ ହରପ୍ରିତ ଅତି ଭୟଙ୍କର ଭାବରେ ଅପପୁଷ୍ଟି ଆକ୍ରାନ୍ତ ଥିଲେ ଏବଂ ତାଙ୍କ ବୟସ ତୁଳନାରେ ଅତ୍ୟନ୍ତ ଦୁର୍ବଳ ତଥା ଯଥେଷ୍ଟ କମ୍ ଓଜନର ଥିଲେ । ତାଙ୍କର ଏହି ଦିବ୍ୟାଙ୍ଗ ଅପପୁଷ୍ଟିତା ପରିସ୍ଥିତି ତାଙ୍କର ଶରୀର ବିକାଶରେ ବାଧକ ଥିଲା । ନନ୍ଦ ଘରରେ ଅବସ୍ଥାପିତ ଅଙ୍ଗନବାଡ଼ି କର୍ମୀ ତଥା ହରପ୍ରିତଙ୍କ ପରିବାର ସହିତ ଆଲୋଚନା ପରେ ତାଙ୍କୁ ଭବାନୀପାଟଣାସ୍ଥିତ ପୁଷ୍ଟିକର ଥଇଥାନ କେନ୍ଦ୍ର (ଏନଆରସି)କୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ସେଠାରେ ତାଙ୍କୁ

ରାଷ୍ଟ୍ରୀୟ ବାଳ ସୁରକ୍ଷା କାର୍ଯ୍ୟକ୍ରମ ସାହାଯ୍ୟରେ ଦୀର୍ଘ ୧୫ଦିନ ପର୍ଯ୍ୟନ୍ତ ଏକ ବିସ୍ତୃତ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଥିଲା । ଏନଆରସି ଠାରେ ଏହି ବିଶେଷ ସ୍ୱାସ୍ଥ୍ୟସେବା ପ୍ରଦାନ ଫଳରେ ହରପ୍ରିତଙ୍କ ଓଜନ ୫.୬ କେଜିରୁ ୮.୧ କେ.ଜି.କୁ ବୃଦ୍ଧି ପାଇଥିଲା । ବର୍ତ୍ତମାନ ହରପ୍ରିତ ଏହି ସୁନ୍ଦର ସ୍ୱାସ୍ଥ୍ୟ ତଥା ଉତ୍ତମ ପୋଷଣ ଦ୍ୱାରା ନନ୍ଦଘର ଠାରେ ରହିଥିବା କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ନିରବଚ୍ଛିନ୍ନ ପରାମର୍ଶ ଦ୍ୱାରା ନିଜର ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରିଥିଲା ଏବଂ ସୁସ୍ଥ-ନିରାମୟ ସ୍ୱାସ୍ଥ୍ୟକର ଜୀବନ ଆରମ୍ଭ କରିଥିଲା ।

ସେହିପରି, ଝାରସୁଗୁଡ଼ା ସ୍ଥିତ ହିରିମା ମୁଣ୍ଡାପଡ଼ା ଗ୍ରାମର କୁନ୍ତଳା ମୁଣ୍ଡା ଯେକି ଜଣେ ଦିନ ମଜୁରିଆ ମହିଳା ଅଟନ୍ତି ତାଙ୍କର ପୁଅ ଚିଣ୍ଟୁକୁ ଏହି ନନ୍ଦ ଘରକୁ ତାର ସ୍ୱାସ୍ଥ୍ୟରେ ଭୀଷଣ ଅବନତୀ ତଥା ଖାଦ୍ୟ ଅଭ୍ୟାସରେ ଅନିୟମିତତାକୁ ନେଇ ଆସିଥିଲେ । ସେ ଅପପୁଷ୍ଟିକତାର ଶିକାର ହୋଇଥିବା ଦେଖାଯାଇଥିଲା । ତାଙ୍କୁ ନିକଟସ୍ଥ ପୁଷ୍ଟିକର ଥଇଥାନ କେନ୍ଦ୍ରକୁ ପଠାଯାଇଥିଲା । ଠିକ୍ ୧୫ଦିନର ଉପଯୁକ୍ତ ଚିକିତ୍ସା ଫଳରେ ତାର ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଦେଖାଦେଇଥିଲା ଏବଂ ସେ ଘରକୁ ଫେରିଥିଲା । ତାପରଠାରୁ ନନ୍ଦଘର ପ୍ରକଳ୍ପ ସହାୟତାରେ କୁନ୍ତଳା ମୁଣ୍ଡାଙ୍କ ଘରେ ଏକ ପୌଷ୍ଟିକ ବଗିଚାର ବ୍ୟବସ୍ଥା କରାଯାଇଥିଲା ଯାହା ଦ୍ୱାରା ପ୍ରତ୍ୟେକ ପରିବାରକୁ ଟଟକା ପନିପରିବା ପାଇବାର ସମସ୍ତ ସାହାଯ୍ୟ ଅପହଞ୍ଚ ଅଞ୍ଚଳରେ ଗ୍ରାମର ଅବସ୍ଥିତି ଥାଇ ମଧ ଯୋଗାଇ ଦିଆଯାଇଥିଲା । ଅଙ୍ଗନବାଡ଼ି ଦିଦିମାନଙ୍କର ପରାମର୍ଶ ସହିତ କୁନ୍ତଳାଙ୍କ ପରିବାର ନନ୍ଦ ଘର ଠାରେ ଅବସ୍ଥାପିତ ପୌଷ୍ଟିକ ସଚେତନତା ଅଧିବେସନରେ ନିୟମିତ ଭାବରେ ଯୋଗ ଦେବା ସହିତ ସେମାନଙ୍କ ଜୀବନଶୈଳୀରେ ଏହି ପୁଷ୍ଟିକର ଅଭ୍ୟାସକୁ କିପରି ବଳବତର ରଖିପାରିବେ ତାହା ମଧ ସେମାନଙ୍କୁ ଭଲ ଭାବରେ ବୁଝାଇ ଦିଆଯାଉଥିଲା । ଅଙ୍ଗନବାଡ଼ି ଦିଦିମାନେ ମଧ ଚିଣ୍ଟୁର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କୁନ୍ତଳାଙ୍କ ଘରକୁ ନିୟମିତ ପରିଦର୍ଶନ କରୁଥିଲେ ।

ସମ୍ ଫୁଲନଖରା କ୍ୟାମ୍ପସ୍‌ରେ ସଫଳ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ୍ ସର୍ଜରୀ

ଭୁବନେଶ୍ୱର (ସବ୍ୟୁ): ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ଫୁଲନଖରା କ୍ୟାମ୍ପସ୍‌ରେ ଏକ ଡାକ୍ତରୀ ଟିମ୍ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ୍ ଏଣ୍ଡୋନାଜାଲ ପ୍ରକ୍ରିୟା ପ୍ରୟୋଗ କରି

ଜଣେ ୧୬ ବର୍ଷୀୟ ବାଳକର ନାକରୁ ଭାସ୍କୁଲାର ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି । ବାଳକଟିର ନାକରେ ଏହି ଭାସ୍କୁଲାର ଟ୍ୟୁମର ସୃଷ୍ଟି ହୋଇ ତା’ର ସ୍କଲ ବେସ୍ ପର୍ଯ୍ୟନ୍ତ ଲାଗି ରହିଥିଲା। ଯାହାକୁ କି ଜୁଭେନାଇଲ୍ ନାସୋଫାରିନ୍ଜିଆଲ ଆନ୍‌ଜିଓଫାଇବ୍ରୋମା କୁହାଯାଏ ବୋଲି ଏହି ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିବା ହସ୍ପିଟାଲ୍ର ଇଏନ୍‌ଟି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଖଗେଶ୍ୱର ରାଉତ କହିଛନ୍ତି ।

ରୋଗୀଟି ଖୁବ୍ କମ୍ ବୟସର ଥିବା ବେଳେ ଖୋଲା ଅସ୍ତ୍ରୋପଚାର ଦ୍ୱାରା ତା’ର ମୁହଁରେ ଦାଗ ରହିବା ସହ ବିକୃତ ହେବାର ମଧ୍ୟ ସମ୍ଭାବନା ରହିଥିଲା । ତେଣୁ ଏଣ୍ଡୋସ୍କୋପିକ୍ ଏଣ୍ଡୋନାଜାଲ ପ୍ରକ୍ରିୟା ମାଧ୍ୟମରେ ମିନିମାଲି ଇନ୍‌ଭେସିଭ ଟେକ୍ନିକ୍ ଦ୍ୱାରା ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରି ଏହି ଅସ୍ତ୍ରୋପଚାର କରାଯାଇଥିଲା ବୋଲି ସେ କହିଛନ୍ତି । ଅସ୍ତ୍ରୋପଚାର ପରେ ରୋଗୀ ସୁସ୍ଥ ଥିଲା ବେଳେ ଏହାର ପର ଦିନ ଠାରୁ ହିଁ ବିନା ସମସ୍ୟାରେ ସେ ତା’ର ଦୈନନ୍ଦିନ କାର୍ଯ୍ୟ କରିପାରୁଛି ବୋଲି ପ୍ରଫେସର ରାଉତ କହିବା ସହ ତା’ର ପରିବାର ବର୍ଗ ଖୁବ୍ ଖୁସି ଅଛନ୍ତି ଏବଂ ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଅସ୍ତ୍ରୋପଚାର ଟିମ୍‌ରେ ପ୍ରଫେସର ରାଉତଙ୍କ ବ୍ୟତୀତ ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ବିବେକାନନ୍ଦ ଆଚାର୍ଯ୍ୟ ଏବଂ ସିନିୟର ରେସିଡେଂଟ ଡାକ୍ତର ସୁବ୍ରତ ଚନ୍ଦନ ପ୍ରଧାନ ଓ ଡାକ୍ତର ରାକେଶ ଗିରି ସାମିଲ ଥିଲେ। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଫୁଲନଖରା କ୍ୟାମ୍ପସ୍‌ର ଡିନ୍ ପ୍ରଫେସର (ଡାକ୍ତର)ଅରକ୍ଷିତ ସ୍ୱାଇଁ ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଅସ୍ତ୍ରୋପଚାର ନିମନ୍ତେ ସମସ୍ତ ସହଯୋଗ କରିଥିଲେ।

ଦେଶୀ ମଦ ଜବତ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ପୁଲିସ ଦେଶୀ ମଦ ଜବତ କରିବା ସହ ବେପାରୀକୁ ଗିରଫ କରିବାରେ ସକ୍ଷମ ହୋଇଛି । ପୁଲିସ ରାତ୍ର ପେଟ୍ରୋଲିଂଗ ସମୟରେ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ନାଉତପୁର ଛକରେ ବେଆଇନ ଦେଶୀ ମଦ ବିକ୍ରିର ଖବର ପାଇ ପୁଲିସ ଚଢାଉ କରିଥିଲା । ସେଠାରେ ସନ୍ଦେହ ଜନକ ଭାବେ ନାଉତୁପୁର ଛକରେ ବୁଲୁଥିବା ପଂଚାନନ ସାହୁଙ୍କ ପୁଅ କାଳନ୍ଦୀ ଚରଣ ସାହୁ (୩୮)ବୁଲୁଥିବା ବେଳେ ପୁଲିସ ତାକୁ ଯାଂଚ କରିଥିଲା । ତା ନିକଟରୁ ୧୦ ଲିଟର ମହୁଲି ଦେଶୀମଦ ଜବତ କରିଥିଲା । ଫଳରେ ମଦ ଜବତ କରିବା ସହ ତାକୁ ଗିରଫ କରିଥିଲେ । ଏନେଇ ଏକ ମାମଲା ରୁଜୁ କରି ଓଡିଶା ଅବକାରୀ ଆଇନ ୫୨(ଏ) ତଦନ୍ତ ଜାରି ରଖିଛି ।

ପାଣି ପାଇପ ଚୋରି କରି ୧୧ଗିରଫ

ପାଇପ ବୋଝେଇ ଆଇଚର, କାର ଜବତ

ଖୋର୍ଦ୍ଧା (ସବ୍ୟୁ): ପୁରୁସାହି ନିକଟରୁ ଗ୍ରାମ୍ୟଜଳ ଯୋଗାଣ ପ୍ରକଳ୍ପ ପାଇପ ଚୋରି କରିବା ଅଭିଯୋଗରେ ପୁଲିସ ୧୧ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ମହାରାଷ୍ଟ୍ର ସୋଲାପୁର ଜିଲ୍ଲା ଜାମଗାଭ ର ସନ୍ତୋଷ ମାଡକେ (୨୩), ରେଓ୍ୱାନ ଗାଓ୍ୱାଡେ (୩୩), ନୟାଗଡ ପନ୍ତିଖାରି ଶାସନ ର ଦିତିକ୍ରୀଷ୍ଣ ସାହୁ ଓରଫ ବାବୁଲା (୪୨), ବ୍ରହ୍ମପୁର ବଡବଜାର ଥାନା ନୀଳାଚଳ ସାହିର ବଳିଆ ମହାରଣା (୩୬), ଗଞ୍ଜାମ ସାନକଲି ର ରଞ୍ଜନ ବିଶୋଇ(୫୮), ଭେଙ୍କଟରାଓପାଲି ର ଅଜୟ ବେହେରା (୩୦), କାକରାବାଲି(ମଟାବାଡି) ର ଗଣେଶ ପ୍ରଧାନ(୩୦) ଓ ପୂର୍ଣ୍ଣଚନ୍ଦ୍ରନ ନାୟକ (୩୨), ଢେଙ୍କାନାଳ ବେଢପଦା ର ଆବୋଲା ସାମଲ (୩୨), ଚନ୍ଦକା ର ସୁଧିର ବେହେରା (୩୩) ଏବଂ ଛତାବର ର ସନ୍ତୋଷ ବେହେରା

(୪୫) । ଏମାନଙ୍କଠାରୁ ପୁଲିସ ଚୋରି ପାଇପ ସମେତ ଏକ ଆଇଚର ଗାଡି(ନଂ-ଏମଏଚ-୧୩-ଡିକ୍ୟୁ-୧୯୯୮) ଏବଂ ଏକ କାର (ନଂ-ଓଡି.୦୨ଏଏନ-୮୦୮୧) କୁ ଜବତ କରିଛି ।

ପୁଲିସ ସୂଚନା ଅନୁସାରେ, ଅଭିଯୁକ୍ତମାନେ ପୁରୁସାହି ରୁ ବରସାହି ରୋଡରେ ମାଟିତଳେ ବିଛାଯିବା ଲାଗି ପଡିଥିବା ପାଣି ପାଇପ କୁ ରାତିରେ ଏକ ଆଇଚର ଗାଡିରେ ଚୋରି କରୁଥିଲେ। ପୁଲିସ ପାଟ୍ରୋଲିଂ ଗାଡି ଦେଖି ହଡବଡାଇବାରେ ପୁଲିସ ର ସନ୍ଦେହ ହୋଇଥିଲା । ପୁଲିସ ସେମାନଙ୍କୁ ଏ ସମ୍ପର୍କରେ ପଚରାଉଚରା କରିବା ସହ କାଗଜପତ୍ର ମାଗିଥିଲା । ମାତ୍ର ଅଭିଯୁକ୍ତମାନେ କାଗଜପତ୍ର ଦେଖାଇବାରେ ସକ୍ଷେମ ହୋଇନଥିବାରୁ ପୁଲିସ ସେମାନଙ୍କୁ ଥାନାରେ ଆଣି ପଚରାଉଚରା କରିବାରେ ସେମାନେ ପାଇପ ଚୋରି କରୁଥିବା ସ୍ୱୀକାର କରିଥିଲେ । ପୁଲିସ ୧୨୭/୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି ।

ସୋଆରେ 'ଇ – ସମିଟ ୨୦୨୪' ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଠାରେ ଶନିବାର ଆରମ୍ଭ ହୋଇଛି ଦୁଇ ଦିନିଆ ଇ-ସମିଟ। ସୋଆ ଅନ୍ତର୍ଗତ ଅଟଳ ଇନକ୍ୟୁବେସନ୍ ସେଂଟର ସୋଆ ଫାଉଣ୍ଡେସନ୍ ଓ ସେଂଟର ଫର୍ ଇନୋଭେସନ୍ ଆଣ୍ଡ ଇନକ୍ୟୁବେସନ୍ (ସୋଆ – ସିଆଇଆଇ)ର ମିଳିତ ଆନୁକୂଲ୍ୟରେ ଏହି ସମିଟର ଆୟୋଜନ କରାଯାଇଛି ।

ଛାତ୍ରଛାତ୍ରୀ ମାନଙ୍କୁ ଷ୍ଟାର୍ଟଅପ୍ ପ୍ରତି ଅଧିକ ଆଗ୍ରହୀ କରିବାର ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଓଡ଼ିଶାର ଏଗ୍‌ଜିକ୍ୟୁଟିଭ ଚେୟାରମ୍ୟାନ୍ ଡକ୍ଟର ଓଙ୍କାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବପୀଢ଼ି ଆତ୍ମନିର୍ଭରଶୀଳ ହେବା ସହ ନିଯୁକ୍ତି ପ୍ରଦାନକାରୀ ଭାବେ ନିଜକୁ ଗଢ଼ି ତୋଳିବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ଏଥି ନିମନ୍ତେ ଷ୍ଟାର୍ଟଅପ ଗୁଡ଼ିକ ଅନେକ ସୁଯୋଗ ସୃଷ୍ଟି କରୁଥିବା ବେଳେ କମ୍ ପୁଞ୍ଜି ନିବେଶ କରି ଛାତ୍ରଛାତ୍ରୀମାନେ କିଭଳି ନିଜ ଷ୍ଟାର୍ଟଅପକୁ ଅଧିକ ଲାଭଦାୟକ କରିପାରିବେ ସେ ବିଷୟରେ ସେ କହିଥିଲେ। ବର୍ତ୍ତମାନ ଓଡ଼ିଶାରେ ସୋଆ ଭଳି ଶିକ୍ଷାନୁଷ୍ଠାନ ଗୁଡ଼ିକ ଇନ୍‌କ୍ୟୁବେସନ୍ ସେଂଟର ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଖୁବ୍ ଆନନ୍ଦର ବିଷୟ ବୋଲି ସେ କହିଥିଲେ ।

ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ଅର୍ଥନୀତି ଭାବେ ନିଜକୁ ପ୍ରତିଷ୍ଠା କରିପାରିଛି ବୋଲି ପ୍ରକାଶ କରି ଡକ୍ଟର ରାୟ କହିଥିଲେ ଯେ ଓଡ଼ିଶାରେ ୧୯୪୦ଟି ସ୍ୱିକୃତିପ୍ରାପ୍ତ ଷ୍ଟାର୍ଟଅପ୍ ରହିଥିବା ବେଳେ କୃଷି କ୍ଷେତ୍ରରେ ୧୫୧, ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ କ୍ଷେତ୍ରରେ ୨୫, ଅଟୋମୋଟିଭ୍‌ରେ ୨୭, ଟେଲିକମ୍ୟୁନିକେସନ୍ ଆଣ୍ଡ ନେଟ୍‌ୱାର୍କରେ ୧୩, ଶିକ୍ଷା କ୍ଷେତ୍ରରେ ୧୩୩, କନ୍‌ଭେନସ୍‌ନାଲ୍ ଏନର୍ଜିରେ ୨ ଓ ରିନ୍ୟୁଏବଲ୍ ଏନର୍ଜିରେ ୨୨ଟି ଷ୍ଟାର୍ଟଅପ୍ ଗଢ଼ି ଉଠିଥିବା ସେ କହିଛନ୍ତି । ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରଥମ ଥର ପାଇଁ ଏଭଳି ଇ-ସମିଟ ହେଉଥିବା କହିଥିଲେ । ଏହି ଅବସରରେ କେନ୍ସ ସେମିକନ୍‌ର ସିଇଓ ରଘୁ ପାନିକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଷ୍ଟାର୍ଟଅପ୍ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅଧିକ ତଥ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଇଟିଇଆର ର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଂଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସୋଆ – ସିଆଇଆଇ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଡକ୍ଟର ରାୟ ଏକ ଷ୍ଟାର୍ଟଅପ୍ ଏକ୍ସପୋ ଓ ୨୪ ଘଂଟିଆ ଆଇଡିଆ ପ୍ରୋଟୋଟାଇପ୍ ହାକାଥନ୍ ଉଦ୍‌ଘାଟନ କରିଥିଲେ ।

ଜଳିଗଲା ତିନି ପରିବାରର ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି

ସାଲେପୁର, (ସବ୍ୟୁ) :ସାଲେପୁର ବ୍ଲକ ଅନ୍ତର୍ଗତ ପୁରୁଣାହାଟ ଓଡକିମିରା ଗ୍ରାମରେ ଅଭାବନୀୟ ଘଟଣା ଘଟି ଲକ୍ଷ ଲକ୍ଷ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ସାଲେପୁର ବ୍ଲକ ଅନ୍ତର୍ଗତ ଓଡକିମିରା ଗ୍ରାମର ଜନ୍ମଜୟ ରାଉତରାୟ, ଯଶମନ୍ତ ରାଉତରାୟ ଓ ଜଗଦୀଶ ରାଉତରାୟଙ୍କ ଘରେ ଗତ ବାର ଘଣ୍ଟା ମଧ୍ୟରେ ସାତଥର ନିଆଁ ଲାଗି ଧାନ, ମୁଗ, ବିରି, ଟିଭି, ଫ୍ରିଜ, ଆଲମାରୀ, ଆଲେଣଛ, ମଟର ସାଇକେଲ,ନଗଦ ଟଙ୍କା , ପୋଷାକ ଓ ଖାଦ୍ୟ ସାମଗ୍ରୀ ଆଦି ଲକ୍ଷଲକ୍ଷ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଏହା ଦେଖି ଗ୍ରାମବାସୀ ମାନେ ସାଲେପୁର ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ । ଗ୍ରାମବାସୀମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ସାଲେପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ହେଲେ ଅଲଗା ଅଲଗା ଜାଗାରେ ହଠାତ କେମିତି ନିଆଁ ଲାଗୁଛି ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ।

ପ୍ରଶ୍ନପତ୍ର ଭାଇରାଲ, ଦମ୍ପତି ଗିରଫ

ଭୁବନେଶ୍ୱର (ସବ୍ୟୁ): ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଶ୍ନପତ୍ରକୁ ୟୁଟ୍ୟୁବ୍‌ରେ ଭାଇରାଲ କରାଇଥିବା ଯାଜପୁରର ଦମ୍ପତି ଜଗନ୍ନାଥ କର ଓ ତାଙ୍କ ସ୍ତ୍ରୀ ରୁତୁପର୍ଣ୍ଣା ପତିଙ୍କୁ ଭୁବନେଶ୍ୱର ସାଇବର ଥାନା ପୋଲିସ ଗିରଫ କରିଛି ।

ମାର୍ଚ୍ଚ ୧୮ତାରିଖରେ ଓସେପାର ପ୍ରୋଜେକ୍ଟ ଡାଇରେକ୍ଟର ସାଇବର ଥାନାରେ ପ୍ରଶ୍ନପତ୍ର ଭାଇରାଲ ସଂପର୍କରେ ଏତଲା ଦେଇଥିଲେ । ସେହି ଏତଲାକୁ ଆଧାର କରି ସାଇବର ଥାନା ପୋଲିସ ସମୀର ଏଜୁକେଶନ ଚ୍ୟାନେଲର ମାଲିକ ସମୀର ସାହୁକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସମୀର ଘର ଗଞ୍ଜାମ ଜିଲ୍ଲାର ରମ୍ଭା ଅଞ୍ଚଳରେ । ସାଇବର ଥାନା ପୋଲିସ ସମୀର ବୟାନକୁ ଭିତ୍ତିକରି ତଦନ୍ତ କରୁଥିଲା । ପ୍ରୋ ଆନସର ଚ୍ୟାନେଲର ମାଲିକ ଯାଜପୁର ଜିଲ୍ଲାର ଶିକ୍ଷକ ଜଗନ୍ନାଥ କର (୨୯)ଙ୍କ ସ୍ତ୍ରୀ ରୁତୁପର୍ଣ୍ଣା ପତି (୨୭) । ଏହି ଚ୍ୟାନେଲରୁ ପୂର୍ବରୁ ଗିରଫ ହୋଇଥିବା ସମୀର ପ୍ରଶ୍ନ ପାଇଥିବା ପୋଲିସକୁ କହିଥିଲା । ପୋଲିସ ସମୀରର କଥାକୁ ଗୁରୁତର ସହ ନେଇ ପ୍ରୋ ଆନସର ଚ୍ୟାନେଲର ମାଲିକ ଜଗନ୍ନାଥ ଓ ତାଙ୍କ ସ୍ତ୍ରୀ ରୁତୁପର୍ଣ୍ଣାକୁ ଗିରଫ କରି ଥାନାକୁ ଆଣିଥିଲା । ପଚରାଉଚୁରା ସମୟରେ ଦମ୍ପତି ଚ୍ୟାନେଲର ଭ୍ୟୁୟର ବୃଦ୍ଧି ପାଇଁ ଏପରି କରିଥିବା କହିଥିଲେ । ଜଗନ୍ନାଥ ଯାଜପୁର ଜିଲ୍ଲା ଗୋପିନାଥ ଜିଉ ନୋଡାଲ ଅପର ପ୍ରାଇମେରୀ ସ୍କୁଲର ସହକାରୀ ଶିକ୍ଷକଭାବେ କାର୍ଯ୍ୟ କରୁଥିଲେ । ଏହି ସ୍କୁଲ ଯାଜପୁର ଟାଉନ୍ ଥାନା ଅନ୍ତର୍ଗତ ଶ୍ରୀଧରପୁର ଠାରେ ଥିବା ପୋଲିସ କହିଛି । ଡିସିପି ପ୍ରତୀକ ସିଂହଙ୍କ କହିବାନୁଯାୟୀ ରୁତୁପର୍ଣ୍ଣା ପତିଙ୍କର ଛୋଟପିଲା ଘରେ ଥିବାରୁ ତାଙ୍କୁ ନୋଟିସ୍ କରି ଜାମିନ୍‌ରେ ଛାଡି ଦିଆଯାଇଛି । ତଦନ୍ତରେ ସେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସ୍ୱାମୀ ଜଗନ୍ନାଥ କରକୁ ଶନିବାର କୋର୍ଟଚାଲାଣ କରାଯିବା

ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜକୁ ପଠାଇ ଦିଆଯାଇଛି ।

ଦମ୍ପତିଙ୍କ ନିକଟରୁ ଲପ୍‌ଟପ୍, ୨ଟି ମୋବାଇଲ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଶ୍ନପତ୍ର, ବ୍ୟାଙ୍କ ପାସ୍‌ବୁକ୍ ପ୍ରଭୃତି ଜବତ କରାଯିବା ସହ ୟୁଟ୍ୟୁବ୍ ସହାୟତାରେ ସେମାନେ ପକାଇଥିବା ଭିଡିଓ ମଧ୍ୟ ଜବତ ହୋଇଥିବା ଡିସିପି କହିଛନ୍ତି

୭୬ ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର (ସବ୍ୟୁ): ଚଳିତ ବର୍ଷ ଏପ୍ରିଲ ୧୩ ତାରିଖ ଦିନ ଭୁବନେଶ୍ୱର ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ଏକଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନର ଗୁରୁତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ୧୩ ଏପ୍ରିଲ ୧୯୪୮ ରେ ପ୍ରତିଷ୍ଠା ହୋଇଥିବା ଭୁବନେଶ୍ୱର ରାଜଧାନୀ ଏ ବର୍ଷ ୭୬ତମ ବର୍ଷରେ ପଦାର୍ପଣ କରୁଛି । ଚଳିତ ବର୍ଷ ସାଧାରଣ ନିର୍ବାଚନ-୨୦୨୪ ଦୃଷ୍ଟିରୁ ଆଦର୍ଶ ଆଚରଣ ବିଧି ବଳବତ୍ତର ରହୁଥିବାରୁ ଏହାକୁ ଅନୁପାଳନ ପୂର୍ବକ କାର୍ଯ୍ୟକ୍ରମକୁ ଯଥା ସମ୍ଭବ ସୀମିତ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ଛ ତେବେ 'ରାଜଧାନୀ ପ୍ରତିଷ୍ଠା ଦିବସକୁ ରାଜଧାନୀ ଭୁବନେଶ୍ୱରର ଜନ୍ମୋତ୍ସବ ଭାବେ ମର୍ଯ୍ୟାଦା ସହକାରେ ପାଳନ କରାଯିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ନିର୍ବାଚନ ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ରାଜଧାନୀ ପ୍ରତିଷ୍ଠା ଦିବସ ଶାନ୍ତି, ଶୃଙ୍ଖଳାର ସହ ପାଳନ କରିବାକୁ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ପୂର୍ବରୁ ସାଧାରଣତଃ ୩ ଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ପାଳନ କରାଯାଉଥିବା ବେଳେ ନିର୍ବାଚନ ଆଦର୍ଶ ଆଚରଣ ବିଧି ପାଳନ ଦୃଷ୍ଟିରୁ ଏ ବର୍ଷ ଗୋଟିଏ ଦିନ ପାଳନ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରାଜଧାନୀ ପ୍ରତିଷ୍ଠା ଦିବସ ସକାଳେ ବିଧାନସଭା ସୌଧ ସମ୍ମୁଖସ୍ଥ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯିବ । ଉତ୍ସବର ମୁଖ୍ୟ ଅତିଥି ରାଜଧାନୀ ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରିବେ । ସଂଧ୍ୟାରେ ଜୟଦେବ ଭବନରେ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହେବ । ଏକ ଫଟୋ ପ୍ରଦର୍ଶନୀ ଜୟଦେବ ଭବନ ଠାରେ ଅନୁଷ୍ଠିତ ହେବ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ଆର. କାର୍ତ୍ତିକେୟନ, ବି.ଡି.ଏ ଉପାଧ୍ୟକ୍ଷ ବଳଓ୍ୱନ୍ତସିଂ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳରାଣା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକ, ସାଧାରଣ ସଂପାଦକ ସନତ ମିଶ୍ର ଏବଂ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସ୍ତ୍ରୀକୁ କମେଣ୍ଟ ମାରିବାରୁ ସାଙ୍ଗକୁ ହତ୍ୟା : ଅଭିଯୁକ୍ତ ଗିରଫ

ଭୁବନେଶ୍ୱର (ସବ୍ୟୁ): ସ୍ତ୍ରୀକୁ ବାରମ୍ବାର କମେଣ୍ଟ ମାରିବା ସହ ଚରିତ୍ରକୁ ନେଇ ମନ୍ତବ୍ୟ ଦେଉଥିବା ସାଙ୍ଗକୁ ତାର ନିକଟତମ ସାଙ୍ଗ କାଳିଆ ସ୍ୱାଇଙ୍କୁ ଗିରଫ କରିଛି ଇନ୍ଫୋସିଟି ଥାନା ପୋଲିସ ।

ଗତ ଡିସେମ୍ବର ୬ତାରିଖ ଦିନ ଇନ୍ଫୋସିଟି ଥାନା ଅନ୍ତର୍ଗତ ସିଖରଚଣ୍ଡି ବସ୍ତିର ସୀମା ସାଇଗଲ (୩୧) ଓରଫ ଛୋଟୁ ଓ ତାର ସାଙ୍ଗ କାଳିଆ, ଅଭିନାଶ ଓ ଚିନା ପ୍ରଭୃତି ଏକାଠି ବସି ଖଟି କରୁଥିଲେ । ଏହି ସମୟରେ ଛୋଟୁ କାଳିଆ ସ୍ୱାଇଁର ସ୍ତ୍ରୀର ଚରିତ୍ରକୁ ନେଇ ମନ୍ତବ୍ୟ ଦେବାରୁ ଉଭୟ ମାରପିଟ ହୋଇଥିଲେ । ସନ୍ଧ୍ୟାବେଳେ ଛୋଟୁ ଏକୁଟିଆ ବସିଥିବାବେଳେ କାଳିଆ ଛୁରି ନେଇ ତାର ପେଟକୁ ଭୁସି ଦେଇ ଖସି ଯାଇଥିଲା । ସନ୍ଧ୍ୟା ସମୟ ହୋଇଥିବାରୁ ଛୋଟୁ ଜାଣିପାରିନଥିଲା କିଏ କଣ କଲା ବୋଲି । ଛୋଟୁର ସ୍ତ୍ରୀ ଛୋଟୁକୁ କିମ୍ସ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲା । ଅବସ୍ଥା ଗୁରୁତର ଥିବାରୁ

କିମ୍ସରୁ ଛୋଟୁକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସିତ ଅବସ୍ଥାରେ ଛୋଟୁର ମୃତ୍ୟୁ ହୋଇଥିଲା । ମଙ୍ଗଳାବାଗ୍ ଥାନା ପୋଲିସ ଶବ ବ୍ୟବଚ୍ଛେଦ କରାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିଲା ।

ଇନ୍ଫୋସିଟି ଥାନା ମଙ୍ଗଳାବାଗ୍ ଥାନାରୁ ବ୍ୟବଚ୍ଛେଦ ରିପୋର୍ଟ ପାଇବା ପରେ ଛୋଟୁକୁ ହତ୍ୟା କରାଯାଇଥିବା ଜଣାପଡିଥିଲା । ବ୍ୟବଚ୍ଛେଦ ରିପୋର୍ଟ ଓ ସାଙ୍ଗମାନଙ୍କ ଆଲୋଚନାକୁ ଭିତ୍ତିକରି ଇନ୍ଫୋସିଟି ଥାନା ପୋଲିସ ଛୋଟୁ ସ୍ତ୍ରୀ ଠାରୁ ଏତଲା ନେଇ ହତ୍ୟା ମାମଲା ରୁଜୁ କରିଥିଲା । ସେହି ମାମଲା ଭିତ୍ତିରେ ତଦନ୍ତ ଆଗକୁ ବଢ଼ିବା ପରେ କାଳିଆ ସ୍ୱାଇଁକୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିବା ଡିସିପି ପ୍ରତୀକ ସିଂହ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ଛୋଟୁର ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

ପୋଖରୀରେ ବୁଡି ନାବାଳକ ମୃତ

ଦଶପଲ୍ଲା(ସବ୍ୟୁ): ଦଶପଲ୍ଲା ଥାନା ଘୋଳା ହାଣ୍ଡି ପଞ୍ଚାୟତ ଗୁରିଆ ବାରି ଗ୍ରାମ ପୋଖରୀ ରେ ବୁଡି ଜଣେ ନା ବାଳକ ର ମୃତ୍ୟୁ ହୋଇଛି । ନା ବାଳକ ଙ୍କ ନାଁ ସୁଭମ ନାୟକ (୯ ବର୍ଷ) ଓ ସେ ଜଣେ ଦ୍ୟିାଙ୍ଗ ଅଟନ୍ତି । ସବୁଦିନ ପରି ଶନିବାର ଦିନ ସ୍କୁଲ ଛୁଟି ପରେ ଘରକୁ ଫେରିଥିଲା ଛ ପରେ ସୁଭମ ତାର ସମ୍ପର୍କୀୟ ଭାଇ ସହ ଗାଁ ନିକଟ ପୋଖରୀ କୁ ଗାଧୋଇବାକୁ ଯାଇଥିଲା ଛ ପ୍ରଥମେ ସୁଭମ ଗାଧୋଇ ସାରିବା ପରେ ସାଥିରେ ଯାଇଥିବା ସମ୍ପର୍କୀୟ ଭାଇ ତାଙ୍କୁ ଘରକୁ ଯିବାପାଇଁ କହି ନିଜେ ଗାଧୋଇବାକୁ ପାଣିଭିତରକୁ ଯାଇଥିଲେ । ମାତ୍ର ସମ୍ପର୍କୀୟ ଭାଇ ଗାଧୋଇ ସାରି ଘରେ ପହଂଚି ଥିଲେ ମଧ୍ୟ ସୁଭମ ଘରେ ନ ଥିବା ଦେଖିଥିଲେ । ସୁଭମ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜା ଖୋଜି କରିଥିଲେ ମାତ୍ର ପାଇ ନଥିଲେ । ଶେଷରେ ଯେଉଁ ପୋଖରୀରେ ସୁଭମ ଗାଧାଉଥିଲା ସେହି ପଖରୀରେ ଖୋଜା ଖୋଜି କରିଥିଲେ । ପୋଖରୀରେ ଖୋଜା ଖୋଜି କରିବା ସମୟ ରେ ପୋଖରୀ ରୁ ସୁଭମ ର ଅଚେତ ଶରୀର ମିଳିଥିଲା । ସଙ୍ଗେ ସଙ୍ଗେ ତାଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୁଭମ ଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ରେ ଶୋକର ଛାୟା ଖେଳି ଯାଇଛି । ଏହି ଘଟଣା ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସୁଭମ ଙ୍କ ଶବ ବ୍ୟବଚ୍ଛେଦ କରିଛି ।

ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ବାଲେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର (ସବ୍ୟୁ) : ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ବାଲେଶ୍ୱର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଆଶୁତୋଷ ସୁଶିଲ କୁମାର ପଟ୍ଟନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବାଲେଶ୍ୱର କ୍ଷେତ୍ର ଅଧିନରେ ବାଲେଶ୍ୱର, ମୟୁରଭଞ୍ଜ, ଯାଜପୁର, ଭଦ୍ରକ ଏବଂ କେଉଁଝର ଆଦି ୫ଟି ଜିଲ୍ଲା ଅନ୍ତର୍ଭୁକ୍ତ । ଏହା ପୂର୍ବରୁ ଶ୍ରୀ ପଟ୍ଟନାୟକ ଅହମ୍ମଦାବାଦ ଠାରେ ସହାୟକ ମହାପ୍ରବନ୍ଧକ ତଥା ଏମ୍‌ଏଲ୍‌ପି ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ୨୦୦୯ ମସିହାରେ ଜନୈକ କ୍ରେଡିଟ୍ ଅଫିସର ଭାବେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନିଜର କ୍ୟାରିୟର ଆରମ୍ଭ କରିଥିବା ଶ୍ରୀ ପଟ୍ଟନାୟକଙ୍କର ଅହମ୍ମଦାବାଦ, ନୋଇଡା, ମିରଟ, ଲକ୍ଷ୍ନୌ କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ମୁମ୍ବାଇ କ୍ଷେତ୍ରୀୟ କାର୍ଯ୍ୟାଳୟ ଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ପଦ

ପଦବୀରେ କାର୍ଯ୍ୟ କରିବାର ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। ମୁମ୍ବାଇ କ୍ଷେତ୍ରୀୟ କାର୍ଯ୍ୟାଳୟରେ ସେ କ୍ରେଡିଟ୍ ଇନ୍‌ଚାର୍ଜ, ଏମ୍‌ଏଲ୍‌ପି ଇନ୍‌ଚାର୍ଜ ଏବଂ ଶାଖା ମୁଖ୍ୟ ରୂପେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କ ମାର୍ଗଦର୍ଶନରେ ବାଲେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ସମସ୍ତ ବ୍ୟବସାୟିକ ପାରାମିଟରରେ ଏକ ବିରାଟ ମାଇଲଖୁଣ୍ଟ ଅତିକ୍ରମ କରିବ ବୋଲି ଆଶା କରାଯାଉଛି। କ୍ଷେତ୍ରୀୟ ମୁଖ୍ୟ ଭାବେ ସେ ବିଶେଷ କରି ବାଲେଶ୍ୱରର ପାନ, ଧାନ ଓ ମତ୍ସ୍ୟ ଚାଷ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିବା ସହ ଏହା ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି।

ସମ୍ବଲପୁରରେ ବିଜେପି ପ୍ରତିଷ୍ଠା ଦିବସ ପାଳିଲେ କେନ୍ଦ୍ରମନ୍ତ୍ରୀ

ବିଜେପିକୁ ବିରାଟ ବଟବୃକ୍ଷରେ ପରିଣତ କରିଥିବା ବରିଷ୍ଠ ନେତାଗଣ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଣାମ

ଭୁବନେଶ୍ୱର (ସବ୍ୟୁ): ବିଜେପି ଆଜି ଓଡ଼ିଶା ସମେତ ଦେଶବାସୀଙ୍କ ପାଇଁ ସେବା, ସମର୍ପଣ ଏବଂ ବିଶ୍ୱାସର ସମକକ୍ଷ ହୋଇଛି ବୋଲି ଶନିବାର ଭାରତୀୟ ଜନତା ପାର୍ଟିର ସ୍ଥାପନା ଦିବସ ଅବସରରେ ସମ୍ବଲପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତା ଭାଇ ଭଉଣୀ ଏବଂ ସମଗ୍ର ବିଚାର ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜୀଙ୍କ ଭଳି ରାଷ୍ଟ୍ରୀୟ ସେବକଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ବିଜେପି ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀ ଜୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରି ଅଗଣିତ କର୍ମଯୋଗୀଙ୍କ ଅବଦାନରେ ଆଜି ବିଶ୍ୱର ସର୍ବବୃହତ ରାଜନୈତିକ ପରିବାରରେ ପରିଣତ ହୋଇଛି ଏବଂ ଏକ ବିରାଟ ବଟବୃକ୍ଷର ରୂପ ନେଇଛି ।

ଅକ୍ଳାନ୍ତ ପରିଶ୍ରମ ମାଧ୍ୟମରେ ବିଜେପିକୁ ବିରାଟ ବଟବୃକ୍ଷରେ ପରିଣତ କରିଥିବା ବରିଷ୍ଠ ନେତାଗଣ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଣାମ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭୂତପୂର୍ବ ନେତୃତ୍ୱ, ଶୀର୍ଷ ନେତୃତ୍ୱର ପ୍ରୟାସ ଏବଂ କର୍ମଠ କାର୍ଯ୍ୟକର୍ତ୍ତାଙ୍କ ନିଃସ୍ୱାର୍ଥପର ସେବା ମନୋଭାବ ଯୋଗୁଁ ଆଜି ବିଜେପି ଦେଶର ସବୁଠାରୁ ବିଶ୍ୱସ୍ତ ରାଜନୈତିକ ଦଳ ଭାବରେ ଉଭା ହୋଇଥିବା ବେଳେ ଜନସାଧାରଣଙ୍କ ପ୍ରଥମ ପସନ୍ଦ ହୋଇଛି । ଅନ୍ତ୍ୟୋଦୟ, ସେବା ହିଁ ସଂଗଠନ ଭଳି କାଳଜୟୀ

ଚିନ୍ତାଧାରାରୁ ପ୍ରେରଣା ନେଇ ସମସ୍ତ କାର୍ଯ୍ୟକର୍ତ୍ତାମାନେ ଏକ ବିକଶିତ ଭାରତ ଗଠନ ଏବଂ ଭାରତ ମାତାର ଗୌରବ ବଢ଼ାଇବା ପାଇଁ ନିରନ୍ତର ପ୍ରୟାସ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି ।

ଫିଏକ ବାର୍ ମୋଦୀ ସରକାର, ଓଡ଼ିଶାରେ ଦରକାର, ଡବଲ ଇଞ୍ଜିନ ସରକାରର ନାରା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶରେ ନିର୍ବାଚନୀ ପ୍ରକ୍ରିୟା ଜାରି ରହିଛି । ବିଗତ ୧୦ ବର୍ଷରେ ଅନେକ କାମ ହୋଇଛି, ଯାହାର ପ୍ରତିଫଳନ ସମ୍ବଲପୁରରେ ହୋଇଛି । ପ୍ରଧାନମନ୍ତ୍ରୀ ଆବାସରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ,ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ଲୋକଙ୍କ ସମ୍ବଲପୁରବାସୀଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛି । ଆଇଆଇଏମ ପ୍ରତିଷ୍ଠା ସହ ସମ୍ବଲପୁର ରେଳ ଷ୍ଟେସନର ନବୀକରଣ ହୋଇଛି ଛ ଦେଶରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଲୋକଙ୍କ ଭରସା ବଢିଛି । ଆମେ ସମସ୍ତ କାର୍ଯ୍ୟକର୍ତ୍ତାମାନେ ମୋଦୀ ଗ୍ୟାରେଣ୍ଟି, ଜନକଲ୍ୟାଣକାରୀ ଓ ବିକାଶମୂଳକ ଯୋଜନା ତଥା ଗତ ୧୦ ବର୍ଷର ଟ୍ରାକ୍ ରେକର୍ଡକୁ ସମ୍ବଲପୁରର ଘରେ ଘରେ ପହଞ୍ଚାଇବା ପାଇଁ ଆହୁରି ପରିଶ୍ରମ କରିବା ଦରକାର । ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଓ ଜିଲ୍ଲା ସଭାପତି ଗିରିଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

ଉତ୍କଳ ଆଲୁମିନାର ନିରୋଗଶାଳା : ଉତ୍ତମ ସ୍ୱାସ୍ଥ୍ୟଯତ୍ନ ଦିଗରେ ପ୍ରୟାସ

ଭୁବନେଶ୍ୱର (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ଼ (ୟୁଏଆଇଏଲ) ବହୁବିଧ ପ୍ରକଳ୍ପରେ ଗଭୀର ଭାବରେ ନିୟୋଜିତ ରହିଛି ଯାହା ବଞ୍ଚିତ ବର୍ଗଙ୍କ ଜୀବନରେ ଗୁଣାତ୍ମକ ପାର୍ଥକ୍ୟ ଆଣୁଛି । ଏହାର ପ୍ରମୁଖ ପ୍ରୟାସ ଗୁଡ଼ିକ ମଧ୍ୟରେ ଅନ୍ୟତମ ହେଉଛି ସ୍ୱାସ୍ଥ୍ୟଯତ୍ନ । ଏହା ନିଜର ଉତ୍କଳ ହସ୍ପିଟାଲ, ନୂଆପଡା ସ୍ୱାସ୍ଥ୍ୟକେନ୍ଦ୍ରସମୂହ ଏବଂ ମାଇନ୍ସ ଓପିଡ଼ି (ବହିଃରୋଗୀ ବିଭାଗ) ସହିତ 'ନିରୋଗଶାଳା' ଶୀର୍ଷକରେ ଏକ ବୃହତ ସ୍ୱାସ୍ଥ୍ୟ ପ୍ରୟାସ ଆରମ୍ଭ କରିଛି । ଗ୍ରାମ ସ୍ତରରେ ଦାତବ୍ୟ ଚିକିତ୍ସା କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିବା ଏହି ନିରୋଗଶାଳାଗୁଡ଼ିକ ଜରିଆରେ ଏହା ଜନସାଧାରଣଙ୍କୁ ସେବା ଯୋଗାଇ ଦେଉଛିଛ ସମ୍ପ୍ରତି ସେଗୁଡ଼ିକ ଚାରିଟି ଗ୍ରାମରେ ସ୍ଥାପନ କରାଯାଇଛି । ଓଡ଼ିଶାର ରାୟଗଡା ଓ କଳାହାଣ୍ଡି ଜିଲ୍ଲାରେ ଥିବା ଉକ୍ତ ଗ୍ରାମଗୁଡ଼ିକ ହେଉଛି ଅଣ୍ଡିରାକଞ୍ଚ, ପି କୂପଖାଲ, ପୋଡାପାଡି ଓ ଗୋପୀନାଥପୁର । ଶ୍ରୀ ମଜହର ବେଗ, ୟୁନିଟ ହେଡ ଓ ପ୍ରେସିଡେଣ୍ଟ, ଉତ୍କଳ ଆଲୁମିନା ଓ ଆଦିତ୍ୟ ଆଲୁମିନା କହିଛନ୍ତି, ଏହି ଆଦିବାସୀ ବହୁଳ ଆଭ୍ୟନ୍ତରୀଣ ଅଂଚଳରେ ସ୍ୱାସ୍ଥ୍ୟଯତ୍ନ ମାନରେ ଉନ୍ନତି ଆଣିବାର ଜରୁରୀ ଆବଶ୍ୟକତା ପ୍ରତି ୟୁଏଆଇଏଲ ଧ୍ୟାନ ଦେବା ସହିତ ଜନସାଧାରଣ ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ସେଗୁଡ଼ିକର ସମାଧାନ ସମ୍ପର୍କରେ ଅନୁଧ୍ୟାନ । ଦାତବ୍ୟ ଚିକିତ୍ସା କେନ୍ଦ୍ରରେ ପ୍ରମାଣିକୃତ ସ୍ୱାସ୍ଥ୍ୟ କର୍ମଚାରୀ, ଛଅ ଜଣ ଫାର୍ମାସିଷ୍ଟ, ଚାରିଜଣ ସହାୟକ ରହିଛନ୍ତିଛ ସ୍ୱାସ୍ଥ୍ୟଗତ ପରାମର୍ଶ, ସ୍ୱାସ୍ଥ୍ୟ ଯାଞ୍ଚ ଓ ଜରୁରୀ ସ୍ୱାସ୍ଥ୍ୟଯତ୍ନ ସହିତ

ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ 'ନିରୋଗଶାଳା'ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଏହି ଦାତବ୍ୟ ଚିକିତ୍ସା କେନ୍ଦ୍ରଗୁଡ଼ିକ ସୁଲଭ ଓ ପୂର୍ଣ୍ଣାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟଯତ୍ନ ଯୋଗାଇ ଦେଉଛନ୍ତି । ଏହି ପ୍ରୟାସ ସ୍ୱାସ୍ଥ୍ୟଗତ ପ୍ରଦର୍ଶନରେ ଉଲ୍ଲେଖନୀୟ ଅବଦାନ ରଖୁଛି । ପ୍ରତ୍ୟେକ ମାଗଣା ଔଷଧ ଆଦି ପ୍ରମୁଖ ସୁବିଧା 'ନିରୋଗଶାଳା' ଛାତ ତଳେ ଯୋଗାଇ ଦିଆଯାଉଛି ବୋଲି ଶ୍ରୀ ବେଗ ଉଲ୍ଲେଖ କରିଛନ୍ତି ।

ଉତ୍କଳ ଆଲୁମିନାର ପ୍ରୟାସକୁ ପ୍ରସଂଶା କରି ଶ୍ରୀ ଧନସିଂ ମାଝୀ, ସରପଞ୍ଚ, ଗୋପୀନାଥପୁର କହିଛନ୍ତି, ନିରୋଗଶାଳା ସ୍ଥାପନ ଆମ ଜନ ସମୁଦାୟ ପାଇଁ ଆଶୀର୍ବାଦ ରୁ କିଛି କମ ନୁହେଁ । ଏହା ଆମକୁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବାର ସୁଯୋଗ ଯୋଗାଇ ଦେଉଛି, ଯାହା ପୂର୍ବରୁ ଆମପାଇଁ ଅପହଞ୍ଚ ଥିଲା । ତାଲିମପ୍ରାପ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଉପସ୍ଥିତି ସହିତ ଔଷଧ ଓ ଚିକିତ୍ସା ଉପକରଣର ଉପଲବ୍ଧତା ଆମ ଗ୍ରାମବାସୀ ଯେଭଳି ସେମାନଙ୍କ ଦ୍ୱାରଦେଶରେ ସମୟୋଚିତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବେ ତାହା ସୁନିଶ୍ଚିତ କରୁଛି । ଗ୍ରାମ ଦାତବ୍ୟ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ବହୁବିଧ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଦୃଷ୍ଟି ଦେଉଛି । ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ଼ ଆଦିବାସି ଅଧ୍ୟୁଷିତ ପଛୁଆ ଅଂଚଳରେ ସାମାଜିକ-ଅର୍ଥନୈତିକ କଲ୍ୟାଣ ଏବଂ ଜନ ଜୀବନର ରୂପାନ୍ତରଣ ନିମନ୍ତେ ପ୍ରତିବଦ୍ଧ ରହିଛି । ୟୁଏଆଇଏଲର ସମସ୍ତ ପ୍ରକଳ୍ପ ଶ୍ରୀମତୀ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରୁଥିବା ଆଦିତ୍ୟବିର୍ଲା ସେଣ୍ଟର ଫର କମ୍ୟୁନିଟି ଇନିସିଏଟିଭସ ଆଣ୍ଡ ରୁରାଲ ଡେଭେଲପମେଣ୍ଟ ମାର୍ଗଦର୍ଶନରେ କାର୍ଯ୍ୟକାରୀ ହେଉଛି ।

କଂପଗଡ଼ ହାଇସ୍କୁଲରେ ଗୁରୁ ବନ୍ଦନା

ବାଲିଚନ୍ଦ୍ରପୁର, (ସବ୍ୟୁ): ସ୍ଥାନୀୟ ପୁରାତନ ଶିକ୍ଷାନୁଷ୍ଠାନ କଂପଗଡ଼ ସ୍ଥିତ କେଏଚ୍‌ବି ହାଇସ୍କୁଲର ୧୯୯୨ ବ୍ୟାଚ୍‌ର ଶିକ୍ଷାର୍ଥୀମାନଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ଗୁରୁ ବନ୍ଦନିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଚାଳିଶ ବର୍ଷ ଧରି ଏହି ବିଦ୍ୟାଳୟରେ ଶିକ୍ଷାଦାନ କରି ଛାତ୍ରଛାତ୍ରୀମାନଙ୍କ ପ୍ରିୟଭାଜନ ହୋଇଥିବା ପ୍ରଧାନଶିକ୍ଷକ ପ୍ରବୋଧ କୁମାର ସାମଲ ଓ ସହକାରୀ ରତ୍ନାକର ସାହୁଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପୁରାତନ ବିଦ୍ୟାର୍ଥୀ ପ୍ରଣତି ସାମଲ, ସାବିତ୍ରୀ ସାହୁ, ନମିତା ସାହୁ, ଚନ୍ଦ୍ରକଳା ମହାପାତ୍ର, ରଜନୀଗନ୍ଧା ମିଶ୍ର, ଅମିତ କୁମାର ସାହୁ, ସୀମାଞ୍ଚଳ ସାହୁ ଓ ଦିଲ୍ଲୀପ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାର୍ଥୀ ଓ ବିଦ୍ୟାଦାତାଙ୍କ ମଧ୍ୟରେ ଥିବା ସ୍ମରଣୀୟ ସ୍ମୃତିଚାରଣ କରିଥଲେ ସମସ୍ତେ । ପୁରାତନ ଛାତ୍ରୀ ପ୍ରଣତି ସାମଲଙ୍କ ପକ୍ଷରୁ ପ୍ରଧାନଶିକ୍ଷକ ଶ୍ରୀ ସାମଲଙ୍କୁ ପ୍ରଦତ୍ତ ମାନପତ୍ର ସମସ୍ତଙ୍କୁ ଭାବଗମ୍ଭୀର କରି ଦେଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅତିଥି ଶିକ୍ଷକ ବିଜୟ କୁମାର ଜେନା ଓ ଫକୀର ଚରଣ ପାତ୍ର ଯୋଗ ଦେଇଥିଲାବେଳେ ମାନପତ୍ର ପାଠ କରିଥିଲେ ଅର୍ପିତା ସାହୁ ଏବଂ ପ୍ରଜେଶ ସାମଲ ।

ଭାଇକୁ ପଥରରେ ଆକ୍ରମଣ

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ଥାନା ହଣ୍ଡପା ଗ୍ରାମର ଦୁଷ୍ମନ୍ତ ନାୟକଙ୍କୁ ତାଙ୍କ ଭାଇ ଦୁଃଖବନ୍ଧୁ ନାୟକ ପଥରରେ ଆକ୍ରମଣ କରିଥିବା ଶୁକ୍ରବାର ଦିନ ହଣ୍ଡପା ଥାନାରେ ଅଭିଯୋଗ ହୋଇଛି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୧୩୫/୨୪ ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ କହିଛି ଯେ ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମି ବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ଲାଗି ରହିଛି । ଏହାକୁ କେନ୍ଦ୍ର କରି ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି ।

କାର ଦୁର୍ଘଟଣା ଗ୍ରସ୍ତଃ ଜଣେ ମୃତ

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ଥାନା ନାକିଚି–ଠାକୁରଗଡ଼ ପୂର୍ତ୍ତ ବିଭାଗ ରାସ୍ତା ର ବଡ଼ଡ଼ଙ୍ଗୀଆଣି ନିକଟରେ ଶୁକ୍ରବାର ରାତିରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ କାର ଚାଳକ ରେଢ଼ାଖୋଲ ଥାନା ଲାଣ୍ଡିମାଳ ଗ୍ରାମର ରାଜେଶ୍ୱର ମିର୍ଧାଙ୍କର ମୃତ୍ୟୁ ହୋଇଛି ।

ଘଟଣାରୁ ଜଣାପଡିଛି ଯେ ରାଜେଶ୍ୱର ରେଢ଼ାଖୋଲରୁ ଏକ କାର ନମ୍ବର (ଓଡି ୦୨ ବିଏଚ ୨୧୯୧) ଯୋଗେ ତାଙ୍କ ଶଶୁରଙ୍କ ଘର କଣ୍ଡାଳ ଗ୍ରାମକୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ପଡିବାରୁ ରାସ୍ତା କଡରେ ଥିବା ଏକ ଖାଲକୁ ଓଲଟି ପଡି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଫଳରେ ସେଠାରେ ସେ ଗୁରୁତର ହୋଇ ପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥା ରେ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଚିକିତ୍ସା ପାଇଁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ତାଙ୍କର ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା ପୋଲିସ ତାଙ୍କ କାରକୁ ଜବତ କରି ଏନେଇ ନମ୍ବର ୧୩୭/୨୪ ରେ ଏକ ମାମଲା ରୁଜୁ କରିଛି ।

ଅସହାୟଙ୍କୁ ସହାୟତା କଲେ ସ୍ୱେଚ୍ଛାସେବୀ

ବଆଁରପାଳ, (ସବ୍ୟୁ) : ବଆଁରପାଳ ବ୍ଲକ ନାଲକୋ ନଗର ଥାନା ଅନ୍ତର୍ଗତ ସିନେ ପ୍ଲେକ୍ସ ସମ୍ମୁଖରେ ଥିବା ଏକ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି । ସୂଚନା ଯେ ବ୍ୟକ୍ତିଙ୍କ କହିବା ଅନୁଯାଇ ସେ କାମସାରି ଚାଲି ଚାଲି ନିଜ ଭଡ଼ା ଘରକୁ ଯାଉଥିବା ବେଳେ କୌଣସି ଏକ ଅଜଣା ଗାଡ଼ି ଧକା ଦେଇଥିଲା । ଯାହା ଫଳରେ ସେ ରାସ୍ତା କଡରେ ପଡ଼ିଥିଲେ । ଆଜି ସକାଳେ ଏହାଦେଖି ସୁଧାକର ସାହୁ ଓ ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ପହଞ୍ଚି ସମାଜ ସେବି ଚିନ୍ମୟୀ ଦାସଙ୍କ ସହାୟତାରେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ନେଇ ଚିକିତ୍ସା କରାଇଥିଲେ । ତାଙ୍କ ନାମ ସାଜରୁଲ ଶେଖ୍, ଘର ୱେଷ୍ଟ ବେଙ୍ଗଲ ବୋଲି ଜଣାପଡିଛି । ତାଙ୍କ ଭାଇଙ୍କ ସହ ଯୋଗାଯୋଗ କରି ସେ କିଭଳି ତାଙ୍କ ଗ୍ରାମକୁ ଯିବେ ବ୍ୟବସ୍ଥା କରାଯିବ ବୋଲି ସମାଜ ସେବି ଚିନ୍ମୟୀ ଦାସ ପ୍ରକାଶ କରିଛନ୍ତି ।

ବିଜେପି ପ୍ରତିଷ୍ଠା ଦିବସରେ ପଦଯାତ୍ରା, ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ଜନତା ପାର୍ଟିର ୪୪ ତ'ମ ପ୍ରତିଷ୍ଠା ଦିବସ ଅବସରରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ବିଶାଳ ପଦଯାତ୍ରା ପୂର୍ବାହ୍ନରେ ଖଲ୍ଲିକୋଟ କଲେଜ ନିକଟରୁ ଆରମ୍ଭ ହୋଇ ପୁରୁଣା ବସଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ, ଗିରିଜା ଛକ ଦେଇ ଗାନ୍ଧୀନଗର ସ୍ଥିତ ମହାମାୟୀ କଲେଜ ନିକଟରେ ପହଞ୍ଚିଥିଲା ।

ଏହି ପଦଯାତ୍ରାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ଼ଃ ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାର, ଓଡ଼ିଆ ସିନେ ତାରକା ତଥା ବିଜେପି ନେତା ଅରିନ୍ଦମ ରାୟ, ଜିଲ୍ଲା ସଭାପତି ଡ଼ା.ସୁବାସ ସାହୁ, ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବ୍ରହ୍ମପୁର ଲୋକସଭା କ୍ଷେତ୍ର ସଂଯୋଜକ ସରୋଜ ସାବତ, ବରିଷ୍ଠ ନେତା ସୁରେଶ ପାଢ଼ୀ, ବନମାଳି ସେଠୀ, ବ୍ରହ୍ମପୁର, ଆସ୍କା ଏବଂ କନ୍ଧମାଳ ଲୋକସଭା କ୍ଷେତ୍ରକୁ ନେଇ ଗଠିତ ବ୍ରହ୍ମପୁର ଜୋନ୍ ମିଡ଼ିଆ ସେଣ୍ଟର୍ ସଂଯୋଜକ ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ସମ୍ପାଦିକା ଏସ୍.ରାଣୀ, ରନ୍‌ଗର୍ଭା ସରସ୍ୱତୀ ଦେବୀ, ନିବେଦିତା ପାଢ଼ୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଡୁଡୁନ୍ ପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁଜା ନନ୍ଦ ବିଶ୍ୱାଳ, ଜିଲ୍ଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସାମୁଏଲ୍ ବେହେରା, ବ୍ରହ୍ମପୁର ମହାନଗର ପ୍ରଭାରୀ ରାମ ପ୍ରସାଦ ସାମଲ, କର୍ପୋରେଟର ସବିତା ସାହୁ, ପୂର୍ବତନ କର୍ପୋରେଟର ଅଶୋକ ଶୁକ୍ଲା, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କେ.ରବି ରାଓ, ଜିଲ୍ଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ମୋନିତା ଦାସ, ସାଧାରଣ ସମ୍ପାଦିକା ବର୍ଷା ବିଦ୍ୟୁସ୍ମିତା ପ୍ରମୁଖଙ୍କ ସମେତ ପାଞ୍ଚ ହଜାରରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ସାମିଲ୍ ହେଇଥିଲେ ।

କାର୍ଯ୍ୟକର୍ତ୍ତା ମାନେ କମଳା ରଙ୍ଗର ଟି ସାର୍ଟ ପିନ୍ଧିଥିବାରୁ ସମଗ୍ର ଅଞ୍ଚଳ କେବଳ କମଳା ରଙ୍ଗ ହିଁ ଦେଖାଦେଇଥିଲା । ଜୟ ଶ୍ରୀ ରାମ, ଭାରତୀୟ ଜନତା ପାର୍ଟି ଜିନ୍ଦାବାଦ ଏବଂ ନରେନ୍ଦ୍ର ମୋଦି ଜିନ୍ଦାବାଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହେଉଥିବା ସହ ବ୍ରହ୍ମପୁର ଜନସାଧାରଣଙ୍କ ପକ୍ଷରୁ ଏହି ପଦଯାତ୍ରାକୁ ବିପୁଳ ଜନ ସମର୍ଥନ ମିଳୁଥିବାର ଦେଖାଦେଇଥିଲା । ଗାନ୍ଧୀନଗର ସ୍ଥିତ ମହାମାୟୀ କଲେଜ ନିକଟରେ ଏହି ପଦଯାତ୍ରା ପହଞ୍ଚିବା ପରେ ଭାରତୀୟ ଜନତା ପାର୍ଟି ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ଼ଃ ପ୍ରଦୀପ ପାଣିଗ୍ରାହୀ ଉଦଘାଟନ କରିଥିଲେ। କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ଡ଼ା ସୁବାସ ସାହୁଙ୍କ ଦ୍ୱାରା ବିଜେପିର ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା । ୧୯୮୦ ମସିହା ଏପ୍ରିଲ୍ ୬ ରେ ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠା ହୋଇଥିବା ବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରଦ୍ଧେୟ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ବିକାଶ ଧାରାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗେଇ ନେଇ ଆଜି ବିଶ୍ୱଗୁରୁ ହେଇପାରିଛନ୍ତି। ଦେଶବାସୀ ମୋଦି ଗ୍ୟାରେଣ୍ଟିକୁ ବିଶ୍ୱାସ କରୁଛନ୍ତି । ଆମେ ସେବା ଏବଂ ବିକାଶମୂଳକ ଏଜେଣ୍ଡା ନେଇ ଲୋକଙ୍କ ପାଖକୁ ଯିବୁ । ଦେଶରେ ବିକାଶ ଧାରାରେ ସାମିଲ୍ ହେବା ପାଇଁ ଉଭୟ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଏବଂ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଭାରତୀୟ ଜନତା ପାର୍ଟିକୁ ଜିତାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତ ମୁଠାକୁ ଟାଣ କରିବାକୁ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ଼ଃ ପ୍ରଦୀପ ପାଣିଗ୍ରାହୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ବ୍ରହ୍ମପୁରର ବିକାଶ ପାଇଁ ପରିବର୍ତ୍ତନ ନିହାତି ଦରକାର । ଏଥର ଲୋକେ ମନ ବଳେଇଛନ୍ତି ପରିବର୍ତ୍ତନ ନିଶ୍ଚୟ ହେବ ବୋଲି ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାର କହିଛନ୍ତି । ଯୁଆଡ଼େ ଦେଖିବେ ଓରେଞ୍ଜ ସୁନାମି ତାହା ଆଜି ବ୍ରହ୍ମପୁରରେ ଏହି ବିଶାଳ ପଦଯାତ୍ରାରୁ ସ୍ପଷ୍ଟ ବାରି ପଡୁଛି । ଓଡ଼ିଶାରେ ଏଥର ଡ଼ବଲ୍ ଇଞ୍ଜିନ୍ ସରକାର ବୋଲି ଓଡ଼ିଆ ସିନେ ତାରକା ତଥା ବିଜେପି ନେତା ଅରିନ୍ଦମ ରାୟ କହିଥିଲେ । ସମସ୍ତ କାର୍ଯ୍ୟକର୍ତ୍ତା ମିଳିମିଶି ଏକଜୁଟ୍ ହୋଇ ରାଜ୍ୟରେ ଶାସନାଧୀନ ଚବିଶି ବର୍ଷର ଦୁର୍ନୀତି ଏବଂ ଭ୍ରଷ୍ଟାଚାର ସରକାରକୁ ହଟେଇବା ପାଇଁ ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ ।

ଏହି ବିଶାଳ ପଦଯାତ୍ରାରେ ଅନ୍ୟ ମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଭାବଗ୍ରାହୀ ପାଳ, ଗୋପିନାଥ ପଣ୍ଡା, ସରୋଜ ପାତ୍ର,ପ୍ରଫୁଲ୍ଲ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ଚୌଧୁରୀ, କେ.ଟୁଙ୍ଗୁରୁ ପାତ୍ର, ଧର୍ମରାଜ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ, କୁଞ୍ଜବିହାରୀ ପଣ୍ଡା, ପ୍ରଦୀପ ନାୟକ, ସୁଶାନ୍ତ ସାମଲ,ସନ୍ତୋଷୀ ଦାସ, ପ୍ରେମଶିଳା ନନ୍ଦ, ସସ୍ମିତା ଦାସ, ସୁଧାଂଶୁ ସେଠୀ, ଏନ୍.ଧନଞ୍ଜୟ ରାଓ, ସଞ୍ଜୟ ଜେନା, ଅନିଲ ପତି, ଏଲ୍.ଗୋପି, ପତିତପାବନ ଗନ୍ତାୟତ, ତିରୁମାଲା ରେଡ୍ଡୀ, ଶଙ୍କର ପ୍ରଧାନ,ପ୍ରଦୀପ ମିଶ୍ର ପ୍ରମୁଖଙ୍କ ସମେତ ପାଞ୍ଚ ହଜାରରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ଏହି ପଦଯାତ୍ରାରେ ସାମିଲ୍ ହେଇଥିଲେ ।

୮ରୁ ମୟୂରଭଞ୍ଜର ସବୁ ଶିକ୍ଷାନୁଷ୍ଠାନ ସକାଳ ୬.୩୦ରୁ ୧୦.୩୦

ବାରିପଦା, (ସବ୍ୟୁ) : ସମଗ୍ର ଜିଲ୍ଲାରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ, ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ସକାଳ ୬.୩୦ ରୁ ସକାଳ ୧୦.୩୦ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ । ଜିଲ୍ଲାପାଳଙ୍କର ଏହା ମଧ୍ୟ ନିର୍ଦ୍ଦେଶ ରହିଛି ଯେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ଶ୍ରମ ଭିତ୍ତିକ କାର୍ଯ୍ୟ ଯେପରି ନକରାଯାଏ । ପ୍ରକାଶ ଥାଉକି, ଆସନ୍ତା ୮ ତାରିଖରୁ ଏହି ନିୟମ ସମଗ୍ର ଜିଲ୍ଲାରେ ଲାଗୁ ହେବ ଏବଂ ଏହା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ପ୍ରାପ୍ତ ହୋଇଛି ।

ବିଦ୍ୟୁତ ସଂଯୋଗ ପାଇଁ କେଲାସାହି ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଅନୁଗୁଳ, (ସବ୍ୟୁ) : ବିଦ୍ୟୁତ ସଂଯୋଗ ପାଇଁ ଆଜି ଅନୁଗୁଳ ଜିଲ୍ଲା ଶାବଳଭଙ୍ଗା ଗ୍ରାମର କେଲାସାହି ବାସିନ୍ଦା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛନ୍ତି ।

ଶାବଳଭଙ୍ଗା ଗ୍ରାମର କେଲା ସାହିରେ ପାଖାପାଖି ଶହେ ପରିବାର ବସବାସ କରିଆସୁଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନେ ବିଦ୍ୟୁତ ସେବା ପାଇ ପାରୁନାହାନ୍ତି । ପିଲାଙ୍କ ପାଠ ପଢାରେ ଅସୁବିଧା ହେଉ ଥିବା ବେଳେ ରାତି ହେଲେ ଜୀବଜନ୍ତୁଙ୍କ ଭୟରେ ଘର ତାଟି କବାଟ ପକାଉଛନ୍ତି । କିଛି ଦିନ ହେଲା ବିଦ୍ୟୁତ ସଂଯୋଗ ପାଇଁ ବିଦ୍ୟୁତ ଖୁଣ୍ଟ ପଡ଼ିଥିଲେ ମଧ୍ୟ କିଛି ଖଳ ପ୍ରକୃତିର ଲୋକମାନେ ଏହାକୁ ବିରୋଧ କରି କାର୍ଯ୍ୟ କରିଦେଉ ନ ଥିବା କେଳା ସାହିବାସୀ ଅଭିଯୋଗ କରିଛନ୍ତି । ଏ ନେଇ ବନ୍ତଳ ସେକସନର ଜେଇ ମାଧବନନ୍ଦ ସାହୁଙ୍କୁ ପଚାରିବାରୁ ସେଠାରେ କିଛି ଖଳ ପ୍ରକୃତିର ଲୋକ ବିରୋଧ କରୁଥିବାରୁ କାମ ହୋଇପାରୁନଥିବା କହିଛନ୍ତି । ଏଣୁ ଲୋକେ ବାଧ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଯୌତୁକ ଜୁଇରେ ନବବଧୂ

ରେଙ୍ଗାଲି, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ଶୁଆଝରି ଗାଁ ରେ ଦେଖାଦେଇଛି ଏମିତି ଏକ ଅଭାବନିୟ ଘଟଣା । ବାହାଘରର ଦେଢ଼ ମାସ ହୋଇନଥିବା ବେଳେ କାହିଁକି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ମନୋରମା । ଗତ ଫେବୃଆରୀ ମାସରେ ବୈଦିକ ରୀତିରେ ଓଲନ୍ଦା ଗାଁ ର ମନୋରମା ପ୍ରଧାନ ଶୁଆଝରି ଗାଁ ର ଅଜୟ ବିଶ୍ୱାଳ (୨୯) ଙ୍କୁ ବିବାହ କରିଥିଲେ । ମାତ୍ର ଦେଢ଼ ମାସର ସଂସାରରେ କଣ ଏମିତି ଅସୁବିଧା ହେଲା ଯେ ଗତକାଲି ଶାଶୁ ଘର ବାରଣ୍ଡାରେ ନିଜ ଲୁଗାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ ନବବଧୂ ମନୋରମା । ଖବର ପାଇ ଭାଇ ପ୍ରିୟଜ ପ୍ରଧାନ ଆସି ଦେଖିଲାବେଳକୁ ଭଉଣୀର ମୃତ ଦେହ ବାରଣ୍ଡା ଚଟାଣରେ ପଡିଛି । ଭଉଣୀକୁ ପୂର୍ବରୁ ଅଧିକ ଯୌତୁକ ପାଇଁ ଶାଶୁ, ଶଶୁର, ସ୍ୱାମୀ ମାନସିକ ଶାରୀରିକ ନିର୍ଯାତନା ଦେଉଥିବା ହେତୁ ଭଉଣୀ ଆତ୍ମହତ୍ୟା କରିଥିବା ନେଇ ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ ପରେ ରେଙ୍ଗାଳି ପୋଲିସ ଘଟଣାସ୍ଥଳକୁ ଯାଇ ଶବ ଜବତ କରିଥିଲେ ।

ରେଙ୍ଗାଳି ଥାନା କେସ ନମ୍ବର ୬୧/୨୪ରୁଜୁ କରିବା ପରେ ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ସାଇଣ୍ଟିଫିକ ଟିମ ସହାୟତାରେ ଯାଞ୍ଚ ପରେ ଶବ ବ୍ୟବଚ୍ଛେଦ ପାଇଁ ପାଲଲହଡା ଡାକ୍ତରଖାନାକୁ ପଠାଇ ଥିବା ବେଳେ ସ୍ୱାମୀ ଅଜୟ ବିଶ୍ୱାଳ ଓ ଶଶୁର କୈଳାସ ବିଶ୍ୱାଳଙ୍କୁ ଥାନାକୁ ଆଣି ଅଧିକ ପଚରା ଉଚରା କରୁଥିବା ନେଇ ରେଙ୍ଗାଳି ଥାନା ଆଇ ଆଇ ସି ସୂଚନା ଦେଇଛନ୍ତି ।

ବିଜେଡିରୁ ଇସ୍ତଫା ଦେଲେ ତପନ କୁମାର ଦେହୁରୀ

ବନ୍ତଳା, (ସବ୍ୟୁ) : ବିଜେଡିର ବରିଷ୍ଠ ନେତା ତପନ କୁମାର ଦେହୁରୀ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇସ୍ତଫା ପତ୍ର ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି । ବିଗତ ୩୫ ବର୍ଷ ଧରି ଛାତ୍ର ଜୀବନରୁ ଜନସେବା କରିଆସିଛନ୍ତି ଓ ବିଜୁ ଜନତା ଦଳର ଜଣେ ସଭ୍ୟ ଭାବରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ଦଳର ଉନ୍ନତି ପାଇଁ ସମସ୍ତ ଚେଷ୍ଟା କରିଆସିଛି । ଦଳ ଦେଇଥିବା ସମସ୍ତ ଦାୟିତ୍ୱ ଅତ୍ୟନ୍ତ ନିଷ୍ଠା, ପରିଶ୍ରମ ଓ ସ୍ଥିରତାର ସହିତ ତୁଲାଇଛି । କିନ୍ତୁ ଗତ କିଛି ଦିନ ହେଲା ଦଳରେ ମୋର କିମ୍ବା ମୋ ସେବାର ଆବଶ୍ୟକତା ଆଉ ନାହଁ ବୋଲି ଶ୍ରୀ ଦେହୁରୀ ହୃଦବୋଧ କରୁଛନ୍ତି । ତେଣୁ ଶ୍ରୀ ଦେହୁରୀ ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ଖୁବ ଶୀଘ୍ର ତାଙ୍କ ସମର୍ଥକ ଓ କର୍ମୀମାନଙ୍କ ସହ ଆଲୋଚନା କରି ଭବିଷ୍ୟତ କାର୍ଯ୍ୟପନ୍ଥ ସ୍ଥିର କରିବେ ବୋଲି ଶ୍ରୀ ଦେହୁରୀ କହିଛନ୍ତି ।

ମଦ ଜବତ, ଜଣେ ଗିରଫ

ଠାକୁରଗଡ଼, (ସବ୍ୟୁ) : ହଣ୍ଡପା ପୋଲିସ ଶୁକ୍ରବାର ଦିନ ବଇଣ୍ଡା ଅଞ୍ଚଳ ରେ ଚଢ଼ାଉ କରି ୧୮ ଟି ବିଦେଶୀ ମଦ ବୋତଲ ଜବତ କରିଛି । ଏଥିସହ ଗାଁ ବଇଣ୍ଡା ଗ୍ରାମର କର୍ଣ୍ଣ ସାହୁଙ୍କୁ ଗିରଫ କରିଛି । ସେ ଏକ ବ୍ୟାଗରେ ଚୋରାରେ ବିଦେଶୀ ମଦ ନେଇ ବଇଣ୍ଡା ଅଭିମୁଖେ ଆସୁଥିବା ବେଳେ ହଣ୍ଡପା ପୋଲିସ ଚଢ଼ାଉ କରି ଜବତ କରିବା ସହ ତାଙ୍କୁ ଗିରଫ କରିଛି । ଏ ନେଇ ନମ୍ବର ୧୩୬/୨୪ ରେ ଏକ ମାମଲା ରୁଜୁ କରିଛି ।

ଯୁବକଙ୍କୁ ଭୁଜାଲି ଆକ୍ରମଣ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଭୀମପୁର ଗ୍ରାମର ପ୍ରଶାନ୍ତ ନାୟକଙ୍କୁ ସେହି ଅଞ୍ଚଳର ଗୁଣନିଧି ସାମଲ ଏକ ଭୁଜାଲିରେ ଆକ୍ରମଣ କରିଥିବା ଶୁକ୍ରବାର କିଶୋରନଗର ଥାନାରେ ଅଭିଯୋଗ ହୋଇଛି । ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ନମ୍ବର ୮୦/୨୪ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ପ୍ରଶାନ୍ତ ଦଣ୍ଡ ଦେଖୁଥିବା ବେଳେ କୌଣସି କାରଣ ନ ଥାଇ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଭୁଜାଲି ଆକ୍ରମଣରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିବା ଜଣାପଡିଛି ।

ସଂସ୍କୃତ ବିଭାଗର ବିଦାୟକାଳୀନ ସମାରୋହ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଅଡ଼ିଟରିୟମରେ ୬ ତାରିଖ ଦିନ ସଂସ୍କୃତ ବିଭାଗ ୩ ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କୁ ସମ୍ମାନର ସହ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଉପଲକ୍ଷେ ବିଭାଗର ମୁଖ୍ୟା ଶୁଭସ୍ମିତା ବେହେରାଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରବୃନ୍ଦାରୁ କର୍ତ୍ତବ୍ୟ ପରାୟଣ ପ୍ରତି ଆକୃଷ୍ଟ ହୋଇ କାର୍ଯ୍ୟ କଲେ ଲକ୍ଷ୍ୟ ସ୍ଥଳରେ ପହଂଚି ପାରିବ ବୋଲି ମତ ପ୍ରକାଶ କରିଥିଲେ ।

ଆମନ୍ତ୍ରିତ ଅତିଥିରୂପେ ଅଧ୍ୟାପକ ଡ଼. ମହେନ୍ଦ୍ର କୁମାର ସ୍ୱାଇଁ, ଶ୍ରୀକାନ୍ତ ପ୍ରଧାନ ଓ ଅଧ୍ୟାପିକା ପ୍ରିୟଙ୍କା ତିଗା ଯୋଗଦେଇ ଲକ୍ଷ୍ୟ ବିହୀନ ଜୀବନ

ମହାସାଗର ନାବିକ ବିହୀନ ନୌକା ସଦୃଶ ବୋଲି ଅବତାରଣା କରିବା ସହ ନିର୍ଦ୍ଧାରିତ ଭବିଷ୍ୟତ ପଥରେ ବେଳହୁଁ ଯନ୍‌ବାନ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମାନେ ଆୟୋଜନ କରିଥିଲେ । ପରିଶେଷରେ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୋଜି ହେଲା କାଳ ନଦୀରେ ବୁଡି ଯୁବକ ମୃତ

କାମାକ୍ଷାନଗର, (ସବ୍ୟୁ) : ଭୋଜି ହେଲା କାଳ, ନଦୀ ରେ ବୁଡି ଯୁବକ ମୃତ । ମୃତକ ହେଲେ କାମାକ୍ଷାନଗର ଥାନା ଅନନ୍ତପୁର ସାହି ର କିଶନଚାନ୍ଦ ଭୂୟାଁ । ସୂଚନା ଅନୁସାରେ କିଶନ ନିଜ ସାଙ୍ଗ ମାନଙ୍କ ସହ କାନପୁରା ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡିଚାନାଳୀ ଠାରେ ଥିବା ରାମିଆଳ ନଦୀ କୁଳ କୁ ଯାଇଥିଲେ । ସେଠାରେ ଭୋଜି ସାରିବା ପରେ ସାଙ୍ଗମାନଙ୍କ ସହ ନଦୀ ରେ ଗାଧୋଇବା ବେଳେ କୌଣସି କାରଣରୁ ନଦୀରେ ନିଖୋଜ ହୋଇଯାଇଥିଲେ । ପାଖରେ ଥିବା ସାଙ୍ଗସାଥୀ ମାନେ ଖୋଜାଖୋଜି କରି କିଶନକୁ ନପାଇବାରୁ କାମାକ୍ଷାନଗର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଦୀର୍ଘ ଚାରି ଘଣ୍ଟାର ସର୍ଚ୍ଚଅପରେସନ ପରେ କିଶନକୁ ଉଦ୍ଧାର କରିଥିଲେ । ପରେ ତୁରନ୍ତ ତାଙ୍କୁ କାମାକ୍ଷାନଗର ମେଡିକାଲ ରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କିଶନ ତାଙ୍କ ବାପା, ମା'ଙ୍କ ଏକମାତ୍ର ପୁଅ ଥିବାବେଳେ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ବହୁତ ସ୍ଥାନୀୟ ଲୋକ ମେଡିକାଲ ରେ ରୁଣ୍ଡ ହୋଇଥିଲେ ।

ମହାବାରୁଣୀ ସ୍ନାନ
ଋଷିକୂଲ୍ୟା-ବଡ଼ନଦୀର ସଙ୍ଗମରେ ଲକ୍ଷାଧିକ ଶ୍ରଦ୍ଧାଳୁ

ଆସିକା, (ସବ୍ୟୁ): ଆସିକା ସହର ସଂଲଗ୍ନ ଋଷିକୂଲ୍ୟା ଓ ବଡ଼ନଦୀର ସଙ୍ଗମ ସ୍ଥଳରେ ଚଳିତ ବର୍ଷ ମହାବାରୁଣୀ ବୁଡ଼ରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ଲକ୍ଷ୍ୟ କରାଯାଇଛି । ଦୀର୍ଘ ଦିନ ପରେ ଶନିବାର ସହ ଉତ୍କୃଷ୍ଟ ଯୋଗରେ ଏହା ପଡ଼ିଥିବାହେତୁ ଅଲଭ୍ୟ ସ୍ନାନ ଯୋଗ ରହିଥିବାରୁ ଜିଲ୍ଲା ଓ ଜିଲ୍ଲା ବାହାରୁ ଭକ୍ତ ଓ ସାଧାରଣ ଜନତାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଗଞ୍ଜାମ ଜିଲ୍ଲା ଆସିକା ଠାରେ ରଷୁକୁଲ୍ୟା ଓ ବଡ଼ ନଦୀର ପବିତ୍ର ସଙ୍ଗମ ସ୍ଥଳର ଉତ୍ତର ବାଙ୍କରେ ଲୋକଙ୍କ ବିଶ୍ୱାସ ଓ କୁହାଯାଏ ଏହି ରଷୁକୁଲ୍ୟ ନଦୀ ପୁଣ୍ୟତୋୟା ନଦୀ ଏଠାରେ ଅସ୍ଥି ବିସର୍ଜନ ଓ ଶ୍ରାଦ୍ଧ କଲେ ପିତୃପୁରୁଷଙ୍କ ସଦଗତି ପ୍ରାପ୍ତି ହୋଇଥାଏ । ଏହି କାରଣରୁ ଲୋକେ ଗଞ୍ଜାମର ବିଭିନ୍ନ ସ୍ଥାନରୁ ତଥା ଜିଲ୍ଲା ବାହାରୁ ମଧ୍ୟ ଆସି ନିଜ ପିତୃପୁରୁଷଙ୍କୁ ପିଣ୍ଡ ଦାନ କରିବା ସହ ଅସ୍ଥି ବିସର୍ଜନ ସହ ପିତୃ ପୁରୁଷଙ୍କ ସକାଶେ ବାଲିରେ ପିତୁଲା ପ୍ରସ୍ତୁତ କରି ଶ୍ରଦ୍ଧା କରିଥାନ୍ତି। ସେଥିପାଇଁ ପ୍ରତି ବର୍ଷ ଏଠାକୁ ଲକ୍ଷାଧିକ ଲୋକଙ୍କ ସୁଅ ଛୁଟେ ଏହି ବୁଡ଼ ସମୟରେ। ରଷୁକୁଲ୍ୟା ଓ ବଡ଼ ନଦୀର ସଙ୍ଗମ ସ୍ଥଳରେ ସ୍ନାନ କରି ପରେ ସମସ୍ତ ରୀତିନୀତି ଅନୁସାରେ ଅସ୍ଥି ବିସର୍ଜନ ସହ ବ୍ରାହ୍ମଣଙ୍କୁ ଦାନ ଓ ଦକ୍ଷିଣା ପ୍ରଦାନ ଓ ବୁଡ଼ ତୋଟାରେ ଭୋଜି କରି ଘରକୁ ଫେରିଥାନ୍ତି। ସଙ୍ଗମ ସ୍ଥଳକୁ ଯିବାପାଇଁ ଥିବା ପୁଡୁଗେଶ୍ୱର ପଲ୍ଲୀ, କାଲଷଣ୍ଡପୁର, ନଳବଣ୍ଟା, ମୁକୁନ୍ଦପୁର, ପଢ଼ାଳ, ଜୟପୁର ଆଦି ଗ୍ରାମରେ ପୋଲିସ ଉପସ୍ଥିତ ରହିବା ସହିତ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା। ଆସିକା ପୋଲିସ ଉପଖଣ୍ଡ ଅଧିକାରୀ ସଂଜୟ ମହାପାତ୍ର ନେତୃତ୍ୱ ଓ ଥାନାର ଭାର ପ୍ରାପ୍ତ ଅଧିକାରୀ ଆର୍‌ପି ପଟ୍ଟନାୟକଙ୍କ ସଂଯୋଜନରେ ଚାରି ଇନ୍ସପେକ୍ଟର, ଏସ୍‌ଆଇ, କୋଡ଼ିଏ ଏଏସଆଇ ଓ ଚାରି ପ୍ଲାଟୁନ ଫୋର୍ସ ଟ୍ରାଫିକ ଓ ଶାନ୍ତି ଶୃଙ୍ଖଳାକୁ ତଦାରଖ କରିଥିଲେ। ବିଭିନ୍ନ ସ୍ୱେଚ୍ଛସେବୀ ସଙ୍ଗଠନ ଓ ଆଧାତ୍ମିକ ସଂଗଠନ ପକ୍ଷରୁ ପାନୀୟ ଜଳ ଓ ସହାୟତା ଯୋଗାଇଦିଆ ଯାଇଥିଲା ।

ଗୋଲାଗଣ୍ଡା ପଲ୍ଲୀରେ ବିଜେପିର ପ୍ରତିଷ୍ଠା ଦିବସ

ରମ୍ଭା, (ସବ୍ୟୁ) : ଶନିବାର ଦିନ ପ୍ରତିଷ୍ଠା ଦିବସ ସଂକଳ୍ପ ସଭା ଅବସରରେ ସାବୁଳିୟା ଗ୍ରାମ ପଂଚାୟତର ଗୋଲାଗଣ୍ଡାପଲ୍ଲୀ ପ୍ରତିନିଧି ବିଜୟ ପାତ୍ରଙ୍କ ନେତୃତ୍ୱରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୀର୍ଘ ୧୦ ବର୍ଷ ଶାସନର ଗରିବ କଲ୍ୟାଣ ଯୋଜନା, ବୈଦେଶିକ ନୀତିର ପଟ ପରିବର୍ତ୍ତନ, ପଡୋଶୀ ଦେଶକୁ ଜଳକା, ମୋଦିଙ୍କ କ୍ୟାଲେଣ୍ଡର, ବ୍ୟାନର, ରିଫଲେଟର ପତାକାଧାରୀ ଦ୍ୱାର ଦ୍ୱାର ବୁଲି ସଂକଳ୍ପ ପ୍ରତିଷ୍ଠା ଦିବସର ଉଦ୍ଦେଶ୍ୟ ବୁଝାଉଥିଲେ। ଆଗକୁ ୨୦୨୪ ସାଧାରଣ ନିର୍ବାଚନ ଥିବା ଦୃଷ୍ଟିରୁ ଦେଶବାସୀ ମୋଦିଜୀଙ୍କୁ ଆଦର୍ଶରେ ଅନୁପ୍ରାଣିତ ହୋଇ ପୁନର୍ବାର ପ୍ରଧାନମନ୍ତ୍ରୀ କରିବା ପାଇଁ ସହ ସହ ଯୁବଗୋଷ୍ଠି ସାମିଲ ହୋଇ ଘରେ ଘରେ ବାର୍ତ୍ତା ପହଁଞ୍ଚାଉଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲଙ୍ଗଳେଶ୍ୱର ମଣ୍ଡଳ ପଙ୍କଜ ମାଝୀ, ୨୨ ମଣ୍ଡଳ ସଭାପତି ମନୋଜ ନାହାକ, ବିଦ୍ୟାଧର, ବିସ୍ତାରକ ସୋମନାଥ ସେଠି, ବୁଲୁ, ସନ୍ତୋଷ, ଡିମ୍ବିରିଆ ଗ୍ରାମ ପଂଚାୟତ ସଭାପତି ଧନୁ କୁଚିଆରୀ, ସନ୍ତୋଷ ପରିଡା, ଦୁଃଖୀରାମ ପାତ୍ର ସମେତ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ବହୁ ଦଳୀୟ ମଣ୍ଡଳ ଯୁବ ଗୋଷ୍ଠି ସାମିଲ ହୋଇଥିଲେ।

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ...

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ୧୯୪୮ ମସିହା ଏପ୍ରିଲ୍ ୭ ତାରିଖରେ ଗଠିତ ହୋଇଥିଲା । ଏହି ସ୍ୱାସ୍ଥ୍ୟ ସଂସ୍ଥା ଆନୁକୂଲ୍ୟରେ ୧୯୫୦ ମସିହାରୁ ଏପ୍ରିଲ୍ ୭ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ରୂପେ ପାଳନ କରାଯାଉଛି । ପ୍ରତ୍ୟେକ ବ୍ୟକ୍ତି ସଂସ୍ଥା, ସଂଗଠନ ଓ ସରକାରଙ୍କ ମିଳିତ ପ୍ରଚେଷ୍ଟାରେ କିପରି ପୃଥିବୀବାସୀ ସୁସ୍ଥ, ସବଳ, ସୁନ୍ଦର ଓ ରୋଗ ବ୍ୟାଧି ରହିତ ସ୍ୱାସ୍ଥ୍ୟ ଉପଭୋଗ କରିବାକୁ ତାହାକୁ ସ୍ମରଣ କରିବା ନିମିତ ଏ ଦିବସର ଆୟୋଜନ ପ୍ରତ୍ୟେକ ବର୍ଷ ଏକ ସ୍ଲୋଗାନ ବା ସାରକଥା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ତରଫରୁ ଦିଆଯାଇଥାଏ । ଯାହାକୁ ପୃଥିବୀ ବାସୀ ଅନୁପାଳନ କରି କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିଥାନ୍ତି । ଏ ବର୍ଷର ସ୍ଲୋଗାନ ହେଲା 'ମୋର ସ୍ୱାସ୍ଥ୍ୟ ମୋର ଅଧିକାର', ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ହିସାବରେ ଶାରିରୀକ, ମାନସିକ, ଆର୍ଥିକ, ସାମାଜିକ ଓ ଅଧ୍ୟାତ୍ମିକ ଭାବରେ ସ୍ୱାସ୍ଥ୍ୟ ଭୋଗ କରିବା ହେଉଛି ସୁସ୍ଥ ଓ ସକାରାତ୍ମକ । ଏହି ପ୍ରକାର ସ୍ୱାସ୍ଥ୍ୟକୁ ଭୋଗ କରିବା ହେଉଛି ସମସ୍ତଙ୍କର ମୌଳିକ ଅଧିକାର । ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଓ ଦେଶ ମାନଙ୍କ ସମ୍ବିଧାନ ଦ୍ୱାରା ସ୍ୱିକୃତ । ଏହାକୁ ନିଶ୍ଚିତ କରିବା ପାଇଁ ସରକାର, ସାମାଜିକ ସଂସ୍ଥା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ଆଗେଇ ଆସିବା

ଉଚିତ୍ । ସମସ୍ତ ଅଧିକାର ସହିତ ସମସ୍ତ କର୍ତବ୍ୟ ମଧ୍ୟ ଅଙ୍ଗାଅଙ୍ଗୀ ଭାବେ ଜଡିତ । ସମାଜର ପ୍ରତ୍ୟେକ ଅଙ୍ଗ ସରକାର ସାମାଜିକ ସଂସ୍ଥା ତଥା ବ୍ୟକ୍ତି ବିଶେଷ ସମସ୍ତେ କାର୍ଯ୍ୟ କରି ମଣିଷର ସ୍ୱାସ୍ଥ୍ୟ ଅଧିକାର ଅକ୍ଷୂର୍ଣ୍ଣ ରଖିବାକୁ ଏପ୍ରିଲ୍ ୭ ତାରିଖ ସ୍ମରଣୀକା ମାତ୍ର । ସ୍ୱାସ୍ଥ୍ୟକୁ ସଂରକ୍ଷିତ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା କେତେ ଗୁଡିଏ ପରିମାପ ଦେଇଛନ୍ତି । ଯାହାଦ୍ୱାରା କି ଆମେ ସୁସ୍ଥ ସ୍ୱାସ୍ଥ୍ୟର ଉପଲବ୍ଧି କରିପାରିବା । ଯାହାକି ପରିବେଶ ସନ୍ତୁଳନ ଓ ପାରିବାରିକ ଶୃଙ୍ଖଳା ଓ ଆର୍ଥିକ ସ୍ୱଚ୍ଛଳତା । ସରକାରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଯଥା :- ସ୍ୱଚ୍ଛ ପାନୀୟ ଯୋଗାଣ, ସ୍ୱଚ୍ଛ ପରିମଳ ବ୍ୟବସ୍ଥା, ଜନନୀ ଯୋଜନା, ୧୦୨ ଆମ୍ବୁଲାନ୍ସ ବ୍ୟବସ୍ଥା, ମାଗଣାରେ ସ୍ୱାସ୍ଥ୍ୟ ସେବା ଓ ଶିବିରର ଆୟୋଜନ, ମାଗଣା ଔଷଧ ଯୋଜନା ଓ ପ୍ରଧାନମନ୍ତ୍ରୀ ଯୋଜନାରେ ଅଧାମୂଲ୍ୟରେ ଔଷଧ ଯୋଜନା । ବ୍ୟକ୍ତିଗତ ସ୍ତରରେ ଶୃଙ୍ଖଳିତ ଜୀବନଯାପନ, ଶୃଙ୍ଖଳିତ ଜୀବନଚର୍ଯ୍ୟା, ସନ୍ତୁଳିତ ଆହାର, ନିଶାଦ୍ରବ୍ୟର ବର୍ଜନ, ନିୟମିତ ବ୍ୟାୟାମ, ଓଜନ ନିୟନ୍ତ୍ରଣ, ମାନସିକ ଅବସାଦର ଦୂର ପାଇଁ ଯୋଗ, ଧ୍ୟାନ, ଭଗବତ ଚର୍ଚ୍ଚା ଇତ୍ୟାଦି ସକାରାତ୍ମକ ସ୍ୱାସ୍ଥ୍ୟର ପରିଭାଷା ।

ବେଦରେ ଅଛି 'ଆଚାର, ବିଚାର, ବ୍ୟବହାର, ଆହାର ଓ ନିଦ୍ରା ଠିକ୍ ରହିଲେ ସ୍ୱାସ୍ଥ୍ୟ ଶୃଙ୍ଖଳିତ ଓ ସମ୍ବିଧାନ ପ୍ରଦତ ସ୍ୱାସ୍ଥ୍ୟ ପରିମାପରେ ସୁସ୍ଥ ଜୀବନ ଅତିବାହିତ କରିବା ।

ଡାକ୍ତର ଅକ୍ଷୟ କୁମାର ସାମଲ
ପ୍ରଫେସର ଓ ହୃଦ୍‌ରୋଗ ବିଭାଗୀୟ ମୁଖ୍ୟ
ଡିନ୍ ଓ ଡାଇରେକ୍ଟର ହାଇଟେକ୍ ମେଡିକାଲ କଲେଜ ଓ ହସ୍‌ପିଟାଲ,
ଭୁବନେଶ୍ୱର, ମୋ – ୯୪୩୭୯୪୧୪୨୪

୪ ବର୍ଷ ବିତିଲା: ଧନୁଆଁ ନଦୀରେ ନିର୍ମିତ ସେତୁ କାର୍ଯ୍ୟକ୍ଷମ କେବେ ?

ନଦୀକୁ ଧସେଇବା ଅପେକ୍ଷାରେ ପୁରୁଣା ସେତୁ ପାର୍ଶ୍ୱ ମାଟି

ନିମାପଡା, (ସବ୍ୟୁ) : କେନ୍ଦ୍ର ତଥା ରାଜ୍ୟ ସରକାର ସୁ-ଗମାନାଗମନ ପାଇଁ ରାଜ କୋଷରୁ କୋଟି ଟଙ୍କା ଖର୍ଚ୍ଚ କରି ପକ୍କା ସଡକ ଓ ଛୋଟ ବଡ ସେତୁ ନିର୍ମାଣ କରୁଛନ୍ତି । ତେବେ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଏବଂ ଦାୟିତ୍ୱ ହୀନତା ପାଇଁ ସରକାରଙ୍କ ପକ୍ଷରୁ ଯୋଜନା ଗୁଡିକର ସୁଫଳ ଜନସାଧାରଣ ପାଇବାରୁ ବଂଚିତ ହେଉଥିବା ନେଇ ଅଭିଯୋଗ ହେଉଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ନିମାପଡା-ପିପିଲି ରାସ୍ତାର ଧନୁଆଁ ନଦୀ ଉପରେ ଗତ ୪ବର୍ଷ ତଳେ ନିର୍ମିତ ହୋଇଥିବା ସେତୁ ।

ଏଠାରେ ଉଲ୍ଲେଖ ଯୋଗ୍ୟକି,ଧନୁଆଁ ନଦୀରେ ବନ୍ୟା ଆସିଲେ ଧନୁଆ ନଦୀ ଉପରେ ଥିବା କମ ଉଚ୍ଚତା ବିଶିଷ୍ଟ ପୁରୁଣା ବ୍ରିଜଟି ବୁଡିଯାଇଥାଏ । ଫଳରେ ଯାନବାହାନ ଚଳାଚଳ କରିପାରି ନଥାଏ । ଏପରିକି ଏହି ବ୍ରିଜଟି ଉପରେ ୨ରୁ ୩ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ନିମାପଡା-ପିପିଲି ରାସ୍ତା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥାଏ । ପୁରୁଣା ବ୍ରିଜର ୨ପାର୍ଶ୍ୱରେ ବାଡ ନଥିବା ଏବଂ ବନ୍ୟା ସମୟରେ ସମସ୍ୟା ସୃଷ୍ଟି କରୁଥିବାରୁ ସେଠାରେ ଏକ ନୂଆ ସେତୁ ନିର୍ମାଣ ପାଇଁ ଅଂଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା । ସ୍ଥାନୀୟ ବିଧାୟକ ସମୀର ରଂଜନ ଦାଶ ଏହାକୁ ଗୁରୁତର ସହିତ ବିଚାର କରି ପୂର୍ତ୍ତ ବିଭାଗକୁ ଏକ ସେତୁ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ପୂର୍ତ୍ତ ବିଭାଗ ପକ୍ଷରୁ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଧନୁଆ ନଦୀ ଉପରେ ଏକ ଉଚ୍ଚତା ସଂପନ୍ନ ସେତୁ ନିର୍ମାଣ କରାଯାଇଛି । ବଡ ପରିତାପର ବିଷୟ ଏହି ସେତୁ ନିର୍ମାଣ କାର୍ଯ୍ୟ ୪ବର୍ଷ ତଳୁ ସଂପୂର୍ଣ୍ଣ ହୋଇଥିଲେ ମଧ ତାହା ଜନସାଧାରଣଙ୍କ ହିତରେ ଆସୁନି । ସେତୁର ଗୋଟିଏ ପଟର ଆପ୍ରୋଚ ରାସ୍ତା ସମସ୍ୟା ସୃଷ୍ଟି କରୁଛି । ଆପ୍ରୋଚ ରାସ୍ତା ପାଇଁ ଆବଶ୍ୟକ ଜମି ଘରୋଇ ମାଲିକାନାରେ ରହିଥିବା ଜଣାପଡିଛି । ଆପ୍ରୋଚ ରାସ୍ତା ନିର୍ମାଣ ପାଇଁ ସରକାରୀ ଜମି ନଥିବା ବେଳେ କେମିତି ପୂର୍ତ୍ତ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସେତୁ ନିର୍ମାଣ କରାଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ସେତୁ ନିର୍ମାଣ କରାଯାଇଛି ତାହା କାର୍ଯ୍ୟରେ ଆସୁନଥିବାରୁ ସ୍ଥାନୀୟ ବାସିନ୍ଦା ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବିପଦ ସଂକୁଳ ହୋଇ ପଡିଥିବା ପୁରୁଣା ବ୍ରିଜ ଉପରେ ଯାନବାହାନ ଚଳାଚଳ କରୁଛି । ପୁରୁଣା ବ୍ରିଜ ପାର୍ଶ୍ୱରେ ମାଟି ଅତଡା ଖସୁଥିବା ଦେଖିବାକୁ ମିଳିଛି । କୌଣସି ମୂହୂର୍ତ୍ତରେ ଯେ ଅଘଟଣ ନଘଟିବ ତାହାକୁ ଏଡାଇ ଦିଆଯାଇ ନପାରେ । ପୂର୍ବରୁ ବାଡ ନଥିବା ଏହି ପୁରୁଣା ବ୍ରିଜରୁ ନଦୀକୁ ଖସି କେତେ ଲୋକଙ୍କ ଜୀବନ ଯାଇଛି ।

ନୂଆ ସେତୁ ଉପରେ ଯାନବାହାନ ଚଳାଚଳ କରୁନଥିବାରୁ ଅନ୍ଧାର ଓ ନିଛାଟିଆର ସୁଯୋଗ ନେଇ ସଂଧ୍ୟା ଠାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ମଦ୍ୟପ ଓ ଗଞ୍ଜେଇ ଆଡ୍ଡା ଜମାଉଛନ୍ତି । ନିର୍ମିତ ବ୍ରିଜ ଉପରେ ଯାନାବାହନ ଚଳାଚଳ କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଂଚଳ ବାସୀ ଦାବି କରିଛନ୍ତି ।

ଦେଶୀ ମଦ ବିକ୍ରି : ଅଭିଯୁକ୍ତ ଗିରଫ

ଅସ୍ତରଙ୍ଗ, (ସବ୍ୟୁ) : ନିର୍ବାଚନ ଆଚରଣିଧି ଲାଗିବା ପରେ ଅସ୍ତରଙ୍ଗ ଅଞ୍ଚଳ ରେ ଦେଶୀ ମଦ ବ୍ୟବସାୟ ବୃଦ୍ଧି ପାଇବା ରେ ଲାଗିଛି । ଅସ୍ତରଙ୍ଗ ଅଞ୍ଚଳ ରେ ନଈଗୁଆଁ, ଓସ୍ତପୁର, ଆଳସାହି ଭିମାଛକ, ନଗର, ଅଠାତିରା, ଆଳଙ୍ଗପୁର, କାନମଣ ଆଦି ଅନେକ ସ୍ଥାନରେ ଚୋରା ଦେଶୀ ଓ ବିଦେଶୀ ମଦ ପ୍ରଚୁର ପରିମାଣ ରେ ବିକ୍ରି ହେଉଛି ଛ ୪ତାରିଖ ସନ୍ଧ୍ୟା ୭.୩୦ ସମୟ ରେ ବିଶେଷ ସୂତ୍ର ରୁ ଖବର ପାଇ ଅସ୍ତରଙ୍ଗ ଥାନା ସବଇନିସପେକ୍ଟର ଦୀପକ ସାମନ୍ତସିଂହାର ଙ୍କ ନେତୃତ୍ୱ ରେ ଏକ ଟିମ୍ ଆଳାଙ୍ଗପୁର ସ୍ଥିତ ରାଜେନ୍ଦ୍ର ସାହାଣୀ (୫୮), ପିତା ସ୍ୱର୍ଗତଃ ବିଶ୍ୱନାଥ ସାହାଣୀଙ୍କ ବ୍ୟବସାୟ ଅନୁଷ୍ଠାନ ଉପରେ ଚଢ଼ାଉ କରିଥିଲେ ଓ ରାଜେନ୍ଦ୍ର ସାହାଣୀଙ୍କୁ ପୋଲିସ ଗିରଫ କରିଥିଲା ଛ ପାଞ୍ଚ ତାରିଖ ରେ ଅସ୍ତରଙ୍ଗ ପୋଲିସର ସୂଚନା ଅନୁଯାୟୀ ଉକ୍ତ ବ୍ୟକ୍ତି ନିକଟରୁ ଆସ୍କା-୪୦ଦେଶି , ୩୨ ଟି ବୋତଲ, ଯାହା ୬ଲିଟର ୪୦୦ ଜବତ କରାଯାଇଛି । ଉକ୍ତ ବ୍ୟକ୍ତି ର ଡାକ୍ତରୀ ମଇନା କରାଯିବା ସହ ୭୮/୨୪ ରେ ମାମଲା ରୁଜୁ କରାଯାଇଛି । ଅଭିଯୋଗ କାରି ସବଇନିସପେକ୍ଟର ଦୀପକ ସାମନ୍ତସିଂହାର ଥିବା ବେଳେ ଏହି ମାମଲାର ତଦନ୍ତକାରି ଅଧିକାରୀ ଏଏସଆଇ ଖଗେଶ୍ୱର କର ଅଛନ୍ତି ।

୫୨(ଏ) ଓଡିଶା ଅବକାରୀ ଆଇନରେ ଉକ୍ତ ବ୍ୟକ୍ତିକୁ କୋର୍ଟ ଚାଲାଣ କରାଯାଇଛି । କିନ୍ତୁ ଦୁର୍ଭାଗ୍ୟର କଥା ଆଳଙ୍ଗପୁରରେ ଏହି ବ୍ୟବସାୟୀ ଜଣକ ବିଦେଶୀ ମଦ ପ୍ରଚୁର ପରିମାଣ ରେ ବିକ୍ରି କରୁଥିବା ଅନେକ ନଜିର ରହିଥିବା ବେଳେ ପୋଲିସ ର ଚଢ଼ାଉ ରେ କେବଳ ଦେଶୀ ଆସ୍କା-୪୦ ଜବତ ହୋଇଛି, ସେଥିପାଇଁ ଯାହା ଅନୁମାନ କରାଯାଉଛି ପୋଲିସ ର ଚଢ଼ାଉ ପୂର୍ବରୁ କୌଣସି ଉପାୟରେ ଚୋରା ବ୍ୟବସାୟୀ ଜାଣିପାରୁଛନ୍ତି ଯାହା ଫଳରେ କି ବିଦେଶୀ ଚୋରା ମଦ ପୋଲିସ ଠାବ କରିବାରେ ଅସମର୍ଥ ରହିଛି ।

ଗୋଷ୍ଠୀ ସ୍ୱାସ୍ଥ୍ୟର ବିକାଶ ପାଇଁ ଟିପିଏସ୍‌ଓଡିଏଲର ପ୍ରୟାସ

ବ୍ରହ୍ମପୁର, (ସବ୍ୟୁ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସ୍ଥାନୀୟ ଗୋଷ୍ଠୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ବିତରଣ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପ୍ରୟାସ ଜାରି ରଖିଛି । ଚଳିତ ବର୍ଷର ଥିମ୍ ମାଇଁ ହେଲଥ, ମାଇଁ ରାଇଟ୍ (ମୋ ସ୍ୱାସ୍ଥ୍ୟ, ମୋ ଅଧିକାର) ଆଧାରରେ ଦକ୍ଷିଣ ଓଡ଼ିଶାର ଲୋକଙ୍କ ତଥା କମ୍ପାନୀର କର୍ମଚାରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରଚେଷ୍ଟା କରୁଛି । କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର୍) ପଦକ୍ଷେପ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ଗ୍ରାମୀଣ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ସେବା ପ୍ରଦାନ କରୁଛି । ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ତଥା ଗ୍ରାମୀଣ ଇଲାକାରେ ବସବାସ କରୁଥିବା ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଏହି ପଦେକ୍ଷପର ମୁଖ୍ୟ ଉଦ୍ଦେଶ୍ୟ ।

ବୌଦ୍ଧ ଏବଂ ଜୟପୁରରେ ଟିପିଏସଓଡିଏଲର ଦୁଇଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉଛି । ପ୍ରତ୍ୟେକ ୟୁନିଟରେ ଜଣେ ଏମବିବିଏସ ଡାକ୍ତର, ଜଣେ ଫାର୍ମାସିଷ୍ଟ ଏବଂ ଜଣେ ନର୍ସ କାମ କରନ୍ତି । ଏହି ପଦକ୍ଷେପ ମାଧ୍ୟମରେ ୪୪୯ ଗ୍ରାମ ପଞ୍ଚାୟତ ଓ ୯୯୨ ଗ୍ରାମର ଦୁଇ ଲକ୍ଷରୁ ଅଧିକ ଲୋକ ମୌଳିକ ସ୍ୱାସ୍ଥ୍ୟ ସୁବିଧା ପାଉଛନ୍ତି । ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ ଦ୍ୱାରା ମାଗଣାରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ସହ ଆବଶ୍ୟକୀୟ ଚିକିତ୍ସା ଏବଂ ଔଷଧ ବିତରଣ କରାଯାଉଛି । ରବିବାର ଏବଂ ଛୁଟି ଦିନ ବ୍ୟତୀତ ପ୍ରତି ମାସରେ ୨୪ ଦିନ ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତରୀ ଯାଞ୍ଚ ସହ ମାଗଣା ଔଷଧ ବଣ୍ଟନ କରାଯାଏ । ମୁଖ୍ୟତଃ ବୃଦ୍ଧ, ମହିଳା ଏବଂ ଶିଶୁଙ୍କୁ ଏହି ଚିକିତ୍ସା ଶିବିରରେ ପ୍ରାଥମିକତା ଦିଆଯାଏ । ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସ୍ଥାନୀୟ ଲୋକଙ୍କ ଏବଂ କର୍ମଚାରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିଶ୍ଚିତ କରିବା ପାଇଁ ଆମେ ଦୃଢ଼ ସଂକଳ୍ପବଦ୍ଧ ।

ବୌଦ୍ଧ ଏବଂ ଜୟପୁରରେ କାର୍ଯ୍ୟକ୍ଷମ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ କେବଳ ଗୋଟିଏ ମେଡିକାଲ ମିଶନ ନୁହେଁ, ବରଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତଙ୍କୁ ସମାନ ସୁବିଧା ଯୋଗାଇବା ପାଇଁ ଏହା ଏକ ସଂକଳ୍ପ ।

ଆମେ ବିଶ୍ୱାସ କରୁ ଯେ ସ୍ୱାସ୍ଥ୍ୟ ସୁବିଧା ପାଇବା ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର ଏବଂ କମ୍ପାନୀର ପଦକ୍ଷେପ ମାଧ୍ୟମରେ ଏହାକୁ ବାସ୍ତବତାରେ ପରିଣତ କରିବା ପାଇଁ ଆମେ ପ୍ରତିବଦ୍ଧ । ସ୍ୱାସ୍ଥ୍ୟ କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ଟିପିଏସଓଡିଏଲ୍ ଦକ୍ଷିଣ ଓଡ଼ିଶାର ଲୋକଙ୍କ ଜୀବନର ଗୁଣାତ୍ମକ ମାନ ବଢ଼ାଇବା ସହ ସାମାଜିକ କଲ୍ୟାଣ କ୍ଷେତ୍ରରେ ଏକ ଉଦାହରଣ ସାଜିଛି ।

ଏନ୍‌ଟିପିସି ପ୍ଲାଣ୍ଟରେ ଭୟାବହ ଅଗ୍ନିକାଣ୍ଡ

୩ନଂ ୟୁନିଟ ବନ୍ଦ, ଖୁବ୍‌ଶୀଘ୍ର ମରାମତି

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା କଣିହାଁସ୍ଥ ଏନଟିପିସି କଣିହାଁ ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟି କୋଲ ଟ୍ରାନସଫର ପ୍ଲାଣ୍ଟ ଟିପି-୧୬ ଓ କନଭର ବେଲ୍ଟ ରେ ନିଆଁ ଲଗି ବହୁ କ୍ଷୟକ୍ଷତି ହୋଇଛି । କନଭର ବେଲଟ୍ ଓ କୋଇଲାରେ ନିଆଁ ଲାଗିବାରୁ ପୁରା ପ୍ଲାଣ୍ଟ ଅଞ୍ଚଳ ଧୂଆଁ ମୟ ହୋଇଯାଇଥିଲା । ଧୂଆଁ ଯୋଗୁ ନିଆଁ ଲିଭାଇବାରେ ବାଧା ସୃଷ୍ଟି ହୋଇଥିଲା । ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନଥିବାବେଳେ ଜଣେ ସିଆଇଏସଏଫ କର୍ମଚାରି ସାମାନ୍ୟ ଆହତ ହେଇଥିବା ଜଣାଯାଇଛି । ଅଗ୍ନିକାଣ୍ଡ ଯୋଗୁଁ ପ୍ଲାଣ୍ଟର ୩ନଂ ୟୁନିଟ୍ କୁ ବନ୍ଦ ରଖାଯାଇଛି । ନିଆଁକୁ ଆୟତ୍ତ କରାଯାଇଛି ।ଅଗ୍ନିକାଣ୍ଡ ର କାରଣ ଜଣାପଡି ନଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ଜଣା ଯାଇଛି ।

ସୂଚନା ଯୋଗ୍ୟଯେ, ଶନିବାର ସକାଳ ପ୍ରାୟ ୮ଘଟିକା ୧୦ମିନିଟ ସମୟରେ ପ୍ଲାଣ୍ଟ ର ୟୁନିଟ -୨ ଓ ୟୁନିଟ -୩ ମଧ୍ୟରେ ଥିବା କନଭର ବେଲଟ ୧୫(ଏ) ଓ ୧୫(ବି), ଓ ଟିପି -୧୬ରେ ଅଗ୍ନିକାଣ୍ଡ ଘଟିଥିଲା । ପରେ ଏନଟିପିସି, କଣିହାଁ , ତାଳଚେର, ଅନୁଗୋଳ, ଜିନ୍ଦଲ ର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡ ର କାରଣ ଓ କ୍ଷୟକ୍ଷତି ସଂପର୍କରେ ଆକଳନ ଚାଲିଛି । ନିଆଁ ଲାଗିଥିବା ଟିପି ଖୁବ ଶୀଘ୍ର ମରାମତି କରାଯିବ ବୋଲି ଏନଟିପିସି ଏଚଆର ମୁଖ୍ୟ ବି କେ ପାଣ୍ଡେ ସୂଚନା ଦେଇଛନ୍ତି ।

ଅପରାହ୍ନରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ପ୍ଲାଣ୍ଟ ଭିତରକୁ ଯାଇ ଘଟଣା ସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ସଂପର୍କରେ ଆଲୋଚନା କରିବା ସହ ୟୁନିଟ କାର୍ଯ୍ୟକ୍ଷମ କରିବା ପାଇଁ ଏନଟିପିସି ପ୍ରକଳ୍ପ ମୁଖ୍ୟ ଏ କେ ସେହଗଲ, ଏଚ ଆର ମୁଖ୍ୟ ବି କେ ପାଣ୍ଡେ ସହିତ ଆଲୋଚନା କରିଛନ୍ତି ।

ସାକ୍ଷୀଗୋପାଳ କଲେଜରେ ପ୍ରକଳ୍ପ ଉପସ୍ଥାପନା

ସାକ୍ଷୀଗୋପାଳ, (ସବ୍ୟୁ) : ସ୍ଥାନୀୟ ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ସଂସ୍କୃତ ବିଭାଗ ୩ ଶେଷବର୍ଷ ଛାତ୍ରଛାତ୍ରୀମାନଙ୍କର ଉ.ଗ.ଉ-୪ ପ୍ରକଳ୍ପ ଉପସ୍ଥାପନା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାହ୍ୟ ପରୀକ୍ଷକ ସୁରଜ ମଲ୍ଲ ଶାହା ମହାବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରାଧ୍ୟାପିକା ପ୍ର. ହରପ୍ରିୟା ମହାରଣାଙ୍କ ଉପସ୍ଥିତରେ ସମସ୍ତ ଛାତ୍ରଛାତ୍ରୀମାନେ ନିଜ ନିଜର ପ୍ରକଳ୍ପ ଉପସ୍ଥାପନା କରିଥିଲେ ଏବଂ ଏହି ଅବସରରେ ପ୍ର. ମହାରଣା ସେମାନଙ୍କୁ ପ୍ରକଳ୍ପର ବିଷୟ ସମ୍ବନ୍ଧରେ କିଛି ମୌଖିକ ପ୍ରଶ୍ନ ପଚାରିଥିଲେ । ପରେ ସମ୍ମାନ ବିଭାଗ ୩ ଦ୍ୱିତୀୟ ବର୍ଷ ଓ ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶେଷ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟ ଶିବ ସୁନ୍ଦର ମିଶ୍ର ସଭାପତିତ୍ୱ କରି ବିଦାୟୀ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ସଫଳତା ଲାଭ କରନ୍ତୁ ବୋଲି ଶୁଭେଚ୍ଛା ପ୍ରଦାନ କରିଥିଲେ । ଏହି ଅବସରରେ ବିଭାଗୀୟ ମୁଖ୍ୟା ପ୍ରାଧ୍ୟାପିକା ସୁଜାତା ମହାପାତ୍ର, ପ୍ରାଧ୍ୟାପିକା ଡ଼ଃ କଳ୍ପନା କୁମାରୀ ମହାପାତ୍ର, ପ୍ରାଧ୍ୟାପିକା ସସ୍ମିତା ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ ସହିତ ଜୀବନର ଲକ୍ଷ୍ୟ ଧାର୍ଯ୍ୟ କରି ଅଧ୍ୟୟନ କଲେ ସଫଳତା ଲାଭ କରିବା ସୁନିଶ୍ଚିତ ହେବ ବୋଲି ଉପଦେଶ ଦେଇଥିଲେ । ପରିଶେଷରେ ୩ ଦ୍ୱିତୀୟ ବର୍ଷର ସମ୍ମାନ ଛାତ୍ରୀ କଳ୍ପନା ନାୟକ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରମେଶ ଚନ୍ଦ୍ର ନରେନ୍ଦ୍ର ଥିଲେ ଜଣେ ଦରଦୀ ମଣିଷ

ନିରାକାରପୁର, (ସବ୍ୟୁ) : ସ୍ୱର୍ଗତ ରମେଶ ଚନ୍ଦ୍ର ନରେନ୍ଦ୍ର ଜଣେ ସରଳ ବିଶ୍ୱାସୀ ଓ ଦରଦୀ ମଣିଷ ଥିଲେ । ସେ ସବୁବେଳେ ପର ଉପକାର କରିବାରେ ଖୁସି ଅନୁଭବ କରନ୍ତି ବୋଲି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ବଡପୋଖରିଆ ଠାରେ ଅନୁଷ୍ଠିତ ସ୍ୱର୍ଗତ ରମେଶ ଚନ୍ଦ୍ର ନରେନ୍ଦ୍ରଙ୍କ ସ୍ମୃତି ଚାରଣ ସଭାରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ସଭାରେ ସାଂସଦ ଅପରାଜିତା ଷଡଙ୍ଗୀ, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ମମତା ଜେନା, ସମିତି ସଭ୍ୟା ଜ୍ୟୋସ୍ନା ରାଣୀ ଜେନା, ଭବାନୀ ଶଙ୍କର ଜଗଦେବ, ଶାନ୍ତି କମିଟି ସଭାପତି ଲିଙ୍ଗରାଜ ସାମନ୍ତ ସିଂହାର, ସମ୍ପାଦକ ରବୀନ୍ଦ୍ର କୁମାର ବଳିଆରସିଂହ, ଅବସରପ୍ରାପ୍ତ ଶିକ୍ଷକ ପର୍ଶୁରାମ ତ୍ରିପାଠୀ, ଗଗନ ବିହାରୀ ପାଇକରାୟ, ହାଡିବନ୍ଧୁ ବଳିଆର ସିଂହ, ସୁନିଲ ମାନ୍ଧାତା, ଶିବ ମହାପାତ୍ର, ଦିଲ୍ଲୀପ କୁମାର ବିଧାର ଓ ଈଶ୍ୱର ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ରମେଶ ବାବୁଙ୍କ ସ୍ମୃତି ଚାରଣ କରିଥିଲେ । ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପାଇକରାୟ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ମା’ କନକ ଦୁର୍ଗା ପୀଠରେ ବାରୁଣୀ ଯାତ୍ରା

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲାର ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ମା’ କନକ ଦୁର୍ଗାଙ୍କ ପୀଠରେ ମହା ଆଡମ୍ବରରେ ପାଳିତ ହୋଇଯାଇଛି ବାରୁଣୀ ସ୍ନାନ ଯାତ୍ରା । ଆଜି ପ୍ରତ୍ୟୁଷରୁ ମା’ଙ୍କ ମହାସ୍ନାନ କରାଯାଇ ବିଧି ଓ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଜଗତସିଂହପୁର ପଞ୍ଚାୟତର ପିତେଇପୁର ପଞ୍ଚାୟତରେ ଅବସ୍ଥିତ ମା କନକ ଦୁର୍ଗାଙ୍କ ଏହି ବାରୁଣୀ ସ୍ନାନ ପ୍ରାୟ ୫୦୦ ବର୍ଷର ପରମ୍ପରା ବୋଲି କୁହାଯାଉଛି । ଚୈତ୍ରମାସର ଚତୁର୍ଦ୍ଦଶୀ ତିଥୀରେ ମାଙ୍କ ଏହି ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ସମୟରେ ମାନସିକଧାରୀମାନେ ମାଙ୍କ ନିକଟରେ ଯାହା ମାନସିକ କରିଥାନ୍ତି ତାହା ଅଚିରେ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ମାନସିକ ପୂରଣ ହେବା ପରେ ମାନସିକଧାରୀମାନେ ମାଙ୍କ ଦାଣ୍ଡ ପହଁରିବା ସହିତ ଛୋଟ ପିଲାମାନଙ୍କ ମୁଣ୍ଡରେ କୁକୁଡା ଉଡାଇ ଥାଆନ୍ତି । ବିଶେଷ କରି ଅପୁତ୍ରିକ ନାରୀମାନେ ମାନସିକ ଧାରଣ କରି ମାତୃତ୍ୱ ଲାଭ କରିଥାନ୍ତି । ଏହି ଅବସରରେ କାଠି ଲଉଡି,ପାଲା,୧୬ ସଂର୍କିର୍ତ୍ତନ ମଣ୍ଡଳୀ ଆଦିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଏହି ବାରୁଣୀ ଯାତ୍ରାକୁ ଆସି ମାଙ୍କ ଆଶିଷ ଲାଭ କରିଥାନ୍ତି ।ବାରୁଣୀ ଯାତ୍ରାରେ ବିଭିନ ପ୍ରକାରର ଦୋକାନ ବଜାର ସହିତ ମୀନା ବଜାର ଆଦି ଦୋକାନ ପଡିଥାଏ ।ଏହି ଯାତ୍ରା ପର୍ଯ୍ୟାୟ ୧୫ ଦିନରୁ ଉର୍ଦ୍ଧ ସମୟ ଧରି ରହିଥାଏ ।

ମା’ହିଙ୍ଗୁଳାଙ୍କ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ ବାଲି ଚୋରି

ଗ୍ରାମବାସୀ ଅଟକ ରଖିଲେ ହାଇୱା

ତାଳଚେର, (ସବ୍ୟୁ) : ଝାରସୁଗୁଡ଼ା ଅଂଚଳର କୋଇଲା ଖଣିରେ କୋଇଲା ପରିବହନ କରୁଥିବା ମାତାରାଣୀ ଟ୍ରାନ୍ସପୋର୍ଟ କମ୍ପାନୀର ୫ଟି ହାଇୱା ନଂ- ଓଡ଼ି୧୬-କେ-୫୮୭୫, ଓଡ଼ି୧୬-କେ ୦୯୧୨, ଓଡ଼ି ୧୬-କେ ୫୮୦୯, ଓଡ଼ି ୧୬-କେ ୧୦୨୩, ଓଡ଼ି ୧୬-କେ ୦୯୪୪ ଓ ଭୋଲଭୋ ମେସିନ୍ ନଂ - ଇସି ୯୦-ବି-ଏଲସି ଗତକାଲି ବିଳମ୍ବିତ ରାତ୍ରୀରେ ତାଳଚେର ବ୍ଲକ ଅନ୍ତର୍ଗତ କିଶୋରପାଳ ନିକଟସ୍ଥ କାକୁଡ଼ି ଗ୍ରାମ ବ୍ରାହ୍ମଣୀନଦୀର କୋଇଲା ଖଣି ପାଇଁ ଉଦ୍ଦିଷ୍ଟ ବାଲିଘାଟରୁ ମା’ହିଙ୍ଗୁଳା ମନ୍ଦିର ନିର୍ମାଣ କାର୍ଯ୍ୟ ନାମରେ ବିନା କାଗଜପତ୍ରରେ ବେଆଇନଭାବେ ବାଲି ନେବାପାଇଁ ଆସିଥିବା ବେଳେ ସେଠିକାର ଗ୍ରାମବାସୀ କୌଣସି କାରଣରୁ ଏହା ଜାଣିପାରି ଗାଡ଼ି ଗୁଡ଼ିକୁ ଅଟକାଇଥିଲେ । ତେବେ ଏଘଟଣା ପ୍ରଚାରିତ ହେବାପରେ ଆଜି ଅପରାହ୍ଣ ସମୟରେ ତାଳଚେର ଖଣି ଉପ-ନିର୍ଦ୍ଦେଶକ ସେଠାରେ ପଂହଚି ଏହାକୁ ତଦନ୍ତ କରିଥିଲେ । ମାତ୍ର ଏସମ୍ପର୍କରେ ଉପନିର୍ଦ୍ଦେଶକଙ୍କୁ ପଚାରିବାରୁ ସେ କୌଣସି ଏହାର କାଗଜପତ୍ର ହୋଇନାହିଁ କିମ୍ବା ଏହି ଘାଟରୁ ବାଲି ନେବାକୁ କୌଣସି ନିର୍ଦ୍ଦେଶନାମା ଆମ ପାଖକୁ ଆସି ନାହିଁ ବୋଲି ସେ ଏହା ପ୍ରକାଶ କରିଛନ୍ତି ।

ତେବେ ଏଠାରେ ପ୍ରଶ୍ନଉଠେ କାହା ପ୍ରରୋଚନାରେ ଏତେ ଗୁଡ଼ାଏ ହାଇୱା ଓ ଜେସିପି ମେସିନ୍ ବାଲି ଚାଲାଣ କରିବାକୁ ଆସିଥିବା ନେଇ ବିଭିନ୍ନ ମହଲରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି । ଏସମ୍ପର୍କରେ ଉକ୍ତ ହାଇୱାର ମାଲିକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ କହିଥିଲେ କି, ଏସମ୍ପର୍କରେ ମୁଁ କିଛି ଜାଣିନାହିଁ ।

ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ଓ ମାହାତ୍ମ୍ୟ ଶୀର୍ଷକ ଆଲୋଚନାଚକ୍ର

କାକଟପୁର, (ସବ୍ୟୁ) : ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କାକଟପୁର ଶାଖା ଆଶ୍ରମ ପକ୍ଷରୁ କାକଟପୁରର ନୂତନ ବସଷ୍ଟାଣ୍ଡ ସମ୍ମୁଖ ପଡ଼ିଆରେ ୩ଦିନ ଧରି ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଦର୍ଶନ ମହୋତ୍ସବ ଉଦଯାପିତ ହୋଇଯାଇଛି । ମନୁଷ୍ୟ ମାନଙ୍କ ମଧ୍ୟରେ ସୁପ୍ତ ଧର୍ମୀୟ ଭାବନାକୁ ଜାଗ୍ରତ କରି ଜୀବଦୟା, ବିଭିନ୍ନ ସଂପ୍ରଦାୟର ମଧ୍ୟରେ ଭାଇଚାରା, ସ୍ନେହ, ଶ୍ରଦ୍ଧା,ନିଶା ସେବନରୁ ଦୁରେଇ ରହି ସୁସ୍ଥ ପାରିବାରିକ ପରିବେଶ, ମୂଲ୍ୟଯୁକ୍ତ ଶିକ୍ଷା ପ୍ରଦାନ କରି ପରମାତ୍ମାଙ୍କ ସାନ୍ନିଧ ଲାଭ କରିବା ପାଇଁ ଏହିଭଳି ଏକ ମହୋତ୍ସବର ଆୟୋଜନ କରାଯାଇଥିଲା ।

ପ୍ରଥମ ଦିବସରେ ମୁଖ୍ୟ ଅତିଥି ପୁରୀ, ସାଧନା କେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ଡକ୍ଟର ନିରୁପମା, ମୁଖ୍ୟବକ୍ତା ପ୍ରଫେସର ଡକ୍ଟର ହରିହର ହୋତା, ପ୍ରାକ୍ତନ କୁଳପତି ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପୁରୀ, ସମ୍ମାନିତ ଅତିଥି ବ୍ରହ୍ମା କୁମାରୀ ଅନୁପମା, ବିକେ କୁନ୍ତଳା ପ୍ରମୁଖଙ୍କ ଭାବାବେଗ ଭାଷଣ ଉପସ୍ଥିତ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ଛଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜ୍ୟୋର୍ତିଲିଙ୍ଗ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆତ୍ମସନ୍ତୋଷ ଲାଭ କରିଥିଲେ । ଏହି ଧାର୍ମୀୟ ଉତ୍ସବଟିର ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଡ଼ଃ ସନ୍ତୋଷ କୁମାର ମିତ୍ର, ପଣ୍ଡିତ ତ୍ରିଲୋଚନ ମିଶ୍ର, ଯୋଗଦେଇ ଆଜିର ସମାଜରେ ପୂଜ୍ୟପୂଜାର ଅବକ୍ଷୟ, ସମୟରେ (ଓଁ ଶାନ୍ତି) ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାକଟପୁର ଶାଖା ଆଶ୍ରମ ପକ୍ଷରୁ କରାଯାଇଥିବା ଏଭଳି ଏକ ପ୍ରୟାସ ପାଇଁ ଉପସ୍ଥିତ ଶ୍ରୋତା ଓ ଯୁବ ସମାଜକୁ ଉପଦେଶ ଦେଇଥିଲେ । ବିକେ ସତ୍ୟାନନ୍ଦ ଓ ବିକେ ଦୁଷ୍ମନ୍ତଙ୍କ ସହଯୋଗକ୍ରମେ ଶାନ୍ତିଶୃଙ୍ଖଳାର ସହ ଧାର୍ମୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଉତ୍ସବର ସମାପନ କରାଯାଇଥିଲା ।

ମୋ ସ୍ୱାସ୍ଥ୍ୟ ମୋ ଅଧିକାର

ସାରା ବିଶ୍ୱରେ ଲକ୍ଷାଧିକ ଲୋକମାନଙ୍କ ଉତ୍ତମ ସ୍ୱାସ୍ଥ୍ୟାବସ୍ଥାର ପ୍ରାପ୍ତ କରିବାର ଅଧିକାର ଆଜି ବିପଦାଚ୍ଛନ । ଏହାର ଦୁଇ ପ୍ରମୁଖ କାରଣ ରହିଛି, ଯଥା : ସଚେତନତା ର ଅଭାବ ଏବଂ ଉତ୍ତମ ଚିକିତ୍ସା ପ୍ରସାରର ଅଭାବ । ଏହି କାରଣ ଯୋଗୁଁ ଆଜି ବିଶ୍ୱର ପ୍ରତ୍ୟେକ ୫ ସେକେଣ୍ଡରେ ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରୁଛନ୍ତି । ପ୍ରତ୍ୟେକ ବର୍ଷ ଏପ୍ରିଲ ୭ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ରୂପେ ପାଳନ କରାଯାଉଛି । ଯାହା ଦ୍ୱାରା ବିଶ୍ୱ କଲ୍ୟାଣ ନିମନ୍ତେ ସାର୍ବଜନୀନ ସଚେତନତା ପ୍ରସାର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

ଆଜିର ଆଧୁନିକ ଯୁଗରେ ମାନବ ସ୍ୱାସ୍ଥ୍ୟର ଅବଗତର ମୁଖ୍ୟ କାରଣ ଗୁଡିକ ହେଲା-ବାୟୁ ମଣ୍ଡଳ ପ୍ରଦୂଷଣ, ବିଶୃଙ୍ଖଳିତ ଖାଦ୍ୟ, ପାନୀୟର ଅଭ୍ୟାସ ଯାହା ଏକ ସର୍ବୋତ୍କୃଷ୍ଟ ଚିକିତ୍ସା ପାଇବା ସମସ୍ତ ବ୍ୟକ୍ତିଙ୍କ ଅଧିକାର ହୋଇଥିଲେ ମଧ ସେମାନଙ୍କ ସାମାଜିକ ସ୍ତର, ରୋଜଗାର କ୍ଷମତା ଏବଂ ମାନସିକତା ଏଥିରେ ବାଧା ସୃଷ୍ଟି କରେ । ଉତ୍କୃଷ୍ଟ ଚିକିତ୍ସା ପ୍ରାପ୍ତ ନିମନ୍ତେ ଆର୍ଥିକ ସକ୍ଷମତା ଅନିବାର୍ଯ୍ୟ ଅଟେ,ସମାଜରେ ଉଚ୍ଚ ସ୍ତରୀୟ ତଥା ଧନଶାଳୀ ବ୍ୟକ୍ତି ବିଶେଷଙ୍କ ନିକଟରେ ସମସ୍ତ ସୁବିଧା ଉପଲବ୍ଧ ଥିଲା ବେଳେ ଗରିବ ଶ୍ରେଣୀର ଲୋକ ଏହି ସୁବିଧା ରୁ ବଂଚିତ ହେଉଛନ୍ତି । ଏହି ପ୍ରଭେଦ କିମ୍ବା ବ୍ୟବଧାନ ଦୂର ହେବା ଆବଶ୍ୟକ ଏବଂ ସର୍ବ ବର୍ଗର ଲୋକମାନଙ୍କୁ ଏକ ଉତ୍କୃଷ୍ଟ ଚିକିତ୍ସା ପ୍ରଦାନ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଉନ୍ନତ କରାଇବା ଆମର ଲକ୍ଷ ହେବା ଜରୁରୀ ଅଟେ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଏହା ପରିଲକ୍ଷିତ କରି ଛନ୍ତି ଯେ, ପାଖାପାଖି ୧୪୦ ଦେଶର ସମ୍ବିଧାନରେ ନାଗରିକମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ କୁ ଅନ୍ତର୍ଭୁକ୍ତ କରାଯାଇଛି । ଏହା ସତ୍ତ୍ୱେ ୪୦୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଅତ୍ୟାବଶକୀୟ ସ୍ୱାସ୍ଥ୍ୟ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏକ ନିର୍ଦ୍ଦିଷ୍ଟ ଦେଶର ନାଗରିକମାନଙ୍କ ସ୍ୱାସ୍ଥ୍ୟ ସେହି ଦେଶର ସରକାରଙ୍କ ମଧ ଦାୟିତ୍ୱ ହୋଇ ଥାଏ । ସରକାରଙ୍କ ଉପଯୁକ୍ତ ପଦକ୍ଷେପ ଦ୍ୱାରା ସମସ୍ତ ନାଗରିକ ଉଚ୍ଚ ଶ୍ରେଣୀର ଚିକିତ୍ସା ଲାଭ କରିବା ସମ୍ଭବ ହୋଇଥାଏ । ଏହି ଦିଗରେ ଆମ ରାଜ୍ୟ ସରକାରଙ୍କ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) କାର୍ଡ ଭଳି ସୁବିଧା ପ୍ରଦାନ କରି ସରକାର ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଉଛନ୍ତି । ଆମ ରାଜ୍ୟରେ ଅଙ୍ଗ ପ୍ରତ୍ୟାରୋପଣ ଭଳି ଆଧୁନିକ ଚିକିତ୍ସା ପ୍ରଣାଳୀକୁ ଉତ୍ସାହିତ କରିବା ସହ ଲିଭର (ଯକୃତ) ରୋପଣ ଯାହାକି ଅତ୍ୟନ୍ତ ଜଟିଳ ଏବଂ ବ୍ୟହବହୁଳ ପ୍ରକ୍ରିୟା, ତାହା ପ୍ରଦାନ କରି ସମସ୍ତ ରାଜ୍ୟବାସୀଙ୍କୁ ଏକ ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରିଛନ୍ତି, ଯାହା ଦ୍ୱାରା ସାରା ସମାଜକୁ ଏକ ପ୍ରେରଣା ମିଳିପାରିଛି ।

ଏହି ବର୍ଷ ସ୍ୱାସ୍ଥ୍ୟ ଦିବସର ବିଷୟ ବସ୍ତୁ ମୋ ସ୍ୱାସ୍ଥ୍ୟ ମୋ ଅଧିକାର ରଖାଯାଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ସମସ୍ତଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ, ଶିକ୍ଷା, ଉତ୍କୃଷ୍ଟ ଚିକିତ୍ସାର ପ୍ରସାର, ଶୁଦ୍ଧ ପାନୀୟ ଜଳ, ନିର୍ମଳ ବାୟୁ, ପରିଷ୍କାର ବାସସ୍ଥଳୀ, ସୁସ୍ଥ ପରିବେଶର ଅଧିକାର ପ୍ରାପ୍ତ କରାଇବା ଅଟେ, ଯାହାଦ୍ୱାରା ସମସ୍ତ ବ୍ୟକ୍ତି ନିଜ ସ୍ୱାସ୍ଥ୍ୟର ଗୁରୁତ୍ୱକୁ ବୁଝି ଏକ ସୁସ୍ଥ ସମାଜ ଗଠନରେ ଅଗ୍ରସର ହେବେ।

ଡ. ପ୍ରଦୀପ କୁମାର ମହାନ୍ତି
ମ୍ୟାନେଜିଂ ଡାଇରେକ୍ଟର ସଦ୍‌ଗୁରୁ ମେଡିକାଲ ରିସର୍ଚ୍ଚ ସେଣ୍ଟର
ପ୍ରାଇଭେଟ ଲିମିଟେଡ୍, କଟକ

ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଯାତ୍ରୀ ବିଶ୍ରାମାଗାର

ଖଣ୍ଡପଡା, (ସବ୍ୟୁ) : ଖଣ୍ଡପଡ଼ାରୁ ମର୍ଦ୍ଦରାଜପୁର ଦେଇ ବାଣପୁର ଗ୍ରାମକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଶୁଳିଆ ଛକରେ ଅବସ୍ଥିତ ଯାତ୍ରୀ ବିଶ୍ରାମାଗାରଟି ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଏହାର ରକ୍ଷଣାବେକ୍ଷଣ ପ୍ରତି ପ୍ରଶାସନ ଧ୍ୟାନ ଦେଉନଥିବାର ଏହାର ସୁଯୋଗ ନେଇ କିବା ଦିନ ଓରାତିରେ ସେଠାରେ ମଦ୍ୟପଙ୍କ ଭିଡ଼ ଜମୁଥିବା ନଜରକୁ ଆସୁଛି । ଏକଦା ଯାତ୍ରୀ ବିଶ୍ରାମାଗାରଟି ଜନସାଧାରଣଙ୍କ ସେବାରେ ଲାଗୁଥିଲା । ଯାତ୍ରୀବାହୀ ବସ୍‌ରେ ଯାତ୍ରାକରିବା ନିମନ୍ତେ ଅଂଚଳବାସୀ ସେଠାରେ ଘଂଟା ଘଂଟା ଧରି ଅପେକ୍ଷା କରୁଥିଲେ । ମାତ୍ରଏବେ ସମୟ ବଦଳିଯାଇଛି ।

ମୁଖ୍ୟ ରାସ୍ତାପାର୍ଶ୍ୱରେ ଯାତ୍ରୀମାନେ ଯାତ୍ରୀବାହୀ ବସ୍‌ଗୁଡ଼ିକୁ ଅପେକ୍ଷା କରି ଯାତାୟତ କରୁଛନ୍ତି । ରାଜ୍ୟ ସରକାର ଲକ୍ଷ୍ମୀ ବସ୍ ସେବା ପ୍ରଚଳନ କରିବା ପରେ ସହରାଚଂଳରୁ ଗ୍ରାମାଚଂଳକୁ ଜନସାଧାରଣ ସୁବିଧାରେ ଯାତାୟତ କରିପାରୁଛନ୍ତି । ଲକ୍ଷ୍ମୀବସ୍ ଗୁଡ଼ିକ ମଧ ବିଭିନ୍ନ ସ୍ଥାନରୁ ଯାତ୍ରୀମାନଙ୍କୁ ନେବା ଆଣିବା କରୁଛି ।

ସରକାରଙ୍କ ପକ୍ଷରୁ ଲକ୍ଷ୍ମୀବସ୍ ରହଣିସ୍ଥଳରେ ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯିବା ସହ ବିଭିନ୍ନ ସ୍ଥାନରେ ଅବସ୍ଥିତ ପୁରାତନ ଯାତ୍ରୀ ବିଶ୍ରାମାଗାର ଗୁଡ଼ିକର ଉନ୍ନତିକରଣ କାର୍ଯ୍ୟ କରାଯାଉଛି ।

ଏହି କ୍ରମରେ ଶୁଳିଆ ଛକ ସ୍ଥିତ ଯାତ୍ରୀ ବିଶ୍ରାମାଗାରର ନବୀକରଣ ସହ ସେଠାରେ ଶୌଚାଳୟ, ପାନୀୟଜଳ ଓ ରାତ୍ର କାଳରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଅଂଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ଯାତ୍ରୀ ବିଶ୍ରାମାଗାରର ଭିତ୍ତିଭୂମି ବିକାଶ ନିମନ୍ତେ ବ୍ଲକ୍ ପ୍ରଶାସନ ଓ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

ରବି ଋତୁ ୨୦୨୩-୨୪ ପାଇଁ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ



ବାରିପଦା, (ସବ୍ୟୁ) : ଆଗାମୀ ରବି ଋତୁ ପାଇଁ ଶନିବାର ଦିନ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ ସଭାକନା ଗୃହଠାରେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରିଥିଲେ । ସୂଚନା ଥାଉକି ଏହି ବୈଠକରେ ରବି ୨୦୨୩-୨୪ ନିମନ୍ତେ ଧାନ ସଂଗ୍ରହ ପାଇଁ ଆଗାମୀ ମଇ ୨୨ତାରିଖ ଦିନ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସ୍ଥିର ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସମସ୍ତ ଉପଜିଲ୍ଲାପାଳ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ଏହି ଧାନ ସଂଗ୍ରହ କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନା କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ସଂହିତା ଲାଗୁ ହୋଇଥିଲେ ମଧ ଚାଷୀ ମାନଙ୍କୁ ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ବିଶେଷ ଧାନ ଦେବା ପାଇଁ ଅଧିକାରୀ ମାନଙ୍କୁ କହିଥିଲେ । ଏହି ବୈଠକରେ, ମୁଖ୍ୟ ନାଗରିକ ଯୋଗାଣ ଅଧିକାରୀ କୃଷ୍ଣ ଚନ୍ଦ୍ର ସେଠି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସିଦ୍ଧାର୍ଥ ବେହେରା, ସମବାୟ ସମିତି ଉପନିବନ୍ଧକ କେ. ସି ଦାସ ଏବଂ ସିସିଓ ଅନାଦି ସେଠି ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ ୨୦୨୩-୨୪ ରବି ବର୍ଷରେ ଜିଲ୍ଲାରେ ସର୍ବମୋଟ୍ ୧୦୭୯ ଜଣ ଧାନ ଉତ୍ପାଦକ ଚାଷୀ ପଞ୍ଜିକରଣ କରିଛନ୍ତି । ବାରିପଦା ଏବଂ କପ୍ତିପଦା ଦୁଇଟି ଉପଖଣ୍ଡର ସମୁଦାୟ ୮ଟି ବ୍ଲକରେ ୧୭ ଟି ଲାଂମ୍ପରୁ ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆରଏମସି ର ଅଧ୍ୟକ୍ଷ ମାନଙ୍କୁ ଗାଆଁ ଗାଆଁ ବୁଲି ଚାଷୀ ମାନଙ୍କ ସହିତ ଉତ୍ତମ ଯୋଗା ଯୋଗ କରି ଏହି ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ଜିଲ୍ଲାପାଳ କହିଥିଲେ । ଜିଲ୍ଲାପାଳ ଶ୍ରୀ ସିନ୍ଦେ ଏହା ମଧ କହିଥିଲେ ଯେ, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକେନ୍ ଦେବାର ବ୍ୟବସ୍ଥା କରାଯିବ । କଳାବଜାରୀ ଏବଂ ଆବଶ୍ୟକୀୟ ଧାନ ପଡୋଶୀ ଜିଲ୍ଲାକୁ ସ୍ଥାନାନ୍ତରଣ ବାବଦରେ ଜିଲ୍ଲାପାଳ କହିଲେ ଯେ ଏହି ସବୁ ବେଆଇନ କାର୍ଯ୍ୟପାଇଁ ଜିଲ୍ଲାର ସମସ୍ତ ସୀମାରେଖା ରେ ପୋଲିସ୍ ମୁତୟନ କରାଯିବ ଏବଂ ଏହାର କଡାକଡି ଯାଞ୍ଚ ହେବ । ସମସ୍ତ ଚାଷୀ ମାନଙ୍କୁ ନିଜ ଫସଲକୁ ଯଥରିତିରେ ମଣ୍ଡିରେ ଆଣି ପହଞ୍ଚାଇବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ ଜିଲ୍ଲା କୃଷି ବିଭାଗର ସମସ୍ତ କର୍ମଚାରୀ ସମେତ ପଞ୍ଚାୟତ ଏବଂ ରାଜସ୍ୱ ବିଭାଗର ସମସ୍ତ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ରହି ଏହି ବୈଠକକୁ ସଫଳ କରିଥିବାର ସୂଚନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରକାଶ କରିଥିଲେ ।

ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ବିଜନେସ କନକ୍ଲେଭ-୨୦୨୪

ବାଲେଶ୍ୱର, (ସବ୍ୟୁ) : ଫକୀରମୋହନ ବିଶ୍ୱବିଦ୍ୟାଳୟ ବାଣିଜ୍ୟ, ପି.ଏମ. ଆଇ.ଆର ଓ ବ୍ୟବସାୟ ପରିଚାଳନା ବିଭାଗର ମିଳିତ ସହଯୋଗରେ ଦୁଇଦିନିଆ ଆନ୍ତର୍ଜାତୀୟ ପରିଚାଳନା କନକ୍ଲେଭ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହାର ମୂଳପ୍ରସଙ୍ଗ ଓ ଆଲୋଚନାର ବିଷୟବସ୍ତୁ ସମସାମୟିକ ବ୍ୟବସାୟ ପରିଚାଳନା ଏକ ସମନ୍ୱିତ ଉପାୟ ରହିଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଉଦଘାଟିତ ହୋଇଯାଇଛି । ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ସଂମ୍ପର୍କରେ ବିଭାଗର ମୁଖ୍ୟ ପ୍ରଫେସର ପଦ୍ମଲିତା ରାଉତରାୟ ଅବଗତ କରାଇଥିଲେ ଓ ଡକ୍ଟର ଦେବଦତ୍ତ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ଝାଡ଼ଖଣ୍ଡ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କ୍ଷିତିଭୂଷଣ ଦାସ ନିଜ ଅଭିଭାଷଣରେ ପ୍ରାକୃତିକ ବୁଦ୍ଧିର ଉପଯୋଗ ସହ ବ୍ୟବସାୟଟିଏ ବଞ୍ଚିରହିବା, ଏହାର ସ୍ଥିରତା ଏବଂ ବ୍ୟବସାୟ ପରିଚାଳନାରେ ଅଭିବୃଦ୍ଧି ହୋଇପାରିବା ନେଇ ଆଲୋକପାତ କରିଥିଲେ । ଏଥିସହ ମୁଖ୍ୟବକ୍ତା ଭାବେ ସେଣ୍ଟଆମ୍ବ୍ରୋଜ ବିଶ୍ୱବିଦ୍ୟାଳୟ (ୟୁଏସଏ)ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ଓ ନିର୍ଦ୍ଦେଶକ ଡକ୍ଟର ମୋନିକା ଫୋରେଟ ଯୋଗଦେଇ ଥିଲେ । ସମ୍ମାନୀତ ଅତିଥିଭାବେ ବଙ୍ଗଳାଦେଶ ସ୍ଥିତ ବ୍ୟବସାୟ କୃଷି ଏବଂ ପ୍ରଯୁକ୍ତିବିଦ୍ୟା ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଅବଦୁର ରବ ଆଭାସୀ ମାଧ୍ୟମରେ ଓ ନେପାଳ ସ୍ଥିତ ୟୁନିଗ୍ଲୋବ କଲେଜର ଏକାଡେମିକ ନିର୍ଦ୍ଦେଶକ ପ୍ରଫେସର ରାଧେଶ୍ୟାମ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏକତ୍ର ଆଗକୁ ବଢିବା ସହ ଏକତ୍ର ଉନ୍ନତି ସାଧନକୁ ବିଶ୍ୱବିଦ୍ୟାଳୟ ସାମୂହିକ ବିଚାର ଭାବରେ ମତବ୍ୟକ୍ତ କରିଥିଲେ । ସମ୍ମିଳନୀର ଆୟୋଜକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ ଓ ଏହିଭଳି ଆନ୍ତର୍ଜାତିକସ୍ତରର ସମ୍ମିଳନୀର ଆୟୋଜନ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଲାଭଦାୟକ ହେବାର ଆଶପୋଷଣ କରିଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ସମ୍ମିଳନୀର ପୃଷ୍ଠପୋଷକତା ଦାୟୀତ୍ୱ ଗ୍ରହଣ କରିଥିଲେ । ସମ୍ମିଳନୀରେ ୫୦ରୁ ଉର୍ଦ୍ଧ୍ୱ ବିଜନେସ ମ୍ୟାନେଜମେଣ୍ଟ ବିଶେଷଜ୍ଞ ଯୋଗଦେଇଥିବା ବେଳେ ୯୧ଜଣ ଗବେଷକ ନିଜର ସନ୍ଦର୍ଭ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଉଦ୍ଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ ପ୍ରଫେସର ସଲୋନୀ ମଲ୍ଲିକ ଉପସ୍ଥାପନ କରିଥିଲେ ତଥା ବିଜନେସ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ପ୍ରଫେସର ପଦ୍ମଲିତା ରାଉତରାୟ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ବିଭାଗ ମୁଖ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମର ସହସଂଯୋଜକ ଡକ୍ଟର ଆର୍ତ୍ତବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ଅଜଣା ଗାଡି ଧକ୍କାରେ ବାପ-ପୁଅ ମୃତ

ଯାଜପୁର ସଦର, (ସବ୍ୟୁ) : କୁଆଖିଆ-ଯାଜପୁର ଟାଉନ୍ ୨୦ନଂ ଜାତୀୟ ରାଜପଥର ବରୁଆଁଛକ ଠାରେ ଥିବା ଧବଳେଶ୍ୱର ମନ୍ଦିର ସମ୍ମୁଖରେ ଏକ ଅଜଣା ହାଇୱା ଗାଡି ଧକ୍କା ଦେଇ ଚଢିଯିବା ଫଳରେ ଘଟଣାସ୍ଥଳରେ ବାପର ମୃତ୍ୟୁ ହୋଇଥିଲା ଓ ଚିକିତ୍ସା ନିମନ୍ତେ ପୁଅକୁ ନେବା ବେଳେ ବାଟରେ ତାର ମୃତ୍ୟୁ ହୋଇଥିଲା ।

ଘଟଣାରୁ ପ୍ରକାଶ ଗତକାଲି ଶୁକ୍ରବାର ରାତି ୮ଟା ବେଳେ ମଇଦିପୁର ପଂଚାୟତର ସଠିଆଟିକିରି ଗ୍ରାମର ସଇଦା ଜେନା(୫୫) ଓ ତାଙ୍କ ପୁଅ ମୁନା ଜେନା(୨୫) ନିଜ ମୋଟର ସାଇକେଲ୍ ଯୋଗେ ବନ୍ଧୁଘର ଯାଇ ଫେରୁଥିବା ବେଳେ ବରୁଆଁ-ବରୀ ରାସ୍ତାକଡରେ ଥିବା ଧବଳେଶ୍ୱର ମନ୍ଦିର ସମ୍ମୁଖରେ ଏକ ଅଜଣା ହାଇୱା ଗାଡି ସମ୍ମୁଖରୁ ଧକ୍କା ଦେଇ ବାପ ପୁଅ ଉପରେ ଗାଡି ଚଢାଇ ଦେଇ ଫେରାର ହୋଇଯାଇଥିଲା । ବାପର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ପୁଅକୁ ମୁର୍ମୁଶ ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେବାବେଳେ ବାଟରେ ତାର ମୃତ୍ୟୁ ହୋଇଯାଇଥିଲା । ସୂଚନା ପାଇ ସଦରଥାନା ପୁଲିସ୍ ଘଟଣାସ୍ଥଳରେ ପହଁଚି ଶବକୁ ଜବତ କରିଥିଲା ଓ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇଥିଲା । ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରି ଏହାକୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟନାର ତଦନ୍ତ ଜାରି ରଖିଛି ।

ଅସହ୍ୟ ଗରମ: ସଜ୍ଞାହୀନ ୨ ଛାତ୍ରଛାତ୍ରୀ

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ର ସୁବ୍ରତ ଜେନା ଓ ବନସ୍ଥା ରାଜକିଶୋର ଗ୍ରାମ୍ୟମଙ୍ଗଳ ଉଚ୍ଚବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ରୀ ରାଜଲକ୍ଷ୍ମୀ ମହାଳିକ ଶୁକ୍ରବାର ବିଦ୍ୟାଳୟ ଶ୍ରେଣୀଗୃହରେ ସଂଜ୍ଞାହୀନ ହୋଇ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଜଣାଯାଇଛି। ଦିନ ପ୍ରାୟ ୧୧.୧୫ ସମୟ ଶେଷ ପିରିୟଡରେ ଶିକ୍ଷକ ବିଦ୍ୟାଧର ଦ୍ୱିବେଦୀ ଶ୍ରେଣୀ କକ୍ଷରେ ଶିକ୍ଷାଦାନ କରୁଥିବା ବେଳେ ଛାତ୍ରୀ ଜଣକ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କ ମୁଣ୍ଡ ଘୁରାଇଥିଲା। ସଂପୃକ୍ତ ଶିକ୍ଷକ ଓ ଶିକ୍ଷକ ପ୍ରଦୀପ କୁମାର ପଣ୍ଡା, କିରାଣୀ ବ୍ରହ୍ମାନନ୍ଦ ରାୟ ଅଭିଭାବକଙ୍କୁ ସୂଚନା ଦେବା ସହ ଛାତ୍ରୀକୁ ନେଇ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେହିପରି ସମାନ ଅବସ୍ଥାରେ ଭଣ୍ଡାରିପୋଖରୀ ହାଇସ୍କୁଲ ଛାତ୍ର ସୁବ୍ରତ ଅସୁସ୍ଥତା ଅନୁଭବ କରି ସଂଜ୍ଞାହୀନ ହେବାରୁ ଶିକ୍ଷକଙ୍କ ସୂଚନା କ୍ରମେ ଅଭିଭାବକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ମେଡିକାଲ ଅଧିକ୍ଷକ ତଥା ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର କମଳାକାନ୍ତ ସ୍ୱାଇଁ ସେମାନଙ୍କୁ ଚିକିତ୍ସା କରିଥିଲେ। ସୂଚନା ପାଇ ବ୍ଲକଶିକ୍ଷାଧିକାରୀ ଅଧିର କୁମାର ତରାଇ ମେଡିକାଲରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

ଅପରାହ୍ନ ୫ଟାରେ ଉଭୟ ଛାତ୍ରଛାତ୍ରୀଙ୍କୁ ମେଡିକାଲରୁ ଘରକୁ ଛାଡି ଦିଆଯାଇଥିଲା। ଶୁକ୍ରବାର ଉଭୟ ବିଦ୍ୟାଳୟରେ ସକାଳ ୮.୩୦ମି. ଓ ୧୦.୩୦ମି. ସମୟରେ ଜଳପାନ ଘଣ୍ଟ ବଜାଯାଇ ଛାତ୍ରଛାତ୍ରୀମାନଙ୍କୁ ଜଳପାନ କରିବାକୁ ସୁଯୋଗ ଦିଆଯାଇଥିଲା। ହେଲେ ଅସହ୍ୟ ଗରମରେ ଏଭଳି ଅବସ୍ଥା ଉପୁଜିଛି।

୭୦ ବର୍ଷର ବୃଦ୍ଧାଙ୍କୁ ଧର୍ଷଣ ଉଦ୍ୟମ

ନୀଳଗିରି, (ସ.ବ୍ୟୁ) : କାମନା ନିଆଁରେ ବଶବର୍ତ୍ତୀ ହୋଇ ହିତାହିତ ଭୁଲି ନିଜ ଜେଜେମା ବୟସର ବୃଦ୍ଧାଙ୍କୁ ଦୁଷ୍କର୍ମ କରିବାକୁ ପଛାଇ ନାହାଁନ୍ତି ଜଣେ ୨୮ ବର୍ଷର ଯୁବକ । ସୂଚନା ଅନୁଯାୟୀ ନୀଳଗିରି ଥାନା କାଂଶ ପଞ୍ଚାୟତ କୁହ୍ନାପାଳ ଗାଁରେ ଜଣେ ୭୦ବର୍ଷୀୟ ବୃଦ୍ଧାଙ୍କୁ ଦୁଷ୍କର୍ମ ଉଦ୍ୟମ କରି ବନ୍ଧା ହୋଇଛନ୍ତି ୨୮ ବର୍ଷୀୟ ଯୁବକ ରବି ଦଳେଇ । ଏହି ଯୁବକ ଜଣକ ଦିନ ଦ୍ୱିପ୍ରହରରେ ଏକୁଟିଆ ପାଇ ବୃଦ୍ଧାଙ୍କ ଘରେ ପଶି ଏଭଳି କାଣ୍ଡ ଘଟାଇଛନ୍ତି । ଉକ୍ତ ଗ୍ରାମର ରବି ଦଳେଇ (୨୮) ପଡ଼ୋଶୀ ବୃଦ୍ଧା ଘରେ ଶୋଇଥିବା ସମୟେରେ ଏକାକୀ ପାଇ ଦିନ ଦ୍ୱିପ୍ରହରେ ଘରେ ପଶି ବଳାତ୍କାର କରିବାକୁ ଉଦ୍ୟମ କରି ତାଙ୍କ ପିନ୍ଧିଥିବା ଲୁଗାକୁ ଚିରି ଦେଇଥିଲେ । ମାତ୍ର ନିକଟରେ ଥିବା ରୋଗାଗ୍ରସ୍ତ ସ୍ୱାମୀ ଏସବୁ ଦେଖି ଚିତ୍କାର କରିବାରୁ ନିକଟସ୍ଥ ପଡ଼ୋଶୀମାନେ ବୃଦ୍ଧାଙ୍କୁ ଯୁବକଙ୍କ କବଳରୁ ରକ୍ଷା କରିଥିଲେ । ଯୁବକ ଜଣକ ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଥିଲେ । ନୀଳଗିରି ଥାନାରେ ବୃଦ୍ଧା ଜଣଙ୍କ ଏତଲା ଦେବାପରେ ନୀଳଗିରି ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଗିରଫ କରି ୧୧୬/୨୪ ଦଫାରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ।

ଅସୁରାଳିରେ ବିଜେପିର ପ୍ରତିଷ୍ଠା ଦିବସ

ଅସୁରାଳି, (ସବ୍ୟୁ): ଭାରତୀୟ ଜନତା ପାର୍ଟିର ୪୪ ତମ ପ୍ରତିଷ୍ଠା ଦିବସ ଶନିବାର ଅସୁରାଳି ଠାରେ ପାଳନ କରାଯାଇଛି। ବରିଷ୍ଠ ସମାଜସେବୀ ହେମେନ୍ଦ୍ର ସାହୁ ଯୋଗଦେଇ ଦଳୀୟ ପତାକା ଉତ୍ତୋଳନ କରି ବିଜେପିର ଲକ୍ଷ୍ୟ ଆଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହିତ ପ୍ରତିଷ୍ଠାତା ମାନଙ୍କୁ ସ୍ମରଣ କରିଥିଲେ। ସହିଦ୍ ମଣ୍ଡଳ ଉପସଭାପତି ସୂରଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲ୍ଲା ମିଡିଆ ସେଲ ଅଧ୍ୟକ୍ଷ ବୈକୁଣ୍ଠ ନାଥ ସାହୁ,ଅସୁରାଳି ସରପଂଚ ମିନତୀ ସାହୁ,ସମିତି ସଭ୍ୟା ପାର୍ବତୀ ପ୍ରଧାନ,ହୁନୁକ ମଲ୍ଲିକ,କ୍ଷିରୋଦ ସ୍ୱାଇଁ, ହେମନ୍ତ ପଲାଇ,ଅମୂଲ୍ୟ ବେହେରା,ନିହାର ରଞ୍ଜନ ଦାସ,ରାଜେଶ ବେହେରା, କୃଷ୍ଣଚନ୍ଦ୍ର ସାହୁ,ସୂର୍ଯ୍ୟକାନ୍ତ ପଣ୍ଡା,ପ୍ରଶାନ୍ତ ବେହେରା,ପ୍ରତାପ ନାଥ, ମନୋଜ ରାଉତ,ପ୍ରତାପ ସାହୁ,ଦିଲ୍ଲୀପ କୁମାର ସାହୁ, ଦେବେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ସହିଦ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ରଜତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସହିଦ୍ ନଗର, କାସିମପୁର, ରଇପୁର, ଧୁଷୁରୀ ଆଦି ସ୍ଥାନରେ ବିଜେପି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି ।

ଜଗତସିଂହପୁର ନୂତନ ଜିଲ୍ଲାପାଳ ଅନୁପମ୍ ଶାହା

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁରର ନୂତନ ଜିଲ୍ଲାପାଳ ଭାବେ ଯୋଗ ଦେଇଛନ୍ତି ଅନୁପମ୍ ଶାହା ।୨୦୧୨ ବ୍ୟାଚର ଏହି ବରିଷ୍ଠ ଆଇଏଏସ ଅଫିସର ଏବେ ଓସେପା(ଓଏସଇପିଏ)ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସହ ମୋ ସ୍କୁଲର ମେମ୍ବର ସେକ୍ରେଟାରୀ ଓ ଶ୍ରମ କମିଶନର ଭାବରେ କାର୍ଯ୍ୟରତ ଥିଲେ । ପୂର୍ବରୁ ଶ୍ରୀଶାହା ଗଜପତି ଜିଲ୍ଲାର ଜିଲ୍ଲାପାଳ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ ।ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପୂର୍ବାହ୍ନରେ ନୂତନ ଜିଲ୍ଲାପାଳ ଅନୁପମ ଶାହା ପହଞ୍ଚିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

ପରେ ଜିଲ୍ଲାପାଳ ନିଜ ଅଫିସ ଚାମ୍ବରକୁ ଯାଇ ବିଧିବଧ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ।ଆଗକୁ ସାଧାରଣ ନିର୍ବାଚନ ।ଶେଷ ପର୍ଯ୍ୟାୟରେ ଏହି ନିର୍ବାଚନ ରହିଥିବାରୁ ଆମ ହାତରେ ପାଖାପାଖି ୨ ମାସ ସମୟ ରହିଛି ।ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲାରେ ଏହି ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହିତ ଅବାଧ ଓ ନିରପେକ୍ଷ ଭାବରେ କରାଯିବ ସେଥିପାଇଁ ବିଭିନ ବିଭାଗୀୟ ଅଧିକାରୀମାନଙ୍କ ସହିତ ବୈଠକ କରାଯାଇ ତାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ । ପରେ ନିର୍ବାଚନ ପ୍ରସ୍ତୁତି ବାବଦରେ ଅତିରିକ୍ତ ଜିଲ୍ଲପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ ।ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀ, ପୋଲିଂ ବୁଥ ଓ ସେଠାରେ ଆବଶ୍ୟକୀୟ ବ୍ୟବସ୍ଥା ବାବଦରେ ବୁଝିଥିଲେ । ଜଗତସିଂହପୁର ଜିଲ୍ଲାକୁ ସାକ୍ଷର ଓ ସଚେତନ ଜିଲ୍ଲା ଭାବରେ ସମ୍ବୋଧିତ କରି ଜିଲ୍ଲାପାଳ ନିର୍ବାଚନ ସମୟରେ ସମସ୍ୟାର ସମାଧାନ ଏବଂ ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ କାର୍ଯ୍ୟ ସଂପାଦନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା,ଅତିରିକ୍ତ ଜିଲ୍ଲାପାଳ ସମ୍ପିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଲଳିତ ମୋହନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଜିଲ୍ଲାପାଳଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

ରେମୁଣା ପ୍ରାର୍ଥୀ ଚୟନ ପାଇଁ ବିଜେଡ଼ି ପର୍ଯ୍ୟବେକ୍ଷକଙ୍କ ବରାଦି ବୈଠକ

ବାଲେଶ୍ୱର, (ସ.ବ୍ୟୁ) : ରେମୁଣା ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡ଼ି ଦଳ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ଦୀର୍ଘ ୧ ମାସ ହେବ ରାଜଧାନୀ ଭୁବନେଶ୍ୱର ଶଙ୍କ ଭବନ ଓ ନବୀନ ନିବାସ ଅଙ୍କ କଷା ଚାଲିଥିଲେ ମଧ ସମାଧାନ ହୋଇପାରିନାହିଁ । ତେଣୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ ଗତ ରାତି ଠାରୁ ନୋସିରେ ଅବସ୍ଥାନ କରିଛନ୍ତି । ସେ ଆଜି ରେମୁଣା ବ୍ଲକ ଅଧୀନରେ ଥିବା ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟ, ସଦସ୍ୟା, ବ୍ଲକ ଚେୟାରମେନ, ଭାଇସ ୟୋରମେନ, ୱାର୍ଡ ମେମ୍ବର, ଏନଏସି ଚେୟାରମେନ, ଭାଇସ ଚେୟାରମେନ, ୱାର୍ଡ ମେମ୍ବର ମାନଙ୍କ ସହ ପ୍ରାର୍ଥୀ ଚୟନ ଉପରେ ସେମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ ।

କିଛି ସଦସ୍ୟ ଦଳରୁ ବହିଷ୍କୃତ ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କୁ ଦଳ ଟିକଟ ଦେଲେ ଭାଜପା ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଇ ବିଜୟୀ ହୋଇ ପାରିବେ ବୋଲି କହିଥିଲା ବେଳେ ଆଉ କିଛି ନିର୍ବାଚିତ ପ୍ରତିନିଧି ପତ୍ରିପାଳ ସରପଞ୍ଚ ବିଦୁସ୍ମିତା ମହାଳିକଙ୍କୁ ଦଳ ଟିକଟ ଦେଲେ ବିଜେପି ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଇ ଜିତି ପାରିବେ ବୋଲି କହିଥିଲେ । ଆଉ କିଛି ସଦସ୍ୟ ଦଳ ଏ ସମ୍ପର୍କରେ ଯାହାକୁ ଯୋଗ୍ୟ ଭାବି ଟିକଟ ଦେବେ ତାଙ୍କୁ ଜିତାଇବା ଲାଗି କାମ କରିବୁ ବୋଲି କହିଥିଲେ । ଆଗାମୀ କାଲି ରେମୁଣା ନିବାଚନ ମଣ୍ଡଳୀର ସଦସ୍ୟ ବ୍ଲକ ଅଧିନ ରେ ଥିବା ଏଗାରଟି ପଞ୍ଚାୟତ ପି ଆର ଆଇ ମେମ୍ବର ମାନଙ୍କ ସହ ଦଳୀୟ ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀଦେବ ଆଲୋଚନା କରିବେ ବୋଲି ଏକ ସମର୍ଥିତ ସୂତ୍ରରୁ ଜଣା ପଡ଼ିଛି ।

ତେବେ ଆଉ ଗୋଟିଏ ବଡ଼ ଗୋଷ୍ଠୀ ଭିତରେ ଭିତରେ ଜଣେ ଯନ୍ତ୍ରୀଙ୍କ ପତ୍ନୀଙ୍କୁ ଟିକଟ କରାଇଦେବାକୁ ପ୍ରୟାସ ଜାରି ରଖିଥିବା ଶୁଣିବାକୁ ମିଳୁଛି । ତେବେ ଏହି ଆସନରୁ ଚନ୍ଦନ ମଲ୍ଲିକ, ଦୀପକ ମଲ୍ଲିକ, ବଂଶୀଧର ଦଳେଇ ଏନ୍‌ଏସି ଚେୟାରମେନ ତନୁଜା ଗିରି ପ୍ରମୁଖ ଦଳୀୟ ଟିକଟ ହାତେଇବା ଲାଗି ପ୍ରୟାସ ଜାରି କରିଛନ୍ତି ।

ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଖଇରା, (ସବ୍ୟୁ) : ଗଣ୍ଡିବେଡ-ଔପଦା ରାସ୍ତାର କଖାରୁଆ ଛକରେ ଶନିବାର ଅପରାହ୍ନରେ ବାଇକ ଦୁର୍ଘଟଣା ରେ ଜଣେ ବାଇକ ଆରୋହୀ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ କଲେଜ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ସୋର ଦହିପୁର ଗ୍ରାମର ଖଗେନ୍ଦ୍ର ନାୟକ(୨୫) ନିଜ ସାଥିଙ୍କ ସହ ବାଇକରେ ଔପଦା ଯାଉଥିବା ବେଳେ ବିପରିତ ଦିଗରୁ କଖାରୁଆ ଗ୍ରାମ ଅଭିମୁଖେ ଆସୁଥିବା ଔପଦା କଲେଜ ଛାତ୍ରୀ ଶୁଭଲକ୍ଷ୍ମୀ ଆରୁଖ (୧୯) ଙ୍କ ସହ କଖାରୁଆ ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା । ଖଗେନ୍ଦ୍ର ଓ ଶୁଭଲକ୍ଷ୍ମୀଙ୍କୁ ଖଇରା ଗୋଷ୍ଠୀକେନ୍ଦ୍ରକୁ ଅଣାଯିବା ପରେ ଖଗେନ୍ଦ୍ରଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।

ତିହିଡିରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ

ତିହିଡି, (ସବ୍ୟୁ): ତିହିଡିରେ ଭାରତୀୟ ଜନତା ପାର୍ଟି(ବିଜେପି)ର ୪୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ତିହିଡି ଟାଉନହଲ ସାମ୍ନାରେ ଏକ ସଭା ବିଜେପିର ଯୁବନେତା ସୀତାକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେପିର ଧାମନଗର ନିର୍ବାଚନମଣ୍ଡଳୀ ପ୍ରଭାରୀ ବୁଦ୍ଧଦେବ ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା ବିଜେପି ନେତା ଶୁକଦେବ ମଳିକ, ଭାଟପଡ଼ା ସରପଞ୍ଚଶୁଭ୍ରନାରାୟଣ ସେଠୀ, ସାହିତ୍ୟିକ ଯଦୁମଣି ପାଣିଗ୍ରାହୀ, ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ରଘୁନାଥ ପାତ୍ର, ବରିଷ୍ଠ ନେତା ଅଜୟ ମହାପାତ୍ର, ବିଜେପି ଜିଲ୍ଲା ଉପସଭାପତି ଦୁର୍ଗାଚରଣ ନାୟକ, ଯୁବନେତା ପ୍ରତାପ ଜେନା, ମନୋଜ ସେନାପତି, ଦେବେନ୍ଦ୍ର ପଣ୍ଡା, ପ୍ରିୟବ୍ରତ ପାଢୀ, ପଞ୍ଚାୟତ ସଭାପତି ପ୍ରଦୀପ ଜେନା, କେଶବ ବେହେରା, କୈଳାସ ଜେନା, ମାନସ ପୁହାଣ, ଅଭିମନ୍ୟୁ ବେହେରା, ଅଜୟ ନାୟକ ପ୍ରମୁଖ ଯୋଗଦେଇ ବିଜେପି ଭଳି ସର୍ବବୃହତ ରାଜନୈତିକ ଦଳର ପ୍ରତିଷ୍ଠାରେ ଯେଉଁ ରାଷ୍ଟ୍ରବାଦୀ ନେତାଙ୍କ ଭୂମିକା ରହିଥିଲା ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ବିଜେପି ତାର ଲକ୍ଷ୍ୟପଥରେ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ଧୀରେ ଧୀରେ ପୂରଣ କରିବାରେ ସକ୍ଷମ ହେଉଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ସେହିପରି ଭାରତକୁ ପରମ ବୈଭବଶାଳୀ ରାଷ୍ଟ୍ର ଭାବେ ଗଢି ତୋଳିବା ପଥରେ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଥିବା ବେଳେ ଆଗାମୀ ଦିନରେ ପୃଥିବୀରେ ତୃତୀୟ ଅର୍ଥନୈତିକ ଶକ୍ତି ଭାବରେ ଉଭା ହେବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସକୁ ବକ୍ତାମାନେ ପ୍ରଶଂସା କରିଥିଲେ । ଆଗାମୀ ନିର୍ବାଚନରେ ଡବଲ ଇଞ୍ଜିନ ସରକାର ଗଠନ ଦିଗରେ ବିଜେପି କର୍ମୀମାନେ ନିଷ୍ଠାପର ଓ ନିରନ୍ତର ଭାବେ ଉଦ୍ୟମ ଜାରି ରଖିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ ।

ଗ୍ରୀଷ୍ମ ପ୍ରବାହ ବୃଦ୍ଧି : ସ୍କୁଲ ସମୟରେ ପରିବର୍ତ୍ତନ

ଭଦ୍ରକ,(ସବ୍ୟୁ):ଭାରତ ପାଣିପାଗ ବିଭାଗ, ଭୁବନେଶ୍ୱର ର ସ୍ୱତନ୍ତ୍ର ବୁଲେଟିନ୍ ଆଧାରରେ ଭଦ୍ରକ ଜିଲ୍ଲାରେ ସ୍କୁଲ ସବୁର ଖୋଲା ରହିବା ସମୟର ପରିବର୍ତ୍ତନ କରାଯାଇଛି । ଗତ ତା.୦୫.୦୪.୨୦୨୪ ରିଖ ଅପରାହ୍ନ ୩ ଘଟିକାରେ ଉକ୍ତ ବିଭାଗୀୟ ବୁଲେଟିନ୍ ଅନୁଯାୟୀ ଗ୍ରୀଷ୍ମ ପ୍ରବାଦ ବୃଦ୍ଧି ଜନିତ ପରିସ୍ଥିତି ସୃଷ୍ଟି ହେବାର ସୂଚନା ଥିବାରୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍କୁଲ ସମୟ ନିର୍ଦ୍ଧାରଣ ନେଇ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅନୁମୋଦନ କ୍ରମେ ସକାଳ ଘ. ୬.୩୦ ମି ରୁ ପୂର୍ବାହ୍ନ ଘ. ୧୦.୩୦ ମିନିଟ୍ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର ସମସ୍ତ ସରକାରୀ, ଘରୋଇ, ଅନୁଦାନପ୍ରାପ୍ତ ୧ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସ୍କୁଲ, ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଖୋଲା ରହିବା ନେଇ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆଦେଶ ଜାରି ରହିବ । ପୁଣି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଜନିତ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଶିକ୍ଷାନୁଷ୍ଠାନରେ ନିରାପଦ ପାନୀୟ ଜଳ, ଓ.ଆର.ଏସ୍. ପ୍ୟାକେଟ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥା ମହଜୁଦ ରଖିବାକୁ ସମସ୍ତ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ପ୍ରିନିସପାଲ ମାନଙ୍କୁ କୁହାଯାଇଛି । ଛାତ୍ରାବାସ ବା ଆବାସିକ ବ୍ୟବସ୍ଥା ଥିବା ସ୍କୁଲ ମାନଙ୍କରେ ମଧ ଯଥେଷ୍ଟ ଜଳ, ଓ.ଆର.ଏସ୍. ଓ ଫାଷ୍ଟଏଡ୍ ବାକ୍ସ ସୁବିଧା ଉପଲବ୍ଧ ନେଇ ନିଶ୍ଚିତତା କରାଇବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ସ୍କୁଲରେ ପାଠପଢ଼ା ସମୟରେ ବା ଉକ୍ତ ସମୟ ବାହାରେ କୌଣସି କ୍ରୀଡ଼ା, ଡ୍ରିଲ ଆଦିକୁ ପିଲାମାନଙ୍କ ପାଇଁ ନିଷେଦ୍ଧ କରାଯାଇଛି । ସଂପୃକ୍ତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ନିୟମନିଷ୍ଠ ଭାବେ ଏହି ଆଦେଶାନାମାକୁ ଅନୁପାଳନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

୨କେଜି ୮୦୦ଗ୍ରାମ ଗଞ୍ଜେଇ ଜବତ

ସାଲେପୁର, (ସବ୍ୟୁ) : ସାଲେପୁର ପୋଲିସ ଚଢ଼ାଉ କରି ଦୁଇ କେଜି ଆଠ ଶହ ଗ୍ରାମର ଗଞ୍ଜେଇ ଜବତ କରିଛି । ସାଲେପୁର ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତର ଲୁଣାହାର ଗ୍ରାମର ସଦା ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରା (ଗୋଲାପ) ସାଲେପୁର ପୋଷ୍ଟ ଅଫିସ ନିକଟରେ ଏକ ଦୋକାନରେ ଗଞ୍ଜେଇ ବିକୁଥିବାର ଖବର ପାଇ ସାଲେପୁର ପୋଲିସ ସେହି ଦୋକାନ ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଶ୍ରୀ ବେହେରା ନିକଟରୁ ୨କେଜି ୮୦୦ଗ୍ରାମ ଓଜନର ଗଞ୍ଜେଇ ମିଳିଥିଲା । ସାଲେପୁର ପୋଲିସ ଗଞ୍ଜେଇ ଜବତ କରିବା ସହ ଶ୍ରୀ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ଥାନା ଆଇ ଆଇ ସି ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି ।

ଟିପର ଖସି ଡ୍ରାଇଭ ମୃତ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥ କବାଟବନ୍ଧ ନିକଟରେ ଆଜି ଅପରାହ୍ନରେ ଏକ ଟିପର ଗାଡି ରସ୍ତା କଡକୁ ଓଲଟିପଡିବାରୁ ଡ୍ରାଇଭରଙ୍କୁ ମୃତ୍ୟୁ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଓଆର- ୦୯-ଜେ-୯୬୬୧ ଟିପର ଗାଡିକୁ ଡ୍ରାଭର ଜଣକ ବୁଲାଉଥିବା ବେଳେ ଭାରସାମ୍ୟ ହରାଇ ଟ୍ରକଟି ରାସ୍ତା ତଳକୁ ଓଲଟି ପଡିବାରୁ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ମୃତ ଡ୍ରାଇଭର ଏହି ଥାନା ଅନ୍ତର୍ଗତ ବାଲିକୁଦିଆ ଗ୍ରାମର ସପନ ମଳିକ (୩୫) ବୋଲି ଜଣାଯାଇଛି । ଖବର ପାଇ ଜେନାପୁର ପୁଲିସ ଘଟଣାସ୍ଥଳରେ ପହଁଚି ଡ୍ରାଇଭରର ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଟିପର ଗାଡିକୁ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଛି । ପୁଲିସ ଶବ ବ୍ୟବଛେଦ ଲାଗି ଧର୍ମଶାଳା ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଚଳାଇଛି ।

ପରିବା ବ୍ୟସାୟୀଙ୍କ ଟଙ୍କାମୁଣି ଲୁଟ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ବଜାରର ଜନୈକ ପରିବା ବ୍ୟବସାୟୀଙ୍କ ଠାରୁ ଟଙ୍କାମୁଣି ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଫତେପୁର ଗ୍ରାମର ଗଣେଶ ସେଠୀ ଗତ ମଙ୍ଗଳବାର ଥାନା ସମ୍ମୁଖ ବଜାରକାଳୀ ପେଣ୍ଡାଲ ଜଳିଆ ତେଜରାତି ଦୋକାନ ସମ୍ମୁଖରେ ପରିବା ବିକ୍ରୟ କରିବାରେ ବ୍ୟସ୍ତ ଥିବା ବେଳେ କେହି ଦୁର୍ବୃତ୍ତ ଟଙ୍କାମୁଣିକୁ ଲୁଟ କରିନେଇଥିଲେ ବୋଲି ଗଣେଷ ଥାନା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ୧୪୫/୨୪ନଂ ମାମଲା ଅଜଣା ବ୍ୟକ୍ତିଙ୍କ ନାମରେ ରୁଜୁ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

ଗଛ କାଟିବା ବେଳେ ଝାଡ଼ଖଣ୍ଡି ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ , (ସବ୍ୟୁ) : ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ମସିଣାବିଲା ପଞ୍ଚାୟତର ସାନ ବରବେଡା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଗତକାଲି ଝାଡ଼ଖଣ୍ଡ ରାଜ୍ୟ ମଝିଗାଁ ନିକଟବର୍ତ୍ତି ଅଧିକାରି ଗ୍ରାମ ଗୁଡାସାହିର ଯୁବକ ମହାବୀର ନାଏକ (୪୨) ମୃତ୍ୟୁ ବରଣ କରିଛନ୍ତି । ତେବେ ଖବର୍ ନେବାରୁ ଜଣାଯାଏ ଯେ ସେ ଅନ୍ୟମାନଂକ ସହିତ ଏକ ଶୁଖିଲା ତେନ୍ତୁଳି ଗଛକୁ ମେସିନ୍ ସାହାଯ୍ୟରେ କାଟୁଥିଲେ । ସେହି ସମୟରେ ଗଛର ଏକ ଗଣ୍ଡି ତାଂକ ଉପରେ ପଡିଥିଲା । ତାଂକୁ ସଂଗେସଂଗେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଢେଙ୍କିକୋଟ ଫାଣ୍ଡି ଏ,ଏସ,ଆଇ, ସୁରଥ କୁମାର ଦେହୁରି ଘଟଣାସ୍ତଳକୁଯାଇ ଶବ ଜବତ କରିଛନ୍ତି ଏବଂ କେସ ନମ୍ବର୍ ୧୫ ଯୋଗେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ତତ ସହିତ ମୃତକର ପରିବାର ଲୋକକୁ ଖବର ଦେଇଛନ୍ତି ।

ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ଠାକୁରମୁଣ୍ଡା, (ସବ୍ୟୁ) : ପାରିବାରିକ କଳହ ରୁ ଜଣେ ଯୁବକ ବେକରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟା କରିଥିବା ଯୁବକ ଜଣକ ହେଉଛନ୍ତି ଠାକୁରମୁଣ୍ଡା ଥାନା ପୋଡିଆବେଡା ଗ୍ରାମର ନାଥ ବଂଶୁଳିଆଙ୍କ ପୁଅ ବଣ୍ଣୁ ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାତିରେ କୌଣସି କାରଣରୁ ପରିବାର ରେ କଳହ ହୋଇଥିଲା । ତେବେ କଳହ ପରେ ପୁଅ ବଣ୍ଣୁ ଘରୁ ବାହାରକୁ ଚାଲି ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ପରିବାର ଲୋକେ ତାଙ୍କୁ ବିଭିନ୍ନ ଜାଗାରେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ । କିନ୍ତୁ ଶନିବାର ସକାଳେ ଘର ନିକଟରେ ଥିବା ଏକ କୁସୁମ ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତ୍ୟୁ ଦେହ ଦେଖି ପରିବାର ଲୋକେ ଠାକୁରମୁଣ୍ଡା ଥାନା ପୋଲିସ କୁ ଖବର ଦେଇଥିଲେ । ଖବର ପାଇ ଠାକୁରମୁଣ୍ଡା ଥାନା ପୋଲିସ ଘଟଣା ସ୍ଥଳକୁ ଯାଇ ଶବ କୁ ଉଦ୍ଧାର ପରେ ଶବ ଜବତ କରି କରଞ୍ଜିଆକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛ । ଏନେଇ ଠାକୁରମୁଣ୍ଡା ଥାନା ପୋଲିସ କେଶ ନଂ ୦୪/୨୦୨୪ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ର ତଦନ୍ତ କରୁଛି ।

ବରିଷ୍ଠ ବ୍ୟବସାୟୀଙ୍କ ପରଲୋକ

ସୋର, (ସବ୍ୟୁ) : ସୋର ସହରର ଜଣେ ପୁରୁଖା ବ୍ୟବସାୟୀଙ୍କର ଗତକାଲି ରାତିରେ ପରଲୋକ ହୋଇଯାଇଛି । ସୋର କମରପୁର ନିବାସୀ ସୀତାରାମ ଅଗ୍ରୱାଲ(୮୧) ଗତକାଲି ହଠାତ୍ ହୃଦ୍‌କ୍ରିୟା ବନ୍ଦ ହୋଇଯିବା ଫଳରେ ମୃତ୍ୟୁ ଘଟିଛି । ସେ ଦୀର୍ଘ ୫୦ ବର୍ଷ ହେଲା ସୋରରେ ଅବସ୍ଥାନ କରିବା ସହିତ ଜଣେ ସଫଳ ବ୍ୟବସାୟୀ ଭାବେ ପରିଚିତ ସୃଷ୍ଟିକରିବା ସହିତ ତାଙ୍କର ପାଞ୍ଚ ପୁଅଙ୍କୁ ସଫଳ ବ୍ୟବସାୟୀ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି । ତାଙ୍କ ମୃତ୍ୟୁ ଖବର ପାଇ ଉତ୍ତରେଶ୍ୱର, ଅଡ଼ଙ୍ଗ ବଜାର, ଷ୍ଟେସନଛକର ବ୍ୟବସାୟୀମାନେ ତାଙ୍କ ବାସବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ସୋର ମାରୱାର୍ଡ଼ି ସଂଘ ତରଫରୁ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ପାଞ୍ଚ ପୁଅ ରାଜୁ, ଚିନୁ, ବିକାଶ, ସନ୍ଦିପ ପ୍ରଦୀପ, ଏବଂ ପରିବାର ବନ୍ଧୁବର୍ଗ ଉପସ୍ଥିତ ଥିଲେ । ମଝିଆ ପୁଅ ଚିନୁ ମୁଖାଗ୍ନି ଦେଇଛନ୍ତି ।

ଇଦ୍-ଉଲ-ଫିତର ଓ ରାମନବମୀ : ଶାନ୍ତି କମିଟି ବୈଠକ

ବାଲେଶ୍ୱର, (ସବ୍ୟୁ) : ଆସନ୍ତା ୧୧ ତାରିଖରେ ପାଳନ ହେବାକୁ ଥିବା ଇଦ-ଉଲ-ଫିତର ଓ ୧୭ତାରିଖରେ ପାଳନ ହେବାକୁ ଥିବା ରାମନବମୀ ଉତ୍ସବକୁ ଦୃଷ୍ଟିରେ ରଖି ଆଜି ପୂର୍ବାହ୍ନ ଘ.୧୧.୩୦ ମି ସମୟରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଆଶୀଷ ଠକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା ଓ ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପ୍ରମୁଖ ମଂଚାସୀନ ଥିଲେ । ଏଥି ସହିତ ପାନୀୟଜଳ, ସ୍ୱାସ୍ଥ୍ୟ, ପୋଲିସ, ବିଦ୍ୟୁତ, ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ଧାର୍ମିକ ଏବଂ ଗୋଷ୍ଠୀଙ୍କ ପ୍ରତିନିଧି ଏବଂ ଅନ୍ୟାନ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ଗ୍ରୀଷ୍ମ ପ୍ରବାହ ଏବଂ ଆଦର୍ଶ ଆଚରଣ ସଂହିତା ଦ୍ୱାରା ଲାଗୁ ହୋଇଥିବା କଟକଣାକୁ ଦୃଷ୍ଟିରେ ରଖି ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବା ପାଇଁ ସମସ୍ତ ପ୍ରକାରର ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ମତ ପ୍ରକାଶ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଉତ୍ସବକୁ ପାଳନ କରିବା ଉପରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ ଗୁରୁତ୍ୱାରୋପ କରିଥିଲେ ।

ରାମନବମୀ ଉପଲକ୍ଷେ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ମୋଟର ସାଇକଲ ରାଲି ନିମନ୍ତେ ଅପରାହ୍ନ ୩ ଘଟିକାରୁ ୬ ଘଟିକା ପର୍ଯ୍ୟନ୍ତ ସମୟ ନିର୍ଧାରଣ କରାଯାଇଛି । ସେହିଭଳି, ଆସନ୍ତା ୧୭ ତାରିଖରେ ହେବାକୁ ଥିବା ପଦଯାତ୍ରା ନିମେନ୍ତ ଅପରାହ୍ନ ଘ ୧ ଠାରୁ ରାତ୍ରି ୯ପର୍ଯ୍ୟନ୍ତ ସମୟ ଚୂଡ଼ାନ୍ତ କରାଯାଇଛି । ମୋଟର ସାଇକଲ ରାଲି ଓ ପଦଯାତ୍ରା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସାରିବାକୁ ଏବଂ ଡି.ଜେ. ମ୍ୟୁଜିକ ସିଷ୍ଟମ ଉପରେ ସମ୍ପୂର୍ଣ୍ଣ କଟକଣା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଝାଙ୍କିର ଉଚ୍ଚତା ଭୂମିପୃଷ୍ଠାରୁ ୮ ଫୁଟ ମଧ୍ୟରେ ରହିବ । ଯାତ୍ରା ବେଳେ କୌଣସି ପ୍ରକାରର ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତ୍ରଶସ୍ତ୍ର ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ସମୟରେ ଉପସ୍ଥିତ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ଜଳ କେନ୍ଦ୍ର ଏବଂ ଚିକିତ୍ସା ସୁବିଧାର ବ୍ୟବସ୍ଥା କରାଯିବାର ସୂଚନା ଦିଆଯାଇଥିଲା ।

ଟ୍ରାଫିକ୍ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ଗାଇଡ୍‌ଲାଇନ୍ସ କଡ଼ାକଡ଼ି କରିବା ପାଇଁ ପୁଲିସ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବ । ସିଟି ଡିଏସ୍‌ପି ଗାୟତ୍ରୀ ପ୍ରଧାନ ମଂଚ ପରିଚାଳନା କରିବା ସହିତ ବିଭିନ୍ନ ନିୟମାବଳୀ ସମ୍ପର୍କରେ ସଭାକୁ ସୂଚନା ଦେଇଥିଲେ । ଆସନ୍ତା ଇଦ-ଉଲ-ଫିତର ଓ ରାମନବମୀକୁ ଆନ୍ଦ ଉଲ୍ଲାସ ତଥା-ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ଗ୍ରୀଷ୍ମଋତୁ ଆରମ୍ଭରୁ କୁଳଡିହା ଅଭୟାରଣ୍ୟରେ ନିଆଁ

ନୀଳଗିରି, (ସବ୍ୟୁ) : ସବୁଜବନାନୀ ପରିବେଷ୍ଟିତ ନୀଳଗିରିର ପ୍ରକୃତିରାଣୀ କୁହାଯାଉଥିବା କୁଳଡିହାରେ ନିଆଁ ଲାଗି ଏକର ଏକର ଜଙ୍ଗଲ ନଷ୍ଟ ହୋଇଛି । ୨୭୨.୭୫ ବର୍ଗ କିଲୋମିଟର ବ୍ୟାପ୍ତ କୁଳଡିହା ଅଭୟାରଣ୍ୟର ଝରଣାଘାଟି ବିଟ୍ ଅଧୀନ ଛତାହୁଡ଼ି ପାହାଡ଼ ଯାହା ମୟୁରଭଞ୍ଜ ସୀମାନ୍ତ ଜଙ୍ଗଲରେ ଅସହ୍ୟ ଗ୍ରୀଷ୍ମପ୍ରବାହ କାରଣରୁ ହେଉ କିମ୍ବା କେହି ଦୁର୍ବୃତ୍ତର ହୀନ ପ୍ରୟାସ ଫଳରେ ନିଆଁ ଲାଗିବା ଫଳରେ ବହୁ ଉପାକରୀ ଗଛଲତା ପୋଡ଼ି ଯାଇଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଅଞ୍ଚଳବାସୀ ନିଆଁ ଲାଗିଥିବା ଦେଖି ବନବିଭାଗକୁ ଅବଗତ କରିଥିଲେ ମଧ ବନବିଭାଗ ଘଟଣାସ୍ଥଳରେ ପହଞ୍ଚିନଥିବା ବେଳେ ଅଞ୍ଚଳବାସୀ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଛନ୍ତି । କଞ୍ଚାପତ୍ରରେ ନିଆଁକୁ ପିଟିପିଟି ଲିଭାଇବା ସହିତ ଶୁଖିଲା ପତ୍ରକୁ ନିଆଁ ଠାରୁ ଦୂରେଇ ନିଆଁ ଲିଭାଇବାରେ ଲାଗିପଡ଼ିଛନ୍ତି । ବିନବିଭାଗର ସଚେତନ ଅଭାବ ଯୋଗୁଁ ନିଆଁ ଲାଗିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ତେବେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଗକୁ ଆହୁରି ଅଧିକ ଗ୍ରୀଷ୍ମ ପ୍ରବାହ ହେବାର ଆଶଙ୍କା ଥିବାରୁ ବନବିଭାଗ ରହିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

ସାଳନ୍ଦୀସେତୁ କାର୍ଯ୍ୟକ୍ଷମ ହେଉନି, ବଢୁଛି ଅସନ୍ତୋଷ

ଆଗରପଡ଼ା, (ସବ୍ୟୁ): ସାଳନ୍ଦୀନଦୀ ଉପରେ ନିର୍ମିତ ସ୍ଥାନୀୟ ଟିକିରା-ଶ୍ରୀରାମପୁର ସଂଯୋଗକାରୀ ସେତୁ ବର୍ଷାଧିକ କାଳହେଲା କାର୍ଯ୍ୟକ୍ଷମ ହୋଇପାରୁ ନଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

ପ୍ରାୟ ୪କୋଟି ୨୧ଲକ୍ଷ ୯୨ହଜାର ଅର୍ଥ ବିନିମୟରେ ଏହି ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଗତ ୨୦୧୬ ମସିହାରେ ଆରମ୍ଭ ହୋଇ ୨୦୧୭ ମସିହାରେ ସରିବ ବୋଲି ସ୍ଥିର ହୋଇଥିଲା ମାତ୍ର ସେତୁର ଆପ୍ରୋଚ ରୋଡ଼ ସମସ୍ୟା ଯୋଗୁଁ ଏହି ସେତୁ ଆଜିଯାଏଁ କାର୍ଯ୍ୟକ୍ଷମ ହୋଇପାରିନି ବୋଲି ଜଣାପଡ଼ିଛି ।

ଶ୍ରୀରାମପୁର ପାଶର୍ବ ରୋଡ଼ ନିର୍ମାଣ ସରିଥିଲେ ସୁଦ୍ଧା ଟିକିରା ପାର୍ଶ୍ୱ ଆପ୍ରୋଚରୋଡ଼ ନିର୍ମାଣ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଏହି ସମସ୍ୟାର ଖୁବଶୀଘ୍ର ସମାଧାନ ହୋଇଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି ।

ଚରମ୍ପା କଲେଜ ପ୍ରାଧାପକଙ୍କ ଅସମୟ ତିରୋଧାନ ଓ ଶ୍ରଦ୍ଧାଞ୍ଜଳି

ଭଦ୍ରକ, (ସବ୍ୟୁ): ଦୀର୍ଘ ୩୨ବର୍ଷ ଧରି ଚରମ୍ପା ମହାବିଦ୍ୟାଳୟ ଇତିହାସ ବିଭାଗରେ ଅଧାପନା କରୁଥିବା, ଐତିହାସିକ ଜଗନ୍ନାଥ ପଟ୍ଟନାୟକ ସ୍ମୃତି ସଂସଦର ସଂପାଦକ ଥିବା ଜଣେ କର୍ମବୀର ତଥା ଛାତ୍ରବତ୍ସଳ ପ୍ରାଧାପକ ଡଃ ଅମର କୁମାର ଦାସଙ୍କର ଗତକାଲି ଅପରାହ୍ନରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ପରଲୋକ ହୋଇଯାଇଛି । ଠିକ୍ ପୂର୍ବ ଦିନ କଲେଜରେ କର୍ତ୍ତବ୍ୟରତ ଥିବା ଅବସ୍ଥାରେ ଶ୍ରୀଦାସ ଅସୁସ୍ଥ ଅନୁଭବ କରିଥିଲେ । ପ୍ରଥମେ ଭଦ୍ରକ ସରକାରୀ ଡାକ୍ତରଖାନାକୁ ତାଙ୍କୁ ନିଆଯାଇଥିଲା ମାତ୍ର ଅବସ୍ଥା ଜଟିଳ ହେବାରୁ ସାଙ୍ଗେ ସାଙ୍ଗେ ଆପୋଲୋ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ହୃଦଘାତ ସହ ଫୁସଫୁସରେ ପାଣି ଜମି ରହିଥିବାରୁ ଅପରେସନ ସତ୍ତ୍ୱେ ତାଙ୍କର ବଂଚିବା ଆଶା କ୍ଷୀଣ ହୋଇ ଶେଷରେ ଦେହାନ୍ତ ହୋଇଥିଲା । ଆଜି ସକାଳେ ଚରମ୍ପା ମହାବିଦ୍ୟାଳୟ ପରିସରରେ ତାଙ୍କର ମରଶରୀରରେ ପଂହଚିବା ପରେ ଅଧ୍ୟକ୍ଷ ହେମନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା, ସମସ୍ତ କର୍ମଚାରୀ, ପୂର୍ବତନ ଅଧ୍ୟକ୍ଷ ସୌରେଶଚନ୍ଦ୍ର ମହାନ୍ତି, ବ୍ରଜକିଶୋର ବଳ,ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ଡଃ ଉତ୍ପଳା ନାୟକ ତଥା ଅନ୍ୟାନ୍ୟ ବନ୍ଧୁ ଏବଂ ଶୁଭେଚ୍ଛୁ ପୁଷ୍ପ ଅର୍ଘ୍ୟ ପ୍ରଦାନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ପରେ ମହାବିଦ୍ୟାଳୟ ତରଫରୁ ଏକ ଶୋକସଭାର ଆୟୋଜନ କରାଯାଇ ପରଲୋକଗତ ପ୍ରାଧାପକଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଡଃ.ଅମର ଦାସଙ୍କର ସ୍ମୃତି ଚାରଣ କରିବା ସହିତ ତାଙ୍କ ଅବର୍ତମାନ ମହାବିଦ୍ୟାଳୟ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ । ପରିବାର ଲୋକଙ୍କ ଗହଣରେ ଆମ୍ବୁଲାନ୍ସ ଯୋଗେ ତାଙ୍କର ମରଶରୀରକୁ ଅନ୍ତିମ ସଂସ୍କାର ଲାଗି ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା । ଏପରି ଦୁଃସମୟରେ ଭଗବାନ ତାଙ୍କର ପରିବାର ଲୋକଙ୍କୁ ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଥିଲା ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ

ବିଶ୍ୱବିଜୟୀ ଦାଶ

ଉପେନ୍ଦ୍ର ଭଞ୍ଜ ଆଧୁନିକ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଅଞ୍ଚଳରେ ଗୁମୁସର (ଘୁମୁସର) ନାମକ ପ୍ରାଚୀନ ରାଜ୍ୟରେ ନୀଳକଣ୍ଠ ଭଞ୍ଜଙ୍କ ଜ୍ୟେଷ୍ଠପୁତ୍ର ଭାବେ କୁଲାଡଗଡ଼ରେ ଜନ୍ମଗ୍ରହଣ କରିଥିଲେ ।

ଉପେନ୍ଦ୍ର ଭଞ୍ଜଙ୍କର ବାଲ୍ୟଶିକ୍ଷା ଚାହାଳୀରେ ଆରମ୍ଭ ହୋଇଥିଲା । ବାପା ନୀଳକଣ୍ଠ ଓ ଜେଜେ ଧନଞ୍ଜୟଙ୍କଠାରୁ ସେ ବିଭିନ୍ନ ଶାସ୍ତ୍ର ପଢ଼ିଥିଲେ । ଧନଞ୍ଜୟ ଭଞ୍ଜ ଜଣେ କବି ହୋଇଥିବାରୁ ତାଙ୍କ ଦରବାରକୁ ଅନେକ କବି, ପଣ୍ଡିତ, ସାଧୁସନ୍ଥ ବିଭିନ୍ନ ସମୟରେ ଆସୁଥିଲେ ଓ ସେଠାରେ ରହି ସାହିତ୍ୟ ସଙ୍ଗୀତ ବିଷୟରେ ଚର୍ଚ୍ଚା କରୁଥିଲେ । ଉପେନ୍ଦ୍ର ମଧ ଜେଜେଙ୍କ ପାଖରେ ବସି ସେଗୁଡିକ ଶୁଣୁଥିଲେ ଓ ଧୀରେ ଧୀରେ ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଶାସ୍ତ୍ରମାନ ଆୟତ୍ତ କରିଥିଲେ । ଚାହାଳୀରେ ପଢୁଥିବା ସମୟରେ ଉପେନ୍ଦ୍ର କବିତା ଲେଖିବା ଆରମ୍ଭ କରି ଦେଇଥିଲେ ଯାହା ଜେଜେ ଧନଞ୍ଜୟ ବେଶ୍ ପସନ୍ଦ କରିଥିଲେ ଓ ନାତିକୁ ଆହୁରି ଲେଖିବାକୁ ପ୍ରେରଣା ଦେଲେ ।

ଉପେନ୍ଦ୍ର ଯାହା ଯେତେବେଳେ ଲେଖୁଥିଲେ ଜେଜେଙ୍କୁ ନେଇ ଦେଖାଉଥିଲେ ଓ ତାଙ୍କର ପରାମର୍ଶ ନେଉଥିଲେ । ସେ ଜେଜେଙ୍କୁ ନିଜର କାବ୍ୟଗୁରୁ ଭାବରେ ବିଚାର କରି ନିଜ ସାଧନାରେ ଆଗେଇ ଯାଉଥିଲେ । ରାଜା ଧନଞ୍ଜୟଙ୍କ ଦରବାରକୁ ଥରେ ରଘୁନାଥ ନାମରେ ଜଣେ ସିଦ୍ଧପୁରୁଷ ସନ୍ୟାସୀ ଆସିଥିଲେ । ସେ ଉପେନ୍ଦ୍ରଙ୍କର ପାଠପଢ଼ା ଓ କବିତା ଲେଖିବାର ଆଗ୍ରହ ଦେଖି ତାଙ୍କୁ ରାମ ତାରକ ମନ୍ତ୍ର ବୋଲି ଏକ ସିଦ୍ଧ ମନ୍ତ୍ର ଶିଖାଇ ଏହାକୁ କେମିତି ସାଧନା କରିବାକୁ ହେବ ବତାଇଦେଲେ । ମନ୍ତ୍ରଟି ଶିଖିବା ପାଇଁ ଉପେନ୍ଦ୍ର କୁଲାଡ଼ଗଡ଼ ଛାଡ଼ି ଅଳ୍ପ ଦୂରରେ ଥିବା ଏକ ନିର୍ଜନ ସ୍ଥାନକୁ ଚାଲିଗଲେ । ହିଂସ୍ରଜନ୍ତୁପୂର୍ଣ୍ଣ ଓ ପାହାଡ ପର୍ବତଘେରା ସେହି ସ୍ଥାନରେ ଗୋଟିଏ ଗୁମ୍ଫା ଭିତରେ ବସି କିଛିଦିନ ଗୁରୁମନ୍ତ୍ର ସାଧନା କରିବାପରେ ସିଦ୍ଧିଲାଭ କରି ସେ ରାଜପ୍ରସାଦକୁ ଫେରି ଆସିଲେ । ସେହି ସ୍ଥାନଟି ଏବେ ବାଘବଲି ଓ ଡାମଣ ଝୋଲି ନାମରେ ପରିଚିତ,ସାଧନା କରି ଫେରିବା ପରେ ଉପେନ୍ଦ୍ରଙ୍କର ଆଗ ଅପେକ୍ଷା ଆହୁରି କାବ୍ୟ ଲେଖିବା ଓ କାବ୍ୟକବିତା ବିଷୟରେ ଜାଣିବାରେ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଲା । କାବ୍ୟ ଆଲୋଚନା ପାଇଁ ସେ ଜେଜେ ଧନଞ୍ଜୟ ଭଞ୍ଜଙ୍କ ସହିତ ସମୟ ବିତାଉଥିଲେ । ଦିନେ ସାହିତ୍ୟ ଆଲୋଚନା ହେଉଥିଲା ବେଳେ ଧନଞ୍ଜୟ ନିଜର ଶ୍ରେଷ୍ଠ କାବ୍ୟ ରଘୁନାଥ ବିଳାସ ଉପେନ୍ଦ୍ରଙ୍କୁ ଦେଲେ ଓ କିଛି ଦୋଷତ୍ରୁଟି ଥିଲେ ନିର୍ଭୟରେ ତାଙ୍କୁ ଜଣାଇବାକୁ କହିଲେ । ଉପେନ୍ଦ୍ର କାବ୍ୟଟିକୁ ମନଦେଇ ପଢ଼ିସାରିଲାପରେ ଅଳଙ୍କାରର ପ୍ରୟୋଗ କରିଥିଲେ ଆହୁରି ଭଲ ହୋଇଥାନ୍ତା ବୋଲି କହିଲେ, ଧନଞ୍ଜୟ ଭଞ୍ଜ ଏକଥା ଶୁଣି ଖୁସି ହେଲେ ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟଯୁଗୀୟ ଓଡ଼ିଆ ରୀତି ସାହିତ୍ୟର ସର୍ବଶ୍ରେଷ୍ଠ କବି । ଓଡ଼ିଆ ଜାତିର ଭାଷା,ସଂସ୍କୃତି,କଳା,ସଂଗୀତ ତଥା ଆଧାମିକ ଚେତନାର ଯଥାର୍ଥ ପ୍ରତିଫଳନ ହୋଇଥିଲା ତାଙ୍କ ରଚନାବଳୀରେ ।

ଉପେନ୍ଦ୍ର ଭଞ୍ଜଙ୍କ ଠାରେ ବହୁଗୁଣର ସମାହାର ଘଟିଥିଲା । ତାଙ୍କ ରଚିତ କାବ୍ୟମାନଙ୍କରେ ଭରି ରହିଥିଲା ନାନା ରସ,ଅଳଙ୍କାର,ତତ୍ତ୍ୱ ଓ ଦର୍ଶନ । ସେ ଉତ୍କଳୀୟ ସାଂସ୍କୃତିକ ପରମ୍ପରା,ସମସାମୟିକ ସାମାଜିକ ଜୀବନଧାରା ତଥା ଭବିଷ୍ୟତର ଆହ୍ୱାନ ସମ୍ପର୍କରେ ଯଥେଷ୍ଟ ସଚେତନ ଥିଲେ । ତାଙ୍କ ରଚନାରେ ଚରିତ୍ର ଚିତ୍ରଣ, ପରିବେଶ ନିର୍ମାଣ, ପ୍ରକୃତି ବର୍ଣ୍ଣନା, ବଂଶାବଳୀ ଦର୍ଶନ, ନୈତିକ ସମ୍ଭାଷଣ, ଲୋକୋପଦେଶ,ଭକ୍ତି ପ୍ରଦର୍ଶନ ତଥା ରସ ପରିବେଷଣର ଶୈଳୀ ଅନନ୍ୟ ଏବଂ ଅଦ୍ୱିତୀୟ ।

ଉପେନ୍ଦ୍ର ଭଞ୍ଜଙ୍କୁ ବୀରବର, ମଙ୍ଗରାଜ, କବିସାର୍ବଭୌମ , କବିକୁଳକେଶରୀ, କବି ସମ୍ରାଟ ଉପାଧିଦ୍ୱାରା ସମ୍ବୋଧିତ କରାଯାଇଥିଲା । କାବ୍ୟକବିତା ଲେଖି ଉପେନ୍ଦ୍ର ସାରା ଓଡ଼ିଶାରେ ବେଶ୍ ପ୍ରସିଦ୍ଧି ଲାଭ କରିସାରିଥିଲେ । ପୁରୀର ତତ୍କାଳୀନ ଗଜପତି ରାଜା ଦିବ୍ୟସିଂହ ଦେବ କବିଙ୍କ ବିଷୟରେ ଶୁଣିବାକୁ ପାଇଲେ ଓ ତାଙ୍କୁ ସମ୍ମାନିତ କରିବା ପାଇଁ ପୁରୀକୁ ଡକାଇଲେ । ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ଉପେନ୍ଦ୍ର ପୁରୀ ଆସିଲେ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହ ରାଜଦରବାରରେ କାବ୍ୟ ଆଲୋଚନା କଲେ । ତାଙ୍କର କାବ୍ୟ ଆଲୋଚନା ଏତେ ପାଣ୍ଡିତ୍ୟପୂର୍ଣ୍ଣ ଥିଲା ଯେ ଖାଲି ରାଜା କାହିଁକି ବଡ଼ ବଡ଼ ପଣ୍ଡିତମାନେ ମଧ ତାହା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ ।

ଶେଷରେ ଦିବ୍ୟସିଂହ ଦେବ ରାଜଦରବାର ଭିତରେ ଉପେନ୍ଦ୍ରଙ୍କ ମୁଣ୍ଡରେ ପାଟଶାଢ଼ୀ ବାନ୍ଧିଦେଇ କହିଲେ,'ଧନ୍ୟ ଉପେନ୍ଦ୍ର । ତୁମେ ଖାଲି ରାଜପୁତ୍ର ନୁହଁ, ତୁମେ ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ । ତୁମକୁ ଆଜି ମୁଁ ବୀରବର ଉପାଧିରେ ଭୂଷିତ କରୁଛି' । ଉପେନ୍ଦ୍ର ଗଜପତି ଦିବ୍ୟସିଂହ ଦେବଙ୍କର ସେହି ଉପାଧିକୁ ଆଗ୍ରହର ସହିତ ଗ୍ରହଣ କଲେ । ଉପେନ୍ଦ୍ର ଭଞ୍ଜ ପାଖାପାଖି ୫୨ ଗୋଟି ଗ୍ରନ୍ଥ ରଚନା କରିଥିଲେ ବୋଲି ଏକାଧିକ ଗବେଷକମାନଙ୍କଦ୍ୱାରା ଅନୁମିତ ହୋଇଛି । କିନ୍ତୁ ମୁଦ୍ରଣଯନ୍ତ୍ର ଅଭାବରୁ ଏହି ଗ୍ରନ୍ଥଗୁଡ଼ିକ ମଧ୍ୟରୁ ଅନେକ ଗ୍ରନ୍ଥ ଆଉ ଖୋଜିଲେ ମଧ ମିଳିବା ଅସମ୍ଭବ ପ୍ରାୟ । ଏବେ ମାତ୍ର ୨୦-୨୫ ଗୋଟି ରଚନା ମିଳୁଛି ।

ଏହି ବିଷୟରେ ପ୍ରସିଦ୍ଧ ପତ୍ରିକା ଉତ୍କଳ ଦୀପିକାରେ ୧୮୬୬ ମସିହାରେ ଛପାଯାଇଥିଲା । ତାଙ୍କ ରଚିତ କେତୋଟି ପ୍ରମୁଖ କାବ୍ୟ ହେଲା ସରଭ, ଅଭିଷେକ, ବୈଦେହୀଶ ବିଳାସ (ବରେ ଆରମ୍ଭ ହୋଇଥିବା ସବୁ ପଦ), ରାସଲୀଳା, ବ୍ରଜଲୀଳା, ସୁଭଦ୍ରା ପରିଣୟ (ସରେ ଆରମ୍ଭ ହୋଇଥିବା ସବୁ ପଦ),ଲାବଣ୍ୟବତୀ,ପ୍ରେମ ସୁଧାନିଧି, ରସିକହାରାବଳୀ, ଚିତ୍ରକାବ୍ୟ-ବନ୍ଧୋଧ ଲାବଣ୍ୟବତୀ , ବ୍ରହ୍ମାଣ୍ଡ ସୁନ୍ଦରୀ,କଳା କୌତୁକ (କରେ ଆରମ୍ଭ ହୋଇଥିବା ସବୁ ପଦ),ସତୀଶ ବିଳାସ (ସରେ ଆରମ୍ଭ ହୋଇଥିବା ସବୁ ପଦ),ଦମୟନ୍ତୀ ବିଳାସ (ଦରେ ଆରମ୍ଭ ହୋଇଥିବା ସବୁ ପଦ),ପଦ୍ମାବତୀ ପରିଣୟ (ପରେ ଆରମ୍ଭ ହୋଇଥିବା ସବୁ ପଦ) । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧକ,ପ୍ରଖ୍ୟାତ କବି ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଆଉ ଏକ ଚମତ୍କାରି ବର୍ଣ୍ଣନା ।

ରମଣୀ ରତନ ମେଘକୁ ଚାହିଁ
କହିବୁରେ ମେଘ କାନ୍ତଙ୍କୁ ଯାଇ
ଏତେ ଦିନ କିମ୍ପା ବିଳମ୍ବ କଲେ
କାଲି ପରିକି କଷ୍ଟ କରିଥିଲେ ।

ବାଣପୁର,ଖୋର୍ଦ୍ଧା
ମୋ- ୬୩୭୦୨୦୮୪୨୮

ଦୁଇଟି ମିନି ଗଳ୍ପ

ସତ୍ୟନାରାୟଣ ପ୍ରଧାନ

ସଚ୍ଚୋଟତା

ପାଠ ପଢି ଚାକିରୀ ପାଇଁ ଅକ୍ଳାନ୍ତ ପରିଶ୍ରମ କରି ଅସଫଳ ହେବା ପରେ ଯୁବକ ଜଣଙ୍କ ପରିବାର ବୋଝ ମୁଣ୍ଡରେ ବୋହି ରାଜମିସ୍ତ୍ରୀ ଭାବେ କାମ କରିବାକୁ ଆଦରି ନେଇଥିଲା । ଗାଁ ଗଣ୍ଡାରେ ମୂଲ ମଜୁରୀ କରିବାକୁ ଗଲେ ଅନ୍ୟମାନଙ୍କ ପରି ନ ଠକି ମିଳୁଥିବା ପାଉଣା ଅନୁସାରେ ସକାଳରୁ ସନ୍ଧ୍ୟା ଯାଏ କାମ କରି ଘରକୁ ଫେରିଲାବେଳେ ବାଟରେ କାହାର ଟଙ୍କା ପାଇଲେ ଯାହାର ଟଙ୍କା ତାକୁ ଖୋଜି କରି ଦେବା ପରେ ଯାଇ ଘରକୁ ଫେରୁଥିଲା । ସମସ୍ତେ ତାର କର୍ତ୍ତବ୍ୟବୋଧ ଦେଖି ସବୁ ଜାଗାରେ କାମ କରିବା ପାଇଁ ପ୍ରଥମ ପସନ୍ଦ ପାଲଟି ଯାଇଥିଲା ।

ଗାଁ ଲୋକମାନେ ତାର ସବୁଠି ଚାହିଦା ଦେଖି ଈର୍ଷାରେ କିଛି କହି ନ ପାରିଲେ ବି ମିଠା କଥାରେ ତାକୁ ଭୁଲାଇ ନିଜ କାମରେ ମାଗଣାରେ ଲଗାଇବାକୁ ପଛାଉ ନ ଥିଲେ । ତାର ପିଲାମାନେ ଗାଁ ଦାଣ୍ଡରେ ଖେଳନା ଧରି ଖେଳୁଥିବା ବେଳେ ଭୁଲ୍‌ରେ ଛାଡି ଦେଲେ ଗାଁ ଲୋକ ଫେରାଇବା ବଦଳରେ ନିଜ ଘରକୁ ନେଇ ଯାଉଥିଲେ ।ଘରେ ପିଲାମାନେ ବୋଉକୁ ତାର କାମ ଦାମ କଲାବେଳେ ଅଝଟ କରିବାରୁ ବହୁ କଷ୍ଟରେ ଟଙ୍କା ସଞ୍ଚୟ କିଣିଥିବା ମୋବାଇଲ୍ ପିଲାମାନଙ୍କୁ ଦେଖିବାକୁ ଦେଇ କାମରେ ଲାଗି ପଡ଼ିଥିଲେ ।

ପିଲାମାନେ ଆଗ ଭଳି ଦାଣ୍ଡରେ ବସି ଅନ୍ୟ ପିଲାମାନଙ୍କୁ ଦେଖାଇ ଭାରି ଖୁସି ହେଉଥିଲେ । ସେଦିନ ହୋଲି ଥିବାରୁ ଗାଁ ଲୋକ ଆନନ୍ଦରେ ରଙ୍ଗ ଖେଳରେ ମାତି ଯାଇଥିଲେ । ପିଲାମାନଙ୍କୁ ରଙ୍ଗ ବୋଳିବା ବାହାନାରେ ସେ ମୋବାଇଲ୍ ହାତ ଉଠା ପଣ କରି ନେଇ ଯାଇଥିଲେ । ଘରେ ଉଭୟ ପତିପତ୍ନୀ ଜାଣିବା ପରେ କାହାରିକୁ ନିଜ ଆଖିରେ ଦେଖି ନ ଥିବାରୁ ମୁହଁ ଖୋଲି କିଛି କହି ନ ପାରି ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଫଳ କ'ଣ ଏହା ବୋଲି ଭଗବାନଙ୍କୁ ପଚାରିଲା ବେଳେ ଦୁହିଁଙ୍କ ଆଖିରୁ ଅମାନିଆ ଲୁହ ଝରି ପଡିଥିଲା ।ସନ୍ଧ୍ୟା ବେଳକୁ ଗାଁକୁ ଲାଗିଥିବା ପାଟଜମି ଅଧାରୁ ଅଧିକ କିଣିଥିବା ଜମି ମାଲିକ ଫାର୍ମ ହାଉସ କରିବା ପାଇଁ କୋଠାଘର ତିଆରି ହେବାର ସବୁ ଦାୟିତ୍ୱ ସେଇ ଯୁବକ ଉପରେ ନ୍ୟସ୍ତ କରିଥିଲେ । ହୋଲି ପର୍ବ ଲାଗି ଖୁସିରେ ଉପହାର ସ୍ୱରୂପ ମିଠା ପୁଡିଆ ସାଙ୍ଗକୁ ଦାମିକିଆ ମୋବାଇଲ୍ ହାତରେ ଧରାଇ ଚାଲି ଯାଇଥିଲେ । ପାଖରେ ଠିଆ ହୋଇଥିବା ଗାଁ ଲୋକ ତାର ସଚ୍ଚୋଟତାର ଫଳ ଆଖି ଆଗରେ ଦେଖି ଲାଜରେ ମୁଣ୍ଡ ତଳକୁ କରି ସେଠାରୁ ଚାଲି ଯାଇଥିଲେ ।

ଅନ୍ତର୍ଦୃଷ୍ଟି

ଯୁବକ ଜଣଙ୍କ ଚାକିରି ପାଇଁ ବାରମ୍ବାର ପରୀକ୍ଷା ଦେବା ପରେ ବି ସବୁଥର ପରି ତାକୁ ନିରାଶ ହେବାକୁ ପଡ଼ିଥିଲା । ସେ ନିଜ ଉପରେ ବହୁତ ରାଗ କରି ଘରେ କାହାକୁ କିଛି ନ କହି ମନ ଭିତରେ ଚାଲି ଯିବାକୁ ନିଷ୍ପତ୍ତି ନେଇ ବସଷ୍ଟାଣ୍ଡ ନିକଟରେ ପହଞ୍ଚି ଯାଇଥିଲା । ତା ସହିତ ପାଠ ପଢୁଥିବା ସାଙ୍ଗ ସାଥୀମାନେ କାମଧନ୍ଦା ସହ ଚାକିରି କରି ବେଶ୍ ଆରାମରେ ଦିନ ବିତାଉ ଥିବା କଥା ତାକୁ ବେଶି ବିବ୍ରତ କରିବାରୁ ଘର ଛାଡ଼ିବାକୁ ବାଧ ହୋଇଥିଲା । ସେତେବେଳେ ରାସ୍ତା କଡ଼ରେ ଥିବା ଦୋକାନମାନଙ୍କରୁ ଭିକ ମାଗିବା ପାଇଁ ଭିକାରୀଟିଏ ପହଞ୍ଚି ଯାଇଥିଲା । ସେ ଦୋକାନମାନଙ୍କରୁ ମାଗି ନିରାଶ ହେବାପରେ ପୁଣି ଆଖି ଆଗରେ ପଡୁଥିବା ଅନ୍ୟ ଦୋକାନକୁ ଉତ୍ସାହର ଧାଇଁ ଯିବାର ଯୁବକ ଜଣଙ୍କ ଲକ୍ଷ୍ୟ କରୁଥିଲା ।

ସେ ନିଜ ମନର ରାଗକୁ ସୁଖାଇବା ପାଇଁ ସତେ ଯେପରି ଲୋକଟି ମିଳିଗଲା ଭାବି ସିଧା ତା ପାଖକୁ ଯାଇ କେହି ମାଗିଲେ ତ ଦେଉ ନାହାଁନ୍ତି ଟିକେ ଲାଜ ଲାଗୁନି ବାରମ୍ବାର ଠିଆ ହୋଇ ଚାହିଁ ରହୁଛ ।

ଭିକାରୀ ଜଣଙ୍କ ସେ କଥାରେ ଆଦୌ ବିଚଳିତ ନ ହୋଇ ଟିକେ ମୁରୁକି ହସି ଦେଇ କହିଲେ , ମୋ ଜୀବନର ଅନ୍ତର୍ଦୃଷ୍ଟି ହେଲା ଅନ୍ୟମାନଙ୍କ ଠାରୁ ମାଗି କରି ପେଟ ପୋଷିବା କେହି ଦିଅନ୍ତୁ ବା ମନା କରି ଦିଅନ୍ତୁ ସେଥିରେ କୌଣସି ଯାଏ ଆସେନାହିଁ କେହି ଜଣେ ହେଲେ ତ ଦେବେ ସେ ବିଶ୍ୱାସରେ ଆଗକୁ ବଢ଼ିବାକୁ ପରମ ଧର୍ମ ମନେ କରେ ।

ଯୁବକ ଜଣଙ୍କ ପରୀକ୍ଷାରେ ବିଫଳ ହେବା ପରେ ନିଜ ଧ୍ୟାନ ସେ ଜିନିଷ ପ୍ରତି ଆହୁରି କେନ୍ଦ୍ରିତ କରିବା ବଦଳରେ ପଛଘୁଞ୍ଚା ଦେବାର ଭୁଲ୍ ବୁଲା ଭିକାରୀର ପ୍ରେରଣା ଭରା କଥା ଶୁଣି ବୁଝି ପାରିଥିଲା । ନିଜ ମନରୁ ହାରିଯିବାର ଭୟ ବାହାର କରି ପୁଣି ଥରେ ପ୍ରସ୍ତୁତ ହେବାକୁ ଘରକୁ ଯିବା ପାଇଁ ବାହାରି ପଡୁଥିବା ବେଳେ ଭିକାରୀକୁ ନିଜ ପକେଟ୍‌ରୁ ପାଞ୍ଚ ଟଙ୍କା କାଢି ତା ହାତରେ ଧରେଇ ସେଠାରୁ ଚାଲି ଆସିଲା ।

ଅଣ୍ଡିଆ, ଜେନାପୁର ,
ଯାଜପୁର , ମୋ -୯୧୭୮୩୧୩୬୪୪

ସତ୍ୟବାଦୀ ସାହିତ୍ୟରେ ଉତ୍କଳୀୟ ପ୍ରାଣ

ଡ. ଇଂ ସଞ୍ଜୟ କୁମାର ପଣ୍ଡା

ସତ୍ୟବାଦୀ ସାହିତ୍ୟର ଅୟମାରମ୍ଭ ପୂର୍ବରୁ ଉନବିଂଶ ଶତାବ୍ଦୀର ଶେଷ କାଳରେ ଓଡିଆ ଭାଷା ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ଏହି ସାଂସ୍କୃତିକ ସନ୍ଧିକ୍ଷଣ କାଳରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଭ୍ୟତାର ସମନ୍ୱିତ ଭାବଧାରା ଚିନ୍ତା ଚେତନାକୁ ଜାଗ୍ରତ କରି ନୂତନ ରୂପ ପରିପ୍ରକାଶ କରିଥିଲା । ଏହି ଅମୃତମୟ ଫଳ ଶ୍ରୁତିରୁ ଆଧୁନିକ ଓଡିଆ ଭାଷାର ନବ ଉନ୍ମେଷ ସଂଘଟିତ ।

ପାଶ୍ଚାତ୍ୟ ସଭ୍ୟତାକୁ ପ୍ରସାରିତ କରିବାକୁ ଯାଇ ଖ୍ରୀଷ୍ଟଧର୍ମର ପ୍ରଚାର ପାଇଁ ଆବଶ୍ୟକ ଆଞ୍ଚଳିକ ଓଡିଆଭାଷାର ଆବଶ୍ୟକତା ହେତୁ ସଟନ ସାହେବଙ୍କ ଓଡିଆ ବ୍ୟାକରଣ ସଙ୍କଳନ ଓ ପାଠ୍ୟପୁସ୍ତକ ପ୍ରଣୟନ ଓଡିଆ ଭାଷାର ସମ୍ପ୍ରସାରଣର ମୂଳଭିତ୍ତି ସ୍ଥାପନ କଲା। ଆଧୁନିକ ଶିକ୍ଷାକୁ ପ୍ରୋତ୍ସାହିତ କରି ନୂତନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାର ମୂଳ ଅଭିସନ୍ଧି ଅନ୍ୟ କିଛି ଥିଲେ ମଧ ଏହା ଭବିଷ୍ୟତ ଆନ୍ଦୋଳନରେ ସହାୟକ ହେଲା । ବିଭିନ୍ନ ପ୍ରକାର ଖ୍ରୀଷ୍ଟୀୟ ଧର୍ମ ପ୍ରଚାରପତ୍ର ଓ ପୁସ୍ତକ ମୁଦ୍ରଣ ନିମନ୍ତେ ସ୍ଥାପିତ ଛାପାଖାନା କଟକରେ କଟକ ପ୍ରିଣ୍ଟିଂପ୍ରେସ ସ୍ଥାପନ କରିବାକୁ ପ୍ରେରଣା ଦେଲା । ଖ୍ରୀ ୧୮୭୩ରେ 'ଉତ୍କଳ ଦର୍ପଣ' ପ୍ରଥମ ଓଡିଆ ସାହିତ୍ୟ ପତ୍ରିକା ରୂପେ ପ୍ରକାଶିତ ହୋଇ ଓଡିଆ ଭାଷାରେ ପୂର୍ଣ୍ଣିମା ଯୋଗ ସୃଷ୍ଟି ହେବାର ଆଶା ସଂଚାର କଲା । କିନ୍ତୁ ଖ୍ରୀ ୧୮୭୦ ମସିହାରୁ ତତ୍କାଳୀନ ଇଂରେଜ ପ୍ରଶାସକ ହଣ୍ଟର ସାହେବ, ଜନ୍ ବିନ୍‌ସ ଓ ରେଭେନ୍‌ସା ସାହେବ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ଇତିହାସ, ପରମ୍ପରା ଆଦିର ପ୍ରନ୍‌ତାତ୍ତ୍ୱିକ ଗବେଷଣା କରି ଓଡିଆ ଜାତିର ସ୍ୱତନ୍ତ୍ରତା ରାଷ୍ଟ୍ରୀୟ ସ୍ତରରେ ଉପନୀତ କରିବା ଦ୍ୱାରା ଓଡିଆ ଏକ ସ୍ୱତନ୍ତ୍ର ଭାଷାର ସ୍ୱର ଜାଗ୍ରତ ହେଲା, ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ଫକୀର ମୋହନ ସେନାପତିଙ୍କ ଦ୍ୱାରା ଶାଣିତ ହେଲା । ଜନ୍ ବିମ୍‌ସଙ୍କ ଦ୍ୱାରା ଖ୍ରୀ ୧୮୭୦ରେ କଲିକତାର ଏସିଆଟିକ୍ ସୋସାଇଟିରେ ଏକ ପ୍ରବନ୍ଧ ଉପସ୍ଥାପନା ଓଡିଆ ଭାଷାର ପ୍ରାଚୀନତା, ସ୍ୱତନ୍ତ୍ରତା ଓ ମୌଳିକତାକୁ ପ୍ରମାଣିତ କରିଥିଲା । ଫଳରେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓ ରାଜେନ୍ଦ୍ରଲାଲ ମିତ୍ରଙ୍କ ପରି ଚକ୍ରାନ୍ତକାରୀଙ୍କ କବଳରୁ ଓଡିଆ ଭାଷା ମୁକ୍ତ ହୋଇ ନିଜର ସୌରଭ ବିକିରିତ କରିବାରେ ସକ୍ଷମ ହେଲା । ଏହି ସାଂସ୍କୃତିକ ଜାଗରଣ ଓଡିଆ ଜାତିର ସ୍ୱାଭିମାନ ବିବର୍ଦ୍ଧିତ କରିବା ସହ ଭାରତୀୟ ଜାତୀୟବୋଧକୁ ପ୍ରଶସ୍ତିତ କଲା ।

ଶିକ୍ଷାର ପ୍ରଚାର ପ୍ରସାର ହେବାରୁ ହିନ୍ଦୁଧର୍ମରେ ସଂସ୍କାର ଆରମ୍ଭ ହେଲା ଓ ବିଧବା ପ୍ରଥା ଉଚ୍ଛେଦ ସହ ଅନେକ କୁସଂସ୍କାର ଓ ଅନ୍ଧବିଶ୍ୱାସର ମୂଳୋତ୍ପାଟନ ପର୍ବ ସୃଷ୍ଟି ହୋଇ ଆନ୍ତର୍ଜାତୀୟ ଚେତନା କ୍ରମଶଃ ସୃଷ୍ଟି ହେଲା। ଏହି ସମୟରେ ଫକୀର ମୋହନ ସେନାପତି, ରାଧାନାଥ ରାୟ, ଗଙ୍ଗାଧର ମେହେର, ମଧୁସୂଦନ ରାଓ, ନନ୍ଦକିଶୋର ବଳ, ବିଶ୍ୱନାଥ କରଙ୍କ ଜାତୀୟ ପ୍ରୀତି ଓ ଓଡିଆ ସାହିତ୍ୟର ଶାଣିତ ସ୍ୱର ଓଡିଆ ଭାଷାର ଅସ୍ମିତାକୁ ବିବର୍ଦ୍ଧିତ କରିବା ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସ୍ୱରୂପର ବୀଜ ରୋପଣ ହେଲା । ରାଧାନାଥ ରାୟଙ୍କ ପାଶ୍ଚାତ୍ୟ ସାହିତ୍ୟର ଅନୁବାଦ ହେତୁ ଭାଷା ଆନ୍ଦୋଳନର ରୂପରେଖ କାବ୍ୟିକ ଧାରାରୁ ବିଚ୍ୟୁତ ହୋଇ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ ଆଦି ଧାରାକୁ ସୃଷ୍ଟିକଲା, ଫଳସ୍ୱରୂପ 'ବିବେକୀ' ନାମକ ଏକ ଦୀର୍ଘ ପ୍ରବନ୍ଧ ଓଡିଆ ପ୍ରବନ୍ଧର ପ୍ରଥମ ଆଖ୍ୟା ପ୍ରାପ୍ତ କଲା । ତାଙ୍କଦ୍ୱାରା ରଚିତ ଅନେକ କାବ୍ୟ ପାଶ୍ଚାତ୍ୟ ସାହିତ୍ୟରୁ ପ୍ରେରଣା ପ୍ରାପ୍ତ । ଗଙ୍ଗାଧର ମେହେରଙ୍କ ଭାଷାପ୍ରୀତି, ଧର୍ମୀୟଭାବ, ଅମୃତମୟ ଚିନ୍ତାଚେତନା ଓଡିଆଭାଷା ଜାଗରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ସମୟରେ ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ଓଡିଆ ଭାଷାର ଶକ୍ତ ଭିତ୍ତି ରୂପେ ପ୍ରତିପାଦିତ ହେଲା। ଫକୀର ମୋହନଙ୍କ ଲେଖନୀରୁ ଝଂକୃତ ହେଲା...

'ଭାଷା ହିଁ ଜୀବନୀ ଶକ୍ତି ଜାତି ମାନଙ୍କର
ଯେଉଁ ଜାତି ଭାଷାହୀନ ସେ ଜାତି ବଧିର ।'

(ଶେଷଭାଗ ଆସନ୍ତା ସପ୍ତାହରେ)

ଶିକ୍ଷାବିତ, ପ୍ରାକ୍ତନ ଅର୍ଥକମିଟି ସଦସ୍ୟ
ଓଡିଶା ସାହିତ୍ୟ ଏକାଡେମୀ, ବୌଦ୍ଧ

କବିତା

କେମିତି କହିବି...

ପ୍ରମୋଦ କୁମାର ମହାପାତ୍ର

କେମିତି କହିବି କିଛି ମୁଁ ପାଇନି
ଯାହାବି ପାଇଛି ହିସାବ ରଖିନି,
ସମୟ ଜୁଆରେ ଭାସି ମୁଁ ଯାଏରେ
ଅକୁହା ବେଦନା କିଏ ବା ପଚାରେ,
କେମିତି କହିବି କିଛି ମୋର ନାହିଁ
ଯାହା ବି'ତ ଅଛି, ସେତକ ଜାଣିନି ।
ଜନମ ତ କେବେ ନଥିଲା ମୋ ହାତେ
ମରଣର ଦିନ ଜଣା ନାହି ମୋତେ,
ପାଶେ ଅଛି ଯାହା ସେହି ମୋ କରମ
ନିଜ ପାଇଁ କା'ରେ ଦୋଷ ମୁଁ ଦେଇନି ।
ନିତି ଆକାଶରେ ସୁରୁଜ ଦେଖୁଛି
ଭାବେ ପୁଣି ଥରେ ସକାଳ ଆସିଛି,
ସଜ ଫୁଟା ଫୁଲ ମହକରେ ଭୋଳ
ହଜିଲା ଦିନକୁ ମନରେ ହେଜିନି ।
ବଇଶାଖ ଖରା ଶ୍ରାବଣର ଧାରା
ଥିରି ଥିରି ଶୀତ ଫଗୁ ମଧୁଭରା,
ଜୀବନ ଭରିଛି କେତେ ରଙ୍ଗ ଛିଟା
ଅବଶୋଷ କାହିଁ ରଖିବି ବଞ୍ଚିନି ।

କଳାପାଣି,ବରଗଡ଼
ମୋ - ୯୪୩୭୫୬୭୮୩୧୧

ପ୍ରେମପକ୍ଷୀ

ବର୍ଷାରାଣୀ ମହାମଲ୍ଲୀକ

ସୁଲୁ ସୁଲୁ ପବନଟା ଯାଉଅଛି ବହି
ସଜଡା କେଶକୁ ମୋର ଅସଜଡ଼ା କରି ।
ଝରକା ସେପାଖେ ଶୁଭେ କୋଇଲିର ସ୍ୱନ
ପୁଲକିତ କରୁଅଛି ଏଇ ମୋର ମନ ।
ଅନ୍ୟମନସ୍କ ମୁଁ ବସି ଝରକା ଏ ପାଖେ
ଦୂରେ କେଉଁ ବଂଶୀ ସ୍ୱନ ଡାକୁଅଛି ମତେ ।
ଆମ୍ବ ବଉଳର ବାସ୍ନା ଆସୁଅଛି ବହି
ଥିରି ପବନରେ ନାଚୁଅଛି ରହି ରହି ।
ଡାକୁଛି ସେ ଆସି ନାଚିବାକୁ ଥରେ ମତେ
ଆ ମୋ ପାଖକୁ ବାହାନା କରୁଛୁ ତୁ କେତେ ।
ଜାଣେନା ମୁଁ ଗୀତ ଗାଇ ତଥାପି ଗାଉଛି
ଗାଉନି ବେଶୀ ଗୁଣୁଗୁଣୁ ଯାହା ହେଉଛି ।
ପବନରେ ଡାଏରୀର ପୃଷ୍ଠା ଓଲଟୁଛି
କବିତାଟିଏ ଏବେ ମୋ ମନକୁ ଆସୁଛି ।
କାହିଁକି ଆନମନା ମନ ମୋର ହେଉଛି
ତା ପାଇଁ ଲେଖିବି ବୋଲି କେବେ ଠୁଁ ଭାବୁଛି ।
ତା ଠାରେ ମନ ପ୍ରାଣ ଦେଇଛି ଏବେ ବିକି
ନୀଳ ଆକାଶରେ ଉଡେ ଆଜି ପ୍ରେମପକ୍ଷୀ ।

ବରଗଡ଼
ମୋ-୮୨୬୦୬୫୯୩୩୨

ସେ ସୃଷ୍ଟିର ଦିବ୍ୟ ଦାନ...

ରାମଚନ୍ଦ୍ର ବେହେରା

ଆଦ୍ୟ ବସନ୍ତର ତରୁ ଲତା ସମ
ହସୁଥାଏ ଖିଲି ଖିଲି
ପ୍ରଜାପତି ପରି ଘର ଅଗଣାରେ
ପ୍ରୀତି ରଙ୍ଗ ଦିଏ ବୋଳି
ସେ ଆମ ସୁଖ ସମ୍ପଦା
ଶାନ୍ତ ସ୍ମିତ ହାସ୍ୟେ ସଭିଙ୍କୁ ହସାଏ
ଭୁଲି ଜୀବନର ବାଧା ।
ସରଗ ପରୀ ସେ ଅତି ଅଲିଅଳି
ଧନ୍ୟ ତା ସେନେହ ଡୋରୀ
ହୀରା ଲୀଳା ମୋତି ନୁହେଁ ତା'ର ତୁଲ
ସେ ଆମ ଘରର ଶିରୀ
ମମତାର ମରୁଦ୍ୟାନ
ଦୁଇ ପରିବାର ତା'ପାଇଁ ହସଇ
ସେ ଆମ ହୃଦ ସ୍ପନ୍ଦନ ।
ଶକ୍ତି ସ୍ୱରୂପିଣୀ ପ୍ରେରଣା ଦାୟିନୀ
ସେ ଆମ ଲକ୍ଷ୍ମୀ ଚଞ୍ଚଳା
ମାନ ଅଭିମାନ ଘାତ ପ୍ରତିଘାତ
ସହେ ସେ ସାଜି ଅବଳା
ପରାଣେ ଛୁପାଇ ଦୁଃଖ
ପରିବାର ହିତେ ସମର୍ପି ଦିଏ ସେ
ସ୍ନେହ ଶ୍ରଦ୍ଧା ସ୍ୱର୍ଗସୁଖ ।
କନ୍ୟା ରୂପେ ସିଏ ବସୁଧାକୁ ଛୁଏଁ
ସ୍ୱାମୀ ଗୃହେ ସୋହାଗିନୀ
ସଂସ୍କାର ସଂସ୍କୃତି ଆପଣାଇ ବନେ
ମମତାମୟୀ ଜନନୀ
ସେ ସୃଷ୍ଟିର ଦିବ୍ୟ ଦାନ
ପ୍ରୀତିସୁଧା ପୁଣି ଆଦରଣୀୟା ସେ
ତା'ପାଇଁ ଦୁନିଆଁ ଧନ୍ୟ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ବିରହୀ ମନ

ଅନସୂୟା ପଣ୍ଡା

ହଜିଥିବା ସମୟର ସେପାରିରେ
ଅଦୃଶ୍ୟରେ ଅନୁପମ ଅନୁରଞ୍ଜନ
ମୃଦୁ ମଳୟ ପାରିପ୍ଲାବିତ ସ୍ପର୍ଶ
ପହିଲି ସ୍ୱପ୍ନର ଅଣାୟତ୍ତ ନିର୍ବାସନ
ମନେ ଲାଗେ ସବୁ ହେଲା ଶେଷ
ଜନ୍ମ ନେଲା ବିରହ ବେଦନା ।
ଭାଗ୍ୟରେଖାରେ ହଜିଥିବା ମଧୁଲଗ୍ନ
ବାସି ମହକରେ ଆନମନ
ପଶ୍ଚାତ୍ତାପରେ ବିରହୀ ମନ
ଖୋଜୁଥିବା ଥକିଲା ନୟନ
ଅସହାୟ ବିଷାଦେ ବିଦୀର୍ଣ୍ଣ
ବିଭ୍ରମିତ ହୃଦୟେ କାରୁଣ୍ୟ ।
ମନର ଗହଳ କୁଞ୍ଜରେ ଅପରାହ୍ନ
ଉଦ୍ରେକ ନୀଳଜହ୍ନର ନିର୍ବାପଣ
ରହିରହି ବିଦାରୁ ଥିବା ଶୂନ୍ୟପଣ
ପ୍ରେମ ଭୂଗୋଳର ଉଜୁଡା ଅରଣ୍ୟ
ବିରହ ଉତ୍କଣ୍ଠିତା କ୍ଷତ ଚିହ୍ନ ।
ଅନୁରାଗେ ଅନୁପମ
ମାୟାର ସମ୍ମୋହନ
ବିରହ ରାତିର ଓଠରେ
ଉକୁଟି ଉଠୁଥିବା ତିଳ ଚିହ୍ନ
ଦ୍ୱିବିଧାରେ କଟୁଥିବା ଅଥୟ ମନ ।
ସେପାରିର ବିଭୋରିତ ଝାଉଁବଣ
ଝଡି ପଡିଥିବା ଭାବମୟ
ଉଚ୍ଛୁଳା ମୁହୂର୍ତ୍ତର ଅନୁରଣନ
ବିରହଗଣିତ ମର୍ମ ଭେଦି ନିକ୍ୱଣ
ହତାଶାରେ ଠିଆ ଅନୁଚ୍ଚାରିତ
ଅଣଲେଉଟା ଭାବର ବିକଳପଣ ।
ଅଭୁଲା ସେ କିଚିରି ମିଚିରି ସ୍ୱନ
ଅଧା ଅଧୁରା ଆଲିଙ୍ଗନ
ଢେଉ ଭଙ୍ଗା ସ୍ପନ୍ଦିତ ଫଗୁଣ
କଳ୍ପନାରେ ମଉଳା ମନ
ଭୁଲେନା ଆଖିତଳେ ତିନ୍ତୁଥିବା
ଅହରହ ବିରହତାପରେ ଦିନ ।

ବୁର୍ଲା, ସମ୍ବଲପୁର,
ମୋ-୯୪୩୯୨୧୧୯୭୧

ପଖାଳ

ରଞ୍ଜିତା ରାଉଳ

ଓଡିଆ ଘରର ପରମ୍ପରା ପୁଣି
ଆମ ଏ ପଖାଳ କଂସା
ନିତିଦିନିଆ ଏ ଜୀବନ ଆମର
ତୋରାଣିରେ ମରେ ତୃଷା ।
ସଂଘର୍ଷ ଜୀବନ ପଖାଳରେ ଗଢ଼ା
ମନରେ ଯୋଗାଏ ଶକ୍ତି
କଷ୍ଟ ଅକ୍ଳାନ୍ତର ମହତ୍ତ୍ୱ ଯେ, ବୁଝେ
ପଖାଳ ତା ଆତ୍ମତୃପ୍ତି ।
ଚାଲି ଓ ଚଳଣି ଓଡିଆ ଆମର
ବିଦେଶୀର ଢଙ୍ଗ ନୁହଁ
ଓଡିଆ ହୋଇକି ପଖାଳ ନ ଭୁଲି
ତାତ୍ପର୍ଯ୍ୟତା ବୁଝୁଥାଅ ।
ରୁଟି ନାନ୍ ଆଉ ବିରିଆନୀ ଖାଇ
ଜୀବନ ଯିଏ କାଟଇ
ତା' ପାଇଁ ଅପୂର୍ବ ଏ ପଖାଳ
ନିତ୍ୟ କିନ୍ତୁ କିଏ ପଖାଳକୁ ଖାଉଥାଇ ।

ଅନୁଗୋଳ
ମୋ- ୮୫୯୮୮୦୧୫୨୦

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୪୩°ରେ...

ରାୟଗଡା, କୋରାପୁଟ, ମାଲକାନଗିରି ଲାଗି ୟେଲୋ ୱାର୍ଣ୍ଣିଂ ରହିଛି । ଏହି ସମୟ ମଧ୍ୟରେ ପବନ ବହିବା ସହ ଗଛ ଉପୁଡି ପଡିବା ଓ ଚାଷକୁ କ୍ଷତି କରିବା ନେଇ ସତର୍କ କରାଇ ଦିଆଯାଇଛି । ବିପଦଶଙ୍କୁଳ ଘରଗୁଡିକ ମଧ୍ୟ ପବନ ଓ ବର୍ଷା ଯୋଗୁ ଭାଙ୍ଗି ପଡିବାର ସମ୍ଭାବନା ରହିଛି । ଏଥିଲାଗି ଝରକା ବନ୍ଦ କରିବା ସହ ଘର ଭିତରେ ରହିବା ଯଥା ସମ୍ଭବ ଯାତ୍ରାକୁ ସ୍ଥଗିତ ରଖିବା ପାଇଁ ସତର୍କ କରାଇ ଦିଆଯାଇଛି । ସେହିଭଳି ଇଲେକ୍ଟ୍ରୋନିକ୍ସ ଓ ଇଲେକ୍ଟ୍ରିକାଲ୍ ସାମଗ୍ରୀଗୁଡିକର ପ୍ଲଗ୍ ବାହାରେ ରଖିବା ପାଇଁ ଅନୁରୋଧ କରାଯାଇଛି । ଖରାର ଉତ୍କଟ ପ୍ରଭାବ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ୨୩ ସହରର ତାପମାତ୍ରା ୪୦° ଟପିଥିବାବେଳେ ୪ ସହରର ସର୍ବାଧିକ ତାପମାତ୍ରା ୪୩° ଛୁଇଁଛି । ମାଲକାନଗିରିରେ ୪୩.୨°, ବୌଦ୍ଧ ଓ ଟିଟିଲାଗଡରେ ୪୩° ପାରଦ ଟପିଛି । କଟକରେ ୪୦.୧° ଓ ଭୁବନେଶ୍ୱର ତାପମାତ୍ରା ସାମାନ୍ୟା ହ୍ରାସ ପାଇଁ ୩୯.୬°ରେ ପହଞ୍ଚିଛି । ଉତ୍ତର-ପଶ୍ଚିମ ଓ ପଶ୍ଚିମ ଦିଗରୁ ରାଜ୍ୟକୁ ପ୍ରବେଶ କରୁଥିବା ଶୁଷ୍କ ଓ ଗରମ ବାୟୁ ପ୍ରବାହ ଦ୍ୱାରା ବିଭିନ୍ନ ସହରର ତାପମାତ୍ରା ୨ ରୁ ୩° ବୃଦ୍ଧି ପାଇବାର ସମ୍ଭାବନା ରହିଛି । ୭ ଓ ୮ ତାରିଖରେ ଏକ ଟ୍ରଫ୍‌ଲାଇନ୍ ସୃଷ୍ଟି ହେବ । ବଙ୍ଗୋପସାଗରରୁ ଜଳିୟବାଷ୍ପ ବାୟୁ ଓଡ଼ିଶାକୁ ଆସିବାର ଥିବାରୁ କାଳବୈଶାଖୀ ହୋଇପାରେ । ୭ ତାରିଖରେ ଉପକୂଳ ଓ ଅଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ୪୦ ରୁ ୫୦ କିମି ବେଗରେ ପବନ ସହ ବିଜୁଳି ଘଡଘଡି ହେବାର ସମ୍ଭାବନା ରହିଛି । କିଛି ସ୍ଥାନରେ କୁଆପଥର ସହ ପ୍ରବଳ ବର୍ଷା ହୋଇପାରେ । ୮ରେ ଉପକୂଳବର୍ତ୍ତି ଜିଲ୍ଲାଗୁଡିକ କାଳବୈଶାଖୀରେ ପ୍ରଭାବିତ ହେବାର ସମ୍ଭାବନା ରହିଛି । ତେବେ ଭୁବନେଶ୍ୱର, କଟକ, ପାରାଦ୍ୱୀ, ନୟାଗଡ, ଖୋର୍ଦ୍ଧା ଓ ପୁରୀରେ ସର୍ବାଧିକ ତାପମାତ୍ରା ବଢ଼ିବ କିମ୍ବା ଏହା ଅପରିବର୍ତ୍ତିତ ରହିବ ବୋଲି ସୂଚନା ମିଳିଛି ।

ନାଳକୁ...

ଆସିବାରୁ ତାକୁ ବଂଚାଇବାକୁ ଯାଇ ଭାରସ୍ୟାମ ହରାଇ ବସ ଟି ଶଙ୍କ ତଳକୁ ଖସିଥିଲା । ଏଥିରେ ୧୬ଜଣ ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ଆହତମାନଙ୍କୁ ଖୋର୍ଦ୍ଧା ମେଡିକାଲ ରେ ଭର୍ତି କରାଯାଇଥିଲା । ସେଠାରୁ ୬ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବାବେଳେ ୧୦ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିବା ପୁଲିସ ସୂତ୍ରରୁ ଜଣାଯାଇଛି । ଖବର ପାଇ ଦୁର୍ଘଟଣାସ୍ଥଳକୁ ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠି, ଶିଳ୍ପାଂଚଳ ପୁଲିସ ପହଁଚି ଘଟଣାର ତଦନ୍ତ କରିଥିବାବେଳେ ମେଡିକାଲ କୁ ଉପଜିଲ୍ଲାପାଳ ଶ୍ରୀ ସେଠି, ସିଡିଏମଓ ଡା.ରାଜ୍ୟଶ୍ରୀ ପଟ୍ଟନାୟକ, ଡ଼ିଏମଓ ଡା. ବିଶ୍ୱନାଥ ପାଢୀ ପ୍ରମୁଖ ଯାଇ ଆହତ ଚକିତ୍ସାର ତଦାରଖ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟଅବସ୍ଥା ପଚାରି ବୁଝିଥିଲେ । ଖବର ପାଇ ଚିକିତ୍ସାଧିନଥିବା ସମସ୍ତ ଆହତଙ୍କୁ ବିଜେଡି ସଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି । ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହିତ କିପରି ସେମାନଙ୍କୁ ଉତମ ଚିକିତ୍ସା ଯୋଗାଇଦିଆଯିବ ସେ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି ।

ବିଜେପିରୁ...

ବିଜେଡି ତାଙ୍କୁ ନିଲମ୍ବନ କରିଥିଲା । ପୁଅ, ବୋହୁଙ୍କ ମାମଲାର ସମାଧାନ ହେବାପରେ ସେ ପୁଣି ବିଜେଡିକୁ ଫେରିଥିଲେ । ତେବେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରଘୁ ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିଲେ । ସେ ପୁଣି ବିଜେଡିକୁ ଫେରିବେ ବୋଲି ଚର୍ଚ୍ଚା ହେଉଛି ।

ମନୀଷଙ୍କୁ...

ଦିଆଯାଇଛି ବୋଲି ଇଡିର ଓକିଲ ଜୋୟେବ ହୋସେନ୍ କହିଥିଲେ । ଏହାପରେ କୋର୍ଟ ତାଙ୍କ ବିଚାରବିଭାଗୀୟ ହାଜତ ମିଆଦକୁ ୧୮ ତାରିଖ ଯାଏ ବୃଦ୍ଧି କରିଥିଲେ । ତାଙ୍କ ଜାମିନ ଆବେଦନ ଉପରେ ଆସନ୍ତା ୧୦ ତାରିଖରେ ପୁଣି ଶୁଣାଣି ହେବ । ଇଡି ପକ୍ଷରୁ କୁହାଯାଉଛି ଯେ କିଛିମାସ ତଳେ ସେ ରାଉସ୍ ଆଭିନ୍ୟୁ କୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ । ଏହାପରେ ସୁପ୍ରିମ୍‌କୋର୍ଟ ଯାଇଥିଲେ । ସୁପ୍ରିମ୍‌କୋର୍ଟ ମଧ୍ୟ ତାଙ୍କ ଜାମିନକୁ ଖାରଜ କରିଥିଲେ । ସେତେବେଳେ ଇଡି ଦର୍ଶାଇଥିଲା ଯେ ୬ ରୁ ୮ ମାସ ତାଙ୍କ ଟ୍ରାଏଲ ସରିବା ପାଇଁ ଲାଗିବ । ଇତି ମଧ୍ୟରେ ୬ ମାସ ପଳାଇଲାଣି । ମାତ୍ର ଏପର୍ଯ୍ୟନ୍ତ ଡକ୍ୟୁମେଣ୍ଟ ଯାଞ୍ଚ କରାଯାଉଛି ଓ ଅଭିଯୋଗ ଏ ପର୍ଯ୍ୟନ୍ତ ଦାଖଲ ମଧ୍ୟ ହୋଇପାରିଲା ନାହିଁ । ତେବେ ଇଡି ପକ୍ଷରୁ ଗୋଟିଏ କଥା କୁହାଯାଉଛି ଯେ ସିସୋଦିଆଙ୍କ ବିନା ଅବକାରୀ ନୀତିରେ ଆର୍ଥିକ ଲେଣଦେଣ କାରବାର ହୋଇପାରିନଥାନ୍ତା । ହୋଲ୍‌ସେଲ୍ ବିତରକଙ୍କ ଠାରୁ ୫୮୧ କୋଟି ଟଙ୍କା କମିଶନ ନିଆଯାଇଥିବା ଅଭିଯୋଗ ଆସିଛି ।

ଓଡ଼ିଶାକୁ...

ଗାଁକୁ ଆସି ବଳପୂର୍ବକ ଲୋକଙ୍କ ଘରେ ପଶିବା ସହ ଜମିଜମା ରେକର୍ଡ, ଓଡ଼ିଶା ନକ୍ସା ନେଇଗଲେ। ଏହି ଅନ୍ୟାୟ ବିରୋଧରେ ଭୋଗରାଇର ତତ୍କାଳୀନ ଲକ୍ଷ୍ମୀପାଟଣା ଫାଣ୍ଡିରେ ଶଙ୍ଖାମେଦି ଗ୍ରାମବାସୀ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ପୁଲିସ କିଛି ଶୁଣି ନଥିଲା। ସେହିଦିନରୁ ଦୀର୍ଘ ୬ ଦଶନ୍ଧି ଧରି ଉକ୍ତ ଗାଁର ମାଲିକାନା ପଶ୍ଚିମବଙ୍ଗ ସରକାରଙ୍କ ହାତକୁ ଚାଲିଯାଇଛି। କିନ୍ତୁ ଶଙ୍ଖାମେଦି ଗ୍ରାମବାସୀଙ୍କ ମନ ଓ ପ୍ରାଣ ଏବେ ବି ଓଡ଼ିଶାରେ। ନିଜ ରାଜ୍ୟ ଓଡ଼ିଶାରେ ରହିବା ପାଇଁ ୬୦ ଦଶକରୁ ସେମାନେ ସବୁପ୍ରକାର ଉଦ୍ୟମ କରି ଆସୁଛନ୍ତି। କିନ୍ତୁ ସେମାନଙ୍କର ଏହି ନ୍ୟାଯ୍ୟ ଦାବି ପୂରଣ ଦିଗରେ କୌଣସି ସ୍ତରରେ ପଦକ୍ଷେପ ନିଆଯାଉନାହିଁ ବୋଲି କହିଛନ୍ତି ଗ୍ରାମର ବରିଷ୍ଠ ନାଗରିକ ।୧୯୫୪ ମସିହାରୁ ଏହି ଗାଁରେ ଓଡ଼ିଶା ସରକାରଙ୍କ ଦ୍ୱାରା ଏକ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଛି। ଏବେ ଶଙ୍ଖାମେଦି ଗାଁର ଅଧିବାସୀ ଭୋଗରାଇ ବ୍ଲକ୍ ଅନଳିଆ ପଞ୍ଚାୟତ ଓ ପଶ୍ଚିମବଙ୍ଗର ବାଧିଆ ପଞ୍ଚାୟତର ଭୋଟର ତାଲିକାରେ ଦ୍ୱୈତ ଭୋଟର ଭାବେ ରହିଛନ୍ତି। ୧୯୯୦ରୁ ଏହି ଗାଁକୁ ଓଡ଼ିଶା ସରକାର ବିଜୁଳି ଯୋଗାଉଛନ୍ତି। ୨୦୧୮ ଅକ୍ଟୋବର ୨ ତାରିଖରେ ବାଲେଶ୍ୱର ଜିଲ୍ଲା ଜଳ ଓ ପରିମଳ ମିସନ ପକ୍ଷରୁ ଏହି ଗାଁକୁ ବାହ୍ୟ ମଳମୁକ୍ତ ଗାଁ ଭାବେ ଘୋଷଣା କରାଯାଇଛି। ଓଡ଼ିଶା ସରକାର ଓ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଗାଁରେ ପୃଥକ୍ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ଖୋଲାଯାଇଛି। ଗ୍ରାମବାସୀ ରାସନ୍ ସାମଗ୍ରୀ ୨ ରାଜ୍ୟରୁ ପାଉଥିବା ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ଗାଁରେ ପାନୀୟଜଳ ଓ ଗମନାଗମନ ସୁବିଧା କରାଯାଇଛିଛ ତେବେ ପଶ୍ଚିମବଙ୍ଗରୁ ଗ୍ରାମବାସୀ ବିଶେଷ ସୁବିଧା ପାଉ ନଥିଲେ ମଧ୍ୟ ଓଡ଼ିଶା ସରକାର ଯେତିକି ସହାୟତା ଯୋଗାଉଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ ବୋଲି କହିଛନ୍ତି ଗ୍ରାମବାସୀ କହିଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ପାଠ ପୁଢ଼ୁଥିବା ଛାତ୍ରଛାତ୍ରୀଙ୍କୁ ଜାତି ପ୍ରମାଣପତ୍ର ମିଳୁନଥିବା ମଧ୍ୟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଫଳରେ ଓଡ଼ିଆ ସ୍କୁଲରେ ଉପସ୍ଥାନ କମି କମି ଆସୁଛି।୨୦୧୧ ମସିହା ମେ ମାସ ୯ ତାରିଖରେ ଶଙ୍ଖାମେଦି ପ୍ରାଥମିକ ବିଦ୍ୟାଳୟ ନୂଆ ଘର ଉଦ୍ଘାଟନ ସମାରୋହରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସୁରେନ୍ଦ୍ରନାଥ ନାୟକ ଯୋଗ ଦେଇ ଶଙ୍ଖାମେଦି ଓଡ଼ିଶାର ବୋଲି କହିଥିଲେ। ୨୦୦୫ ମସିହାରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ ଭୋଗରାଇ ଗସ୍ତରେ ଆସିଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ନାରାୟଣ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସଂପୃକ୍ତ ଗାଁକୁ ଓଡ଼ିଶାକୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ଲାଗି ଦାବି ଉପସ୍ଥାପନ କରିଥିଲେ। ସେହିପରି ୯୦ ଦଶକରେ ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତତ୍କାଳୀନ ରାଜସ୍ୱମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ ଓ ପଞ୍ଚାୟତିରାଜ ମନ୍ତ୍ରୀ ଦାମୋଦର ରାଉତ ଶଙ୍ଖାମେଦି ଗାଁକୁ ଯାଇ ଲୋକଙ୍କ ଆପତ୍ତି, ଅଭିଯୋଗ ଶୁଣିଥିଲେ।୨୦୦୧ରେ ତତ୍କାଳୀନ ରାଜସ୍ୱମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ବାଲେଶ୍ୱର ଜିଲ୍ଲାପାଳ ତଥା ଅନ୍ୟ ପଦାଧିକାରୀଙ୍କ ଗହଣରେ ସମୀକ୍ଷା କରି ଏହି ଗାଁର ସବିଶେଷ ବିବରଣୀ ନେବା ସହ ଶଙ୍ଖାମେଦିକୁ ଓଡ଼ିଶାକୁ ଫେରାଇ ଅଣାଯିବ ବୋଲି କହିଥିଲେ। ମାତ୍ର ଦୁର୍ଭାଗ୍ୟ, ଶଙ୍ଖାମେଦିକୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ।ପଶ୍ଚିମବଙ୍ଗ ମାନଚିତ୍ରରେ ଓଡ଼ିଶା ଗାଁ ଶଙ୍ଖାମେଦ କେବେ ଓଡ଼ିଶା ମାନଚିତ୍ରକୁ ଫେରୁଛି ତାହା ଜାଣିବାକୁ ବାକି ରହିଛି।

ବିଜେଡି...

ଭୁବନେଶ୍ୱର ଲୋକସଭା ଆସନ । ଏଥିରେ ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅପରାଜିତା ଷଡଙ୍ଗୀ ପୁଣି ପ୍ରାର୍ଥୀ ହୋଇଛନ୍ତି । ଗତଥର ସେ ନିର୍ବାଚନ ଜିତିଥିଲେ । ୫ ବର୍ଷ କାଳ ସେ ବିଭିନ୍ନ କାର୍ଯ୍ୟରେ ନିଜକୁ ସାମିଲ ମଧ୍ୟ କରିଥିଲେ । ଏଥର ତାଙ୍କ ବିରୋଧରେ ବିଜେଡି ମନ୍ମଥ ରାଉତରାୟଙ୍କୁ ପ୍ରାର୍ଥୀ କରିଛି । ମନ୍ମଥ ହେଉଛନ୍ତି ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟଙ୍କ ପୁଅ । ଜଣେ କ୍ୟାପ୍‌ଟେନ୍ ଭାବେ ତାଙ୍କର ସୁନାମ ରହିଛି । ନବାଗତ ହେଲେ ମଧ୍ୟ ଏକ ରାଜନୈତିକ ପରିବାରରୁ ଆସିଥିବାରୁ ତାଙ୍କର ରାଜନୀତିରେ ଅଭିଜ୍ଞତା ମଧ୍ୟ ଅଛି । ଏବେଠୁ ମନ୍ମଥ ଓ ଅପରାଜିତା ପ୍ରଚାର ମୈଦାନକୁ ଓହ୍ଲାଇଲେଣି । ତେବେ ଅପରାଜିତାଙ୍କ ପାଇଁ ସମସ୍ୟା ହେଉଛି ବିଜେପିର ଗୋଷ୍ଠୀ କନ୍ଦଳ । ତେବେ ଅପରାଜିତା ଦଳ ଅପେକ୍ଷା ନିଜ ଲୋକପ୍ରିୟତା ଉପରେ ଅଧିକ ଭରଷା କରିଛନ୍ତି । ମନ୍ମଥ ମଧ୍ୟ ତାଙ୍କ ବାପାଙ୍କ ଜନସମ୍ପର୍କକୁ ଆଧାର କରିବା ସହ ବିଜେଡିର ସଂଗଠନକୁ ଭରଷା କରିଛନ୍ତି ।

ସେହିଭଳି ଅନ୍ୟତ ମର୍ଯ୍ୟାଦାଜନକ ଆସନ ହେଉଛି ପୁରୀ । ଏଥିରେ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ରଙ୍କୁ ପ୍ରାର୍ଥୀ କରିଛି । ଗତଥର ସନ୍ଦୀପ ଏଠାରୁ ପ୍ରାର୍ଥୀ ହୋଇ ମାତ୍ର ଅଳ୍ପ କିଛି ଭୋଟ୍ ବ୍ୟବଧାନରେ ହାରିଥିଲେ । ତାଙ୍କର କହିବା ଶୈଳି ଲୋକଙ୍କୁ ବେଶ୍ ଆକର୍ଷିତ କରିଥାଏ । ଯଦିଓ ଅନେକ ପ୍ରସଙ୍ଗ ସେ ନାଟକୀୟ ଢ଼ଙ୍ଗରେ ଉପସ୍ଥାପନ କରନ୍ତି ତାହା ଜାଣିବା ଶୁଣିବା ମହଲ ଲାଗି ଦୃଶ୍ୟ ଓ ଶ୍ରୁତିକଟୁ ହୋଇଥିଲେ ବି ସାଧାରଣ ଲୋକଙ୍କୁ ପ୍ରଭାବିତ କରିଥାଏ । ଅପରପକ୍ଷରେ ବିଜେପି ପୂର୍ବତନ ଆଇପିଏସ୍ ଅଫିସର ତଥା ମୁମ୍ବାଇର ପୋଲିସ କମିଶନର ଦାୟିତ୍ୱ ତୁଲାଇଥିବା ଅରୁପ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି । ଅରୁପ ରାଜନୀତିରେ ନୂଆ ନୁହଁନ୍ତି । ଗତଥର ସେ ଭୁବନେଶ୍ୱର ଲୋକସଭା ଆସନରୁ ଲଢ଼ି ପରାଜିତ ହୋଇଥିଲେ । ତେବେ ସିଧାସଳଖ କଥା ଓ ଠୋସ୍ କଥାପାଇଁ ସେ ଜଣାଶୁଣା । ତାଙ୍କ କଥାବାର୍ତ୍ତା ସିଧା ସିଧା । ଏଥର ଦଳ ତାଙ୍କୁ ପୁରୀରୁ ପ୍ରାର୍ଥୀ କରିଛି । ସେ ମଧ୍ୟ ପ୍ରଚାର ମୈଦାନରେ ଅଛନ୍ତି । ତେବେ ସମ୍ବିତଙ୍କ ପାଇଁ ବିଜେପି ଗୋଷ୍ଠୀ କନ୍ଦଳ କାଳ ହେବାରେ ଲାଗିଛି । ରଣପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଚୟନ ପାଇଁ ବିଜେପିରେ ବିଦ୍ରୋହ ଦେଖାଦେଇଛି । ସେହିଭଳି ନୟାଗଡରେ ଗତଥର ବିଧାନସଭା ଲଢ଼ିଥିବା ଇରାନୀ ରାୟ ବିଜେପି ଛାଡି ବିଜେଡିରେ ଯୋଗ ଦେଇଛନ୍ତି । ପୁରୀ ଲୋକସଭା ଆସନ ଅନ୍ତର୍ଗତ ବିଧାନସଭା କ୍ଷେତ୍ର ମଧ୍ୟରେ ଗତଥର ଦୁଇଟି ବିଧାନସଭା ଆସନ ପୁରୀ ଓ ବ୍ରହ୍ମଗିରିକୁ ବିଜେପି ହାତେଇଥିଲା । ପୁରୀକୁ ଛାଡିଦେଲେ ଏଥର ବ୍ରହ୍ମଗିରିରେ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଛି । ଯଦିଓ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ବଦଳରେ ତାଙ୍କ ଝିଆରିଙ୍କୁ ପ୍ରାର୍ଥୀ କରାଯାଇଛି ତାହା କେତେଦୁର ଦଳୀୟ ସଂଗଠନକୁ ପ୍ରଭାବିତ କରିବ ଦେଖିବାର ଅଛି । ସେହିଭଳି ବିଜେଡି ମଧ୍ୟ ଏଠି ପ୍ରାର୍ଥୀ ବଦଳାଇଛି । ପୂର୍ବରୁ ଏଠୁ ଲଢ଼ି ଆସୁଥିବା ସଞ୍ଜୟ ଦାସବର୍ମାଙ୍କୁ ସତ୍ୟବାଦୀରୁ ପ୍ରାର୍ଥୀ କରାଯାଇଛି । ସତ୍ୟବାଦୀ ବିଧାୟକ ଥିବା ଉମା ସାମନ୍ତରାୟ ଏଠୁ ପ୍ରାର୍ଥୀ ହୋଇଛନ୍ତି । ତେବେ ଆଗକୁ କେଉଁ ନେତା ଦଳ ପାଇଁ କେତେ ଭୋଟ୍ ଆଣୁଛନ୍ତି ତାହା ଜଣାପଡିବ ।

୪୨°ରେ ଶିଝୁଛି ସମଗ୍ର ଧର୍ମଶାଳା ଅଞ୍ଚଳ

ଧର୍ମଶାଳା, (ସବ୍ୟୁ) : ଏପ୍ରିଲ ମାସ ଆରମ୍ଭରୁ ଅସହ୍ୟ ତାତି ଅନୁଭୁତ ହେଉଛି । ଖରା ଓ ତାତିର ପ୍ରକୋପ ଏତେ ପ୍ରଚଣ୍ଡ ରହୁଛି ଯେ ଦିନ ୮ଟା ପରେ ଘରୁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି । ଦିନର ଡହଡହ ଖରା ସାଙ୍ଗକୁ ରାତିର ଉଷ୍ମତାତିରେ ସନ୍ତୁଳି ହେଉଛନ୍ତି ସମଗ୍ର ରାଜ୍ୟବାସୀ । ଆଜି ଧର୍ମଶାଳାର ସର୍ବୋଚ ତାପମାତ୍ରା ୪୨ଡିଗ୍ରୀରେ ପହଁଚିଥିଲା । ପୂର୍ବାହ୍ନ ୧୦ଟା ପରେ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ବସ୍‌ଷ୍ଟାଣ୍ଡରେ ଅପେକ୍ଷାରତ ଯାତ୍ରୀମାନେ ତତଲା ପରିବେଶରେ ଭାଜି ହୋଇଥିଲେ। ସକାଳ ସାଢ଼େ ୮ଟା ବେଳକୁ ସୂର୍ଯ୍ୟଙ୍କ ପ୍ରକୋପ ଆରମ୍ଭ ହୋଇଯାଇଥିଲା। ଘରୁ ବାହାରିଲା ବେଳକୁ ଦେହ, ହାତ, ମୁହଁ ଜଳିଗଲା ପରି ଲାଗୁଥିଲା। ଆଜି ପୂର୍ବାହ୍ନ ସାଢ଼େ ୧୧ଟା ପରେ ସତେଯେମିତି ଆକାଶରୁ ନିଆଁହୁଳା ଖସିବା ଭଳି ଲାଗୁଥିଲା। ପବନରେ ନିଆଁଧାସ ବାଜିବା ଭଳି ମୁହଁ ସିଝି ଯାଉଥିଲା। ଦେହ ହାତ ଜଳିଗଲା ଭଳି ଲାଗୁଥିଲା। ଲୋକ ଟାଣଖରାରେ ସିଝୁଥିବା ବେଳେ ଦେହରୁ ଗମ୍‌ଗମ୍ ଝାଳ ବହୁଥିଲା। ଖରା ଏପରିଥିଲା ଘରେ କିମ୍ବା ଗଛ ଛାଇ ତଳେ ଛିଡା ହୋଇ ରହିବା ଅସମ୍ଭବ ହୋଇପଡିଥିଲା । ତାତି ସାଙ୍ଗକୁ ଟାଣ ଖାରରେ ଦେହରୁ ଝାଳ ବାହାରିବା ସହିତ ଧନୀ ଓ ମଧ୍ୟବିତ ପରିବାର ଲୋକେ ଏସିଲଗାଇ ଘରେ ବସିରହିଥିଲେ । ହେଲେ ଗରିବ ଖଟିଖିଆ ଲୋକମାନେ ଏଥିରେ ଦହଗଞ୍ଜ ହୋଇଥିଲେ । ଆସନ୍ତ ୨୪ ଘଂଟା ମଧ୍ୟରେ କାଳ ବୈଶାକୀ ହେବାର ଆକଳନ କରିଛି ପାନିପାଗ ବିଭାଗ । ତେବେ କାଳ ବୈଶାଖୀ ପ୍ରଭାବରେ ବର୍ଷା ନହେଲେ ଏହି ତାପମାତ୍ରା ଆହୁରୀ ଅଧିକ ବଢିବା ନେଇ ଆଶଙ୍କା ପ୍ରକାଶ ପାଇଛି ।

କାରରୁ ଜବତ ହେଲା ୫୫ ଲକ୍ଷ

ସୋନପୁର (ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ବିନିକା କଲେଜ ଛକରୁ ଏକ କାରରୁ ୫୫ଲକ୍ଷ ୨୦ହଜାର ଟଙ୍କା ଜବତ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଗତକାଲି ସନ୍ଧ୍ୟା ସମୟରେ କଲେଜ ଛକ ଠାରେ ବିନିକା ପୋଲିସ ଟିମ ଯାଞ୍ଚ ଯାନବାହାନ ଯାଞ୍ଚ କରୁଥିଲେ । ସେହି ସମୟରେ ଏକ ଅଟକାଇ ଯାଞ୍ଚ କଲାପରେ ବିଡା ବିଡା ଟଙ୍କା ଥିବା ଜଣାପଡିଥିଲା । ତେବେ ଗାଡ଼ିରେ ଥିବା ବ୍ୟକ୍ତିମାନେ ଟଙ୍କା ବିଷୟରେ କୌଣସି ତଥ୍ୟ ଦେଇ ପାରିନଥିଲେ । ସେଠାରୁ କର ଜବତ ସହ ଟଙ୍କା ତକ ଜବତ କରିଥିଲେ । ତେବେ ଗାଡିଟି ଆନ୍ଧ୍ରକୁ ଯାଉଥିବା ପୋଲିସ ସନ୍ଦେହ କରୁଥିବା ବେଳେ ଏତେ ଟଙ୍କା କେଉଁଠୁ ଓ କାହିଁକି ଯାଉଥିଲା ତଦନ୍ତ ତଦନ୍ତ ଜାରି ରହିଥିବା ଆଇଆଇସି ସାରଙ୍ଗ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

କଣ୍ଟିଲୋ ମହାବାରୁଣୀ ଘାଟରେ ଲକ୍ଷାଧିକ ଭକ୍ତଙ୍କ ବୁଡ଼, ପିଣ୍ଡଦାନ

ନୟାଗଡ଼/ଖଣ୍ଡପଡ଼, (ସବ୍ୟୁ): ଶ୍ରୀଜଗନ୍ନାଥ ସଂସ୍କୃତିର ଆଦି ଦେବତ, ବିଶ୍ୱାବସୁ ଶବରରାଜାଙ୍କ ଆରାଧ୍ୟ ଠାକୁର, କଣ୍ଟିଲୋ ରେ ପୂଜିତ ଶ୍ରୀନୀଳମାଧବ ଜୀଉଙ୍କ ମହାବାରୁଣୀ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ୍ ୬ ତାରିଖ ଶନିବାର ଅପରାହ୍ନ ସକାଳ ସାଢ଼େ ୯ଟାରେ ଶ୍ରୀଜୀଉଙ୍କ ମହାବାରୁଣୀ ସ୍ନାନ ନୀତୀ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ସମାପନ ହୋଇଛି। ଲକ୍ଷାଧିକ ଶ୍ରଦ୍ଧାଳୁ କଣ୍ଟିଲୋ ତିତୋପ୍ରଳ ତ୍ରିବେଣୀ ଘାଟରେ ମହାବାରୁଣୀ ତିଥିରେ ବୁଡ଼ ପକାଇଛନ୍ତି।

ଚଳିତ ଚୈତ୍ର କୃଷ୍ଣ ତ୍ରୟୋଦଶୀ ଶନିବାର ସକାଳ ସାଢ଼େ ୯ଟା ସମୟରେ ଘଣ୍ଟଘଣ୍ଟା ଖୋଳ ତାଳ ଓ ନାମସଙ୍କୀର୍ତ୍ତନ ମଧ୍ୟରେ ଶ୍ରୀମାଧବଙ୍କ ଚଳନ୍ତି ପ୍ରତିମା ବାରୁଣୀ ଘାଟକୁ ବିଜେ କରିଥିଲେ। ସେଠାରେ ଯଥାରୀତୀ ପୂଜାର୍ଚ୍ଚନା ପରେ ଶ୍ରୀମାଧବଙ୍କ ମହାବାରୁଣୀ ସ୍ନାନ ନୀତୀ ସଂପନ୍ନ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁ କଣ୍ଟିଲୋରେ ପହଞ୍ଚି ମହାବାରୁଣୀ ସ୍ନାନ କରି ପୂଣ୍ୟ ଅର୍ଜନ କରିଛନ୍ତି। ଶ୍ରଦ୍ଧାଳୁମାନେ ଦେବପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ମହାବାରୁଣୀ ସ୍ନାନ ଯାତ୍ରା ଘାଟରେ ବୁଡ଼ ପକାଇ ପିତୃପୁରୁଷଙ୍କୁ ପିଣ୍ଡଦାନ, ଅସ୍ଥି ବିସର୍ଜନ ଆଦି ପୂଣ୍ୟ କର୍ମ କରିବାର ସୁଯୋଗ ନେଇଛନ୍ତି। ଶ୍ରୀଜୀଉଙ୍କ ଦେବନୀତିମଧ୍ୟରେ ବାରୁଣୀ ସ୍ନାନ ଅନୁଷ୍ଠିତ ସମୟରେ ସମଗ୍ର କଣ୍ଟିଲୋ ଅଂଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଘଣ୍ଟ, ଘଣ୍ଟା, ଖୋଳ, ତାଳ ଓ ମହୁରୀ ଶବ୍ଦ ସହିତ ଭକ୍ତଜନଙ୍କ ମୁଖରେ ଶ୍ରୀହରି ନାମସଙ୍କୀର୍ତ୍ତନରେ ବାରୁଣୀ ଘାଟ ପ୍ରକମ୍ପିତ ହୋଇ ଉଠିଥିଲା। କଣ୍ଟିଲୋ ମହାନଦୀର ତ୍ରୀବେଣୀ ବାରୁଣୀ ଘାଟରେ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା, ନୈବେଦ୍ୟ ଓ ମଙ୍ଗଳ ଆଳତୀ ଦର୍ଶନ କରି ଶ୍ରଦ୍ଧାଳୁଙ୍କ ବିଭୋର ହୋଇ ପଡ଼ିଥିଲେ। ପ୍ରଚଣ୍ଡଗ୍ରୀଷ୍ମ ତାପ ରେ ନଦୀ ବାଲି ଓ ରାସ୍ତାଘାଟ ଉତପ୍ତ ହୋଇ ପଡ଼ିଥିଲା। ଏହାକୁ ଖାତିର ନ କରି ସମବେତ ଶ୍ରଦ୍ଧାଳୁ ବାରୁଣୀ ଘାଟରେ ବୁଡ଼ ପକାଇ ଦେବ ଦର୍ଶନ ଓ ପିଣ୍ଡ ଦାନ କାର୍ଯ୍ୟ କରି ନିଜକୁ ଧନ୍ୟ ମଣିଛନ୍ତି।

ଶ୍ରୀମାଧବଙ୍କ ପୀଠରେ ଅନନ୍ୟ ମହାବାରୁଣୀ ସ୍ନାନ ଯାତ୍ରାରେ ସ୍ନାନ ଓ ଦେବ ଦର୍ଶନ ଗଙ୍ଗାସ୍ନାନ ସମାନ ଫଳ ପ୍ରପ୍ତିର ବିଶ୍ୱାସରେ ରାଜ୍ୟର ବିଭିନ୍ନ ଅଚଂଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ଏଠାକୁ ଟାଣି ଆଣିଥିଲା। ବାରୁଣୀ ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୋଲିସ୍ ବଳ ମୃତୟନ, ନଦୀ ଘାଟରେ ଦଳମକଳ ବାହିନୀ ମୃତୟନ ସାଙ୍ଗକୁ ସୂଚନା କେନ୍ଦ୍ର, ଜଳସିଞ୍ଚନ, ପାନୀୟ ଜଳ ଓ ସର୍ବତ ପାଣି ଯୋଗାଣରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ। ବାରୁଣୀ ଘାଟରୁ ଫେରି ମନ୍ଦିରରେ ଶ୍ରୀମାଧବଙ୍କ ଦର୍ଶନ ଲାଗି ଧାଡ଼ି ଦର୍ଶନର ବ୍ୟବସ୍ଥା କରା ଯାଇଥିଲା। ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଏବଂ ପୋଲିସ୍ ବିଭାଗର ଉପଖଣ୍ଡସ୍ତରୀୟ ଅଧିକାରୀ କଣ୍ଟିଲୋରେ ରହି ବାରୁଣୀ ଯାତ୍ରା ପରିଚାଳନା କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ଶ୍ରୀମାଧବଙ୍କ ମହାବାରୁଣୀ ସ୍ନାନ ଯାତ୍ରା ସମାପନ ହୋଇଥିବା ଖଣ୍ଡପଡ଼ା ତହସିଲଦାର ତଥା ଶ୍ରୀନୀଳମାଧବ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଧୋବେଇ ନାୟକ ପ୍ରକାଶ କରିଛନ୍ତି। ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ସତ୍ୱେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ, କଣ୍ଟିଲୋରେ ରାସ୍ତାଘାଟ ଜାମ କରିବା, ଖରାତାତିରେ କିଛି ଯାତ୍ରିବେହୋଷ ହୋଇ ପଡ଼ିବା ଏବଂ ପର୍ଯ୍ୟପ୍ତ ପରିମାଣର ଖାଦ୍ୟ ପାନୀୟ ସାମଗ୍ରୀ ଉପଲବ୍ଧ ନ ହେବା ଭଳି ସମସ୍ୟା ସତ୍ୱେ ଶ୍ରୀମାଧବଙ୍କ ବାରୁଣୀ ଯାତ୍ରାରେ ଯୋଗ ଦେଇ ଭକ୍ତଜନ ନିଜକୁ ଧନ୍ୟ କରିଥିବା ପ୍ରକାଶ କରିଛନ୍ତି

ବଡଚଣା ପୋଲିସ ହାତରେ ୩ ଆନ୍ତଃଜିଲ୍ଲା ଲୁଟେରା : ସୁନା ଓ ରୁପା ଅଳଙ୍କାର ଜବତ

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲା ସମେତ ପଡୋଶୀ ଜିଲ୍ଲା ଗୁଡିକରେ ଲୁଟପାଟ ଓ ଚୋରି ଡକାୟତି କାଣ୍ଡ ଘଟାଇ ପୋଲିସ ପାଇଁ ମୋଷ୍ଟ ଉଆଣ୍ଟେଡ ହୋଇଥିବା ଏକ ଲୁଟେରା ଗ୍ୟାଙ୍ଗର ୩ ଜଣଙ୍କୁ ବଡଚଣା ଥାନା ପୋଲିସ ଗିରଫ କରିବାକୁ ସକ୍ଷମ ହୋଇଛି । ଗିରଫ ପରେ ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଓ ରୂପା ଅଳଙ୍କାର ସମେତ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ ହୋଇଛି । ଉଦ୍ଧାର ହୋଇଥିବା ସମସ୍ତ ଅଳଙ୍କାର ଗତ କିଛି ଦିନ ତଳେ ଚଣ୍ଡିଖୋଲ ଫାଣ୍ଡି ଅଞ୍ଚଳର ୩ ଜଣଙ୍କ ଘରୁ ଚୋରି ଯାଇଥିବା ସାମଗ୍ରୀ ବୋଲି ପୋଲିସ ସୂଚନା ଦେଇଛି । ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ବାବୁଲା ପ୍ରଧାନ (୬୦) ସାଗର ଦାସ (୪୮) ଓ ରମେଶ ଦାସ (୫୫) । ଏମାନେ ସମସ୍ତେ କେଳା ସମ୍ପ୍ରଦାୟର ବୋଲି ଜଣାପଡିଛ । ପୋଲିସ ସୂଚନା ମୁତାବକ ବଡ଼ଚଣା ଥାନା ତଥା ଚଣ୍ଡିଖୋଲ ଫାଣ୍ଡି ଅନ୍ତର୍ଗତ ବିବେକାନନ୍ଦ କମ୍ପ୍ଲେକ୍ସ, କୁନ୍ଦଳ ଗ୍ରାମ ଓ ଶାନ୍ତିପୁର ଗ୍ରାମର ତିନି ପରିବାରଙ୍କ ଘରେ ପଶି ଏମାନେ ନଗଦ ଟଙ୍କା ସହିତ ସୁନା ଓ ରୁପା ଅଳଙ୍କାର ଚୋରି କରି ଫେରାର ହୋଇଯାଇଥିଲେ । ଏହି ପରିବାର ପକ୍ଷରୁ ଚଣ୍ଡିଖୋଲ ଫାଣ୍ଡିରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଥାନା କେଶ ନମ୍ବର ୨୨/୨୪,୨୯/୨୪ ଓ ୭୨/୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା । ତେବେ ଲୁଟେରା ମାନେ ଶୁକ୍ରବାର ସକାଳେ ଚୋରି ସାମଗ୍ରୀକୁ ବିକ୍ରି କରିବା ପାଇଁ ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାରକୁ ଯାଉଥିବା ନେଇ ଖବର ପାଇ ଥାନାଧିକାରୀ ଶରତଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଜେ ଆବେଦିନ ସଦଳବଳେ ଜାରକା ବଜାରରେ ପହଞ୍ଚି ଏମାନଙ୍କୁ ଗିରଫ କରି ବଡ଼ଚଣା ଥାନାକୁ ଆଣିଥିଲେ । ଚୋରି ସମ୍ବନ୍ଧରେ ଏମାନଙ୍କୁ ପଚରାଉଚୁରା ସମୟରେ ସେମାନେ ଘରେପଶି ଏହି ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଏମାନଙ୍କ ପାଖରୁ ଚୋରି ଯାଇଥିବା ୩ ଟି ସୁନା ଚେନ, ୬ଟି ସୁନା ମୁଦି, ୪ଟି ସୁନା ଲକେଟ ଓ ଦୁଇ ହଳ ରୁପା ପାଉଁଜିକୁ ପୋଲିସ ଜବତ କରିଥିଲା । ପରେ ପୋଲିସ ଉଦ୍ଧାର ହୋଇଥିବାଛଏସବୁକୁ ସାମଗ୍ରୀକୁ ୩ଟି ପରିବାରକୁ ହସ୍ତାନ୍ତର କରିଥିଲା । ଗିରଫ ତିନି ଲୁଟେରାଙ୍କ ନାମରେ ଯାଜପୁର ଓ ଅନ୍ୟାନ୍ୟ ଜିଲ୍ଲାର ଏକାଧିକ ଥାନାରେ ମାମଲା ରହିଥିବା ପୋଲିସ ପ୍ରକାଶ କରିଛ । ଗିରଫ ଲୁଟେରାଙ୍କୁ ପୋଲିସ ଶନିବାର ଦିନ କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

କୁଜଙ୍ଗ ଓକିଲ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

କୁଜଙ୍ଗ, (ସବ୍ୟୁ) : କୁଜଙ୍ଗ ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତାଙ୍କର ଶପଥ ଗ୍ରହଣ ଉତ୍ସବ ଓକିଲ ସଂଘ ଶଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ୨୦୨୪-୨୫ ବର୍ଷ ପାଇଁ ନିର୍ବାଚିତ ହୋଇଥିବା କର୍ମକର୍ତାମାନେ ଏଥିରେ ଶପଥ ଗ୍ରହଣ କରିଥିଲେ । ନିର୍ବାଚନ ଅଧିକାରୀ ଭାଗିରଥି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସଭାପତି ଭାବରେ ବରିଷ୍ଠ ଆଡଭୋକେଟ ସୁଶାନ୍ତ କୁମାର ପଟ୍ଟନାୟକ, ସମ୍ପାଦକ ଅନ୍ତର୍ଯ୍ୟାମି ନାରାୟଣ ଦାସ ଯାଦବ, ଉପସଭାପତି ନୃସିଂହ ଚରଣ ପ୍ରଧାନ, ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ପାଠାଗାର ସମ୍ପାଦକ ପ୍ରଣୟ କୁମାର ପରିଜା, କୋଷାଧ୍ୟକ୍ଷ ପବିତ୍ର ମୋହନ ନାୟକ ପ୍ରମୁଖ ଶପଥ ଗ୍ରହଣ କରିଥିବା ବେଳେ ଦେବେନ୍ଦ୍ର କୁମାର ରାଉତ, ଦୀପକ କୁମାର ନାୟକ, ଆଡଭୋକେଟ ପ୍ରିୟମ୍ବଦା ପାଣି, ଅଭୟ କୁମାର ବେହେରା, ପାର୍ଥସାରଥି ମହାନ୍ତି, ପ୍ରଶାନ୍ତ ବାରିକ, ନିର୍ମଳ କୁମାର ମଲ୍ଲିକ ପ୍ରମୁଖ କାର୍ଯ୍ୟକାରୀ କମିଟିର ସଭ୍ୟମାନେ ଶପଥ ଗ୍ରହଣ କରିଥିଲେ । ଏହି ଉତ୍ସବରେ ଏଡିଜେ ପାର୍ଥ ସାରଥି ପଟ୍ଟନାୟକ, ସବ୍‌ଜଜ ଚିନ୍ମୟୀ ପଣ୍ଡା, ସିଭିଲ ଜଜ୍ ଜୁନିୟର ଡିଭିଜନ ଅନୁରାଧା ଶର୍ମା, ଜେଏମଏଫସି ବିଶ୍ୱ ଭୁଷଣ ନାୟକ, ରାଜ୍ୟ ବାର କାଉନସିଲ ସଭ୍ୟ ଦିନେଶ ରାୟ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । କୁଜଙ୍ଗ ଓକିଲସଂଘ ସେମାନଙ୍କ ନିଷ୍ଠାପର ଉଦ୍ୟମ ବଳରେ ଅନୁଷ୍ଠାନକୁ ସୁଦୃଢ କରିବା ସଂଗେ ସଂଗେ ଭାଇଚାରାକୁ ବଜାଇ ରଖିଛନ୍ତି ବୋଲି ଅତିଥିମାନେ କହିଥିଲେ । ପୂର୍ବତନ ସଭାପତି ଆଡଭୋକେଟ ଅମୃତ ଦାସ ସ୍ୱାଗତ ଭାଷଣ ଦେବା ସଂଗେ ସଂଗେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଡଭୋକେଟ ମମତ ଅଧିକାରୀ, ନମିତା ମହାନ୍ତି, ବିଶାଖା ସାମଲ ପ୍ରମୁଖ ଅତିଥି ଅଭ୍ୟର୍ଥନା କରିଥିଲେ । ଓକିଲ ସଂଘର ବରିଷ୍ଠ ଆଡଭୋକେଟ ସତ୍ୟ ଶଙ୍କର ମିଶ୍ରଙ୍କ ସମେତ ବରିଷ୍ଠ ଆଡଭୋକେଟମାନେ ଉତ୍ସବରେ ଯୋଗ ଦେଇଥିଲେ ।

କୋର୍ଟ ପରିସରରେ ଅଂଶୁଘାତରେ ୨ ଗୁରୁତର

କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡା କୋର୍ଟ ପରିସରରେ ଅଂଶୁଘାତରେ ୨ଜଣ ଗୁରୁତର ହୋଇ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଶନିବାର ପ୍ରବଳ ଗ୍ରୀଷ୍ମରେ ତାପମାତ୍ରା ମାତ୍ରାଧିକ ଥିବାରୁ ଆଇନଜିବୀ ନିହାରିକା ଦାସ ପଟ୍ଟନାୟକ ଅଂଶୁଘାତରେ ଆହତ ହୋଇ ୧୦୮ ଆମ୍ବୁଲାନ୍ସ ଦ୍ୱାରା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବାପରେ ସୁସ୍ଥ ହୋଇଥିବା ଜଣାପଡିଛି । ସେହିପରି କୋର୍ଟ କୁ ଆସିଥିବା ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ପଂଚାୟତର ବରେଇ ଗ୍ରାମର ଅଭିରାମ କବି ଅଂଶୁଘାତ ରେ ଆହତ ହୋଇ ସ୍ଥାନୀୟ ଓକିଲ ବନ୍ଧୁଙ୍କ ସହାୟତତା ରେ କିଛି ସମୟ ପରେ ସୁସ୍ଥ ହୋଇଥିବା ଜଣାପଡିଛି ।

E-Mail Id.- senmicsbpr@yahoo.co.in
GOVERNMENT OF ODISHA
Department Of Water Resources
OFFICE OF THE ADDITIONAL CHIEF ENGINEER,
NORTHERN MINOR IRRIGATION CIRCLE, SAMBALPUR.
No. 468 /Dated-30.03.2024
A-01
TENDER CANCELLATION NOTICE
ACENMIC. SBP - 05/2023-24
Cancellation to Bid Identifiation No- ACENMIC, SBP - 05/2023-24 dt 07.03.2024
The "e" Procurement Notice vide Bid Identification No- ACENMIC.SBP-05/2023-24 dt 07.03.2024 for the work "Improvement to Distribution system of Girischandrapur MIP in Naktideul Block of Sambalpur District under ERM 2023-24 is here by cancelled due to unavoidable circumtances.
Sd/- Additional Chief Engineer,
Northern Minor Irrigation Circle,
Sambalpur.
OIPR:32208/11/0002/2425

AFFIDAVIT
I, ARSH, S/O AMARENDRA Kumar, DOB : 16.12.2002, residing at, A 1904, Z One Vyom, Nadan Kanan Road, Patia, Bhubaneswar, Dist : Khordha, Odisha, 751024, India, have changed my name to ARSH KUMAR vide sworn affidavit dated 24.10.2021 before Notary G.Jayaramaiah.

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-36
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.
ପତ୍ର ସଂଖ୍ୟା ୭୭ **ବିଜ୍ଞାପନ** ତା : ୩୦.୦୩.୨୪
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରମୁଣ୍ଡା ପ୍ରଥମ ପର୍ଯ୍ୟାୟ କମ୍ପୋଜିଟ୍ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଲ.ଆଇ.ଜି.-୨୪୧ (LIG-241) ଟିକୁ ଶ୍ରୀମତୀ ବିଷ୍ଣୁ ପ୍ରିୟା ବେହେରା, ସ୍ୱାମୀ- ସ୍ୱର୍ଗତ ଉଦୟନାଥ ବେହେରା, ସା-ତେଷ୍ଟାବାଡି, ପୋ/ଥାନା-ଦଶପଲ୍ଲା, ଜିଲ୍ଲା-ନୟାଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ବିଷ୍ଣୁ ପ୍ରିୟା ବେହେରା ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ତାଙ୍କ କନ୍ୟା ଶ୍ରୀମତୀ ସୁପ୍ରଭା ପ୍ରଧାନ, ସ୍ୱାମୀ- ଲିଙ୍ଗରାଜ ପ୍ରଧାନ, ସା/ପୋ-ଗମୁଣ୍ଡି, ଥାନା-ଭଞ୍ଜନଗର, ଜିଲ୍ଲା-ଗଞ୍ଜାମଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।
ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0029/2425

ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ
(ଭାରତ ସରକାରଙ୍କ ଅଧିକୃତ ଏକ ସଂସ୍ଥା)
ଚରମ୍ପା ଶାଖା, କଳ୍ପନା କମ୍ପ୍ଲେକ୍ସ, ମୋଟେଲ ଛକ, ଭଦ୍ରକ-୭୫୬୧୦୦
ଦଖଲ ନୋଟିସ୍
ପରିଶିଷ୍ଟ-୪ [ରୁଲ୍ ୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ, ଚରମ୍ପା ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ଭବିଷ୍ୟତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ର ରୁଲ ୮ ଏବଂ ୯ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

ଆକାଉଣ୍ଟ ନଂ./ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା	ସ୍ଥାବର ସମ୍ପତ୍ତିର ବିବରଣୀ/ ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ	ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ମୋଟ୍ ବକେୟା
ଆକାଉଣ୍ଟ ନଂ.: ୧୦୭୬୧୬୦୦୦୦୦୪୪, ୧୦୭୬୧୨୦୦୦୦୦୬୦୭, ୧୦୭୬୧୨୦୦୦୦୦୭୨୦, ୧୦୭୬୧୨୦୦୦୦୧୨୫୬, ୧୦୭୬୧୨୦୦୦୦୧୩୧୨ ଋଣଗ୍ରହୀତାମାନେ: ୧) ମେସର୍ସ ମା ତାରିଣୀ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ରମାକାନ୍ତ ନାୟକ, ପିତା: ମୁରଲିଧର ନାୟକ, ୨)	ଶ୍ରୀମତୀ ମନୋରମା ନାୟକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଉଦପୁର, ପୋ: ମାଧବନଗର, ଜିଲ୍ଲା: ଭଦ୍ରକ, ବିକ୍ରୟ ଦଲିଲ ନଂ.: ୪୧୯୨, ତା.୨୬.୦୯.୨୦୧୬, ପ୍ଲଟ୍ ନଂ.: ୧୧୭୧/୧୪୭୫, ଖାତା ନଂ.: ୪୦୦/୨୮୫, ପରିମିତ ଏକର୦.୦୬ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୧୬୬ ଏବଂ ୧୧୬୭, ଦକ୍ଷିଣ: ମୁଖ୍ୟ ପ୍ଲଟ୍‌ର ଅବଶିଷ୍ଟ ଅଂଶ, ପୂର୍ବ: ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୧୫୯ / ୧୬.୦୧.୨୦୨୪/୦୨.୦୪.୨୦୨୪	ତା.୩୧.୦୩.୨୦୨୪ ସୁଦ୍ଧା ଟ.୪୯,୯୨,୫୧୨.୬୩ + ସୁଧ ଏବଂ ସେବାବଦ ଖର୍ଚ୍ଚ

ଶ୍ରୀ ରମାକାନ୍ତ ନାୟକ (ଗ୍ୟାରେଣ୍ଟିଦାତା), ପିତା: ମୁରଲିଧର ନାୟକ, ୩) ଶ୍ରୀମତୀ ମନୋରମା ନାୟକ (ଗ୍ୟାରେଣ୍ଟିଦାତା), ସ୍ୱାମୀ: ଶ୍ରୀ ରମାକାନ୍ତ ନାୟକ, ସମସ୍ତଙ୍କ ଠିକଣା- ସା: ବାଉଦପୁର, ପୋ: ମାଧବନଗର, ଥାନା/ତହସିଲ: ଭଦ୍ରକ, ଜିଲ୍ଲା: ଭଦ୍ରକ, **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରଶାନ୍ତ କୁମାର ଦାସ,** ପିତା: ବିଷ୍ଣୁ ଦାସ, ସା: ବିଷ୍ଣୁପୁର ବିନ୍ଧା, ଥାନା: ଭଦ୍ରକ ରୁରାଲ, ଜିଲ୍ଲା: ଭଦ୍ରକ
ସ୍ଥାନ: ଭଦ୍ରକ, ତାରିଖ: ୦୬.୦୪.୨୦୨୪ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର
ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

ଗ୍ୟାଷ୍ଟ୍ରୋଇନ୍ଟେଷ୍ଟାଇନାଲ ବ୍ଲିଡ଼ିଂ ବନ୍ଦ କରିବାରେ

ହେମୋସ୍ପ୍ରେର ବ୍ୟବହାରରେ କିମ୍ସ ଦେଶର ଦ୍ୱିତୀୟ ହସ୍ପିଟାଲ

ଭୁବନେଶ୍ୱର (ସବ୍ୟୁ): କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍ସେସ୍ (କିମ୍ସ)ରେ ଗ୍ୟାଷ୍ଟ୍ରୋଇନ୍ଟେଷ୍ଟାଇନାଲ୍ ବ୍ଲିଡ଼ିଂ (ଜିଆଇ) ବନ୍ଦ କରିବା ପାଇଁ ହେମୋସ୍ପ୍ରେର ବ୍ୟବହାର କରାଯାଇଛି । ହେମୋସ୍ପ୍ରେ ବ୍ୟବହାର କରିବାରେ କିମ୍ସ ହେଉଛି ଭାରତର ଦ୍ୱିତୀୟ ହସ୍ପିଟାଲ୍ । ଜଣେ ରୋଗୀ ଅସ୍ତ୍ରୋପଚାର ପରେ ନିମ୍ନ ଜିଆଇ ବ୍ଲିଡ଼ିଂର ଶିକାର ହୋଇଥିଲେ । ତେଣୁ ତୁରନ୍ତ ବ୍ଲିଡ଼ିଂ ବନ୍ଦ କରିବା ନିମନ୍ତେ କିମ୍ସର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ହେପାଟୋଲୋଜି ବିଭାଗର ଡ଼ାକ୍ତରମାନେ ହେମୋସ୍ପ୍ରେ ପାଉଡ଼ର ବ୍ୟବହାର ପାଇଁ ନିଷ୍ପତ୍ତି ନେଇଥିଲେ । ରୋଗୀଙ୍କଠାରେ ଏଣ୍ଡୋସ୍କୋପିକ୍ ହେମୋସ୍ପ୍ରେ ବ୍ୟବହାର କରାଯାଇଥିଲା ଏବଂ ଏହା ନିମ୍ନ ଗ୍ୟାଷ୍ଟ୍ରୋଇନ୍ଟେଷ୍ଟାଇନାଲ୍ ବ୍ଲିଡ଼ିଂକୁ ତୁରନ୍ତ

ବନ୍ଦ କରିବାରେ ସଫଳ ହୋଇଥିଲା । ଫଳରେ ଦିନକ ପରେ ରୋଗୀଙ୍କୁ ଆଇସିୟୁରୁ ଡ଼ିସ୍ଚାର୍ଜ କରିଦିଆଯାଇଥିଲା । ଜରୁରୀକାଳୀନ ସ୍ଥିତିରେ ହେମୋସ୍ପ୍ରେ ପାଉଡ଼ର ବେଶ୍ ସହାୟକ ହୋଇଥାଏ, ଯେଉଁଠାରେ ଥେରାପେଟିକ୍ ଏଣ୍ଡୋସ୍କୋପିଷ୍ଟ ତୁରନ୍ତ ଶରୀର ଭିତରେ ଜିଆଇ ବ୍ଲିଡ଼ିଂ ବନ୍ଦ କରିବାରେ ସକ୍ଷମ ହୋଇଥାନ୍ତି ଏବଂ ରୋଗୀର ଜୀବନ ରକ୍ଷା କରିପାରିବେ । ହେମୋସ୍ପ୍ରେ ବ୍ୟବହାର ଦ୍ୱାରା ମାତ୍ର ୧୦ମିନିଟ୍ ମଧ୍ୟରେ ଜିଆଇ ବ୍ଲିଡ଼ିଂକୁ ବନ୍ଦ କରାଯାଇପାରିବ । ଜିଆଇ ବ୍ଲିଡ଼ିଂ ଚିକିତ୍ସା କ୍ଷେତ୍ରରେ ଅନ୍ୟାନ୍ୟ ଏଣ୍ଡୋସ୍କୋପିକ୍ ପଦ୍ଧତି ବିଫଳ ହେବାର ସମ୍ଭାବନା ଥିବା ବେଳେ କେତେକ କ୍ଷେତ୍ରରେ ଏଣ୍ଡୋସ୍କୋପିକ୍ ହେମୋସ୍ପ୍ରେ ନିରାପଦ ଓ ସଫଳ ହୋଇଥାଏ । ଜିଆଇ ବ୍ଲିଡ଼ିଂ ଚିକିତ୍ସା କ୍ଷେତ୍ରରେ ଗ୍ୟାଷ୍ଟ୍ରୋଏଣ୍ଟରଲୋଜି ପାଇଁ ଏହା ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି ବୋଲି କିମ୍ସ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି । ଏହାଦ୍ୱାରା ଜିଆଇ ବ୍ଲିଡ଼ିଂ ଜନିତ ମୃତ୍ୟୁହାରକୁ ଆଶାତୀତ ଭାବେ ହ୍ରାସ କରିଯାଇପାରିବ ବୋଲି ସେମାନେ କହିଛନ୍ତି । କିମ୍ସ ସବୁବେଳେ ଚିକିତ୍ସା କ୍ଷେତ୍ରରେ ନୂଆନୂଆ ସର୍ଜନା ଜ୍ଞାନକୌଶଳକୁ ଆପଣେଇ ଆସୁଛି । ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ଯୋଗାଇଦେବା କ୍ଷେତ୍ରରେ ଏହି ନୂତନ ପଦ୍ଧତିକୁ ସଫଳତାର ଆପଣାଇ ଥିବାରୁ କିମ୍ସର ଡ଼ାକ୍ତର ଓ ବିଶେଷଜ୍ଞମାନଙ୍କୁ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି । କିମ୍ସ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଓ ହେପାଟୋଲୋଜି ବିଭାଗରେ ଏଣ୍ଡୋସ୍କୋପିକ୍ ସମେତ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦିଆଯାଉଛି । କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, କିମ୍ସର ଏକାଡ଼େମିକ୍ ଚେୟାରମ୍ୟାନ୍ ପ୍ରଫେସର ୱାଇ.କେ.ଚାୱାଲା, ପ୍ରଫେସର ଏମେରିଟସ ଏ.ସି ଆନନ୍ଦଙ୍କ ଭଳି ଭାରତର ଖ୍ୟାତିସମ୍ପନ୍ନ ଡ଼ାକ୍ତରଙ୍କ ମାର୍ଗଦର୍ଶନ ଓ ବିଭାଗୀୟ ମୁଖ୍ୟ ପ୍ରଫେସର ମନୋଜ କୁମାର ସାହୁଙ୍କ ନେତୃତ୍ୱରେ କିମ୍ସ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ଓ ହେପାଟୋଲୋଜି ବିଭାଗ ରୋଗୀସେବା ଯୋଗାଇ ଦେଇଆସୁଛି । ଏହି ବିଭାଗରେ ଡ଼ା.ଏସ.ସି.ପାଣିଗ୍ରାହୀ, ପ୍ରଫେସର ପ୍ରୀତମ୍ ନାଥ, ଡା. ବି. ମଲ୍ଲିକ, ଡା.ଡ଼ି. ପ୍ରହରାଜ, ଡ଼ା. ଏସ. କେ. ସାହୁ ଏବଂ ଡା.ଏସ୍.ଗିରିଙ୍କୁ ନେଇ ଏକ ଅଭିଜ୍ଞ ବିଶେଷଜ୍ଞ ଟିମ୍ ରୋଗୀସେବା ଯୋଗାଇ ଦେଇଆସୁଛନ୍ତି ।

କଟକ କ୍ଲବର ପ୍ରତିଷ୍ଠା ଉତ୍ସବ ଓ ଏମଜିଏମ୍ ଭଏସ ଅଫ ବାରବାଟୀ ଉଦ୍‌ଯାପିତ

କଟକ, (ସ୍ୱପ୍ର): ଏପ୍ରିଲ ୨ ଓ ୩ ତାରିଖ କଟକ କ୍ଲବର ୧୫୯ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଦୀର୍ଘ ଏକ ମାସ ଧରି କ୍ଲବ ପରିସରରେ ଏମଜିଏମ ଭଏସ ଅଫ ବାରବାଟୀର ଦୁଇଟି ପର୍ଯ୍ୟାୟରେ ଅଡିସନ ହୋଇଥିଲା । ଓଡ଼ିଶାର କୋଣ ଅନୁକୋଣରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗି ଭାଗ ନେଇଥିଲେ। ଏହି ନିଶୁଳ୍କ ପ୍ରତିଯୋଗିତାରେ ଓଡ଼ିଶାର ତିନିଜଣ ବରିଷ୍ଠ ଏବଂ ସୁନା ସୁମଧନ୍ୟ ସଙ୍ଗୀତଜ୍ଞ ତୃପ୍ତି ଦାସ, ସୁବାଷ ଦାସ ଓ ଦେବାଶିଷଶି ମହାପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ । ଫାଇନାଲ ରାଉଣ୍ଡକୁ ଦଶ ଜଣ ପ୍ରତିଯୋଗୀ ଉତୀର୍ଣ୍ଣ ହୋଇ ଦର୍ଶକର୍ଶଙ୍କ ସାମ୍ନାରେ ନିଜର ପ୍ରତିଭା ପରିବେଷଣ କରିଥିଲେ । ଭୁବନେଶ୍ୱରର ବିଜୟଲକ୍ଷ୍ମୀ ରାଉତରାୟ ଏମଜିଏମ ଭଏସ ଅଫ ବାରବାଟୀ ଉପାଧି ସହ ୫୦ ହଜାର ଟଙ୍କା ଅର୍ଥ ରାଶି ମଧ ପାଇଥିଲେ। ଏହା ବ୍ୟତୀତ ଭୁବନେଶ୍ୱରର ତନୁଶ୍ରୀ ଜେନା ପ୍ରଥମ ରନର୍ସ ଅପ ଅଧିକାର କରିବା ସହିତ ୫୦ହଜାର ଟଙ୍କାର ନଗଦ ଅର୍ଥରାଶି ଲାଭ କରିଥିଲେ। ଦ୍ୱିତୀୟ ରନର୍ସ ଅପ ହୋଇଥିଲେ ଭୁବନେଶ୍ୱରର ଅଭିଜିତ

ପାଣୀ । ତାଙ୍କୁ ୧୫ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାର ମୁଖ୍ୟ ପୃଷ୍ଠପୋଷକ ତଥା ଏମଜିଏମ ଗ୍ରୁପର ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ମାନୀୟ ଅତିଥି ଏସଏନ୍ ମହାନ୍ତି ଗ୍ରୁପର ପ୍ରଗତି କୁମାର ମହାନ୍ତି, କଟକ କ୍ଲବ ସଭାପତି ଡ଼ଃ. ପ୍ରଫେସର ଜୟନ୍ତ କୁମାର ପଣ୍ଡା ଏବଂ ସମ୍ପାଦକ ଯଶୋବନ୍ତ ଦାସ ବିଜୟୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅର୍ଥରାଶି ପ୍ରଦାନ କରିଥିଲେ। ଏହା ବ୍ୟତୀତ ତିନି ବିଚାରକ ମାନଙ୍କୁ ମଧ ଉପଢୌକନ ଓ ଟ୍ରଫି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ବିଚାରକ ମାନେ କଟକ କ୍ଲବର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ । ଏଥିରେ କ୍ଲବର ଉପସଭାପତି ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, ଓରମାସର ବିପିନ ବିହାରୀ ରାଉତ, ସତ୍ୟ ଶୋଭନ ନନ୍ଦ, ସୁବ୍ରତ ଦାସ, ଅନ୍ତର୍ଯ୍ୟାମୀ ଲେଙ୍କାଙ୍କ ସହ କ୍ଲବ ପରିଚାଳନା ମଣ୍ଡଳିର ସମସ୍ତ କର୍ମକର୍ମ କର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବାରମ୍ବାର ବିଦ୍ୟୁତ ବିଭ୍ରାଟ ୪ ପରିକ୍ଷାର୍ଥିନୀ ଅସୁସ୍ଥ

ଖଇରା (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା କଲେଜରେ ଯୁକ୍ତ୨ ବିଜ୍ଞାନ ପ୍ରଥମ ବର୍ଷ ପରୀକ୍ଷା ଦେଉଥିବା ୪ଜଣ ଛାତ୍ରୀ ଗୁରୁତର ହୋଇ ପଡ଼ିଥିଲେ । ଚିକିତ୍ସାପାଇଁ ସେମାନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଯାଇଛି । ଅସୁସ୍ଥ ହୋଇ ପଡିଥିବା ଏହି ଛାତ୍ରୀ ମାନେ ହେଲେ ରାଜଶ୍ରୀ ନାୟକ,ରୋଜାଲିନ ବେହେରା,ପ୍ରଭାଶିନୀ ବାରିକ ଓ ଗୀତାଞ୍ଜଳୀ ମହାକୁଡ । ତେବେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁଁ ଶ୍ରେଣୀ ଗୃହରେ ଫ୍ୟାନ ବନ୍ଦ ହୋଇରହିବା ଏଭଳି ପରିସ୍ଥିତି ପାଇଁ ଦାୟି ବୋଲି ଅଭିଭାବକ ଶରତ କୁମାର ନାୟକ,ବିଜୟ କୁମାର ବେହେରା,ସଂଯୁକ୍ତା ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି ।

ଜାପାନରେ ଓଡିଆ କମ୍ୟୁନିଟି ପକ୍ଷରୁ ଉତ୍କଳ ଦିବସ

କଟକ, (ସବ୍ୟୁ)ଜାପାନର ଟୋକିଓସ୍ଥିତ ଭାରତୀୟ ଦୂତାବାସରେ ଓଡିଆ କମ୍ୟୁନିଟି ଜାପାନ ପକ୍ଷରୁ ଓଡିଶାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଉତ୍କଳ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତ ଓ ଟୋକିଓ ମିଶନ ଦୂତାବାସର ଉପ ଆୟୁକ୍ତ ଶ୍ରୀ ମୟଙ୍କ ଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ଛ ଓଡିଶା କମ୍ୟୁନିଟି ଜାପାନର ସଭାନେତ୍ରୀ ଶ୍ରୀମତୀ ପ୍ରତିମା ବେହେରା ସ୍ୱାଗତ ଭାଷଣ ଦେବା ସହ ପ୍ରତିଭାବାନ କଳାକାରମାନଙ୍କ ଦ୍ୱାରା ଓଡ଼ିଶାର ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ସଂଗଠନର ଉପ–ସଭାପତି ଖିତିଶ ବେହେରା ଭାରତର ମାନ୍ୟବର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ୱତନ୍ତ୍ର ବାର୍ତ୍ତା ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲିଖିତ ବାର୍ତ୍ତା ପାଠ କରିଥିଲେ । ଶ୍ରୀମତୀ ପ୍ରଜ୍ଞାମିତା ଜେନାଙ୍କ ଦ୍ୱାରା ଏକ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ସହ ଓଡିଶାର ହସ୍ତତନ୍ତର ପ୍ରଚାର ପ୍ରସାର ନିମନ୍ତେ ଏକ ଫ୍ୟାସନ ସୋ' ଆୟୋଜିତ ହୋଇଥିଲା । ମାଟି ମୋର ମା' ଟି, ଆହେ ନିଳ ଶୈଳ ଭଳି ଲୋକାଦୃତ ସଙ୍ଗୀତ ଯୁବ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଶ୍ରୀମତୀ ନିବେଦିତା ସାହୁ ପାରମ୍ପାରିକ ଭଜନ ତାଳେ ତାଳେ ଯୋଗ ଆସନ ଉପସ୍ଥାପନ କରି ଓଡିଶାର ଆଧାତ୍ମିକ ମହତ୍ତ୍ୱ ପ୍ରଦର୍ଶନ କରିଥିଲେଛ ଓଡିଶାର କିମ୍ବଦନ୍ତୀ ଲେଖକ ଫକିର ମୋହନ ସେନାପତିଙ୍କ ବ୍ୟଙ୍ଗ ଗୀତିନାଟ୍ୟ ଡ଼ପେଟେଣ୍ଟ ମେଡିସିନ୍ର ପରିବେଷଣ ଦର୍ଶକଙ୍କ ମନୋରଞ୍ଜନ କରିଥିଲା । ପ୍ରଜ୍ଞାମିତା ଜେନା ଓ କାଜଲ ମିଶ୍ରଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ଲୋକନୃତ୍ୟ, ଟୋକାଇଚିବାର ନୃତ୍ୟ ଦର୍ପଣ ଡ୍ୟାନ୍ସ ଗ୍ରୁପ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ପ୍ରଥମ ଥର ପାଇଁ ଭାରତର ଦୂତାବାସରେ, ଓଡ଼ିଶାର ସୁସ୍ୱାଦୁ ଖାଦ୍ୟ ଏବଂ ଓଡ଼ିଶା ପର୍ଯ୍ୟଟନ ଭିଡିଓରେ ପ୍ରଦର୍ଶିତ ହୋଇଥିଲା ।

ଇଂ.ବସନ୍ତ ରାଉତଙ୍କୁ ଉତ୍କଳ ଗୌରବ ମଧୁ ବାବୁ ସମ୍ମାନ ପ୍ରଦାନ

କଟକ, (ସବ୍ୟୁ) : ସାଂସ୍କୃତିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର କଟକର ଉପଦେଷ୍ଟା ସମାଜସେବୀ ତଥା ଗବେଷକ ଇଂ.ବସନ୍ତ କୁମାର ରାଉତ ବିଭିନ୍ନ ସେବାକାର୍ଯ୍ୟ ସହ ବୈଷୟିକ ଶିକ୍ଷା,ଜ୍ଞାନ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏମ୍ଇପି ବିଭାଗରେ ଉଚ୍ଚ ସ୍ତରୀୟ ଗବେଷଣା,ଅଗ୍ନି ନିରାପତ୍ତା ବିଭାଗରେ ଓଡିଶା ଏବଂ ଓଡ଼ିଶା ବାହାରେ ବହୁ ସଫଳତା,ଜାତୀୟ ସୁରକ୍ଷା ସପ୍ତାହ ପାଳନ ଓ ଏହାର ଉପଯୋଗୀତା କାର୍ଯ୍ୟ କ୍ଷେତ୍ରରେ କର୍ମଚାରୀ ମାନଙ୍କୁ ସଚେତନତା ନିୟମ ପାଳନ ଆଦି ଉଲ୍ଲେଖନୀୟ କୃତିତ୍ୱ ନେଇ ସାଲେପୁର ଆଂଚଳିକ ସାମ୍ବାଦିକ ସଂଘର ନବମ ବାର୍ଷିକ ଉତ୍ସବ ପାଳନ ଅବସରେ ସମସ୍ତ କାର୍ଯ୍ୟକର୍ତ୍ତା ଓ ଅତିଥି ମାନଙ୍କ ଉପସ୍ଥିତରେ ଉତ୍କଳ ଗୌରବ ମଧୁ ବାବୁ ସମ୍ମାନ – ୨୦୨୪ ସମ୍ମାନରେ ସମ୍ମାନୀତ କରାଯାଇଛି । ସାଲେପୁର ବ୍ଲକ୍ ସୋଗଲ ନିବାସୀ ପିତା ବଲ୍ଲଭ ଚରଣ ରାଉତ ଓ ମାତା ସ୍ୱର୍ଗତା ସଂଯୁକ୍ତା ରାଉତଙ୍କ ସୁପୁତ୍ର ଇଞ୍ଜିନିୟର ବସନ୍ତ ରାଉତ ଅଧୁନା ପ୍ରତିଷ୍ଠିତ ଘରୋଇ ଉଦ୍ୟୋଗ ଜେଡ୍ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱରରେ ଏମଇପି ବିଭାଗରେ ଉଚ୍ଚ ପଦବୀରେ କାର୍ଯ୍ୟରତ ଥିବା ସହ ପୂର୍ବରୁ ଓଡ଼ିଶା ବାହାରେ ବହୁ ପ୍ରତିଷ୍ଠିତ ଉଦ୍ୟୋଗ ମାନଙ୍କରେ କାର୍ଯ୍ୟକରି ଉଚ୍ଚ ସଫଳତା ଲାଭ କରିବା,କଳା ସାହିତ୍ୟ ସଂସ୍କୃତିର ବିକାଶ ସହ ଓ ବିଭିନ୍ନ କ୍ଷେତ୍ରରେ ଦକ୍ଷତାଥିବା ଶିକ୍ଷିତ ପ୍ରତିଭାଙ୍କୁ କର୍ମ ସଂସ୍ଥାନ ଯୋଗାଇ ସାଧାରଣରେ ପ୍ରଶଂସିତ ହୋଇଛନ୍ତି ।

ପ୍ରକାଶଙ୍କ ପରେ ସାଲେପୁର ଟାଙ୍ଗୀର ୭୨ ହଜାର ଅନୁଗାମୀ ଦୋଛକିରେ

କଟକ (ପ୍ରଫୁଲ୍ଲ ମହାନ୍ତି)ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେପି ଦଳରୀ ମଙ୍ଗ ଧରିଥିବା ପ୍ରକାଶ ବେହେରା ବିଜେପି ଛାଡି ବିଜେଡିରେ ଯୋଗ ଦେବାପରେ ଏଠାକାର ରାଜନୈତିକ ପାଣିପାଗରେ ଅସ୍ଥିରତା ଦେଖାଦେଇଛି । ପ୍ରକାଶ ବିଜେପିର ହାତ ଛାଡି ଶଙ୍ଖ ଶିବିରରେ ଯୋଗଦେଇ ଦଳୀୟ ଟିକେଟ ହାତେଇବାର ଯେଉଁ ଆଶା ରଖିଥିଲେ ତାହା ଫସରଫାଟି ଯାଇଛି ।ସୁପ୍ରିମୋ ଏଠାରେ ଗତ ନିର୍ବାଚନରେ ବିଜୟ ଲାଭ କରିଥିବା ପ୍ରଶାନ୍ତ ବେହେରାଙ୍କ ଉପରେ ଭରସା ରଖି ପୁଣି ଦଳୀୟ ଟିକଟ ପ୍ରଦାନ କରିଛନ୍ତି । ତେବେ ପ୍ରକାଶ ଜଣେ ଦୃଢ଼ ସଂଗଠନବାଦୀ ଯୁବକ ହୋଇଥିବାରୁ ବିଜେଡି ସୁପ୍ରିମୋ ତାଙ୍କୁ ନିରାଶ ନକରି ବାରବାଟୀ କଟକ ଭଳି ସମ୍ମାନଜନକ ସିଟରୁ ପ୍ରତିନିଧିତ୍ୱ ପାଇଁ ବାଛି ଦଳୀୟ ଟିକଟ ପ୍ରଦାନ କରିଛନ୍ତି । ତେବେ ସବୁଠାରୁ ବଡ କଥା ହେଲା ପ୍ରକାଶଙ୍କ ସହ ବିରୋଧୀ ଭାବେ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରି ଆସୁଥିବା ପ୍ରାୟ ୭୨ ହଜାର ଅନୁଗାମୀ ଏବେ ଦୋଛକିରେ ।ବିରୋଧୀ ଦଳରେ ରହି ପ୍ରଶାନ୍ତଙ୍କୁ ବିରୋଧ କରିଆସୁଥିବା ପ୍ରକାଶଙ୍କ ଅନୁଗାମୀ ମାନେ ପ୍ରଶାନ୍ତଙ୍କ ସହ ଖାପଖୁଆଇ ବାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରକାଶଙ୍କ ମନ ଯେତେ ସାଲେପୁର ବାସୀଙ୍କ ପ୍ରତି ରହିଥିଲେ ବି ତାଙ୍କର ଅନୁଗାମୀ ଏ କଥା ବୁଝିବାକୁ ନାରାଜ ।ସଂଗଠନକୁ ତୃଣମୂଳ ସ୍ତରରୁ ସଜାଡି କଂଗ୍ରେସ ଓ ବିଜେପି ଦଳର କର୍ମୀମାନଙ୍କୁ ଏକାଠି ନେଇ ଲଢୁଥିବା ପ୍ରକାଶ ଯେ ଏତେ ଶୀଘ୍ର ପକ୍ଷ ପରିବର୍ତ୍ତନ କରିବେ ଅନୁଗାମୀ ମାନେ ବିଶ୍ୱାସକୁ ନେଇପାରୁ ନାହାନ୍ତି । ଆଗାମୀ ଦିନରେ ସାଲେପୁରର ପ୍ରକାଶ ଅନୁଗାମୀ ମାନେ ତାଙ୍କ କଥାରେ ଯାଇ ବିଜେଡିକୁ ଭୋଟ ଦେବେ ନା କଂଗ୍ରେସ ବା ବିଜେପି କୁ ଫେରିଯିବେ ତାହା ଦେଖିବାକୁ ବାକି ରହିଲା ।

୧.୫ ନିୟୁତରୁ ଅଧିକ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଲା ସ୍ୱର୍ଣ୍ଣ ସିବ୍‌ନୀ

ଭୁବନେଶ୍ୱର (ସବ୍ୟୁ): ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍ (ଏଚ୍ଏମ୍ଆଇଏଲ୍)ର ସିଏସ୍ଆର ଶାଖା ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ (ଏଚ୍ଏମ୍ଆଇଏଫ୍) ଦ୍ୱାରା ସାମାଜିକ କଲ୍ୟାଣ ଏବଂ ମାନବିକତା ମୂଲ୍ୟବୋଧର ପ୍ରତିଶ୍ରୁତିବଦ୍ଧ ଅନ୍ତର୍ଗତ 'ସ୍ୱର୍ଣ୍ଣ ସିବନୀ' ପ୍ରୟାସ ଜାରି ରହିଛି। ୨୦୨୧ ମସିହାରେ ଆରମ୍ଭ ହୋଇଥିବା ଏହି ପ୍ରୟାସ, ଭାରତର ସାତୋଟି ରାଜ୍ୟର ଗ୍ରାମାଂଚଳରେ

୧.୫ ନିୟୁତରୁ ଅଧିକ ଲୋକଙ୍କୁ ସୁଲଭ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇ ପାରିଛି। 'ମାନବିକତା ପାଇଁ ପ୍ରଗତି'ର ହୁଣ୍ଡାଇର ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଏହି ପଦକ୍ଷେପ, ହରିୟାଣା, ରାଜସ୍ଥାନ, ଉତରପ୍ରଦେଶ, ଉତରପ୍ରଦେଶ, ରପ୍ରଦେଶ ସମେତ ଭାରତର ୭ ଟି ରାଜ୍ୟରେ ୩୫ ଟି ଟେଲି ମେଡିସିନ କ୍ଲିନିକ ଏବଂ ମୋବାଇଲ ମେଡିକାଲ ୟୁନିଟ ସହିତ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ପାଇଁ ସହଜ, ସୁଲଭ ତଥା ନିର୍ଭରଯୋଗ୍ୟ ସୁବିଧା ପ୍ରଦାନ କରିଥାଏ । ଗୁଜୁରାଟ ଏବଂ ଓଡିଶା । ଏହି ଅବସରରେ ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଏଭିପି ଆଣ୍ଡ ଭର୍ଟିକାଲ ହେଡ କର୍ପୋରେଟ ଆଫେୟାର୍ସ,ପୁନିତ ଆନନ୍ଦ କହିଲେ, ସାମାଜିକ ଗୋଷ୍ଠୀଙ୍କର କଲ୍ୟାଣ ତଥା ସ୍ୱାସ୍ଥ୍ୟସେବା ସୁବିଧା ପାଇଁ ଆମର ପ୍ରତିବଦ୍ଧତାର ଏହା ଏକ ପ୍ରମାଣ। ଏହି ପଦକ୍ଷେପ ମାଧ୍ୟମରେ, ଆମେ ଭାରତର ଗ୍ରାମାଚଂଳର ବଂଚିତ ଗୋଷ୍ଠୀଙ୍କ ପାଇଁ ସହଜ ତଥା ସୁବିଧାଜନକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଲକ୍ଷ୍ୟ ରଖିଛୁ। ଏହି ସେବାଗୁଡିକ ବିସ୍ତାର କରି ଆମେ ମୌଳିକ ସ୍ୱାସ୍ଥ୍ୟସେବା ଅଭାବ ଭୋଗୁଥିବା ଲୋକଙ୍କ ଜୀବନରେ ଏକ ଅର୍ଥପୂର୍ଣ୍ଣ ପରିବର୍ତନ ଆଣିବାକୁ ଚେଷ୍ଟା କରୁଛୁ । ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ ଭଲଭାବେ ଅବଗତ ଅଛି ଯେ, ଦେଶର ବିକାଶ ପାଇଁ ଏକ ସୁସ୍ଥ ଜନସଂଖ୍ୟା ଜରୁରୀ ଅଟେ । ଏହି ପ୍ରୟାସ ମାଧ୍ୟମରେ ସ୍ୱର୍ଣ୍ଣ ସିବନୀର ଟେଲି ମେଡିସିନ କ୍ଲିନିକଗୁଡିକ ମହାନଗର ନିଗମର ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଦୁର୍ଗମ ଅଂଚଳ ରୋଗୀଙ୍କ ସହିତ ଗ୍ରାମାଂଚଳର ସ୍ୱାସ୍ଥ୍ୟସେବାର ଉପଲବ୍ଧତାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ।

WORLD HEALTH DAY-2024
The key to a healthy lifestyle is to eat a balanced diet, exercise regularly, get adequate sleep, quit smoking, and stay relaxed. Live healthy, and stay young at heart. Wishing you all good health and happiness on this day of World Health Day.
Dr Subhasis Mishra
MD, DNB, FESC, FSCAI, FACC.
Senior Interventional Cardiologist & HOD, Dept of Cardiology, KIMS Hospital, Bhubaneswar
Campus-5, KIIT, Bhubaneswar-751024
Call: 9556625870

WORLD HEALTH DAY-2024
Healthy Women:Healthy Nation
Dr Abhipsa Mishra
(Utkal Hospital)
Senior Consultant
Laparoscopic surgeon,
Infertility Specialist
High risk Obstetrician
Gold Medalist, Maharastra
Contact : 9692030258

WORLD HEALTH DAY-2024
WORLD HEALTH DAY
Dr. AKSHYA KUMAR ROUT
Plastic Cosmetic Surgeon
Managing Director
Sushruta Hospital &Trauma Care
15 Forest Park, Bhubaneswar
Wishing you a vibrant and healthy life ahead ...
M: 7381440044, 7205887946

WORLD HEALTH DAY
SADGURU HOSPITALS
(A Unit Of Sadguru Medical & Research Cente Pvt. Ltd.)
A Leading Multi and Super Speciality Hospitals
SADGURU MULTISPECIALITY SERVICES
- Lung Care (Along with Covid & Post- Covid Care)
- Critical Care (ICU/ ICCU/ NICU)
- Dialysis
- Maternity Care
- Endoscopy & Laporoscopy Surgery Services
- Radiology Services (X-Ray/ USG/ Mammography/ CT Scan)
- Trauma Care
- Sports Related & Joint Replacement Surgery
- Rehabilitation Services (Physiotherapy)
SADGURU SUPERSPECIALITY SERVICES
- Cathlab (Angiogram & Angioplasty)
- Other Interventional Radiology Services (Permcath/ Guided Biopsies/ PTBD, etc)
- CTVS (Varicose Veins/ AV Fistula/ Open Heart Surgeries)
- Comprehensive Cancer Care (Oncosurgery)/ Chemotherpy/ Radiotherapy/ Oncorehabilitation)
SADGURU COLLEGE OF NURSING & ALLIED MEDICAL SCIENCES
Affordable and Equitable Healthcare
BSKY & TPA & CASHLESS SERVICES & 24X7 CASUALTY/PHARMACY/CANTEEN/AMBULANCE
Email : mail@sadguruhospitals.com
Website:www.sadguruhospitals.com
Mob-7205096011

WORLD HEALTH DAY-2024
Health is wealth so we must work to preserve health. A healthy life style of moderation helps in preventing many diseases. Eat healthy, sleep well, stop smoking, Control Diabetes and Hypertension.
Dr. Anupam Jena
DM Cardiology, FESC, FSCAI
Associate Prof. Cardiology, KIMS, Bhubaneswar
Call: 9078828539

WORLD HEALTH DAY-2024
Together we can work towards a world where every child as the opportunity to grow up helping,happy and able to reach their full potential.
Dr. Debasis Panigrahi
Consultant Pediatric Neurologist
ankura hospital for women & children
Bapuji Nagar, Bhubaneswar
Call : 9938509377, 9861114433

WORLD HEALTH DAY-2024
Endeavor is for every patient to have a right to live a pain free, Mobile Life.
Dr. Aurobinda Das
DR. AUROBINDO'S ORTHO CLINIC
Kar Clinic, Bhouma Nagar
Unit-4, Bhubaneswar-751001
Contact : 9348299044

WORLD HEALTH DAY-2024
Cardio Care Centre
Total cardiovascular Care
Dr. J.K. PADHI
Director of Cardilogy
MD (Medicine), DM (Cardiology), CMC Vellore) FACC (USA), FSCAI (USA), LICC (Germany) AFCCI (Italy), FICC, FESC
AMRI HOSPITAL, BHUBANESWAR
M : 7077726202, 9437494400

WORLD HEALTH DAY-2024
"Reclaim your health! Experience the power of diabetes reversal with our expert guidance. Happy World Health Day!"
BeatO CONTROL DIABETES WITH EXPERTS
Masterdoctor QUALITY • ECONOMY • DOORSTEP
Dr. B. Jagdish
MBBS, MD, PGDENDO, DDIAB, FIAMS
Diabetes Reversal Expert
CLINIC • TELEMEDICINE • PHARMACY • PATHOLOGY
B-16, Metro House, Vani Vihar Square, BBSR-751007
8093008191 9040048191

WORLD HEALTH DAY-2024
One happy aspect of pediatrics is seeing patients who were seriously ill become alert, active and happy sometimes the next day after treatment.
Dr Kanhu Panda
Pediatrician
Simpleekare Health Clinic
N2/19, IRC Village, Nayapalli, Bhubaneswar Odisha, Pin-751015, Cell : 8917220048

WORLD HEALTH DAY-2024
"My Health, My Right"
On this world Health Day, I wish Good Health for everyone. Eat Healthy, Sleep Well, Exercise & Take care of your Health.
Dr. Biswajeet Mohapatra
MBBS, MS, Mch (CTVS)
Cardio-Thoracic & Vascular Surgeon
AMRI Hospital, Bhubaneswar
Call : 8096788603, 9182116018

WORLD HEALTH DAY-2024
APRIL 7th WORLD HEALTH DAY
Dr Pankaj Ku Mishra
Cardiothoracic n Vascular surgeon
MBBS, MS, MCH (CTVS)VMMC & Safdarjung Hospital New Delhi
Senior consultant Kalinga Hospital Bhubaneswar
Special interest in Beating heart surgery n Pediatrics Heart surgery
Mob. : 8586865145

WORLD HEALTH DAY-2024
The disease is very painful & dangerous to life & difficult to prevent.
Ln Dr. Biswanath Pattanaik
Padma Hospital
M.S. (UTKAL)
Trained in Proctology (VIENNA) & Laser
Specialist in : Laparoscopy Surgery, Laser, Endoscopist, IRC Specialist for Piles, Fissure & Fistula.
Bapuji Nagar, Bhubaneswar
Call : 9437071386, 7609085504

WORLD HEALTH DAY-2024
"Health is wealth. The theme of World Health Day 2024 is My Health and my Right. Hence, I wish every individual to gain access to Healthcare Personale, Health Information Providers for getting good and sound advice for the maintenance of good health and prevention of ailments"
Dr. R.S.N. Murty
M.D. (Med.), D.M (Card) FICC FACC (USA), FESC (Europe)
Former Director Capital Hospital
Capital Hospital, Bhubaneswar
Call: 9437025330, E-mail : dmurtyrsn@yahoo.co.uk

ପାକିସ୍ତାନରେ ପଶି ମାରିବୁ: ରାଜନାଥ ସିଂ

ନୂଆଦିଲ୍ଲୀ: 'ଆମ ମାଟିରେ ଆତଙ୍କବାଦ କାର୍ଯ୍ୟକଳାପ ଘଟାଇ ସୀମା ପାର ହେଉଥିବା ବ୍ୟକ୍ତିଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବନି । ସେଭଳି ବ୍ୟକ୍ତିଙ୍କୁ ଖୋଜିବା ପାଇଁ ଭାରତ ପାକିସ୍ତାନରେ ପ୍ରବେଶ କରିବାକୁ ପଛାଇବ ନାହିଁ । ବ୍ରିଟେନର ଖବରକାଗଜ 'ଦ ଗାର୍ଡିଆନ୍'ରେ ଭାରତ ବିରୋଧରେ ଏଭଳି କିଛି ଅଭିଯୋଗ ଉଠିଥିବା ବେଳେ ଏହାର କଡ଼ା ଜବାବ ଦେଇ ଏପରି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ।



'ଦ ଗାର୍ଡିଆନ୍'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ବିଦେଶୀ ମାଟିରେ ଶତ୍ରୁମାନଙ୍କୁ ହତ୍ୟା କରିବା ପାଇଁ ଜଣାଶୁଣା ଇସ୍ରାଏଲର ଗୁପ୍ତଚର ସଂସ୍ଥା ମୋସାଦ ଓ ରୁଷର କେଜିବି ଦ୍ୱାରା ପ୍ରେରିତ ହେଉଛି ଭାରତ । ଫଳରେ ୨୦୨୦ ମସିହା ପରଠୁ ଭାରତ ଏପରି ଅଭିଯାନ ଆରମ୍ଭ କରି ପାକିସ୍ତାନ ମାଟିରେ ପ୍ରବେଶ କରି ୨୦ରୁ ଅଧିକ ଆତଙ୍କୀଙ୍କ ହତ୍ୟା କରି ସାରିଲାଣି ।

ଏନେଇ ପ୍ରତିରକ୍ଷା ମନ୍ତ୍ରୀ ସିଂହଙ୍କୁ ପଚରାଯିବାରୁ ସେ ଏହାର କଡ଼ା ଜବାବ ଦେଇ କହିଛନ୍ତି, ଯଦି ଆମ ଦେଶରେ ହିଂସାତ୍ମକ କାର୍ଯ୍ୟକଳାପ, ରକ୍ତପାତ ଘଟାଇ କିଏ ପାକିସ୍ତାନରେ ପ୍ରବେଶ କରିବ, ତା' ହେଲେ ଆମେ ପାକିସ୍ତାନରେ ପଶି ତାକୁ ମାରିବୁ ।

ଏଥିସହ ସେ କହିଛନ୍ତି, ଭାରତ ସବୁବେଳେ ନିଜ ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ ବଜାୟ ରଖିବାକୁ ଚେଷ୍ଟା କରିଥାଏ । ମାତ୍ର ଯଦି କିଏ ଭାରତକୁ ନାଲି ଆଖି ଦେଖାଇବ,ଭାରତ ଭିତରେ ପଶି ଆତଙ୍କୀ କାର୍ଯ୍ୟକଳାପ ଘଟାଇବ, ତା' ହେଲେ ଆମେ କେବେ ବି ତାକୁ ଛାଡ଼ିବୁନି । 'ଦ ଗାର୍ଡିଆନ୍'ରେ ପ୍ରକାଶିତ ଭାରତ ବିରୋଧୀ ଟିପ୍ପଣୀକୁ ମିଥ୍ୟା ତଥା ଉଦ୍ଦେଶ୍ୟମୂଳକ ଭାବେ ଭାରତ ବିରୋଧୀ ପ୍ରଚାର ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି । ଅନ୍ୟ ଦେଶରେ ପଶି ଟାର୍ଗେଟ କିଲିଂ କରିବା ଭାରତ ସରକାରଙ୍କ ନୀତି ନୁହେଁ ବୋଲି ଗତକାଲି ସ୍ପଷ୍ଟ କରି ସାରିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର । ମାତ୍ର ପାକିସ୍ତାନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏନେଇ କୌଣସି ଟିପ୍ପଣୀ କରାଯାଇନି ।

ଦ ଗାର୍ଡିଆନରେ ପ୍ରକାଶିତ ପାଇଥିବା ରିପୋର୍ଟରେ ଭାରତୀୟ ଓ ପାକିସ୍ତାନୀ ଗୁପ୍ତଚର ଅଧିକାରୀଙ୍କ ଉଦ୍ଦେଶ୍ୟରେ ବଡ ଦାବି କରାଯାଇଛି । ଏହି ରିପୋର୍ଟରେ ଉଭୟ ଦେଶର ଗୁପ୍ତଚର ଅଧିକାରୀଙ୍କ ସହ ସାକ୍ଷାତକାର ଏବଂ ପାକିସ୍ତାନୀ ଅନୁସନ୍ଧାନକାରୀଙ୍କ ଦ୍ୱାରା ଅଂଶୀଦାର ହୋଇଥିବା ଡକ୍ୟୁମେଣ୍ଟ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି । ଏଥିରେ କୁହାଯାଇଛି ଯେ ୨୦୧୯ (ପୁଲଓ୍ୱାମା ଆକ୍ରମଣ ଘଟଣା) ପରେ ଭାରତର ଗୁପ୍ତଚର ଏଜେନ୍ସି ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ ଜାତୀୟ ସୁରକ୍ଷା ପ୍ରତି ଏକ ସାହସିକ ଆଭିମୁଖ୍ୟ ଗ୍ରହଣ କରିଛି । ବିଦେଶ ମାଟିରେ ଥିବା ନିଜ ଶତ୍ରୁମାନଙ୍କୁ ହଟାଇବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ଗୁପ୍ତଚର ଏଜେନ୍ସି ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟାଳୟ ଦ୍ୱାରା ସିଧାସଳଖ ନିୟନ୍ତ୍ରିତ ହେଉଛି । ଯେଉଁମାନେ ଭାରତର ଶତ୍ରୁ ସେହିମାନଙ୍କୁ ଟାର୍ଗେଟ କରିବା ପାଇଁ ଦିଲ୍ଲୀରେ ଏକ ଅପରେସନ୍ ଆରମ୍ଭ କରାଯାଇଛି । ୨୦୨୦ ପରଠାରୁ ଭାରତ ପାକିସ୍ତାନରେ ଲଗାତର କାର୍ଯ୍ୟାନୁଷ୍ଠାନ ନେଇଛି । ଏବେ ସୁଦ୍ଧା ପ୍ରାୟ ୨୦ ଜଣଙ୍କୁ ହତ୍ୟା କରାଯାଇଥିବା ରିପୋର୍ଟରେ ଦାବି କରାଯାଇଛି ।

ମିଛର ଗନ୍ତାଘର କଂଗ୍ରେସ: ମୋଦି

ନୂଆଦିଲ୍ଲୀ: ରାଜସ୍ଥାନର ଆଜମେରରେ ଆୟୋଜିତ ରାଲିକୁ ସମ୍ବୋଧନ କରି ମୋଦି କହିଛନ୍ତି, କଂଗ୍ରେସ ନିର୍ବାଚନୀ ଇସ୍ତାହାର ଜରିଆରେ ମିଛ କଥା ସବୁ କହିଛି । ଏହି ମିଛର ଗନ୍ଧା ଘର କଂଗ୍ରେସର ଅସଲ ମୁଖା ଖୋଲି ଦେଇଛି । ଭାରତକୁ ଖଣ୍ଡଖଣ୍ଡ କରିବାକୁ ପ୍ରତିଟି ପେଜରେ ବ୍ୟବସ୍ଥା କରାଯାଇଛି ।

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପୂର୍ବରୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଉପରେ ମନଇଚ୍ଛା ବର୍ଷିଛନ୍ତି । କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ ଜାରି କରିଥିବା ଇସ୍ତାହାରକୁ ମୋଦି ମିଛର ଗନ୍ଧା ଘର ଓ ପ୍ରତିଟି ପୃଷ୍ଠା ଭାରତକୁ ଭାଗ ଭାଗ କରିବା ପାଇଁ ପ୍ରସ୍ତୁତ ହୋଇଥିବା ମୋଦି କହିଛନ୍ତି ।

ରାଜସ୍ଥାନର ଆଜମେରରେ ଆୟୋଜିତ ରାଲିକୁ ସମ୍ବୋଧନ କରି ମୋଦି କହିଛନ୍ତି, କଂଗ୍ରେସ ନିର୍ବାଚନୀ ଇସ୍ତାହାର ଜରିଆରେ ମିଛ କଥା ସବୁ କହିଛି । ଏହି ମିଛର ଗନ୍ଧା ଘର କଂଗ୍ରେସର ଅସଲ ମୁଖା ଖୋଲି ଦେଇଛି । ଭାରତକୁ ଖଣ୍ଡଖଣ୍ଡ କରିବାକୁ ପ୍ରତିଟି ପେଜରେ ବ୍ୟବସ୍ଥା କରାଯାଇଛି ।

ସ୍ୱାଧୀନତା ପୂର୍ବରୁ ମୁସଲିଗର ଆଭିମୁଖ୍ୟକୁ ଏହା ପ୍ରତିଫଳିତ କରୁଛି । କଂଗ୍ରେସ ସେତେବେଳେ ମୁସଲିଗ ପ୍ରଚଳନ କରିବାକୁ ଚାହୁଁଥିବା ଚିନ୍ତାଧାରା ଆଜିର ଭାରତରେ ଲାଗୁ କରିବାକୁ ଚାହୁଁଛି । ନିର୍ବାଚନୀ ଇସ୍ତାହାରର ବଳକା କଥା ସବୁ କମ୍ୟୁନିଷ୍ଟ ଓ ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ।

କଂଗ୍ରେସ ନୀତି ଓ ଯୋଜନାକୁ ନେଇ ପାଗଳ ହୋଇ ଯାଇଥିବା ମୋଦି ଦାବି କରିଛନ୍ତି । ସେ କହିଛନ୍ତି, ଯଦି ଆପଣମାନେ ନିର୍ବାଚନୀ ଇସ୍ତାହାରକୁ ଦେଖିବେ, ତା'ହେଲେ ସେମାନେ ଭାରତକୁ ପୁରୁଣା ଶତାବ୍ଦୀକୁ ଠେଲି ଦେବାକୁ ଚାହୁଁଛନ୍ତି । କଂଗ୍ରେସ କେବେ ହେଲେ ନାରୀ ଶକ୍ତିକୁ ଖାତିର କରେ ନାହିଁ । ସ୍ୱାଧୀନତା ପରେ ମହିଳାମାନେ ପିଢ଼ି ପରେ ପିଢ଼ି ସମସ୍ୟାର ସମ୍ମୁଖୀନ ହୋଇ ଚାଲିଛନ୍ତି । ଏଥିପାଇଁ ଏପରି କଂଗ୍ରେସ ଦଣ୍ଡିତ ହେବା କଥା ନୁହେଁ କି ? ଏପ୍ରିଲ ୧୯ରେ ଆପଣମାନେ ନିଜର ଭୋଟର ବ୍ୟବହାର କରନ୍ତୁ ଓ କଂଗ୍ରେସକୁ ଦଣ୍ଡ ଦିଅନ୍ତୁ ।

ସେ ନିଜ ସରକାରର ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇ କଂଗ୍ରେସକୁ ପୁଣି ଟାର୍ଗେଟ କରିଛନ୍ତି । ମୋଦି କହିଛନ୍ତି, ମୋର ସାହାସୀ ଝିଅମାନେ ଆର୍ମିରେ ସାମିଲ ହୋଇ ପାରୁ ନଥିଲେ । ମୋଦି ସେହି ଦ୍ୱାର ଖୋଲିଛନ୍ତି । ମୁଁ ସୈନିକ ସ୍କୁଲର ଦ୍ୱାର ଖୋଲିଛି । ଆମେ ପ୍ରସବକାଳୀନ ଛୁଟିକୁ ୬ ମାସକୁ ବୃଦ୍ଧି କରିଛୁ । ମହିଳା ଓ ଝିଅମାନଙ୍କ ପାଇଁ ବ୍ୟବସ୍ଥାପିକାରେ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଆଇନ ପ୍ରଣୟନ କରିଛୁ । ଆମ ଗାଁ ଗୁଡ଼ିକରେ ମହିଳାମାନେ ସାଇକେଲ ଚଳାଇ ପାରୁ ନଥିଲେ । ବର୍ତ୍ତମାନ ସେମାନେ ଡ୍ରୋନ ଉଡ଼ାଉଛନ୍ତି । ଇସ୍ରୋ ପ୍ରୋଜେକ୍ଟରେ ସାମିଲ ହେଉଛନ୍ତି । ଆପଣମାନେ ଭାବୁଥିବେ ବହୁତ କିଛି ହୋଇଛି । କିନ୍ତୁ ଆପଣମାନଙ୍କୁ ମୁଁ ମୋର ମନର କଥା କହିବାକୁ ଚାହୁଁଛି । ଏସବୁ କେବଳ ଟ୍ରେଲ ଥିଲା । ଆମେ ଆମର ଦେଶକୁ ଆହୁରି ଆଗକୁ ନେବାର ଅଛି । ଆପଣଙ୍କ ସ୍ୱପ୍ନ ମୋର ପ୍ରତିବଦ୍ଧତା । ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଅଛି । କଂଗ୍ରେସ ଏହାକୁ କାଉଣ୍ଟର କରିବା ସହ ପ୍ରଧାନମନ୍ତ୍ରୀ ତାଙ୍କ ନିଜର ଇତହାସ ଜାଣି ନଥିବା କହିଛନ୍ତି । କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜର ଇତିହାସ ବୋଧେ ଜାଣି ନାହାନ୍ତି । ଆଉ କେହି ନୁହେଁ, ବରଂ ହିନ୍ଦୁ ମହାସଭାର ସଭାପତି ଶ୍ୟାମା ପ୍ରସାଦ ମୁଖାର୍ଜୀ ହିଁ ବେଙ୍ଗଲରେ ମୁସଲିମ ଲିଗ ସହ ଗଠନ ହୋଇଥିବା ମେଣ୍ଟ ସରକାରରେ ରହିଥିଲେ । କଂଗ୍ରେସ ନୁହେଁ, ବିଜେପି ହିଁ ବିଭେଦତା ରାଜନୀତିରେ ବିଶ୍ୱାସ କରେ ।

ସମ୍ବିଧାନ ପ୍ରତି ଆନୁଗତ୍ୟ ରହିବାକୁ ସିଜେଆଇଙ୍କ ବାର୍ତ୍ତା

ନୂଆଦିଲ୍ଲୀ: ବର୍ତ୍ତମାନ ଦେଶରେ ନିର୍ବାଚନ ଋତୁ ଚାଲିଛି । ଆଉ କିଛି ହାତ ଗଣତି ଦିନ ପରେ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟିଂ ଆରମ୍ଭ ହେବ । ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରତ୍ୟେକ ଭାରତୀୟ କୌଣସି ନା କୌଣସି ରାଜନୀତିକ ବିଚାରଧାରା ପ୍ରତି ଆକୃଷ୍ଟ ହେଉଛନ୍ତି ।

ଏହାକୁ ଦୃଷ୍ଟିରେ ରଖି ଦେଶର ପ୍ରଧାନ ବିଚାରପତି ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡ଼ ସମସ୍ତ ବିଚାରପତି ଓ ଓକିଲମାନଙ୍କୁ ବଡ଼ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ଆଇନଜୀବୀ ଓ ବିଚାରପତିମାନେ କେବଳ ସମ୍ବିଧାନ ପ୍ରତି ଅନୁଗତ ରହିବା ଉଚିତ । ବିଚାରପତିମାନେ ପକ୍ଷପାତ ନ କରି ନିଜର କାମ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି ।

ନାଗପୁର ହାଇକୋର୍ଟ ବାର୍ ଆସୋସିଏସନର ଶତବାର୍ଷିକୀ ଉତ୍ସବରେ ଜଷ୍ଟିସ୍ ଚନ୍ଦ୍ରଚୁଡ୍ କହିଛନ୍ତି ଯେ ଆମ ଭଳି ଗୋଟିଏ ଜୀବନ୍ତ ଓ ଯୁକ୍ତିତର୍କ ଗଣତନ୍ତ୍ରରେ ଅଧିକାଂଶ ଲୋକ ଯେକୌଣସି ଗୋଟିଏ ରାଜନୀତିକ ବିଚାରଧାରା ପ୍ରତି ଆକୃଷ୍ଟ ଥାଆନ୍ତି । ଆରିଷ୍ଟୋଟଲ କହିଥିଲେ ମଣିଷମାନେ ରାଜନୀତିକ ପ୍ରାଣୀ ଓ ଓକିଲମାନେ ମଧ୍ୟ ଏହାର ବ୍ୟତିକ୍ରମ ନୁହନ୍ତି । ବାରର ସଦସ୍ୟମାନେ କୋର୍ଟ ଓ ସମ୍ବିଧାନ ସହିତ କୌଣସି ପ୍ରକାରର ପକ୍ଷପାତିତା କରିବା ଉଚିତ୍ ନୁହେଁ । ସେମାନେ ସମ୍ବିଧାନ ପ୍ରତି ବିଶ୍ୱସ୍ତ ରୁହନ୍ତୁ ବୋଲି ସିଜେଆଇ କହିଛନ୍ତି ।

ଦେଶର ପ୍ରଧାନ ବିଚାରପତି ଆହୁରି କହିଛନ୍ତି ଯେ ନ୍ୟାୟପାଳିକା ଏହାର ସ୍ୱାଧୀନତା ଓ ନିରପେକ୍ଷ ନୀତି ବଜାୟ ରଖି ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାଠାରୁ ସ୍ୱତନ୍ତ୍ର ରହିପାରିଛି । ତଥାପି ଆମେ ଭୁଲିଯିବା ଉଚିତ ନୁହେଁ ଯେ ନ୍ୟାୟପାଳିକାର ସ୍ୱତନ୍ତ୍ରତା ଓ ବାର ଆସୋସିଏସନର ସ୍ୱାଧୀନତା ମଧ୍ୟରେ ଗୋଟିଏ ଗଭୀର ସମ୍ପର୍କ ରହିଛି । ସୁପ୍ରିମକୋର୍ଟର ସାମ୍ବିଧାନିକ ବେଞ୍ଚର ନିଷ୍ପତ୍ତି କଠୋର କାର୍ଯ୍ୟାନୁଷ୍ଠାନ, ବିସ୍ତୃତ ଆଇନଗତ ବିଶ୍ଳେଷଣ ଓ ସାମ୍ବିଧାନିକ ନୀତି ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି । ଥରେ ରାୟ ପ୍ରକାଶ ପାଇଯିବା ପରେ ଏହା ସର୍ବସାଧାରଣ ସମ୍ପତ୍ତିରେ ପରିଣତ ହୋଇଯାଇଥାଏ । ଗୋଟିଏ ଅନୁଷ୍ଠାନ ଭାବେ ଆମର ପରିସୀମା ବ୍ୟାପକ ଅଟେ । ଆମେ ଉଭୟ ପ୍ରଶଂସା ଓ ସମାଲୋଚନାକୁ ଗ୍ରହଣ କରୁଛୁ । ଏହି ପ୍ରଶଂସା ଓ ସମାଲୋଚନା ସାମ୍ବାଦିକତା, ରାଜନୀତିକ ମନ୍ତବ୍ୟ କିମ୍ବା ସୋଶାଲ ମିଡିଆ ମାଧ୍ୟମରେ ହେଉ ପଛେ ଆମେ ସବୁ କିଛିକୁ ସହ୍ୟ କରୁଛୁ ବୋଲି ସିଜେଆଇ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି କହିଛନ୍ତି ଯେ ବାର୍ ଆସୋସିଏସନର ସଦସ୍ୟ ତଥା ଅଧିକାରୀ ଭାବେ ଆଇନଜୀବୀମାନେ କୋର୍ଟଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରିବାବେଳେ ସାଧାରଣ ଲୋକଙ୍କ ଭଳି ମନ୍ତବ୍ୟ ଦେବା ଉଚିତ ନୁହେଁ ।

ଅଲଗା ହେବା ପରେ ବି ପାର୍ଟନର ପାଇବେ କ୍ଷତିପୂରଣ

ନୂଆଦିଲ୍ଲୀ: ଲିଭ ଇନରେ ରହି ପରେ ଅଲଗା ହୋଇଯାଉଥିବା ଘଟଣାରେ ମଧ୍ୟପ୍ରଦେଶ ହାଇକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି । ଲିଭ ଇନରେ ଦୀର୍ଘ ବର୍ଷ ଧରି ରହୁଥିବା ମହିଳାଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ହାଇକୋର୍ଟ ପଦକ୍ଷେପ ନେଇଛନ୍ତି । ଯଦି କୌଣସି ମହିଳା ନିର୍ଦ୍ଦିଷ୍ଟ ସମୟ ଧରି ଜଣେ ପୁରୁଷଙ୍କ ସହ ଲିଭ ଇନରେ ରହୁଛନ୍ତି, ତା'ହେଲେ ଅଲଗା ହେବା ପରେ ବି ମହିଳା ଜଣଙ୍କ ଭରଣପୋଷଣ ଖର୍ଚ୍ଚ ପାଇବାକୁ ହକଦାର । ସେମାନେ ଆଇନଗତ ଭାବେ ବିବାହ କରି ନଥିଲେ ମଧ୍ୟ ମହିଳାଙ୍କୁ କ୍ଷତିପୂରଣ ମିଳିପାରିବ ବୋଲି କୋର୍ଟ କହିଛନ୍ତି । ଟ୍ରାଏଲ କୋର୍ଟ ପ୍ରଥମେ ଜଣେ ବ୍ୟକ୍ତିଙ୍କ ବିରୋଧରେ ରାୟ ଦେଇଥିଲେ । ବ୍ୟକ୍ତି ଜଣଙ୍କ ଜଣେ ମହିଳାଙ୍କ ସହ ଲିଭ ଇନରେ ରହୁଥିଲେ । ଏହା ପରେ ଉଭୟ ଅଲଗା ହୋଇ ଯାଇଥିଲେ । କ୍ଷତିପୂରଣ ବା ମାସିକ ଭରଣପୋଷଣ ପାଇଁ ମହିଳା ଜଣଙ୍କ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଟ୍ରାଏଲ କୋର୍ଟ ମହିଳାଙ୍କ ଆବେଦନକୁ ଗ୍ରହଣ କରି ବ୍ୟକ୍ତିଙ୍କୁ ମାସିକ ୧୫ଶହ ଟଙ୍କା ଲେଖାଏ ଭରଣପୋଷଣ ପାଇଁ ଦେବାକୁ କହିଥିଲେ । ଏହାକୁ ବ୍ୟକ୍ତି ଜଣଙ୍କ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । କିନ୍ତୁ ହାଇକୋର୍ଟ ଟ୍ରାଏଲ କୋର୍ଟଙ୍କ ରାୟରେ କୌଣସି ପ୍ରକାରରେ ପରିବର୍ତ୍ତନ କରିନାହାନ୍ତି ।

ଯଦି ଜଣେ ବ୍ୟକ୍ତି ଓ ମହିଳା ବାହା ନ ହୋଇ ବି ଏକାଠି ରହୁଥିବା ପ୍ରମାଣ ମିଳୁଛି, ତା'ହେଲେ ମହିଳାଙ୍କୁ ଅଲଗା ହେବା ପରେ କ୍ଷତିପୂରଣ ଦେବାକୁ କେବେ ହେଲେ ମନା କରାଯାଇ ପାରିବ ନାହିଁ । ଟ୍ରାଏଲ କୋର୍ଟ ଶୁଣାଣି ବେଳେ ହୃଦୟଙ୍ଗମ କରିଥିଲେ ଯେ ମହିଳା ଓ ବ୍ୟକ୍ତି ଜଣଙ୍କ ସ୍ୱାମୀ-ସ୍ତ୍ରୀ ଭାବେ ରହୁଥିଲେ । ଅତିରିକ୍ତ ଭାବେ ସେମାନଙ୍କର ଗୋଟିଏ ଛୁଆ ମଧ୍ୟ ହୋଇଛନ୍ତି ।

ଏନଆଇଏକୁ ମମତାଙ୍କ ପ୍ରଶ୍ନ, ରାତି ଅଧରେ କୁଆଡ଼େ ଯାଇଥିଲ

କୋଲକାତା: ସାଧାରଣ ନିର୍ବାଚନ ପୂର୍ବରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ମେଦିନିପୁର ବିସ୍ଫୋରଣ ଘଟଣାର ଯାଞ୍ଚକୁ ତ୍ୱରାନ୍ୱିତ କରିଛି । ତେବେ ଏନଆଇଏର ତଦନ୍ତ ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଏନଆଇଏ ଟିମ କୋଲକାତା ଆସୁଥିବା ବେଳେ ଭୁପାଟିନଗର ଠାରେ ଆକ୍ରମଣର ଶିକାର ହୋଇଛି । କିନ୍ତୁ ମମତା ଭୁପାଟିନଗର ଠାରେ ଏନଆଇଏ ଗାଁ ଲୋକଙ୍କୁ ଆକ୍ରମଣ କରିବାରୁ ସେମାନେ ପ୍ରତି ଆକ୍ରମଣ କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଭୁପାଟିନଗରର ମହିଳାମାନେ ଆକ୍ରମଣ କରି ନଥିଲେ । ଆକ୍ରମଣ ଏନଆଇଏ ପକ୍ଷରୁ ହୋଇଥିଲା । ମହିଳାମାନେ କ'ଣ ଆକ୍ରମଣ ବେଳେ ଚୁପରେ ବସି ରହିଥାଆନ୍ତେ? ୨୦୨୨ ଡିସେମ୍ବର ଘଟଣାକୁ କେନ୍ଦ୍ର କରି ଏନଆଇଏ ମହିଳାମାନଙ୍କ ଘର ଭିତରେ ପଶିଥିଲା । ଏହାକୁ ବିରୋଧ କରି ସେମାନେ କେବଳ ବିକ୍ଷୋଭ କରିଥିଲେ ।



ମଧ୍ୟରାତ୍ରରେ ଏନଆଇଏର ମମତା ସମାଲୋଚନା କରିଛନ୍ତି । ମମତା କହିଛନ୍ତି, କାହିଁକି ସେମାନେ ରାତି ଅଧରେ ରେଡ କରୁଥିଲେ । କ'ଣ ସେମାନଙ୍କ ପାଖରେ ପୁଲିସର ଅନୁମତି ଥିଲା । ମଧ୍ୟରାତ୍ରରେ ଯଦି ହଠାତ କେହି ବାହାର ଲୋକ ଏପରି କାମ କରିବ, ତା'ହେଲେ ଲୋକମାନେ ପ୍ରତିକ୍ରିୟାଶୀଳ ହେବା ସ୍ୱାଭାବିକ । ପୁଲିସ୍ କହିଛି ଯେ ଭୁପାଟିନଗରରେ ଠାରେ ଏନଆଇଏ ଅଧିକାରୀଙ୍କୁ ନେଇ ଯାଉଥିବା ଗାଡ଼ି ଉପରେ ଆକ୍ରମଣ କରାଯାଇଥିଲା । ଅଧିକାରୀମାନେ ୨୦୨୨ ଡିସେମ୍ବର ମାସର ଗୋଟିଏ ବିସ୍ଫୋରଣ ଘଟଣାର ତଦନ୍ତ କରିବାକୁ ଯାଉଥିଲେ । ଆକ୍ରମଣ ଯୋଗୁ କିଛି ଅଧିକାରୀ ଆହତ ହୋଇଛନ୍ତି । ବିସ୍ଫୋରଣ ଘଟଣାରେ ଏନଆଇଏ ରେଡ କରିବା ସହ ୨ ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କୁ ଧରି ଅଧିକାରୀମାନେ କୋଲକାତା ଆସୁଥିବା ବେଳେ ଆକ୍ରମଣର ଶିକାର ହୋଇଥିଲେ । ଏନେଇ ଏନଆଇଏ ପକ୍ଷରୁ ଭୁପାଟିନଗର ପୁଲିସ୍ ଷ୍ଟେସନରେ ଗୋଟିଏ ଅଭିଯୋଗ ଦାଖଲ କରାଯାଇଛି ।

୨୦୨୨ ଘଟଣାରେ ଏନଆଇଏ ଏବେ ତତ୍ପରତା ପ୍ରକାଶ କରିବାରୁ ମମତା ବାନାର୍ଜୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି । କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର କେନ୍ଦ୍ରୀୟ ଏଜେନ୍ସିକୁ ଲଗାଇ ନିର୍ବାଚନ ଜିତିବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି ।

ଛତିଶଗଡ଼ରେ ଏନକାଉଣ୍ଟର, ୩ ମାଓବାଦୀ ନିହତ

ବିଜାପୁର: ଛତିଶଗଡ଼ରେ ଜାରିରହିଛି ସୁରକ୍ଷାକର୍ମୀଙ୍କ ସର୍ଚ୍ଚ ଅପରେସନ । ଆଜି ପୁଣି ଏନକାଉଣ୍ଟରରେ ୩ ଜଣ ମାଓବାଦୀଙ୍କୁ ନିପାତ କରିଛନ୍ତି ସୁରକ୍ଷାକର୍ମୀ । ବିଜାପୁରରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ମାଓବାଦୀ ନିପାତ ହୋଇଥିବା ସୂଚନା ମିଳିଛି । ଏନେଇ ବିଜାପୁର ଜିଲ୍ଲା ଏସ୍ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି । ଏସପି ଯାଦବଙ୍କ ସୂଚନା ଅନୁସାରେ, ଆଜି ବିଜାପୁର କରିଗୁଟା ଜଙ୍ଗଲରେ ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେସନ କରୁଥିରେ । ଏହି ସମୟରେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ । ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ୩ ମାଓବାଦୀ ନିପାତ ହୋଇଛନ୍ତି । ଏଥିସହ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି । ଲୋକସଭା ନିର୍ବାଚନ ଘୋଷଣା ହେବା ପରଠାରୁ ବିଜାପୁର ଜିଲ୍ଲାରେ ଅପରେସନ ଜାରି ରଖିଛନ୍ତି ସୁରକ୍ଷାକର୍ମୀ । ଏପ୍ରିଲ ୨ରେ ଉକ୍ତ ଅଞ୍ଚଳରେ ଏନକାଉଣ୍ଟର କରିଥିଲେ ସୁରକ୍ଷାକର୍ମୀ । ଏଥିରେ ୪ ଜଣ ମାଓବାଦୀ ନିପାତ ହୋଇଥିଲେ । ଏହା ପୂର୍ବରୁ ମଧ୍ୟ ସର୍ଚ୍ଚ ଅପରେସନରେ ବେଳେ ୬ ଜଣ ନକ୍ସଲ ନିପାତ ହୋଇଥିଲେ ।

ଭାରତର ନିର୍ବାଚନରେ ବିଭ୍ରାଟ କରିବାକୁ ଚୀନ୍‌ର ଯୋଜନା

ନୂଆଦିଲ୍ଲୀ: ଭାରତ ସମେତ ଆମେରିକା ଓ ଦକ୍ଷିଣ କୋରିଆରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଭ୍ରାଟ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି ଚାଇନା । କୃତ୍ରିମ ଗୁଇନ୍ଦା ବା ଏଆଇ ଦ୍ୱାରା ବିଭିନ୍ନ ବିଷୟବସ୍ତୁ ତିଆରି କରି ନିର୍ବାଚନକୁ ପ୍ରଭାବିତ କରିବା ଯୋଜନାରେ ବେଜିଂ । ଏଭଳି କିଛି ଚେତାବନୀ ବିଲ ଗେଟ୍ସଙ୍କ ମାଇକ୍ରୋସଫ୍ଟ ଜାରି କରିଛି ।

ତାଇଓ୍ୱାନର ରାଷ୍ଟ୍ରପତି ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବା ପାଇଁ ଚାଇନା ଏଆଇର ବ୍ୟବହାର କରିଥିଲା । ଏହାପରେ ଭାରତୀୟ ନିର୍ବାଚନ ପାଇଁ ମାଇକ୍ରୋସଫ୍ଟ ପକ୍ଷରୁ ଏଭଳି ଚେତାବନୀ ଦିଆଯାଇଛି ।

ଗତ ମାସରେ ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ବିଲ ଗେଟ୍ସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନୂଆଦିଲ୍ଲୀରେ ଭେଟିଥିଲେ । ଏହି ସମୟରେ ଉଭୟ ସମାଜିକ, ମହିଳା ବିକାଶ, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରର ବିକାଶରେ ଏଆଇର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ ଆଲୋଚନାର ପରେ ମାଇକ୍ରୋସଫ୍ଟ ପକ୍ଷରୁ ଚାଇନାର ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଛି ।

ଚଳିତ ବର୍ଷ ୟୁରୋପୀୟ ୟୁନିୟନ ସହ ବିଶ୍ୱର ପ୍ରାୟ ୬୪ଟି ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ଏହି ଦେଶଗୁଡ଼ିକ ସାମୂହିକ ଭାବରେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୯% । ତେଣୁ ଚାଇନା ବଡ଼ବଡ଼ ଦେଶର ସାଧାରଣ ନିର୍ବାଚନର ଫଳାଫଳ ନିଜ ଅନୁସାରେ ପ୍ରସ୍ତୁତ କରିବାକୁ ଏଆଇକୁ ଅସ୍ତ୍ର କରିପାରେ ।

ମାଇକ୍ରୋସଫ୍ଟର ବିପଦ ସଙ୍କେତ ଜାରି କରୁଥିବା ଗୁପ୍ତଚର ଟିମର ସୂଚନା ଅନୁଯାୟୀ, ଉତ୍ତର କୋରିଆ ସହାୟତାରେ ଚାଇନା ସମର୍ଥିତ ସାଇବର ଗ୍ରୁପଗୁଡ଼ିକ ୨୦୨୪ରେ ହେବାକୁ ଥିବା ବିଭିନ୍ନ ନିର୍ବାଚନକୁ ଟାର୍ଗେଟ କରିପାରନ୍ତି । ମାଇକ୍ରୋସଫ୍ଟ କହିଛି ଯେ ଚାଇନା ନିଜର ସ୍ୱାର୍ଥ ପାଇଁ ସୋଶାଲ ମିଡିଆ ମାଧ୍ୟମରେ ଏଆଇ ଦ୍ୱାରା ବିଭିନ୍ନ କଣ୍ଟେଣ୍ଟ ବା ବିଷୟବସ୍ତୁକୁ ବ୍ୟବହାର କରି ଜନମତକୁ ପ୍ରଭାବିତ କରିପାରେ ।

ଚଳିତ ବର୍ଷ ଭାରତ, ଦକ୍ଷିଣ କୋରିଆ ଓ ଆମେରିକା ଭଳି ପ୍ରମୁଖ ଦେଶଗୁଡ଼ିକରେ ନିର୍ବାଚନ ଅନୁଷ୍ଠିତ ହେବ । ଏହି ସମୟରେ ଚାଇନା ନିଜର ସ୍ୱାର୍ଥ ସାଧାନ ପାଇଁ ଅତି କମରେ ଏଆଇ ସମ୍ବନ୍ଧୀୟ ବିଷୟବସ୍ତୁକୁ ସୃଷ୍ଟି କରିବ ଓ ଏହାର ପ୍ରଚାର କରିବ ।

ଚାଇନା ପକ୍ଷରୁ ଏଆଇ ଦ୍ୱାରା ନକଲି ରାଜନୀତିକ ବିଜ୍ଞାପନ ତିଆରି କରାଯିବ । ମିଥ୍ୟା ବିଷୟବସ୍ତୁ ଓ ଡିଫେକ୍ ଦ୍ୱାରା ସୋଶାଲ ମିଡିଆରେ ବିଭିନ୍ନ ଭିଡିଓକୁ ପ୍ରଚାର କରିବାକୁ ଯୋଜନା ହୋଇଛି । ନିର୍ବାଚନ ବର୍ଷରେ ଏପରି କାମ ନିଶ୍ଚିତ ଭାବେ ଲୋକଙ୍କୁ ପ୍ରଭାବିତ କରିବ ।

ଲୋକଙ୍କୁ ବିଭିନ ପ୍ରାର୍ଥୀଙ୍କ ସମ୍ପର୍କରେ ବିଭ୍ରାନ୍ତିକର ତଥ୍ୟ ଦେବାକୁ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିପାରେ । ଯଦି କୌଣସି ବିଷୟବସ୍ତୁକୁ ଚେକ କରା ନଯାଏ, ତା'ହେଲେ ନକଲି ତଥା ମିଥ୍ୟା ବିଷୟବସ୍ତୁ ଜନମତକୁ ପ୍ରଭାବିତ କରିବ ବୋଲି ମାଇକ୍ରୋସଫ୍ଟ କହିଛି । ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ତାଇଓ୍ୱାନର ନିର୍ବାଚନ ସମୟରେ ଚାଇନାର ଗୋଟିଏ ସାଇବର ଗ୍ରୁପ ବେଶ ସକ୍ରିୟ ଥିଲା । ନକଲି ଅଡିଓ, ମେମ ଓ ଭିଡିଓ ଗ୍ରୁପ ପକ୍ଷରୁ ଏଆଇକୁ ବ୍ୟବହାର କରି ତିଆରି କରାଯାଉଥିଲା । କିଛି ପ୍ରାର୍ଥୀଙ୍କୁ ବଦନାମ କରିବା ଓ ଭୋଟରଙ୍କ ଧାରଣାକୁ ପ୍ରଭାବିତ କରିବା ହିଁ ଏହାର ଉଦ୍ଦେଶ୍ୟ ଥିଲା । ସମାନ ସ୍ଥିତି ଭାରତରେ ସୃଷ୍ଟି କରିବାକୁ ଚାଇନା ମସୁଧା କରୁଥିବା ମାଇକ୍ରୋସଫ୍ଟ ଆକଳନ କରିଛି ।

ଆମେ ରାମ ନାମ ସତ୍ୟ ହେ କରିଛୁ: ଆଦିତ୍ୟନାଥ

ଲକ୍ଷ୍ନୌ: ଗୁଣ୍ଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉତ୍ତର ପ୍ରଦେଶ ସରକାର ଝିଅ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ନିଶ୍ଚିତ କରିଥିବା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆଲିଗଡ଼ ଠାରେ ଆୟୋଜିତ ଗୋଟିଏ ନିର୍ବାଚନ ରାଲିରେ ଦାବି କରିଛନ୍ତି ।



ବର୍ତ୍ତମାନ ଏହା ସମ୍ଭବ ହୋଇପାରିଛି । ଆମେ ଗୋଟିଏ ସଶକ୍ତ ବାର୍ତ୍ତା ପଠାଇବାକୁ ସକ୍ଷମ ହୋଇଛୁ । ଆମେ କେବଳ ଅଯୋଧ୍ୟାକୁ ଭଗବାନ ରାମଙ୍କୁ ଆଣି ନାହୁଁ, ବରଂ ସମାଜ ପ୍ରତି ବିପଦ ସୃଷ୍ଟି କରୁଥିବା ତତ୍ତ୍ୱମାନଙ୍କର ରାମ ନାମ ସତ୍ୟ ହେ ମଧ୍ୟ କରିଛୁ ।

ଆଲିଗଡ଼ ଲୋକସଭାରେ ବିଜେପି ପ୍ରାର୍ଥୀ ହୋଇଥିବା ସତୀଶ ଗୌତମଙ୍କ ପ୍ରଚାର ଆଦିତ୍ୟନାଇ ଜୋରଦାର ଢଙ୍ଗରେ କରିଛନ୍ତି । ପ୍ରଚାର ବେଳେ ସେ କହିଛନ୍ତି, ୨୦୧୪ ଓ ୨୦୧୭ ପୂର୍ବରୁ ବ୍ୟବସାୟୀମାନେ ମଧ୍ୟ ଭୟରେ ରହୁଥିଲେ । କାରଣ ସେମାନଙ୍କୁ ଅପରାଧୀଙ୍କ ଧମକ ମିଳୁଥିଲା । ବର୍ତ୍ତମାନ ଆମେ ରାମଙ୍କ ନାଁ ନେଇ ରହୁଛେ ଓ ସମସ୍ତ ପ୍ରକାରର ଅପରାଧିକ ତତ୍ତ୍ୱର ମୂଳପୋଛ କରିଛେ ।

ଉତ୍ତର ପ୍ରଦେଶ ସାଂପ୍ରଦାୟିକ ହିଂସାରୁ ମୁକ୍ତି ପାଇଛି । କର୍ଫ୍ୟୁ ଲାଗୁ ହେଉ ନାହିଁ । କାଉଁଡିଆ ଯାତ୍ରା କୌଣସି ବାଧାର ସମ୍ମୁଖୀନ ହେଉନାହିଁ । ଏପରି ଶାନ୍ତି ଓ ବିକାଶର ଧାରା ବଜାୟୀ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୃତୀୟଥର ପାଇଁ ନିର୍ବାଚିତ କରିବାକୁ ପଡ଼ିବ । ହୋଲିର ଉଦାହରଣ ଦେଇ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ବିଭିନ୍ନ ଉତ୍ସବ ଏବେ ଅତ୍ୟନ୍ତ ଶାନ୍ତିର ସହ ଆୟୋଜନ କରାଯାଉଛି । ପୂର୍ବରୁ ୟୁପି କେବଳ ହିଂସା ଓ ଅପରାଧ ପାଇଁ ଜଣାଶୁଣା ଥିଲା । କିନ୍ତୁ ଏବେ ରାଜ୍ୟ ଉତ୍ସବର ମାଟି ପାଲଟିଛି ।

ଏଠାରେ ରାମ ଉତ୍ସବ, ରଙ୍ଗ ଉତ୍ସବ, ଦେବ ଦୀପାବଳି, ଦୀପ ଉତ୍ସବ, କୃଷ୍ଣ ଉତ୍ସବ ପାଳନ ହେଉଛି । ଏହା ନୂଆ ଉତ୍ତର ପ୍ରଦେଶ । କେହି କ'ଣ ଭାବିଥିଲେ ଯେ ଗରିବ ଲୋକମାନେ ମାଗଣାରେ ରାସନ, ଘର ଓ ସ୍ୱାସ୍ଥ୍ୟ ସେବା ଏଠାରେ ପାଇପାରିବେ । ଆଜି ସ୍ଥାନୀୟ ହସ୍ତଶିଳ୍ପୀ ଓ ସ୍ଥପତିମାନେ ମଧ୍ୟ ସମ୍ମାନ ପାଉଛନ୍ତି । ବାର୍ସନା ଓ ବୃନ୍ଦାବନରେ ପାଳନ ହେଉଥିବା ହୋଲି ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି । ଚଳିତ ବର୍ଷ ହୋଲିରେ ବାର୍ସନାକୁ ୧୦ ଲକ୍ଷ ଲୋକ ଆସିଥିଲେ । ୨୦୧୭ ପୂର୍ବରୁ ଏଠାକୁ ଅତି ବେଶୀରେ ୨୦ରୁ ୨୫ ହଜାର ଲୋକ ଆସୁଥିଲେ । ୫୦୦ ବର୍ଷ ପରେ ରାମ ଲଲା ମଧ୍ୟ ହୋଲି ଖେଳିଛନ୍ତି ବୋଲି ଯୋଗୀ ଆଦିତ୍ୟନାଥ କହିଛନ୍ତି ।

ବଟଲରଙ୍କ ଶତକ ଆଗରେ କୋହଲି ଫିକା

ଆଇପିଏଲ୍ ମହାସମର

ଜୟପୁର,୬ା୪(ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ଦୁଇ ତାରକା ଖେଳାଳି ବିରାଟ କୋହଲି ଏବଂ ଜୋଶ ବଟଲର ପରସ୍ପର ବିପକ୍ଷରେ ଲଢ଼ିଥିଲେ । ବେଙ୍ଗାଲୁରୁ ପାଇଁ ୧୧୩ ରନ୍‌ର ଅପରାଜିତ ଇନିଂସ ଖେଳିଥିବା କୋହଲିଙ୍କ ଶତକ, ଜୋଶ ବଟଲରଙ୍କ ବିସ୍ଫୋରକ ଶତକ ଆଗରେ ଫିକା ପଡିଯାଇଛି । କାରଣ ଆଇପିଏଲ୍‌ର ୧୯ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୬ ୱିକେଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ଧରାଶାୟୀ କରି ଚତୁର୍ଥ ବିଜୟ ହାସଲ କରିଛି । ୮ ପଏଣ୍ଟ ସହ ରାଜସ୍ଥାନ ରୟାଲ୍ସ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନ ମଣ୍ଡନ କରିଥିବା ବେଳେ ୪ଟି ପରାଜୟ ସହ ବେଙ୍ଗାଲୁରୁ ଟେବୁଲର ଅଷ୍ଟମ ସ୍ଥାନକୁ ଖସିଛି । ରାଜସ୍ଥାନର ଜୋଶ ବଟଲର ନାଟକୀୟ ଭାବେ ଶତକ ଅର୍ଜନ କରି ଆଇପିଏଲ ଅଭିଯାନ ସ୍ମରଣୀୟ କରିଛି । ଏହି ମ୍ୟାଚରେ ରାଜସ୍ଥାନ ୨୦ ଓଭରରେ ୩ ୱିକେଟ୍ ହରାଇ ୧୮୩ ରନ୍ କରିଥିଲା । ଜବାବରେ ରାଜସ୍ଥାନ ରୟାଲ୍ସ ୧୯.୧ ଓଭରରେ ୧୮୯/୪ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ଦଳ ଆରମ୍ଭରୁ ଉଚ୍ଚକୋଟୀର ଖେଳିଥିଲା । ବିରାଟ କୋହଲିଙ୍କ ସହ ପାଳି ଆରମ୍ଭ କରିବାକୁ ଆସିଥିବା ଅଧିନାୟକ ଫାଫ ଡୁପ୍ଲେସିସ୍ ପ୍ରଥମ ୱିକେଟ୍ ପାଇଁ ୧୨୫ ରନ୍ ଯୋଡି ଥିଲେ । ଡୁପ୍ଲେସିସ୍ ୩୩ ବଲରୁ ୪୪ ରନ୍ କରି ୟୁଜଭେନ୍ଦ୍ର ଚହଲଙ୍କ ଶିକାର ହୋଇଥିଲେ । କିନ୍ତୁ କୋହଲିଙ୍କ ବ୍ୟାଟରୁ ରନ୍ ଜାରି ରହିଥିଲା । ଅଷ୍ଟ୍ରେଲିଆର ତାରକା ଅଲ୍‌ରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ପୁଣିଥରେ ବିଫଳ ହୋଇଛନ୍ତି । ସେ ୩ଟି ବଲରୁ ୧ ରନ୍ କରି ବରଗରଙ୍କ ବୋଲ୍ଡ ହୋଇଥିଲେ । ସୌରଭ ଚୌହାନ ୬ ବଲ୍‌ରୁ ୯ ରନ୍ ଏବଂ କାମେରନ୍ ଗ୍ରୀନ୍ ଅପରାଜିତ ୫ ରନ୍ କରିଥିଲେ । ସବୁଠୁ ଆକର୍ଷଣୀୟ ଥିଲା ବିରାଟ କୋହଲିଙ୍କ ଶତକୀୟ ଇନିଂସ । କୋହଲି ୭୨ ବଲ୍‌ର ସମ୍ମୁଖୀନ ହୋଇ ୧୨ଟି ଚୌକା ଓ ୪ଟି ଛକା ସହାୟତାରେ ଅପରାଜିତ ୧୧୩ ରନ୍ କରିଥିଲେ । ତେଣୁ ବେଙ୍ଗାଲୁରୁ ୨୦ ଓଭରରେ ୩ ୱିକେଟ୍ ହରାଇ ୧୮୩ ରନ୍ କରିଥିଲା । ରାଜସ୍ଥାନ ପକ୍ଷରୁ ୟୁଜଭେନ୍ଦ୍ର ଚହଲଙ୍କୁ ସର୍ବାଧିକ ୨ ୱିକେଟ୍ ସଫଳତା ମିଳିଥିଲା ।

ସବାଇ ମାନସିଂ ଷ୍ଟାଡିୟମ୍‌ରେ ରାଜସ୍ଥାନ ରୟାଲ୍ସ ବିନା ସ୍କୋରରେ ୱିକେଟ୍ ହରାଇଥିଲେ ହିଁ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଇଥିଲା । ଅଧିନାୟକ ସଞ୍ଜୁ ସାମସନ ଓ ଜୋଶ ବଟଲର ଦ୍ୱିତୀୟ ୱିକେଟ୍ ପାଇଁ ୧୪୮ ରନ୍ ସଂଗ୍ରହ କରି ବେଙ୍ଗାଲୁରୁର ବିଜୟ ଆଶାକୁ ଧୂଳିସାତ କରିଥିଲେ । ସାମସନ ୪୨ ବଲ୍‌ରୁ ୬୯ ରନ୍ କରି ଆଉଟ୍ ହୋଇଥିବା ବେଳେ ରିଆନ୍ ପରାଗ ୪, ଧ୍ରୁବ ଜୁରେଲ ୨ ଓ ହେଟମେୟାର ଅପରାଜିତ ୧୧ ରନ୍ କରିଥିଲେ । କିନ୍ତୁ ଏମାନଙ୍କ ଇନିଂସ ଠୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା ବଟଲରଙ୍କ ଶତକ । ମ୍ୟାଚ ଜିତିବା ପାଇଁ ରାଜସ୍ଥାନ ରୟାଲ୍ସ ୭ ବଲ୍‌ରୁ ୨ ରନ୍‌ର ଆବଶ୍ୟକତା ଥିଲା । ଷ୍ଟ୍ରାଇକ୍‌ରେ ଥିବା ବଟଲର ୯୩ ରନ୍ କରି ଶତକଆଡେ ମୁହାଁଇଥିଲେ । ୧୯ ଓଭର ଶେଷ ବଲ୍‌ରେ ସିଙ୍ଗଲ୍ସ ନେଇ ମ୍ୟାଚକୁ ଟାଇ କରିବା ସହ ବ୍ୟକ୍ତିଗତ ଭାବେ ୯୪ ରନ୍‌ରେ ପହଞ୍ଚିଯାଇଥିଲେ ବଟଲର । ଦଳ ଜିତିବା ପାଇଁ ୧ ରନ୍‌ର ଆବଶ୍ୟକତା ଥିବା ବେଳେ ବଟଲର ଶତକ ପୂରଣ ପାଇଁ ୬ ରନ୍ ଦରକାର ହେଉଥିଲା । ତେଣୁ ବଟଲର କାମେରନ୍ ଗ୍ରୀନ୍‌ଙ୍କ ଶେଷ ଓଭର ପ୍ରଥମ ବଲରେ ଛକା ମାରି ଶତକ ପୂରଣ କରିବା ସହ ଦଳକୁ ବଡ଼ ବିଜୟ ଦେଇଛନ୍ତି ।

ଆଜିର ମ୍ୟାଚ

ମୁମ୍ବାଇ–ଦିଲ୍ଲୀ	ଲକ୍ଷ୍ନୌ–ଗୁଜରାଟ
ସମୟ: ଅପରାହ୍ନ ୩.୩୦	ସମୟ: ରାତି ୭.୩୦
ସ୍ଥାନ: ୱାଙ୍ଖେଡେ	ସ୍ଥାନ: ଲକ୍ଷ୍ନୌ

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ
ରାଜସ୍ଥାନ	୪	୪	୦	୮
କୋଲକାତା	୩	୩	୦	୬
ଚେନ୍ନାଇ	୪	୨	୨	୪
ଲକ୍ଷ୍ନୌ	୩	୨	୧	୪
ସନ୍‌ରାଇଜର୍ସ	୪	୨	୨	୪
ପଞ୍ଜାବ	୪	୨	୨	୪
ଗୁଜରାଟ	୪	୨	୨	୪
ବେଙ୍ଗାଲୁରୁ	୫	୧	୪	୨
ଦିଲ୍ଲୀ	୪	୧	୩	୨
ମୁମ୍ବାଇ	୩	୦	୩	୦

ଅଷ୍ଟ୍ରେଲିଆ ଠାରୁ ହାରିଲା ଭାରତ

ହକି ଶୃଙ୍ଖଳା

ପର୍ଥ୬ା୪(ଏଜେନ୍ସି): ଭାରତୀୟ ପୁରୁଷ ହକି ଦଳ ଅଷ୍ଟ୍ରେଲିଆଗସ୍ତର ପ୍ରାରମ୍ଭରେ ଝୁଣ୍ଟିଛି । ଉଭୟ ଦଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳା ଖେଳାଯିବ । ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ ଶନିବାର ପର୍ଥରେ ଖେଳାଯାଇଥିଲା । ଏଥିରେ ଘରୋଇ ଅଷ୍ଟ୍ରେଲିଆ ଦଳ ୫-୧ ଗୋଲ୍‌ରେ ଭାରତକୁ ମାତ ଦେଇଥିଲା । ଅଷ୍ଟ୍ରେଲିଆର ଟିମ୍ ବ୍ରାଣ୍ଡ ତୃତୀୟ ମିନିଟ୍, ଟମ୍ ୱିକ୍‌ହାମ୍, ୨୦ ଓ ୩୮ତମ ମିନିଟ୍, ଜୋଏଲ ରିନଟାଲା ୩୭ତମ ମିନିଟ୍, ଫିନ୍ ଓଗିଲଭି ୫୭ତମ ମିନିଟ୍‌ରେ ଗୋଲ୍‌ସ୍କୋର କରିଥିଲେ । ଭାରତ ପକ୍ଷରୁ କେବଳ ଗୁରଜନ୍ତ ସିଂ ୪୭ତମ ମିନିଟ୍‌ରେ ଗୋଲ୍ ପରିଶୋଧ କରିଥିଲେ । ଏହି ଶୃଙ୍ଖଳାର ପରବର୍ତ୍ତୀ ମ୍ୟାଚ ଆଗାମୀ ୭ ତାରିଖରେ ଭାରତୀୟ ସମୟ ଦିନ ୨ଟାରେ ଆରମ୍ଭ ହେବ । ଏହି ମ୍ୟାଚ ସ୍ପୋର୍ଟ୍ସ-୧୮ ଥ୍ରୀ ଓ ସ୍ପୋର୍ଟ୍ସ-୧୮-ୱାନ୍ ଏଚ୍‌ଡି'ରେ ପ୍ରସାରଣ ହେବ ।

ଧୋନି ଗାଇଲେ ଗୀତ

ନୂଆଦିଲ୍ଲୀ,୬ା୪(ଏଜେନ୍ସି): ଚେନ୍ନାଇ ସୁପରକିଙ୍ଗ୍ସର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଏକ ବିଜ୍ଞାପନ ଭିଡ଼ିଓରେ ଗାଇଥିବା ଗୀତ ଭାଇରାଲ ହେବାରେ ଲାଗିଛି । ସେ ଏକ ଜଙ୍ଗଲିଆ ରାସ୍ତାରେ ସାଇକେଲ ଚଳାଇ ବୋଲୋ ଜେ କୋଇଏଲ ବାଗୋମେ ଗୀତଟି ଗାଉଛନ୍ତି । ଚଳିତ ଆଇପିଏଲ୍‌ରେ ଧୋନି ଚେନ୍ନାଇର ଅଧିନାୟକ ପଦରୁ ଓହରିଯାଇଥିଲେ । ଫଳରେ ଋତୁରାଜ ଗାଏକ୍ୱାର୍ଡ ଦଳର ଅଧିନାୟକ ଅଛନ୍ତି । ୪୨ ବର୍ଷୀୟ ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ସୁପରକିଙ୍ଗ୍ସ ୫ଥର ଆଇପିଏଲ୍ ଚାମ୍ପିଅନ୍ ତଥା ଆଇପିଏଲ୍ ଟ୍ରଫି ହାତେଇଥିଲା । ସେ ଚେନ୍ନାଇ ପକ୍ଷରୁ ୨୩୫ଟି ମ୍ୟାଚରେ ନେତୃତ୍ୱ ନେଇଥିଲେ । ଧୋନିଙ୍କ ଅଧିନାୟକତ୍ୱରେ ଚେନ୍ନାଇ ୧୦ଥର ଆଇପିଏଲ୍ ଫାଇନାଲରେ ପ୍ରବେଶ କରିଥିଲା । ଗତ ସଂସ୍କରଣରେ ଗୁଜରାଟ ଟାଇଟନ୍ସକୁ ହରାଇ ଚାମ୍ପିଅନ୍ ହୋଇଥିଲା ଚେନ୍ନାଇ । ଧୋନି ଆଇପିଏଲ୍‌ରେ ୨୫୦ ମ୍ୟାଚ ଖେଳି ୫,୦୮୨ ରନ୍ କରିଛନ୍ତି । ଏଥିରେ ୨୪ଟି ଅର୍ଦ୍ଧଶତକ ରହିଛି । ପୂର୍ବରୁ ଧୋନିଙ୍କୁ ହୁକା ଟାଣୁଥିବା ଦେଖିବାକୁ ମିଳୁଥିଲା । ଯାହାକୁ ନେଇ ସେ ଖୁବ୍ ସମାଲୋଚିତ ହୋଇଥିଲେ ।

ଆଠଗଡ଼ ଖୋ ଖୋ ଆସୋସିଏସନର କ୍ରୀଡ଼ାବିତଙ୍କ ସଫଳତା

ଆଠଗଡ଼,୬ା୪(ସବ୍ୟୁ): ଆଠଗଡ଼ ଖୋ ଖୋ ଆସୋସିଏସନର ଜଗନ୍ନାଥ ଦାସ ଓ ବଳରାମ ଦାସ ନିଜର ସାଧନା ଓ ପରିଶ୍ରମ ବଳରେ ୫୬ତମ ସିନିୟର ଖୋ ଖୋ ନ୍ୟାସନାଲରେ ଓଡ଼ିଶା ଟିମ ତରଫରୁ ପ୍ରତିନିଧିତ୍ୱ କରି ଜାତୀୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିପାଇଁ ଆଠଗଡ଼ ଖୋ ଖୋ ଆସୋସିଏସନର ସଭାପତି ଲକ୍ଷ୍ମୀ ନାରାୟଣ ଭଞ୍ଜ,କଟକ ଜିଲ୍ଲା ଖୋ ଖୋ ଆସୋସିଏସନର ସଂପାଦକ ସୁନାକର ରାଉତ ଓ ଆଠଗଡ଼ ଖୋ ଖୋ ଆସୋସିଏସନର ସମସ୍ତ କର୍ମକର୍ତ୍ତା ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଥିପାଇଁ ଆଠଗଡ଼ରେ ଖୁସିର ଲହରୀ ଖେଳିଯାଇଛି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

ଗଞ୍ଜାମ, କେନ୍ଦ୍ରାପଡ଼ା, ନୂଆପଡ଼ା, ସୋନପୁର, ସମ୍ବଲପୁର ବି' ବିଜୟୀ

କଳାହାଣ୍ଡି କପ୍

ଭୁବନେଶ୍ୱର,୬ା୪(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଘରୋଇ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ୍ ପ୍ରିମିୟର ଲିଗ୍ ତୃତୀୟ ପର୍ଯ୍ୟାୟରେ ଶନିବାର ଗଞ୍ଜାମ, କେନ୍ଦ୍ରାପଡ଼ା, ନୂଆପଡ଼ା, ସୋନପୁର, ସମ୍ବଲପୁର ବି' ଓ ରାୟଗଡ଼ା ବିଜୟୀ ହୋଇଛନ୍ତି ।

ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଗଞ୍ଜାମ ୨୦୯ ରନ୍ ବ୍ୟବଧାନରେ କନ୍ଧମାଳକୁ ହରାଇଛି । ଏହି ମ୍ୟାଚରେ ଗଞ୍ଜାମ ୫୦ ଓଭରରେ ୭ ୱିକେଟ୍ ହରାଇ ୩୨୭ ରନ୍ କରିଥିଲା । ଜବାବରେ କନ୍ଧମାଳ ୨୭.୫ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା ।

ରେଭେନ୍ସା ନଂ.୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କେନ୍ଦ୍ରାପଡ଼ା ୩ ୱିକେଟ୍‌ରେ ମାଲକାନାଗିରିକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ମାଲକାନାଗିରି ୩୮.୫ ଓଭରରେ ୧୫୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ କେନ୍ଦ୍ରାପଡ଼ା ୩୨.୩ ଓଭରରେ ୭ ୱିକେଟ୍ ହରାଇ ୧୫୯ ରନ୍ କରି ବିଜୟୀ ହୋଇଥିଲା ।

ରେଭେନ୍ସା ନଂ.୨ ଗ୍ରାଉଣ୍ଡରେ ନୂଆପଡ଼ା ୨ ୱିକେଟରେ ଗଜପତିକୁ ହରାଇଛି । ଏହି ମ୍ୟାଚରେ ଗଜପତି ୨୬.୩ ଓଭରରେ ୧୫୫ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ନୂଆପଡ଼ା ୨୭.୧ ଓଭରରେ ୧୫୬/୮ ରନ କରି ବିଜୟୀ ହୋଇଥିଲା । କିଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ସୋନପୁର ୪ ୱିକେଟ୍‌ରେ ଜଗତସିଂହପୁରକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ୩୩.୫ ଓଭରରେ ୧୬୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ସୋନପୁର ୨୮ ଓଭରରେ ୬ ୱିକେଟ୍ ହରାଇ ୧୭୧ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା ।

ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ବି' ୨ ୱିକେଟରେ ବଲାଙ୍ଗୀରକୁ ହରାଛି । ଏହି ମ୍ୟାଚରେ ବଲାଙ୍ଗୀର ଦଳ ୩୫ ଓଭର ବ୍ୟାଟିଂ କରି ୧୯୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ଜବାବରେ ସମ୍ବଲପୁର ୪୪.୨ ଓଭରରେ ୮ ୱିକେଟ୍ ହରାଇ ୧୯୮ ରନ୍ କରି ବିଜୟୀ ହୋଇଥିଲା । ବାରବାଟୀ ଷ୍ଟାଡିୟମ୍‌ରେ ମ୍ୟାଚରେ ରାୟଗଡ଼ା ୨ ୱିକେଟ୍‌ରେ କଳାହାଣ୍ଡିକୁ ହରାଇଛି । ଏହି ମ୍ୟାଚରେ କଳାହାଣ୍ଡି ୪୨.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୪୬ ରନ୍ କରିଥିଲା । ଜବାବରେ ରାୟଗଡ଼ା ୩୩ ଓଭରରେ ୮ ୱିକେଟ୍‌ରେ ହରାଇ ୧୪୭ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା ।

ଶିବମଙ୍କ ଯୋଗୁଁ ସଙ୍କଟରେ ସୂର୍ଯ୍ୟକୁମାର, ପନ୍ତ

ନୂଆଦିଲ୍ଲୀ,୬ା୪(ଏଜେନ୍ସି): ଚଳିତ ଆଇପିଏଲ୍‌ରେ ଯୁବ ବ୍ୟାଟର ଶିବମ୍ ଦୁବେଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଛି । ଆଗକୁ ଯଦି ସେ ଏହି ଧାରା ଜାରି ରଖିବେ ତା'ହେଲେ ବିଶ୍ୱକପ୍ ପାଇଁ ଘୋଷଣା ହେବାକୁଥିବା ଭାରତୀୟ ଦଳରେ ତାଙ୍କୁ ସୁଯୋଗ ମିଳିଯିବ । ଶିବମଙ୍କ ଭଲ ପ୍ରଦର୍ଶନ ସୂର୍ଯ୍ୟ କୁମାର ଯାଦବ, ରିଷଭ ପନ୍ତ ଓ ଶ୍ରେୟାସ ଆୟରଙ୍କ ପରି ଖେଳାଳିଙ୍କ ପାଇଁ ସଂକଟ ସୃଷ୍ଟି କରିଛି । ଭାରତର ପୂର୍ବତନ କ୍ରିକେଟ୍ ବୀରେନ୍ଦ୍ର ସେହ୍ୱାଗ ମଧ୍ୟ ଚେନ୍ନାଇ ସୁପରକିଙ୍ଗ୍ସର ଏହି ଯୁବ ଖେଳାଳିଙ୍କ ପ୍ରଦର୍ଶନରେ ପ୍ରଭାବିତ ହୋଇଛନ୍ତି । ସ୍ପିନରଙ୍କ ବିପକ୍ଷରେ ବଡ଼ ସଟ ଖେଳିବା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରୁଛି । ଦୁବେଙ୍କୁ ଟି-୨୦ ବିଶ୍ୱକପ୍ ଦଳରେ ଚୟନ କଲେ ଭୁଲ ହେବ ନାହିଁ ବୋଲି ବୀରୁ କହିଛନ୍ତି । ପୂର୍ବରୁ ଅଲ୍‌ରାଉଣ୍ଡ ଯୁବରାଜ ସିଂ ମଧ୍ୟ ଟି-୨୦ ବିଶ୍ୱକପ୍‌ରେ ଦୁବେ ଭାରତର ଗେମ୍ ଚେଞ୍ଜର୍ସ ସାବ୍ୟସ୍ତ ହେବେ ବୋଲି କହିଛନ୍ତି । ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଚେନ୍ନାଇ ସମସ୍ତ ବ୍ୟାଟର ଅସୁବିଧାରେ ପଡ଼ିଥିବା ବେଳେ ସେ ଧୂଆଁଧାର ଇନିଂସ ଖେଳିଥିଲେ । ଅବଶ୍ୟ ସୂର୍ଯ୍ୟକୁମାର ଓ ପନ୍ତ ଟି-୨୦ ଫର୍ମାଟରେ ସେମାନଙ୍କର ଶ୍ରେଷ୍ଠତ୍ୱ ଦେଖାଇସାରିଛନ୍ତି । ଆଇପିଏଲ୍‌ରେ ଆଗକୁ ଆହୁରି ମ୍ୟାଚ ଖେଳିବାକୁ ବାକି ଅଛି । ତେଣୁ କାହାର ପଲ୍ଲା ଭାରି ରହିବ ସମୟ କହିବ ।

ଅନୁପମା, ଥରୁନ ଚାମ୍ପିଅନ୍

ନୂଆଦିଲ୍ଲୀ,୬ା୪(ଏଜେନ୍ସି): ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଅନୁପମା ଉପାଧ୍ୟାୟ ଓ ତରୁଣ ମାନେପାଲି ଯଥାକ୍ରମେ ମହିଳା ଓ ପୁରୁଷ ସିଙ୍ଗଲ୍ସ ଚାମ୍ପିଅନ୍ ହୋଇଛନ୍ତି । କାଜାଖସ୍ତାନ ଇଣ୍ଟରନ୍ୟାସନାଲ ଚ୍ୟାଲେଞ୍ଜ ଟୁର୍ଣ୍ଣାମେଣ୍ଟରେ ୧୯ ବର୍ଷୀୟ ଅନୁପମା ମହିଳା ସିଙ୍ଗଲ୍ସ ଫାଇନାଲରେ ଇସା ରାଣୀ ବରୁହାଙ୍କୁ ୨୧-୧୫, ୨୧-୧୬ ଗେମ୍‌ରେ ପରାଜିତ କରି ଚାମ୍ପିଅନ୍ ହୋଇଛନ୍ତି । ଫାଇନାଲ ମ୍ୟାଚଟି ୪୧ ମିନିଟ୍ ଖେଳାଯାଇଥିଲା । ନିକଟରେ ଅନୁପମା ପୋଲିସ୍ ଇଣ୍ଟରନ୍ୟାସନାଲ ଚ୍ୟାଲେଞ୍ଜ ଜିତି ନିଜ ଦକ୍ଷତା ଦେଖାଇଥିଲେ । ତେବେ କାଜାଖସ୍ତାନ ଇଣ୍ଟରନ୍ୟାସନାଲରେ ସେ ହର୍ସିତା ରାଉତ, ତେରେଜା ସାଭାବିକ କୋଭା, ଦେବିକା ସିହାଗ ଓ ସୋରାନୋ ୟୋସିକାୱାଙ୍କୁ ହରାଇ ଫାଇନାଲ ପର୍ଯ୍ୟନ୍ତ ଯାଇଥିଲେ । ବିଶ୍ୱର ପୂର୍ବତନ ନଂ.୧ ଜୁନିୟର ଖେଳାଳି ଅନୁପମା ୨୦୨୧ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଚ୍ୟାଲେଞ୍ଜ ଟାଇଟଲ ଜିତିଥିଲେ । ସେହିଭଳି ୨୦୨୨ ଓ ୨୦୨୪ରେ ପୋଲିସ ଓପନ ଓ ୨୦୨୩ରେ ତାଜାଖସ୍ତାନ ଇଣ୍ଟରନ୍ୟାସନାଲ ସିରିଜ୍‌ରେ ଟାଇଟଲ ହାତେଇଥିଲେ ।

ପୁରୁଷ ସିଙ୍ଗଲ୍ସରେ ୨୨ ବର୍ଷୀୟ ଥରୁନ୍ ୨୧-୧୦, ୨୧-୧୯ ଗେମ୍‌ରେ ମାଲେସିଆର ଅଷ୍ଟମ ସିଡ ସୋଙ୍ଗ ଜୋ ଭେନ୍‌ଙ୍କୁ ପରାଜିତ କରିଥିଲେ । ମିକ୍ସଡ ଡବଲ୍ସ ଫାଇନାଲରେ ଭାରତୀୟ ଯୋଡି ସଞ୍ଜାୟୀ ଶ୍ରୀବସ୍ୟ ଧନରାଜ ଓ ମନୀଷା କେ ୨୧-୯, ୭-୨୧, ୧୨-୨୧ ଗେମ୍‌ରେ ମାଲେସିଆର ୱେଙ୍ଗ ତିଏନ୍ ଚି ଓ ଲିମ ଚିୟୁ ସିଏନ୍‌ଙ୍କ ଠାରୁ ହାରିଯାଇଥିଲେ ।





Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

ଚିନ୍ତାରେ ଯଶସ୍ୱୀଙ୍କ ଖରାପ ଫର୍ମ

ନୂଆଦିଲ୍ଲୀ,୬ା୪(ଏଜେନ୍ସି): ଟି-୨୦ ବିଶ୍ୱକପ୍ ଜୁନ୍‌ରୁ ଆରମ୍ଭ ହେବ । ଏଥି ପାଇଁ ସମସ୍ତ ଦେଶ ପ୍ରସ୍ତୁତିରେ ଲାଗିପଡିଛନ୍ତି । ଭାରତ ମଧ୍ୟ ଆଇପିଏଲ୍ ଜରିଆରେ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ହେଉଛି । ଏପର୍ଯ୍ୟନ୍ତ ଆଇପିଏଲ୍‌ରେ କେତେକ ଖେଳାଳିଙ୍କ ପ୍ରଦର୍ଶନ ଭାରତକୁ ଚିନ୍ତାରେ ପକାଇଛି । ସେମାନେ ହେଲେ ଜିତେଶ ଶର୍ମା, ଯଶସ୍ୱୀ ଜୟଶ୍ୱାଲ, ମହମ୍ମଦ ସିରାଜ, ରବିନ୍ଦ୍ର ଜାଡେଜା ଓ ହାର୍ଦ୍ଦିକ ପାଣ୍ଡ୍ୟା, ପଞ୍ଜାବ କିଙ୍ଗ୍ସର ୱିକେଟ୍‌କିପର ଜିତେଶ ୪ଟି ମ୍ୟାଚରେ ମାତ୍ର ୫୮ ରନ୍ କରିଛନ୍ତି । ଯଦି ଏଭଳି ଖରାପ ପ୍ରଦର୍ଶନ ଲାଗି ରହେ ତେବେ ରିଷଭ ପନ୍ତଙ୍କ ଫେରିବା ପାଇଁ ବାଟ ଖୋଲିଯିବ ।

ସେହିପରି ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଯଶସ୍ୱୀ ୩ଟି ମ୍ୟାଚ ଖେଳି ୩୯ ରନ୍ କରିଛନ୍ତି । ଟି-୨୦ ବିଶ୍ୱକପ୍‌ରେ ସେ ରୋହିତ ଶର୍ମାଙ୍କ ସହ ଓପନିଂ କରିବେ ବୋଲି ଆଶା କରାଯାଉଛି । ଅଲ୍‌ରାଉଣ୍ଡ ରବିନ୍ଦ୍ର ଜାଡେଜା ମଧ୍ୟ ଲକ୍ଷ୍ୟକୁ ଫେରି ନାହାନ୍ତି । ସେ ଉଭୟ ବୋଲିଂ ଓ ବ୍ୟାଟିଂରେ ଆତ୍ମବିଶ୍ୱାସ ଭରା ପ୍ରଦର୍ଶନ ଦେଖାଇ ନାହାନ୍ତି । ୪ଟି ମ୍ୟାଚରେ ଗୋଟିଏ ୱିକେଟ୍ ନେଇଥିବା ବେଳେ ୬୦ଟି ବଲ୍‌ର ସମ୍ମୁଖୀନ ହୋଇ କେବଳ ଗୋଟିଏ ଛକା ମାରିଛନ୍ତି । ଯଶପ୍ରୀତ ବୁମରାଙ୍କ ସହ ମହମ୍ମଦ ସିରାଜ ନୂଆ ବଲ୍‌ରେ ବୋଲିଂ କରିପାରନ୍ତି । ସେ ୪ଟି ମ୍ୟାଚରେ ମାତ୍ର ୩ଟି ୱିକେଟ୍ ନେଇଥିବା ବେଳେ ବ୍ୟୟବହୁଳ ସାବ୍ୟସ୍ତ ହୋଇଛନ୍ତି । ହାର୍ଦ୍ଦିକ ପାଣ୍ଡ୍ୟା ୩ଟି ମ୍ୟାଚରେ ୬୯ ରନ୍ କରିଥିବା ବେଳେ ୧୧ରୁ ଊର୍ଦ୍ଧ୍ୱ ରନ୍ ବ୍ୟୟରେ କେବଳ ଗୋଟିଏ ୱିକେଟ୍ ନେଇଛନ୍ତି । ତେଣୁ ଆଇପିଏଲ୍ ଶେଷ ହେବା ପରେ ଖେଳାଳିଙ୍କ ପ୍ରଦର୍ଶନ କିଭଳି ରହିବ ତାହାର ଆକଳନ କରାଯିବ ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗୀୟା ଦେବଯାନୀ ଚୌଧୁରୀ ୧୯୫୦ – ୨୦୨୨
ପୁଲକ ଚୌଧୁରୀ ୧୯୪୧ – ୨୦୨୩

ସମୟ କୁହେ ତମେ ଯିବା ଗୋଟିଏ ବର୍ଷ ହୋଇଗଲା । କିନ୍ତୁ ଆମର ସ୍ମୃତିରେ ଆମର ଚେତନାରେ ଆମ ବର୍ତ୍ତମାନରେ ତମେ ଦୁହେଁ ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ଅନ୍ତରାୟ ହେଇନାହଁ । ଏ ପର୍ଯ୍ୟନ୍ତ ଏହି କଠୋର ସତ୍ୟକୁ ଆମେ ଗ୍ରହଣ କରିପାରୁ ନାହୁଁ । ତମସ୍ମୃତି ସବୁ ଆମ ମନରେ ସେମିତି ଜୀବନ୍ତ ହୋଇ ରହିଛି । ପ୍ରତି ପୂଜା ପାର୍ବଣରେ କେବଳ ତୁମ କଥା, ତୁମ ହାତରନ୍ଧା, ତମ ସହ କଟାଇଥିବା ସେଇ ସମୟ ସବୁ ମନେ ପକାଇ କଟାଉଛୁ । ପୁରୁଣା ଦିନଗୁଡିକ ମନେ ପଡ଼ିଗଲେ ସବୁ ଯେମିତି ପୁଣି ସତେଜ ହୋଇଉଠେ । ଘରକୁ ଯିବା ପାଇଁ କଥା ଦେଇଥିଲେ, ସାମାନ୍ୟ ଡେରି ହେଲେ ତମ ଦୁହିଁଙ୍କର ବ୍ୟସ୍ତତା ବାପାଙ୍କର ଡାକ, ତମର ଅନେକ ପ୍ରଶ୍ନ ଏ ସବୁ କ'ଣ ଭୁଲିଯିବା ଏତେ ସହଜ । ବେଳେବେଳେ ଇଚ୍ଛା ହୁଏ ତମେ ଦୁହେଁ ଫେରିଆସନ୍ତ, ଆମ ଘରଟା ଆଗପରି ହସି ଉଠନ୍ତା..... ସ୍ମୃତି ଆମର ସାମାନ୍ୟ ଫିକା ପଡ଼ିନାହିଁ । ଆମେ ବଞ୍ଚିଥିବା ପର୍ଯ୍ୟନ୍ତ ପ୍ରତ୍ୟେକ ମୁହୂର୍ତ୍ତ ତମେ ଆମ ମନରେ ସେମିତି ରହିଥିବ । ଖାଲି ଯାହା ସଶରୀରେ ଦେଖି ପାରୁନାହୁଁ । କିନ୍ତୁ ଆମ ମନରେ ଆମ ଚିନ୍ତା ପ୍ରତିକ୍ଷଣରେ ତମେ ଆମ ପାଖରେ ଅଛ ଏବଂ ରହିଥିବ ମଧ୍ୟ ।

"ବାପା" "ମାଆ" ତମେ ସେପୁରରେ ଥାଇ ଆମକୁ ଆଶୀର୍ବାଦ କର । ତମ କୃପାଦୃଷ୍ଟି ଆମ ଉପରେ ଥାଉ । ସେତିକି ଆମର କାମ୍ୟ ଏବଂ ପ୍ରାର୍ଥନା ।

ତୁମର : ସୋନି-ଫେଲୁ, ନୀନା-ଶରୀର, ପିଙ୍କୁ-ନୀତୁ ଏବଂ ମାମୁନି, ରଷିଲ୍, ଆଲେକ୍ସ, ଆରବ୍

ସୂଚନା
BHIM SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି